بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସାପ୍ତାହିକ

# ବଦର୍

Weekly **BADAR** Qadian

କାଦିଆନ

Odia

ସଂଖ୍ୟା: 10-11

ବାର୍ଷିକ ଦେୟ : 600/-

**ସମ୍ପାଦକ:**

କମୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

16-23 ରମଜାନ୍, 1447 ହି.କ, 05-12 ଅମାନ୍ 1405 ହି.ଶ, 05-12 March 2026 ମସିହା

www.akhbarbadr.in


**ମସିହ୍ ମଉଦ୍ଅ.ସ ସଂଖ୍ୟା**

**ଅଲ୍ଲାଃତାଲାଙ୍କ ବାଣୀ**

هُوَ الَّذِیۡ بَعَثَ فِی الۡاُمِّیّٖنَ رَسُوۡلًا مِّنۡہُمۡ یَتۡلُوۡا عَلَیۡہِمۡ اٰیٰتِہٖ وَیُزَکِّیۡہِمۡ وَیُعَلِّمُہُمُ الۡکِتٰبَ وَالۡحِکۡمَۃَ ٭ وَاِنۡ کَانُوۡا مِنۡ قَبۡلُ لَفِیۡ ضَلٰلٍ مُّبِیۡنٍ۔

**ଅନୁବାଦ:** ସେ ଅଲ୍ଲାଃ ହିଁ ଏକ ନିରକ୍ଷର ସଂପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିକୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି; ସେ ନିରକ୍ଷର ହେବା ସତ୍ତ୍ୱେ ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ ଧର୍ମଗ୍ରନ୍ଥ ଓ ତତ୍ତ୍ୱଶିକ୍ଷା ଦେଉଛନ୍ତି ଅଥଚ ସେମାନେ ଏଥି ପୂର୍ବରୁ ସ୍ୱଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ ।

**ଅହମଦିୟା ଖବର**

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

**ଆଁହଜରତ୍ ସ.ଅଙ୍କ ବାଣୀ**

## ମସିହ୍ ଅ.ସଙ୍କ ଅବତୀର୍ଣ୍ଣ, ଇମାମ୍ ମେହ୍‌ଦୀଙ୍କ ଆଗମନ, ଇସ୍‌ଲାମ୍ ଧର୍ମର ପୁନର୍ଜୀବନର ଶୁଭ ସୂଚନା

قَالَ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ وَالَّذِیۡ نَفۡسِیۡ بِیَدِہٖ لَیُوۡشِکَنَّ اَنۡ یَّنۡزِلَ فِیۡکُمۡ ابۡنُ مَرۡیَمَ حَکَمًا عَدۡلًا فَیَکۡسِرَ الصَّلِیۡبَ وَیَقۡتُلَ الۡخِنۡزِیۡرَ وَیَضَعَ الۡجِزۡیَۃَ وَیَفِیۡضَ الۡمَالُ حَتّٰی لَا یَقۡبَلَہٗ اَحَدٌ حَتّٰی تَکُوۡنَ السَّجۡدَۃُ الۡوَاحِدَۃُ خَیۡرًا مِّنَ الدُّنۡیَا وَمَا فِیۡہَا۔ **(ସହି ବୁଖାରୀ, ଗ୍ରନ୍ଥଖଣ୍ଡ-13, କିତାବୁଲ୍ ଅମ୍ବିୟା, ବାବ୍-ନୁଜୁଲୁ ଇସା ବିନ୍ ମରିୟମ୍) ଅନୁବାଦ୍:** ଆଁହଜରତ ସ.ଅ କହିଲେ, ମୁଁ ସେହି ସତ୍ତାଙ୍କ ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣବାୟୁ ରହିଛି ହେ ଲୋକମାନେ ! ତୁମମାନଙ୍କ ମଧ୍ୟରେ ମରିୟମ୍‌ଙ୍କ ପୁତ୍ର ଅବତୀର୍ଣ୍ଣ ହେବେ ଏବଂ ସେ ବିଚାରକ ଓ ନ୍ୟାୟ ପ୍ରଦର୍ଶନକାରୀ ହେବେ, ସେ ଶୂଳୀକୁ ଭଙ୍ଗ କରିବେ ଏବଂ ଶୂକର (ଘୁଷୁରି)ମାନଙ୍କୁ ବଧ କରିବେ ଓ ସେ କର ଉଠାଇ ଦେବେ । ଧନର (ଆଧାତ୍ମିକ ଧନ) ପ୍ରାଚୁର୍ଯ୍ୟତା ଏତେ ହେବ ଯେ କେହି ତାହାକୁ ସ୍ୱୀକାର କରିବ ନାହିଁ । ତାହାଙ୍କ (ପ୍ରତିଶ୍ରୁତ ମସିହଙ୍କ) କାଳର ଗୋଟିଏ ସଜ୍‌ଦା (ପ୍ରଭୁଙ୍କ ସମ୍ମୁଖରେ ମଥାନତ ହେବା) ସଂସାର ଏବଂ ସଂସାର ମଧ୍ୟରେ ଥିବା ବସ୍ତୁ ଠାରୁ ଉତ୍ତମ ହେବ ।

عَنۡ اَبِیۡ ہُرَیۡرَۃَ عَنِ النَّبِیِّ صَلَّی اللّٰہُ عَلَیۡہِ وَسَلَّمَ قَالَ یُوۡشِکُ مَنۡ عَاشَ مِنۡکُمۡ اَنۡ یَّلۡقٰی عِیۡسَی ابۡنَ مَرۡیَمَ اِمَامًا مَّہۡدِیًّا وَّحَکَمًا عَدۡلًا فَیَکۡسِرَ الصَّلِیۡبَ وَیَقۡتُلَ الۡخِنۡزِیۡرَ وَیَضَعَ الۡجِزۡیَۃَ وَتَضَعَ الۡحَرۡبُ اَوۡزَارَہَا۔ **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-2, ପୃ-411) ଅନୁବାଦ୍:** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ହେ ଲୋକମାନେ ! ତୁମମାନଙ୍କ ମଧ୍ୟରୁ ଯଦି କେହି ଜୀବିତ ଥାଏ ଏବଂ ସେ ଇସା ଇବ୍‌ନେ ମରିୟମ୍‌ଙ୍କ ଯୁଗ ପାଏ ତେବେ ସେ ଜାଣିରଖୁ କି ଇସା ଅ.ସ ଇମାମ୍ ମେହ୍‌ଦୀ (ଧରମାଧ୍ୟକ୍ଷ) ହେବେ ଏବଂ ସେ ସେ ବିଚାରକ ଓ ନ୍ୟାୟ ପ୍ରଦର୍ଶନକାରୀ ହେବେ (ଅର୍ଥାତ୍ ଇସ୍‌ଲାମ୍ ଧର୍ମରେ ଥିବା ବିଭିନ୍ନ ସଂପ୍ରଦାୟମାନଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ନ୍ୟାୟପୂର୍ବକ କରିବେ), ସେ ଶୂଳୀକୁ ଭାଙ୍ଗିବେ ଏବଂ ଶୂକର (ଘୁଷୁରି)ମାନଙ୍କୁ ସଂହାର କରିବେ ଓ ସେ କର ଉଠାଇ ଦେବେ । ସେହି ମସିହଙ୍କ କାଳରେ ଯୁଦ୍ଧ ନିଜର ଅସ୍ତ୍ର-ଶସ୍ତ୍ରକୁ ସମର୍ପଣ କରିଦେବେ । ଅର୍ଥାତ୍ ଧାର୍ମିକ ଯୁଦ୍ଧର ଅବସାନ ଘଟିବ ।

عَنۡ اَبِیۡ ہُرَیۡرَۃَ رَضِیَ اللّٰہُ عَنۡہُ قَالَ کُنَّا جُلُوۡسًا عِنۡدَ النَّبِیِّ صَلَّی اللّٰہُ عَلَیۡہِ وَسَلَّمَ فَاُنۡزِلَتۡ عَلَیۡہِ سُوۡرَۃُ الۡجُمُعَۃِ وَاٰخَرِیۡنَ مِنۡہُمۡ لَمَّا یَلۡحَقُوۡا بِہِمۡ قَالَ قُلۡتُ مَنۡ ہُمۡ یَا رَسُوۡلَ اللّٰہِ فَلَمۡ یُرَاجِعۡہُ حَتّٰی سَاَلَ ثَلٰثًا وَفِیۡنَا سَلۡمَانُ الۡفَارِسِیُّ وَضَعَ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ یَدَہٗ عَلٰی سَلۡمَانَ ثُمَّ قَالَ لَوۡ کَانَ الۡاِیۡمَانُ عِنۡدَ الثُّرَیَّا لَنَالَہٗ رِجَالٌ اَوۡ رَجُلٌ مِّنۡ ہٰۤؤُلَآءِ۔ **(ବୁଖାରୀ କିତାବୁତ୍ ତଫସିର୍, ବାବ୍- ଅଲ ଜୁମା) ଅନୁବାଦ୍:** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ରସୁଲ୍ କରୀମ୍ ସ.ଅଙ୍କ ପାଖରେ ବସିଥିଲୁ, ଆପଣ ସ.ଅ ସୁରତୁଲ୍ ଜୁମାର ଆୟତ୍ وَاٰخَرِیۡنَ مِنۡہُمۡ لَمَّا یَلۡحَقُوۡا بِہِمۡ ଅବୀତର୍ଣ୍ଣ ହେଲା । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଲୋକମାନେ କିଏ ? ଯେତେବେଳେ ଆଁହଜରତ୍ ସ.ଅ ଉତ୍ତର ପ୍ରଦାନ କଲେ ନାହିଁ ସେତେବେଳେ ମୁଁ ଆପଣ ସ.ଅଙ୍କୁ ତିନି ଥର ପଚାରିଲି ଏବଂ ହ. ସଲ୍‌ମାନ୍ ଫାର୍ସି ର.ଅ ମଧ୍ୟ ଆମ ମଧ୍ୟରେ ବିରାଜମାନ ଥିଲେ (ବସିଥିଲେ)। ରସୁଲୁଲ୍ଲାଃ ସ.ଅ ନିଜର ପବିତ୍ର ହସ୍ତ ହ. ସଲ୍‌ମାନ୍ ଫାର୍ସି ର.ଅଙ୍କ କାନ୍ଧ ଉପରେ ରଖିଦେଲେ ଏବଂ କହିଲେ, "ଯେତେବେଳେ ବିଶ୍ୱାସ ଯଦି କୃତିକା (ସୁରୈୟା) ତାରକା ନିକଟବର୍ତ୍ତୀ (ଦୂରତା ଦୃଷ୍ଟିରୁ) ହୋଇଯିବ ସେତେବେଳେ ଏମାନଙ୍କ ମଧ୍ୟରୁ (ହ. ସଲ୍‌ମାନ୍ ଫାର୍ସି ର.ଅଙ୍କ ବଂଶ ଏବଂ ଗୋଷ୍ଠୀ)ରୁ ଦଳେ ବ୍ୟକ୍ତି ଅବା ଜଣେ ବ୍ୟକ୍ତି ସେଠାରୁ (କୃତିକା ତାରକା ଠାରୁ) ବିଶ୍ୱାସକୁ ଭୂମପୃଷ୍ଠକୁ ପୁନଃ ଫରାଇ ଆଣିବ ।" ☆ ☆ ☆

**ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ**

## ଖତ୍‌ମେ ନବୁୱତ୍ (ଅବତାରତ୍ୱର ପରିସମାପ୍ତି), ଇସ୍‌ଲାମ୍ ଧର୍ମ ଏବଂ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ଘୋଷଣା ।

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ଆମ ଧର୍ମର ସାରାଂଶ ଏବଂ ସାରମର୍ମ ଏହିକି ଯେ, لا اله الا الله محمد رسول الله । ଆମମାନଙ୍କର ଧର୍ମମତ ଯାହା ଆମ୍ଭେ ଏହି ସାଂସାରିକ ଜୀବନରେ ପୋଷଣ କରିଥାଉ, ଏହି ଧର୍ମମତ ସହିତ ଆମେମାନେ ପ୍ରଭୁଙ୍କ କୃପା ବଳରେ ଏହି ନଶ୍ୱର ମିଛ ମାୟା ସଂସାରରୁ ଚାଲିଯିବୁ ତାହା ଏହିକି ଯେ, ହ. ସୟେଦିନା ମୁହମ୍ମଦ୍ ମୁସ୍ତଫା ସ.ଅ ଖାତମୁନ୍ ନବୀୟିନ୍ (ଅବତାରମାନଙ୍କର ମୋହର) ଅଟନ୍ତି ଓ ଆପଣ ସ.ଅ ସର୍ବୋତ୍ତମ ତଥା ସର୍ବଶ୍ରେଷ୍ଠ। ଆପଣ ସ.ଅଙ୍କ ହସ୍ତ ଦ୍ୱାରା ଧର୍ମ ସଂପୂର୍ଣ୍ଣ ହୋଇ ସାରିଛି ଏବଂ ପୁରସ୍କାରର ସ୍ତରାନୁଯାୟୀ ସମ୍ପୂର୍ଣ୍ଣ ହୋଇ ସାରିଛି । ଏହି ମହାବତାର ଏବଂ ତାହାଙ୍କ ଧର୍ମ ମାଧ୍ୟମରେ ମନୁଷ୍ୟ ସତ୍‌ମାର୍ଗ ଅବଲମ୍ବନ କରି ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବ । ନିଃସନ୍ଦେହ ରୂପେ ମୁଁ ଉକ୍ତ କଥା ଉପରେ ଦୃଢ ବିଶ୍ୱାସ ରଖେ ଯେ, ପବିତ୍ର କୁରଆନ୍ କରୀମ୍ ସମସ୍ତ ଆକାଶୀୟ ଧର୍ମଗ୍ରନ୍ଥମାନଙ୍କର ମୋହର ଅଟେ । ଉକ୍ତ ଗ୍ରନ୍ଥର ବିନ୍ଦୁଟିଏ ମଧ୍ୟ ଧର୍ମବିଧାନ ବହିର୍ଭୂତ ଏବଂ ପ୍ରସଙ୍ଗ ବହିର୍ଭୂତ ନ୍ୟୁନାଧିକ୍ୟ ହୋଇପାରିବ ନାହିଁ । ବର୍ତ୍ତମାନ ଏପରି କୌଣସି ଐଶୀବାଣୀ ସମ୍ବଳିତ ତଥା ଆକାଶବାଣୀ ସମ୍ବଳିତ ଧର୍ମଗ୍ରନ୍ଥ ଅଲ୍ଲାଃତାଲାଙ୍କ ତରଫରୁ ହୋଇପାରିବ ନାହିଁ ଯାହାର ଆଦେଶାବଳୀ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀକୁ ପରିବର୍ତ୍ତନ ଏବଂ ଉହ୍ୟ କିମ୍ବା ଅନ୍ୟ କୌଣସି ପ୍ରକାରର ଆଦେଶାବଳୀକୁ ପରିବର୍ତ୍ତନ କରିବା ପାରିବ ନାହିଁ । ଯଦି କୌଣସି ବ୍ୟକ୍ତି ଏପରି ଚିନ୍ତା କରେ ତେବେ ସେହି ବ୍ୟକ୍ତି ମୋ ନିକଟରେ ବିଶ୍ୱାସକାରୀଙ୍କ ଗୋଷ୍ଠୀ ବହିର୍ଭୂତ ଏବଂ ନାସ୍ତିକବାଦୀ ଓ ଅବିଶ୍ୱାସକାରୀ ଅଟେ ।" **(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3, ପୃ-169-170)**

ଆପଣ ଅ.ସ କହିଲେ, "ମୁଁ ସେହି ଈଶ୍ୱରଙ୍କ ଶପଥ କରି କହୁଛି ଯିଏ ମୋତେ ପ୍ରେରଣ କରିଛନ୍ତି । ସେହି ଈଶ୍ୱରଙ୍କ ପ୍ରତି ମିଥ୍ୟାରଚନା କରିବା ଅଭିଶପ୍ତ ଲୋକମାନଙ୍କର କାର୍ଯ୍ୟ ଅଟେ । ସେହି ଈଶ୍ୱର ମୋତେ ପ୍ରତିଶ୍ରୁତ ମସିହ୍ (ମସିହ୍ ମଉଦ୍) କରି ପ୍ରେରଣ କଲେ ଏବଂ ଯେପରି ମୁଁ ପବିତ୍ର କୁରଆନ୍ କରୀମ୍‌ର ଆୟତ ଉପରେ ବିଶ୍ୱାସ ରଖୁଛି ଠିକ୍ ସେହିପରି ନିର୍ଦ୍ୱନ୍ଦ୍ୱରେ ମୁଁ ଈଶ୍ୱରଙ୍କର ସେହି ସ୍ୱଷ୍ଟ ଐଶୀବାଣୀ ଉପରେ ମଧ୍ୟ ବିଶ୍ୱାସ ଆଣୁଛି ଯେଉଁ ଐଶୀବାଣୀ ସେ ମୋ ଉପରେ ଅବତୀର୍ଣ୍ଣ କରିଛନ୍ତି । ସେହି ଐଶୀବାଣୀର ସତ୍ୟତା ତାହାଙ୍କର (ଈଶ୍ୱରଙ୍କର) ଅହରହ ନିଦର୍ଶନ ଦ୍ୱାରା ମୋ ସମ୍ମୁଖରେ ପରିପ୍ରକାଶିତ ହୋଇଗଲା ଏବଂ ମୁଁ ବୈତୁଲ୍ଲାଃ (ଖାନା କାଆବା)ରେ ଛିଡ଼ା ହୋଇ ଏହି ରାଣ ଖାଇ ପାରିବି ଯେ, ମୋ ଉପରେ ଯେଉଁ ପବିତ୍ର ଐଶୀବାଣୀ ଅବତୀର୍ଣ୍ଣ ହୋଇଛି ତାହା ସେହି ଈଶ୍ୱରଙ୍କର ହିଁ ବାଣୀ ଅଟେ । ଯେପରି ଅଲ୍ଲାଃତାଲା ହ. ମୁସା ଏବଂ ଇସା ଅ.ସଙ୍କ ଓ ମୁହମ୍ମଦ୍ ସ.ଅଙ୍କ ଉପରେ ଅବୀତର୍ଣ୍ଣ କରିଥିଲେ ।" **(ଅବଶିଷ୍ଟାଂଶ.....ପୃ-13ରେ)**



**ସମ୍ପାଦକୀୟ**

# ଐଶୀବାଣୀର ପ୍ରକାଶରେ ପୁଣ୍ୟଶ୍ଳୋକ ବିଚାରକ, ଏବଂ ସାଲିସ୍ ହ. ମସିହ୍ ମଉଦ୍ ଅ.ସଙ୍କ ନିର୍ଣ୍ଣୟ


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ହଦିସ୍ | ୧ |
| ୨. | ସମ୍ପାଦକୀୟ | ୨, ୧୨ |
| ୩. | ଖୁତ୍‌ବା ଜୁମା ହୁଜୁର ଅନ୍‌ୱର୍ ଅ.ବ | ୩-୧୦,୧୩ |
| ୪. | ହ. ମସିହ୍ ମଉଦ୍ ଅ.ସଙ୍କ ପଦମର୍ଯ୍ୟାଦା | ୧୧-୧୩,୧୪-୧୫ |
| ୫. | ସିରତ୍ ଖାତମୁନ୍ ନବୀୟନ୍ | ୧୫-୧୬, |
| ୬. | ସିରତୁଲ୍ ମେହଦୀ | ୧୬, ୨୩ |
| ୮. | ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନ ତଥା ଅବତୀର୍ଣ୍ଣର ଅଭିପ୍ରାୟ ଏବଂ ଧର୍ମ ସଂସ୍କାର | ୧୭-୨୦ |
| ୯. | ଖୁତ୍‌ବା ଜୁମା ହୁଜୁର ଅନ୍‌ୱର୍ ଅ.ବ | ୨୧-୨୨ |


ପବିତ୍ର ମହାବତାର ସୟେଦିନା ହ. ମୁହମ୍ମଦ ସ.ଅ ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦଙ୍କ ସଂପର୍କରେ ଶୁଭ ସୂଚନା ପ୍ରଦାନ କରିଥିଲେ ଯେ, ସେ ଇସଲାମ୍ ଧର୍ମରେ ପୁଣ୍ୟଶ୍ଳୋକ ସାଲିସ୍ (ମୀମାଂସକ) ଏବଂ ବିଚାରକ ମର୍ଯ୍ୟାଦାର ଅଧିକାରୀ ରୂପେ ଆସିବ । ଅତଏବ୍ ପବିତ୍ର ହଦିସ୍‌ର ଶବ୍ଦ ନିମ୍ନଲିଖିତ ଅଟେ:

يُوشِكُ مَنْ عَاشَ مِنْكُمْ أَنْ يَلْقَى عِيسَى ابْنَ مَرْيَمَ إِمَامًا مَهْدِيًّا وَحَكَمًا عَدْلًا، فَيَكْسِرَ الصَّلِيبَ، وَيَقْتُلَ الْخِنْزِيرَ **(ମସ୍‌ନଦ୍ ଅହମଦି ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-2, ପୃ-411, ପ୍ରକାଶନ ସ୍ଥାନ-ମିସର୍, ହ. ଅବୁ ହୁରୈରାହ୍ ର.ଅଙ୍କ ଦ୍ୱାରା ବର୍ଣ୍ଣିତ ବର୍ଣ୍ଣନା)**

ଅର୍ଥାତ୍ ଯେକେହି ତୁମମାନଙ୍କ ମଧ୍ୟରୁ ଜୀବିତ ରୁହେ ତେବେ ସେହି ସମୟଟି ଖୁବ୍ ନିକଟବର୍ତ୍ତୀ ଯେ, ସେହି ଜୀବିତ ବ୍ୟକ୍ତି ଇସା ଇବ୍‌ନେ ମରିୟମ୍‌ଙ୍କୁ ସାକ୍ଷାତ୍ କରୁ । ସହି ଇମାମ୍ ମେହଦୀ (ଧର୍ମାଧ୍ୟକ୍ଷ) ସାଲିସ୍ ଏବଂ ବିଚାରକ ହେବେ । ସେ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଥିବା ସମସ୍ତ ମତପାର୍ଥକ୍ୟର ନିର୍ଣ୍ଣୟ କରିଦେବେ । ସେ ଶୂଳି ଭାଙ୍ଗିବେ ଏବଂ ଶୂକରମାନଙ୍କର ବଧ କରିଦେବେ ।

ଉପରୋକ୍ତ ହଦିସ୍‌ରେ ଯେଉଁ ପ୍ରସଙ୍ଗ କୁହାଯାଇଛି ଯେ, ପ୍ରତିଶ୍ରୁତ ମସିହ୍ ହକମ୍ ଓ ଅଦଲ୍ ହେବେ ତେବେ ଏହାର ଅର୍ଥ ଏହିକି ଯେ, ତାହାଙ୍କ କାଳରେ ମୁସଲମାନମାନେ ଅନେକ ଗୋଷ୍ଠୀ ଏବଂ ସଂପ୍ରଦାୟରେ ବିଭକ୍ତ ହୋଇଯିବେ । ମୁସଲମାନମାନଙ୍କର ଅସଂଖ୍ୟ ସଂପ୍ରଦାୟ ହେବ । ସେମାନଙ୍କ ମଧ୍ୟରେ ଏପରି ମତପାର୍ଥକ୍ୟ ତଥା ବିବାଦ ସୃଷ୍ଟି ହୋଇଯିବ, ସେମାନେ ଇସ୍‌ଲାମୀୟ ଆସ୍ଥା ଏବଂ ଆଦେଶାବଳୀକୁ ବୁଝିବାରେ ଭ୍ରାନ୍ତିର ଶିକାର ହୋଇଯିବେ ଯେ, ବିଦ୍ୱାନ୍‌ମାନେ ମଧ୍ୟ ସେହି ମତପାର୍ଥ୍ୟକକୁ ଦୂରୀଭୂତ କିରବାକୁ ସକ୍ଷମ ହୋଇପାରିବେ ନାହିଁ । ସେତେବେଳେ ଇମାମ୍ ମେହ୍‌ଦୀ ଯେକି ଈଶ୍ୱରଙ୍କ ପ୍ରତିନିଧି ହେବେ ସେ ଐଶୀବାଣୀର ପ୍ରକାଶେରେ ସେହିସବୁ ମତପାର୍ଥକ୍ୟକୁ ସମାପ୍ତ କରିଦେବେ ।

ପୁଣ୍ୟଶ୍ଳୋକ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସଙ୍କୁ ଯେତେବେଳେ ଅଲ୍ଲାଃତାଲା ଇମାମ୍ ମେହ୍‌ଦୀ ଓ ମସିହେ ମଉଦ୍ ରୂପେ ହକମ୍ ଓ ଅଦଲ୍ (ସାଲିସ୍ ଏବଂ ନିର୍ଣ୍ଣୟକାରୀ)ର ମର୍ଯ୍ୟାଦାରେ ଆସନ୍ନିତ କଲେ, ସେତେବେଳେ ମୁସଲମାନମାନଙ୍କର ସଂପ୍ରଦାୟମାନଙ୍କରେ ପାରସ୍ପାରିକ ମତପାର୍ଥକ୍ୟ ଏତେ ମାତ୍ରାରେ ବୃଦ୍ଧି ପାଇଥିଲା ଯେ, କେବଳ ଲୋକମାନେ ନୁହେଁ ବରଂ ବିଦ୍ୱାନ୍‌ମାନେ ମଧ୍ୟ ଗାଳି ଗୁଲଚ ଓ ଅଭିଶାପ ପକାଇବାରେ ବ୍ୟସ୍ତ ଥିଲେ । ନିଜ ଦ୍ୱାରା ଗଢା ହୋଇଥିବା (ସ୍ୱକଳ୍ପିତ) ବିଶ୍ୱାସକୁ ପରିତ୍ୟାଗ କରିବା ନିମନ୍ତେ ସେମାନେ ପ୍ରସ୍ତୁତ ନଥିଲେ । ବରଂ ପ୍ରତିପକ୍ଷକୁ ବୁଝାଇବା ପାଇଁ ମୁସଲମାନ ବୋଲାଉଥିବା ଲୋକମାନଙ୍କ ସହିତ ଖଡ୍‌ଗ ଜିହାଦ୍ କରିବା ନିମନ୍ତେ ବ୍ୟସ୍ତ ଥିଲେ । ବର୍ତ୍ତମାନ ମଧ୍ୟ ଛୋଟ ଛୋଟ କଥାରେ ପରସ୍ପରର ସ୍କନ୍ଧଚ୍ୟୁତ ଏବଂ ପରସ୍ପରକୁ ଧର୍ମଦ୍ରୋହୀ ବୋଲି ବିବେଚିତ କରନ୍ତି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଈଶ୍ୱରଙ୍କ ଆଦେଶ ଏବଂ ଐଶୀବାଣୀ ପ୍ରକାଶରେ ଯେଉଁ ସଂଶୋଧନର ଚର୍ଚ୍ଚା କରିଛନ୍ତି ତନ୍ମଧ୍ୟରୁ କେତେକ ବିଶ୍ୱାସ ଏବଂ ଧର୍ମମତର ଚର୍ଚ୍ଚା ଏଠାରେ କରି ଦିଆଯାଉଛି । ଅର୍ଥାତ୍ ମୁସଲମାନମାନଙ୍କ ମଧ୍ୟରେ ଯେଉଁସବୁ କୁବିଶ୍ୱାସ ବ୍ୟାପୀ ଯାଇଥିଲା, ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସ ସେହିସବୁ କୁବିଶ୍ୱାସର ସଂଶୋଧନ କରିଥିଲେ । ମୁସଲମାନମାନଙ୍କ ମଧ୍ୟରେ ଖ୍ରୀଷ୍ଟମାନଙ୍କ ପ୍ରଭାବରେ ପବିତ୍ର କୁରଆନ୍ କରୀମ୍, ହଦିସ୍‌ର ଏହି ଧର୍ମବିଶ୍ୱାସ ପରିବ୍ୟାପ୍ତ ହୋଇଯାଇଥିଲା ଯେ, ହ. ଇସା ଅ.ସ ସଶରୀରେ ଆକାଶରେ ଜୀବିତ ଅଛନ୍ତି ଏବଂ ସେହି ଇସା ଅ.ସ ମୁସଲମାନମାନଙ୍କର ସଂଶୋଧନ ନିମନ୍ତେ ଆକାଶରୁ ସଶରୀରେ ଜୀବିତ ଅବତରଣ କରିବେ । ଅଲ୍ଲାଃତାଲା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ପବିତ୍ର କୁରଆନର ଏପରି 30ଟି ପ୍ରାମାଣ୍ୟ ଶିଖାଇଲେ ଯେଉଁ ପ୍ରାମାଣ୍ୟରୁ ସ୍ପଷ୍ଟ ରୂପେ ଏହା ପ୍ରମାଣିତ ହୋଇଗଲା ଯେ, ହ. ଇସା ଅ.ସଙ୍କୁ ଅଲ୍ଲାଃତାଲା ଶୂଳିର ମୃତ୍ୟୁ ଠାରୁ ରକ୍ଷା ଏବଂ ଉଦ୍ଧାର କରିଥିଲେ । ହ. ଇସା ପ୍ରବାସ କରି ବନି ଇସ୍ରାଇଲ୍‌ର ହଜି ଯାଇଥିବା ସେହି ମେଣ୍ଢାମାନଙ୍କୁ ଖୋଜିବା ନିମନ୍ତେ ବାହାରିଲେ ଏବଂ 120 ବର୍ଷ ବୟସରେ ସେ (ହ. ଇସା ଅ.ସ) କାଶ୍ମୀର୍ ଠାରେ ମୃତ୍ୟୁବରଣ କରିଥିଲେ। ଶ୍ରୀନଗର ସ୍ଥିତ ଖାନିୟାର୍ ଠାରେ ଆପଣଙ୍କର (ହ. ଇସା ଅ.ସଙ୍କର) କବର ବିଦ୍ୟମାନ ରହିଛି । ହ. ମସିହ୍ ମଉଦ୍ ଅ.ସ ଯେଉଁଠି 30ଟି କୁରଆନୀୟ ଆୟତରୁ ହ. ଇସା ଅ.ସଙ୍କ ମୃତ୍ୟୁ ପ୍ରମାଣିତ କରିଛନ୍ତି, ସେଠାରେ ଐଶୀବାଣୀର ପ୍ରକାଶରେ ଐତିହାସିକ ସତ୍ୟତା ଏବଂ ପ୍ରମାଣ ଦ୍ୱାରା ଏହା ସିଦ୍ଧ କରିଛନ୍ତି ଯେ, ହ. ଇସା ଅ.ସ ଶୂଳୀ ଜନିତ ମୃତ୍ୟୁ ଠାରୁ ବଞ୍ଚି ଯାଇ ଆଫଗାନିସ୍ତାନ ଅଭିମୁଖେ ଦେଇ କାଶ୍ମୀରକୁ ଆସିଲେ ଏବଂ ପରିଶେଷରେ ସେହିଠାରେ ହିଁ ଆପଣ ଅ.ସଙ୍କର ମୃତ୍ୟୁ ଘଟିଥିଲା। ଆଜି କେବଳ ମୁସଲମାନମାନେ ନୁହେଁ ବରଂ ଅନ୍ୟାନ୍ୟ ବୁଦ୍ଧୀଜୀବୀମାନେ ଏବଂ ଗବେଷକମାନେ ମଧ୍ୟ ହ. ଇସା ଅ.ସଙ୍କ ବିୟୋଗକୁ ପ୍ରମାଣିତ କରୁଛନ୍ତି ଏବଂ ଏ ଦିଗରେ ସେମାନେ ଚେଷ୍ଟିତ ଅଟନ୍ତି । ସେମାନେ ନିଜର ଏପରି ଗବେଷଣା ମଧ୍ୟ ପ୍ରକାଶ କରି ସାରିଛନ୍ତି ଯେ, ତହିଁରୁ ଏହା ସିଦ୍ଧ ଏବଂ ପ୍ରମାଣିତ ହୁଏ ଯେ, ହ. ଇସା ଅ.ସ କାଶ୍ମୀର ଅଭିମୁଖେ ପ୍ରବାସ କରିଥିଲେ ।

ହ. ଇସା ଅ.ସଙ୍କ ବିୟୋଗରୁ ଆପଣ ଅ.ସ (ହ. ମସିହ୍ ମଉଦ୍ ଅ.ସ) ଖ୍ରୀଷ୍ଟିଆନ୍‌ମାନଙ୍କର ସେହି ଭ୍ରାନ୍ତ ଧର୍ମବିଶ୍ୱାସକୁ ଖଣ୍ଡବିଖଣ୍ଡିତ କରି ପକାଇଛନ୍ତି । ଅତଏବ୍ ଖ୍ରୀଷ୍ଟିଆନ୍‌ମାନଙ୍କର ଏହି ଭ୍ରାନ୍ତ ଧର୍ମବିଶ୍ୱାସ ରହିଥିଲା ଯେ, ହ. ଇସା ଅ.ସ ଈଶ୍ୱରଙ୍କର ପୁତ୍ର ଅଟନ୍ତି ଏବଂ ମୁସଲମାନମାନଙ୍କର ମଧ୍ୟ ଏହି ଭ୍ରାନ୍ତ ଧର୍ମବିଶ୍ୱାସ ରହିଥିଲା ହ. ଇସା ଅ.ସ ସଶରୀରେ ଆକାଶକୁ ଗମନ କରିଛନ୍ତି ଏବଂ ସଶରୀରେ ସେ ଆକାଶରୁ ଧରାପୃଷ୍ଠରେ ଓହ୍ଲାଇବେ କିରବେ । ଏହି ଭ୍ରାନ୍ତ ଧର୍ମବିଶ୍ୱାସକୁ ଆପଣ ଅ.ସ ଖଣ୍ଡବିଖଣ୍ଡିତ (ରଦ୍ଦ) କରି ଦେଇଥିଲେ । ଅତଏବ୍ ଉପରୋକ୍ତ ମହାନ ସତ୍ୟତାର ପରିପ୍ରକାଶ ପରେ ବର୍ତ୍ତମାନ ମୁସଲମାନ ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କର ବୁଦ୍ଧିଜୀବିମାନେ ଅହମଦିୟତ୍ ଅର୍ଥାତ୍ ପ୍ରକୃତ ଇସ୍‌ଲାମ୍ ଉପରେ ବିଶ୍ୱାସ ଆଣୁଛନ୍ତି ଏବଂ ଯେଉଁ ଲୋକମାନଙ୍କୁ ଏହି ସୌଭାଗ୍ୟ ପ୍ରାପ୍ତ ହେଲା ।ନହିଁ ସେମାନେ ମସିହ୍ ମଉଦ୍ ଅ.ସଙ୍କ ଆଗମନ ସଂପର୍କିତ ଧର୍ମବିଶ୍ୱାସର ପ୍ରତ୍ୟାଖ୍ୟାନାକାରୀ ହୋଇ ମସିହ୍ ମଉଦ୍‌ଙ୍କ ଆଗମନକୁ ଗଳ୍ପ ଏବଂ କାହାଣୀ ବୋଲି ବିବେଚିତ କରୁଛନ୍ତି । ସେହି ବିଭ୍ରାନ୍ତକାରୀ ଲୋକମାନେ କେବଳ ପବିତ୍ର କୁରଆନ୍ କରୀମ୍, ହଦିସ୍‌କୁ ମିଥ୍ୟା ବୋଲି ବିବେଚିତ କରୁ ନାହାନ୍ତି ବରଂ ସେମାନେ ସାଧୁ ସନ୍ଥମାନଙ୍କୁ ଓ ସେମାନଙ୍କର ଉକ୍ତି (କଥନ)କୁ ମଧ୍ୟ ଭୁଲ୍ ବୋଲି ବିବେଚିତ କରୁଛନ୍ତି । ଅର୍ଥାତ୍ ଯେଉଁ ପୂର୍ବ ପୁରୁଷ, ସାଧୁ ସନ୍ଥମାନେ ପ୍ରତିଶ୍ରୁତ ମସିହ୍‌ଙ୍କୁ ଅପେକ୍ଷା କରି ଇହଧାମ ତ୍ୟାଗ କଲେ ଏବଂ ଯେଉଁ ପୂର୍ବ ପୁରୁଷ, ସାଧୁ ସନ୍ଥମାନେ ପ୍ରତିଶ୍ରୁତ ମସିହଙ୍କ ଆଗମନ ସଂପର୍କରେ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍‌ର ପ୍ରକାଶରେ ସୂଚନା ପ୍ରଦାନ କରୁଥିଲେ ସେହି ସାଧୁ ସନ୍ଥମାନଙ୍କୁ ମୁସଲମାନମାନେ ଭୁଲ୍ ବୋଲି ବିବେଚିତ କଲେ ଏବଂ ସେମାନଙ୍କ ଦ୍ୱାର ଉପସ୍ଥାପିତ ପ୍ରାମାଣ୍ୟମାନ ଏବଂ କଥନକୁ ମଧ୍ୟ ଭୁଲ୍ ବୋଲି ବିବେଚିତ କଲେ।

(2) ମୁସଲମାନମାନଙ୍କ ମଧ୍ୟରେ ଏହି ଭ୍ରମ ଧାରଣା ବ୍ୟାପୀ ଯାଇଥିଲା ଯେ, ଆଁହଜରତ୍ ସ.ଅ ଏପରି ଶେଷାବତାର ଅଟନ୍ତି ଯେ, ଆପଣ ସ.ଅଙ୍କ ପରେ ପ୍ରଳୟ ଦିବସ୍ ପର୍ଯ୍ୟନ୍ତ କୌଣସି ଅବତାର ଆସି ପାରିବ ନାହିଁ । ଅର୍ଥାତ୍ କୌଣସି ବ୍ୟକ୍ତି ଯଦି ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀୟ ହୋଇଥାଉ ନା କାହିଁକି ସେ ଯଦି ଅବତାରତ୍ୱର ଦାବି କରେ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ମିଥ୍ୟାବାଦୀ ବ୍ୟକ୍ତି ଓ ମିଥ୍ୟାବତାର ରୂପେ ବିବେଚିତ ହେବ ।

ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ପ୍ରାମାଣ୍ୟମାନରୁ ଏହା ପ୍ରମାଣିତ କଲେ ଯେ, ଅବତାରତ୍ୱ ଏକ ମର୍ଯ୍ୟାଦା ଅଟେ ଯାହା ଅଲ୍ଲାଃତାଲା ବର୍ତ୍ତମାନ ଆଁହଜରତ ସ.ଅଙ୍କ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ବିଶେଷ ମର୍ଯ୍ୟାଦା ରୂପେ ଛାଡ଼ିଛନ୍ତି । ଆପଣ ଅ .ସ କହିଲେ, ଯେହେତୁ ମୁଁ ଆଁହଜରତ୍ ସ.ଅଙ୍କ ଦାସ ଅଟେ ତେଣୁ ଏହି ଦାସତ୍ୱର କଲ୍ୟାଣ ଯୋଗୁଁ ଅଲ୍ଲାଃତାଲା ମୋତେ ଅବତାରତ୍ୱ ମର୍ଯ୍ୟାଦା ପ୍ରଦାନ କରି ପୁରସ୍କୃତ କଲେ ଓ ମୋ ସହିତ ବାର୍ତ୍ତାଳାପ କରି ମୋ ଜୀବନକୁ ସାର୍ଥକ କଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମୁସଲମାନମାନଙ୍କର ଭୁଲ୍ ସଂପର୍କରେ ମଧ୍ୟ ସେମାନଙ୍କୁ ଅବଗତ କରାଇଲେ ଯେ, ସେମାନେ ଯେଉଁ ଧର୍ମମତ ପୋଷଣ କରୁଛନ୍ତି ଯେ, ଆଁହଜରତ ସ.ଅ ଶେଷାବତାର ଅଟନ୍ତି ଏବଂ ଆପଣ ସ.ଅଙ୍କ ପରେ ଆଉ କୌଣସି ଅବତାର ଆସି ପାରିବ ନାହିଁ ତାହା ଭୁଲ୍ ଅଟେ । କିନ୍ତୁ ବନି ଇସ୍ରାଇଲ୍ ଅର୍ଥାତ୍ ଇହୁଦୀମାନଙ୍କ ଧର୍ମରୁ ହ. ଇସା ଅ.ସଙ୍କୁ ମୁହମ୍ମଦ୍ ସ.ଅଙ୍କ ଧର୍ମରେ ଆଁହଜରତ୍ ସ.ଅଙ୍କ ପରବର୍ତ୍ତୀ ଅବତାର ରୂପେ ଉପସ୍ଥାପିତ କରିଥାଆନ୍ତି ଏବଂ ଆପଣ ସ.ଅଙ୍କ ଧର୍ମରେ ଆପଣ ସ.ଅଙ୍କ ଆଜ୍ଞାବହତ୍ୱ ଓ ଦାସତ୍ୱରେ ଯଦି କୌଣସି ବ୍ୟକ୍ତି ଅବତାରତ୍ୱର ଦାବି କରେ ତେବେ ସେହି ମୁସଲମାନମାନେ ଉକ୍ତ ଅବତାରର ପ୍ରତ୍ୟାଖ୍ୟାନ କରି ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇଥାଆନ୍ତି ।

ଆପଣ ଅ.ସ କହିଲେ, ମୁଁ ଯଦି ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀ ହୋଇ ନଥାଆନ୍ତି ଏବଂ ଆପଣ ସ.ଅଙ୍କ ଆଜ୍ଞାବହତ୍ୱ ସ୍ୱୀକାର କରି ନଥାଆନ୍ତି ତେବେ ସଂସାରରେ ଥିବା ପର୍ବତ ତୁଲ୍ୟ ମୋର ସୁକର୍ମ ଯଦି ଥାଆନ୍ତା **(ଅବଶିଷ୍ଟାଂଶ....ପୃ-13ରେ)**

(ଖୁତ୍‌ବା ଜୁମା)

ନିଃସନ୍ଦେହ ରୂପେ ମୁଁ ଏହି ବିଶ୍ୱାସ ରଖୁଛି ଯେ, କୃପଣତା ଏବଂ ବିଶ୍ୱାସ ଗୋଟିଏ ହୃଦୟରେ କଦାପି ଏକତ୍ରିତ ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତି ସତହୃଦୟର ସହିତ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣେ ତେବେ ସେହି ବ୍ୟକ୍ତି ନିଜର ଧନକୁ ସେହି ଧନ ମନେକରେ ନାହିଁ ଯେଉଁ ଧନ ତାହାର ସିନ୍ଦୁକ ମଧ୍ୟରେ ବନ୍ଦ ରହିଛି । ବରଂ ସେହି ବ୍ୟକ୍ତି ଈଶ୍ୱରଙ୍କ ସମସ୍ତ ନିଧିକୁ ନିଜର ନିଧି ରୂପେ ମନେକରିଥାଏ ଏବଂ କାର୍ପଣ୍ୟତା ତା' ଠାରୁ ଏପରି ଦୂର ହୋଇଯାଇଥାଏ ଯେପରିକି ଆଲୋକ ଠାରୁ ଅନ୍ଧାର ଦୂରୀଭୂତ ହୋଇଯାଇଥାଏ । " (ହଜରତ୍ ମସିହ୍ ମଉଦ୍ ଅ.ସ)

ଅଲ୍ଲାଃତାଲା କୁହନ୍ତି ଯେ, ପ୍ରକୃତ ବଳିଦାନ ଏହିକି ଯେ, ତୁମେ ଯେଉଁ ବସ୍ତୁକୁ ଭଲ ପାଅ ତାହାକୁ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟର ବ୍ୟୟ କରିଦେବା ହିଁ ପ୍ରକୃତ ବଳିଦାନ ଅଟେ । ଅତଏବ୍ ତୁମେମାନେ ସେତେବେଳେ ଅଲ୍ଲାଚଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗଦ୍ରହତାକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବ ଓ ତାହାଙ୍କ କୃପାର ଅଧିକାରୀ ହୋଇପାରିବ ।

ଅଲ୍ଲାଃତାଲାଙ୍କର ଏହି କୃପା ରହିଛି ଯେ, ଜମାଅତର ସଂଖ୍ୟା ଗରିଷ୍ଠ ସଦସ୍ୟବୃନ୍ଦ ଆର୍ଥିକ ବଳିଦାନରେ ଅତ୍ୟନ୍ତ ପ୍ରସନ୍ନତାର ସହିତ ଅଂଶ ଗ୍ରହଣ କରିଥାଏ । କିନ୍ତୁ ଏପରି କେତେକ ବ୍ୟକ୍ତିମାନେ ମଧ୍ୟ ଅଛନ୍ତି ଯେଉଁମାନଙ୍କ ମଧ୍ୟରେ ବିରୋଦ୍ଧାଭାସ ରହିଥାଏ । ତେଣୁ ସେହି ଲୋକମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବା ଅତ୍ୟନ୍ତ ଆବଶ୍ୟକ ପ୍ରସଙ୍ଗ ଅଟେ ।

ଜାତି ପ୍ରତି ସମବେଦନା ଏବଂ ସହାନୁଭୂତି ପ୍ରଦର୍ଶନ କରିବା ଏହି ଆଶା ପୋଷଣ କରିଥାଏ ଯେ, ଆମେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜ ପ୍ରିୟ ଧନକୁ ବ୍ୟୟ କରିବା ଉଚିତ୍ । ସେହି ଧନ ମଧ୍ୟରୁ ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ମଧ୍ୟ ଅର୍ଥ ବ୍ୟୟ ହେବା ଉଚିତ୍ ଓ ଇସଲାମ୍ ଧର୍ମର ପ୍ରକାଶନରେ ମଧ୍ୟ ଅର୍ଥ ବ୍ୟୟ ହେବା ଉଚିତ୍ ।

ମୁଁ ଦେଖିଛି ଯେ, ଅନେକ ଦରିଦ୍ର ତଥା ଅଭାବିମାନଙ୍କ ମଧ୍ୟରୁ କିମ୍ବା ମଧ୍ୟବିତ୍ତ ଶ୍ରେଣୀର ଅର୍ଥୋପାର୍ଜନ କରୁଥିବା ବ୍ୟକ୍ତିମାନେ ବହୁତ ବଡ଼ ବଡ଼ ବଳିଦାନ ଦେଇଥାଆନ୍ତି । କାରଣ ସେମାନଙ୍କୁ ଏହି ଅବବୋଧ ପ୍ରାପ୍ତ ହୋଇଛି ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରାଯାଇଥିବା ଆମର ଧନକୁ ଅଲ୍ଲାଃତାଲା ଆମମାନଙ୍କୁ ଫେରସ୍ତ କରିଦେବେ କିମ୍ବା ଆମେମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତାର ଉତ୍ତରାଧିକାରୀ ହୋଇଯିବୁ ।

ଆମେମାନେ ଏହି ଅଭିଜ୍ଞତା ମଧ୍ୟ ପ୍ରାପ୍ତ କରିଛୁ ଯେ, ଅଲ୍ଲାଃତାଲା କିଭଳି ଲୋକମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରି ଚାଲନ୍ତି । କାରଣ ସେମାନେ ଏହା ମନେକରନ୍ତି ଯେ, ଅଲ୍ଲାଃତାଲାଙ୍କ ନିକଟରେ ହିଁ ସମସ୍ତ ନିଧି ଗଚ୍ଛିତ ରହିଛି ।

ଅଲ୍ଲାଃତାଲାଙ୍କ କୃପାରୁ ୱକଫେ ଜଦିଦର ଅଡ଼ଷଠି (୬୮)ତମ ବର୍ଷରେ ବିଶ୍ୱବ୍ୟାପୀ ଜମାଅତ୍ ଅହମଦିୟା ପକ୍ଷରୁ ପ୍ରାୟ 15 ମିଲିୟନ୍ ପାଉଣ୍ଡ ଆର୍ଥିକ ବଳିଦାନ ଉପସ୍ଥାପିତ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଏହି ବଳିଦାନ ଗତ ବର୍ଷ ତୁଳନାରେ ତିନି (3) ମିଲିୟନ୍ ପାଉଣ୍ଡ ଅତିରିକ୍ତ ଅଟେ ।

ଅଲ୍ଲାଃତାଲା ସମସ୍ତ ବଳିଦାନକାରୀମାନଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ ।

ଅଲ୍ଲାଃତାଲାଙ୍କ କୃପାରୁ ୱକଫେ ଜଦିଦର ଅଡ଼ଷଠି (୬୮)ତମ ବର୍ଷରେ ବିଶ୍ୱବ୍ୟାପୀ ଜମାଅତ୍ ଅହମଦିୟା ପକ୍ଷରୁ ଉପସ୍ଥାପିତ କରାଯାଇଥିବା ବଳିଦାନର ଚର୍ଚ୍ଚା ଏବଂ ୬୯ତମ ବର୍ଷର ଶୁଭାରମ୍ଭର ଘୋଷଣା ।

ବିଭିନ୍ନ ଦେଶରେ ବାସ କରୁଥିବା ନୈଷ୍ଠିକ ଅହମଦିମାନଙ୍କର ଆର୍ଥିକ ବଳିଦାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**09 Janury 2026 ମସିହା ଅନୁଯାୟୀ ୦୯ ସୁଲାହ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଉକ୍ତ ଆୟତ୍ لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ۵ وَمَا تُنْفِقُوْا مِنْ شَيْءٍ فَاِنَّ اللّٰهَ بِهٖ عَلِيْمٌ **(ଆଲେ ଇମ୍ରାନ୍: 93)**ଆବୃତ୍ତି କଲେ ଅର୍ଥାତ୍ ଯେପର୍ଯ୍ୟନ୍ତ ତୁମେମାନ ନିଜର ପ୍ରିୟ ବସ୍ତୁରୁ ପ୍ରଭୁଙ୍କ ସକାଶେ ତାହାଙ୍କ ମାର୍ଗରେ ବ୍ୟୟ କରି ନଦେଇଛ ସେପର୍ଯ୍ୟନ୍ତ ତୁମେମାନେ ସେହି ପୁଣ୍ୟକୁ କଦାପି ପ୍ରାପ୍ତ କରିପାରିବ ନାହିଁ । ସେହିପରି ଯେଉଁ ବସ୍ତୁ ବି ତୁମେମାନେ ପ୍ରଭୁଙ୍କ ମାର୍ଗରେ ବ୍ୟୟ କରିଥାଅ ପ୍ରଭୁ ତାହାକୁ ଭଲ ଭାବରେ ଜାଣନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଆୟତ୍‌ର ବ୍ୟାଖ୍ୟା କରି ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଉଲ୍ଲେଖ କରିଛନ୍ତି ଯେ, "ପବିତ୍ର କୁରଆନ୍ କରୀମ୍‌ରେ ସୁରାଃ ବକ୍‌ରାହରେ ଯେଉଁଠି ପ୍ରଥମ ରୁକୁ ଆରମ୍ଭ ହୋଇଥାଏ ସେଠାରେ ଧର୍ମପରାୟଣ ସଂପର୍କରେ ଅଲ୍ଲାଃତାଲା କୁହନ୍ତି ଯେ, وَمِمَّا رَزَقْنٰهُمْ يُنْفِقُوْنَ ଅର୍ଥାତ୍ ଆମ୍ଭେ ସେମାନଙ୍କୁ (ବିଶ୍ୱାସକାରୀମାନଙ୍କୁ) ଯାହା କିଛି ଦେଇଅଛୁଁ ତହିଁରୁ ହିଁ ସେମାନେ ବ୍ୟୟ କରନ୍ତି । ଏହା ତ' ପ୍ରଥମ ରୁକୁର ଚର୍ଚ୍ଚା ଅଟେ । ପୁନଶ୍ଚ ସେହି ସୁରାଃର ଅନେକ ସ୍ଥାନରେ ଇନ୍‌ଫାକ୍ ଫି ସବିଲିଲ୍ଲାଃ (ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା) କରିବା ନିମନ୍ତେ ତାଗିଦ୍ କରାଯାଇଛି ..........। ଅତଏବ୍ ଯେପର୍ଯ୍ୟନ୍ତ ତୁମେମାନେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ପ୍ରକୃତ ପୁଣ୍ୟକୁ କଦାପି ପ୍ରାପ୍ତ କରିପାରିବ ନାହିଁ । ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଉଲ୍ଲେଖ କରନ୍ତି ଯେ, مِمَّا تُحِبُّوْنَ ର ଅର୍ଥ ମୋ ନିକଟରେ ଧନ ବା ଅର୍ଥ ଅଟେ। କାରଣ ଅଲ୍ଲାଃତାଲା କୁହନ୍ତି ଯେ, وَاِنَّهٗ لِحُبِّ الْخَيْرِ لَشَدِيْدٌ **(ଅଲ୍ ଆଦିୟାତ୍: 9)** **ଅନୁବାଦ:** ଏବା ଏହା ସତ୍ତ୍ୱେ ସେ ନିଶ୍ଚିତ ରୂପେ ଧନ ଲୋଭରେ ଅତି ଆଗଭର । ଧନ ହେଉଛି ମନୁଷ୍ୟର ଅତି ପ୍ରିୟ ବସ୍ତୁ । ତେଣୁ ପ୍ରକୃତ ପୁଣ୍ୟ ପ୍ରାପ୍ତ କରିବା ନିମନ୍ତେ ଏହା ଆବଶ୍ୟକ ଯେ, ତୁମେମାନେ ନିଜର ପ୍ରିୟ ଧନରୁ ହିଁ ପ୍ରଭୁଙ୍କ ମାର୍ଗରେ ଧନ ବ୍ୟୟ କରୁଥାଅ ।" **(ହକାଇକୁଲ୍ ଫୁର୍କାନ୍, ଗ୍ରନ୍ଥଖଣ୍ଡ-1, ପୃ-500)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ବିଭିନ୍ନ ସ୍ଥାନରେ ଏଥି ସଂକ୍ରାନ୍ତରେ ବ୍ୟାଖ୍ୟା କରିଛନ୍ତି । ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି ଯେ, ଧନ (ଅର୍ଥ)କୁ ଭଲ ପାଇବାର ଆବଶ୍ୟକତା ନାହିଁ । କାରଣ ଅଲ୍ଲାଃତାଲା କୁହନ୍ତି: لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ۵ وَمَا تُنْفِقُوْا مِنْ شَيْءٍ فَاِنَّ اللّٰهَ بِهٖ عَلِيْمٌ ଅର୍ଥାତ୍ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜ ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ଧନ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କଦାପି ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ଏବଂ ତୁମେମାନେ ଯାହାକିଛି ବ୍ୟୟକର ଅଲ୍ଲାଃତାଲା ତାହାକୁ ଭଲ ରୂପେ ଜାଣନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବେକାର ଏବଂ ନିରର୍ଥକ ଓ ବାହ୍ୟ ଜିନିଷ ବ୍ୟୟ କରିବା ଦ୍ୱାରା କୌଣସି ବ୍ୟକ୍ତି ପୁଣ୍ୟ କାର୍ଯ୍ୟ କରିବାର ଦାବି କରିାପରିବ ନାହିଁ । କାରଣ ପବିତ୍ର କୁରଆନ୍ କରୀମର ଆୟତ୍ ଉଲ୍ଲିଖିତ ରହିଛି ଯେ, لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ۵ وَمَا تُنْفِقُوْا مِنْ شَيْءٍ فَاِنَّ اللّٰهَ بِهٖ عَلِيْمٌ ଅର୍ଥାତ୍ ଯେପର୍ଯ୍ୟନ୍ତ ତୁମେମାନେ ନିଜର ଅତି ପ୍ରିୟ ବସ୍ତୁକୁ ପ୍ରଭୁଙ୍କ ମାର୍ଗରେ ବ୍ୟୟ କତରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ପ୍ରଭୁଙ୍କର ପ୍ରିୟତମ ହେବାର ମର୍ଯ୍ୟାଦା ପ୍ରାପ୍ତ କରି ପାରିବ ନାହିଁ । ଯଦି କଷ୍ଟ ସହ୍ୟ କରିବାକୁ ଚାହୁଁ ନାହଁ ଏବଂ ପ୍ରକୃତ ପୁଣ୍ୟକୁ ଅବଲମ୍ବନ କରିବାକୁ ଚାହୁଁ ନାହଁ ତାହାହେଲେ ସଫଳତା କିପରି ପ୍ରାପ୍ତ ହେବ ଓ ତୁମେମାନେ କିପରି ସାଫଲ୍ୟମଣ୍ଡିତ ହୋଇପାରିବ?"

**(ତଫ୍‌ସିର୍ ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-2, ପୃ-130-131)**

ଅତଏବ୍ ଯେଉଁ ଲୋକମାନେ ଭଲ ଅର୍ଥୋପାର୍ଜନ କରୁଛନ୍ତି । କିନ୍ତୁ ନିଜର ଆର୍ଥିକ ବଳିଦାନ କରିବା କ୍ଷେତ୍ରରେ ସେମାନେ ଏପରି ଆଶାନୁରୂପ ସ୍ତର ନୁହନ୍ତି ଯେତେ ଜଣେ

ସାଧାରଣ ଅହମଦି ରୋଜଗାର କରୁଥିବା ବ୍ୟକ୍ତି, ମଧ୍ୟମ ଅର୍ଥୋପାର୍ଜନ କରୁଥିବା ଅହମଦି ଅଧିକ ଶ୍ରେୟସ୍କର ହୋଇଥାଏ । ଯେକି ବେଳେବେଳେ ଭଲ ରୋଜଗାର କରିଥାଏ । ତେବେ ଏପରି ଲୋକମାନଙ୍କୁ ଭାବିବା ଉଚିତ୍ ଯେ, ଅଲ୍ଲାଃତାଲା କୁହନ୍ତି ଯେ, ପ୍ରକୃତ ବଳିଦାନ କହିଲେ ଏହା ବୁଝାଏ ଯେ, ଯେଉଁ ବସ୍ତୁ କୁ ତୁମେମାନେ ଭଲ ପାଅ ସେହି ବସ୍ତୁକୁ ତୁମେମାନେ ତାହାଙ୍କ ମାର୍ଗରେ ବ୍ୟୟ କର । ତେବେଯାଇ ତୁମେମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବ ଓ ତାହାଙ୍କ କୃପାର ଅଧିକାରୀ ମଧ୍ୟ ହୋଇପାରିବ ।

ଅଲ୍ଲାଃତାଲା କେବଳ ଗୋଟିଏ ଦୁଇଟି ସ୍ଥାନରେ ନୁହେଁ ବରଂ ପବିତ୍ର କୁରଆନ୍ କରୀମର ଅସଂଖ୍ୟ ସ୍ଥାନରେ ଇନଫାକ୍ ଫି ସବିଲିଲ୍ଲାଃ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ଉଦାହରଣ ସ୍ୱରୂପ ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି ଯେ, وَاَنۡفِقُوۡا فِیۡ سَبِیۡلِ اللّٰہِ وَلَا تُلۡقُوۡا بِاَیۡدِیۡکُمۡ اِلَی التَّہۡلُکَۃِ وَاَحۡسِنُوۡا اِنَّ اللّٰہَ یُحِبُّ الۡمُحۡسِنِیۡنَ **(ଅଲ୍ ବକରାହ୍: 196)** ଏବ୍ ଅଲ୍ଲାଃଙ୍କ ପଥରେ ଧନ ଓ ଜୀବନ ବ୍ୟୟ କର ଏବଂ ସ୍ୱହସ୍ତରେ ନିଜେ ନିଜକୁ ବିନାଶ କର ନାହିଁ ଓ ହିତ ସାଧନ କର । ବାସ୍ତବରେ ଅଲ୍ଲାଃ ହିତକାରୀମାନଙ୍କୁ ପ୍ରେମ କରନ୍ତି । ଅତଏବ୍ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ ନକରିବା ଦ୍ୱାରା ମନୁଷ୍ୟ ବିନାଶମୁଖୀ ହୋଇଥାଏ ।

ହୁଜୁର ଅନୱର୍ ଅ.ବ କହିଲେ, ଏକ ପକ୍ଷରେ ଆମେମାନେ ଏହି ଦାବି କରୁଛେ ଯେ, ଆମେମାନେ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଛେ । ସେହି ଯୁଗାବତାର ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀକୁ ପୂର୍ଣ୍ଣ କରିଛନ୍ତି ଏବଂ ଆପଣ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତରେ ପ୍ରବିଷ୍ଟ ହୋଇଛେ । ଅନ୍ୟ ପଟରେ ବେଳେବେଳେ ଆର୍ଥିକ ବଳିଦାନ କରିବା ସମୟରେ ବିରୋଧାଭାସ ମନରେ ସୃଷ୍ଟି ହେବା, ଏହା ଠିକ୍ ନୁହେଁ ।

ହୁଜୁର ଅନୱର୍ ଅ.ବ କହିଲେ, ସାମୂହିକ ରୂପେ ତ' ଜମାଅତର ଏଥି ପ୍ରତି ଧ୍ୟାନ ରହିଛି । କିନ୍ତୁ କେତେକ ଅହମଦିମାନଙ୍କୁ ଯେଉଁମାନଙ୍କୁ ଅଲ୍ଲାଃତାଲା ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ କରିଛନ୍ତି ସେହିମାନଙ୍କ ମଧ୍ୟରେ ଏହିପରି ଧାରଣା ଉତ୍ପନ୍ନ ହୋଇଯାଇଥାଏ ।

ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କର ଏହି କୃପା ରହିଛି ଯେ, ଜମାଅତର ସଂଖ୍ୟା ଗରିଷ୍ଠ ସଦସ୍ୟବୃନ୍ଦ ଆର୍ଥିକ ବଳିଦାନରେ ଅତ୍ୟନ୍ତ ପ୍ରସନ୍ନତାର ସହିତ ଅଂଶ ଗ୍ରହଣ କରିଥାଏ । କିନ୍ତୁ ଏପରି କେତେକ ବ୍ୟକ୍ତିମାନେ ମଧ୍ୟ ଅଛନ୍ତି ଯେଉଁମାନଙ୍କ ମଧ୍ୟରେ ବିରୋଧାଭାସ ରହିଥାଏ । ତେଣୁ ସେହି ଲୋକମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବା ଅତ୍ୟନ୍ତ ଆବଶ୍ୟକ ପ୍ରସଙ୍ଗ ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ନିରସନ୍ଦେହ ରୂପେ ଏପରି କେତେକ ବ୍ୟକ୍ତିମାନେ ଅର୍ଥାତ୍ ଅହମଦିମାନେ ମଧ୍ୟ ଅଛନ୍ତି ଯେଉଁମାନେ ଅଧିକ ଅର୍ଥୋପାର୍ଜନ କରନ୍ତି, ସେମାନେ ଅନେକ ଆହ୍ୱାନରେ ଅଂଶଗ୍ରହଣ କରିଥାଆନ୍ତି ଓ ପ୍ରତିସ୍ପର୍ଦ୍ଧିତ ରୂପେ ସେମାନେ ବିଭିନ୍ନ ତେହରିକାତ୍ (ଅହ୍ୱାନ)ରେ ଅଂଶ ଗ୍ରହଣ କରିଥାଆନ୍ତି କିନ୍ତୁ ଏଠାରେ ମୁଁ ପ୍ରାସଙ୍ଗିକ ରୂପେ ଏହା ମଧ୍ୟ କହିଦେବାକୁ ଚାହୁଁଛି ଯେ, ଯେଉ କେତେକ ଲୋକମାନେ (ଅହମଦିମାନେ) ନିଜର ହିସ୍ସା ଆମଦ (ଆୟ ଅନୁଯାୟୀ ଚାନ୍ଦା ପୈଠ କରିବା) ଇତ୍ୟାଦି ସଠିକ୍ ଭାବରେ ପୈଠ କରନ୍ତି ନାହିଁ ଏବଂ ତହିଁରେ ସେମାନେ ନିୟମିତ ନୁହନ୍ତି ତେବେ ଏପରି ଲୋକମାନଙ୍କୁ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ।

ହୁଜୁର ଅନଓ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପୁନଶ୍ଚ ଅନ୍ୟ ଏକ ସ୍ଥାନରେ କୁହନ୍ତି ଯେ, اٰمِنُوۡا بِاللّٰہِ وَرَسُوۡلِہٖ وَاَنۡفِقُوۡا مِمَّا جَعَلَکُمۡ مُّسۡتَخۡلَفِیۡنَ فِیۡہِ فَالَّذِیۡنَ اٰمَنُوۡا مِنۡکُمۡ وَاَنۡفَقُوۡا لَہُمۡ اَجۡرٌ کَبِیۡرٌ **(ଅଲ୍ ହଦିଦ୍: 8)** ଅର୍ଥାତ୍ ହେ ଲୋକମାନେ ! ଅଲ୍ଲାଃ ଓ ତାହାଙ୍କ ବାର୍ତ୍ତାବହଙ୍କ ପ୍ରତି ବିଶ୍ୱାସ ସ୍ଥାପନ କର ଏବଂ ପୂର୍ବବର୍ତ୍ତୀ ସଂପ୍ରଦାୟଙ୍କ ପରେ ତୁମମାନଙ୍କୁ ଯେଉଁ ଧନ ସଂପତ୍ତି ବିଷୟରେ ମାଲିକ କରାଯାଇଛି ସେଥିରୁ ବ୍ୟୟ କର ଏବଂ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସକାରୀ ଅଟନ୍ତି ଓ ଅଲ୍ଲାଃଙ୍କ ପଥରେ ବ୍ୟୟ କରନ୍ତି ସେମାନଙ୍କୁ ମହାନ୍ ପୁରସ୍କାର ମିଳିବ । ଅତଏବ୍ ଅଲ୍ଲାଃତାଲା ତାହାଙ୍କ ମାର୍ଗରେ ବ୍ୟୟ କୁରଥିବା ବ୍ୟୟକାରୀଙ୍କୁ ମହାନ୍ ପୁଣ୍ୟ ପ୍ରଦାନ କରିବା ନିମନ୍ତେ ପ୍ରତିଶ୍ରୁତ ଦେଇଛନ୍ତି ।

ହୁଜୁର ଅନଓ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପୁନଶ୍ଚ ଅନ୍ୟ ଏକ ସ୍ଥାନରେ କୁହନ୍ତି ଯେ, وَمَا لَکُمۡ اَلَّا تُنۡفِقُوۡا فِیۡ سَبِیۡلِ اللّٰہِ وَلِلّٰہِ مِیۡرَاثُ السَّمٰوٰتِ وَالۡاَرۡضِ **(ଅଲ୍ ହଦିଦ୍: 11)** ଅର୍ଥାତ୍ ତୁମମାନଙ୍କରଏ ପରି କ'ଣ ହୋଇଛି ଯେ, ତୁମେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରୁ ନାହଁ, ଅଥଚ ଆକାଶ ଓ ପୃଥିବୀର ଉତ୍ତରାଧିକାରୀ କେବଳ ଅଲ୍ଲାଃଙ୍କର ? ଅର୍ଥାତ୍ ବସ୍ତୁବାଦୀ ସଂସାରରେ ମନୁଷ୍ୟ ହସ୍ତରେ ଯାହାକିଛି ରହିଛି ପରିଶେଷରେ ମନୁଷ୍ୟ ସେସବୁକୁ ପରିତ୍ୟାଗ କରି ମୃତ୍ୟୁବରଣ କରିବ ଏବଂ ତାହା ଅଲ୍ଲାଃତାଲାଙ୍କ ହାତ ମୁଠାକୁ ଚାଲି ଆସିବ । ତେଣୁ ମନୁଷ୍ୟ ହସ୍ତରେ କିଛି ନଥାଏ ସେ ଶୂନ୍ୟହସ୍ତ ରହିଥାଏ । ସମ୍ପତ୍ତି ମଧ୍ୟ ବାଣ୍ଟିତ ହୋଇଯାଇଥାଏ । ଯଦି ଉତ୍ତରାଧିକାରୀ ଠିକ୍ ନୁହେଁ ତେବେ ଉତ୍ତରାଧାକାରୀ ସେହି ସମ୍ପତ୍ତିକୁ ନଷ୍ଟ କରିଦେଇଥାଆନ୍ତି । ତେଣୁ ବ୍ୟକ୍ତି ହାତରେ କିଛି ବି ରହିଲା ନାହିଁ । ନା ଇହକାଳରେ ଓ ନା ପରକାଳରେ ତା' ହାତରେ କିଛି ବି ରହିଲା ନାହିଁ । ତେଣୁ ଅଲ୍ଲାଃତ୍ତାଲାକୁ ଭୟ କରିବା ଉଚିତ୍ ଓ ତାହାଙ୍କ ସକାଶେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ଉଚିତ୍ । ସେତେବେଳେ ଅଲ୍ଲାଃତାଲା ସେହି ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରିବେ ଏବଂ ବଂଶଧରମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରିବେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପୁନଶ୍ଚ ଅନ୍ୟ ଏକ ସ୍ଥାନରେ କୁହନ୍ତି ଯେ, فَاتَّقُوا اللّٰہَ مَا اسۡتَطَعۡتُمۡ وَاسۡمَعُوۡا وَاَطِیۡعُوۡا وَاَنۡفِقُوۡا خَیۡرًا لِّاَنۡفُسِکُمۡ وَمَنۡ یُّوۡقَ شُحَّ نَفۡسِہٖ فَاُولٰٓئِکَ ہُمُ الۡمُفۡلِحُوۡنَ **(ଅତ୍ ତଗାବୁନ୍: 17)** ଅନୁବାଦ : ଯଥାସମ୍ଭବ ଅଲ୍ଲାଃଙ୍କୁ ଭୟ କର ଏବଂ ତାହାଙ୍କର ବାଣୀ ଶ୍ରବଣ କର ଓ ତାହାଙ୍କର ଆଜ୍ଞା ପାଳ କର ଏବଂ ନିଜେ ଧନସମ୍ପତ୍ତି ତାହାଙ୍କ ଉଦ୍ଦେଶ୍ୟରେ ବ୍ୟୟ କର ଏହା ତୁମମାନଙ୍କ ପକ୍ଷେ ଉତ୍ତମ ହେବ, ଏବଂ ଯେଉଁ ଲୋକମାନେ ନୃ ହୃଦୟକୁ କୃପଣତା ଟାରୁ ରକ୍ଷା କରନ୍ତି ସେମାନେ ହିଁ ସଫଳ ହୁଅନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଅଲ୍ଲାଃତାଲା କହିଲେ, ଏହି କୃପଣତା କଦାପି ସଠିକ୍ ନୁହଁ । ଯଦି ଆମମାନଙ୍କୁ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ ହେବାକୁ ପଡ଼ିବେ ତେବେ ସେପରିପ୍ରେକ୍ଷୀରେ ଆମମାନଙ୍କୁ ତାହାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବାକୁ ହେବ ହିଁ ହେବ । ସେହିପରି ଆହୁରି ଅସଂଖ୍ୟ ତ୍ର ଆୟାତ୍ ପବିତ୍ର କୁରଆନ୍ କରୀମରେ ମଧ୍ୟ ରହିଛି । ସେହି ସବୁ ଆୟତଗୁଡ଼ିକରେ ଆମମାନଙ୍କୁ ଏହି ପ୍ରସଙ୍ଗ ଆଡ଼କୁ ଧ୍ୟାନ ଆକର୍ଷିତ କରାଯାଇଛି ଯେ, ଆମେମାନଙ୍କୁ ନିଜର ଧନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିବା ଉଚିତ୍ । ଯେପରିକି ମୁଁ କହିଲି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଅସଂଖ୍ୟ ସ୍ଥାନରେ କହିଛନ୍ତି ଯେ, ଧର୍ମର ପ୍ରଚାର ନିମନ୍ତେ ଓ ଧର୍ମ କାର୍ଯ୍ୟକୁ ପ୍ରସାରିତ କରିବା ନିମନ୍ତେ ତଥା ଇସଲାମ୍ ଧର୍ମର ତବଲିଗ୍ ନିମନ୍ତେ ଅର୍ଥର ଆବଶ୍ୟକତା ରହିଛି । ତେଣୁ ନିଜର ଧନରୁ ପ୍ରଭୁଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବା ଉଚିତ୍ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଏକଥା ମନେରଖିବା ଉଚିତ୍ ଯେ, ଯେଉଁ ଲୋକମାନେ ଧର୍ମ ସକାଶେ ନିଜର ଅର୍ଥକୁ ବ୍ୟୟ କିରଥାଆନ୍ତି ତାହାର ଲାଭ କେବଳ ସେମାନଙ୍କୁ ମିଳି ନଥାଏ ବରଂ ସମଗ୍ର ଜାତିକୁ ତାହାର ଲାଭ ମିଳିଥାଏ । ତେଣୁ ଜାତି ପ୍ରତି ସମବେଦନା ବ୍ୟକ୍ତ କରିବା ଅର୍ଥ ଏହିକି ଯେ, ମାନବ ଜାତି ପ୍ରତି ମଧ୍ୟ ସମବେଦନା ଓ ସହାନୁଭୂତି ପ୍ରଦର୍ଶନ କରିବା । ତେଣୁ ଏହି ସମବେଦନା ଓ ସହାନୁଭୂତି ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବା ଦ୍ୱାରା ହିଁ ସମ୍ଭବପର ହୋଇଥାଏ । ତେଣୁ ଆପଣମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରନ୍ତୁ । ସେହି ଧନରୁ ଲୋକମାନଙ୍କୁ ସାହାଯ୍ୟ ନିମନ୍ତେ ମଧ୍ୟ ଅର୍ଥ ବ୍ୟୟ ହେବା ଉଚିତ ଓ ଧର୍ମର ପ୍ରକାଶ ନିମନ୍ତେ ମଧ୍ୟ ଅର୍ଥ ବ୍ୟୟ ହେବା ଉଚିତ୍ ।

ଆହଦିସ୍‌ରେ ମଧ୍ୟ ଏଥି ସଂକ୍ରାନ୍ତରେ ଆଁହଜରତ୍ ସ.ଅ ଅସଂଖ୍ୟା ସ୍ଥାନରେ ଆମମାନଙ୍କୁ ଉପଦେଶ ଦେଇଛନ୍ତି ଯେ, ଆର୍ଥିକ ବଳିଦାନ ଦେବା ଉଚିତ୍ । ଅତଏବ୍ ହଦିସରେ ଉଲ୍ଲିଖିତ ହୋଇଛି ଯେ, ହ. ହସନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ସଂପର୍କରେ କହିଲେ,"ହେ ଆଦମଙ୍କର ସନ୍ତାନମାନେ ! ତୁମେମାନେ ମୋ ନିକଟରେ ନିଜର ନିଧି ଏକତ୍ରିତ ବା ଗଚ୍ଛିତ କରି ନିଶ୍ଚିନ୍ତ ହୋଇଯାଅ। ସେହି ନିଧିରେ ନା ନିଆଁ ଲାଗିବ ଓ ନା ହିଁ ଜାଳାର୍ଣ୍ଣବ (ପାଣିରେ ବୁଡ଼ିବ) ହେବାର ସମ୍ଭାବନା ରହିଛି ଓ ନା ହିଁ ଚୋରି ହେବାର ଭୟ ରହିଛି । ମୋ ନିକଟରେ ଗଚ୍ଛିତ ରଖାଯାଇଥିବା ତୁମ୍ଭର ଧନକୁ ମୁଁ ସେହିଦିନି ଫେରସ୍ତ କରିବି ଯେତେବେଳେ ତୋତେ ଏହି ଧନର ସବୁଠାରୁ ବେଶୀ ଅବଶ୍ୟକତା ପଡ଼ିବ । ତୁ ଯେତେବେଳେ ସବୁଠି ବେଶୀ ଅଭାବି ହୋଇଯାଇଥିବୁ ମୁଁ ସେତେବେଳେ ତୋତେ ଏହି ଧନ ପ୍ରଦାନ କରିବି ।" (ଅଲ୍ ଜାମେଉଶ୍ ଶାଆବିଲ୍ ଇମାନିସ ଗ୍ରନ୍ଥଖଣ୍ଡ-5, ପୃ-45, ଅସସାନି ୱଲ୍ ଇଶ୍ଚୁନା ମିନ୍ ଶାଆବିଲ୍ ଇମାନି, ଗ୍ରନ୍ଥଖଣ୍ଡ- ଅଲ୍ ସଦକତୁତ୍ ତତଓଆ, ହଦିସ୍ ନଂ-3071, ମକତବତୁର୍ ରୁଶଦି)

ହୁଜୁର ଅନଓ୍ୱର୍ ଅ.ବ କହିଲେ, ଅତଃ ଯଦି ଆପଣମନେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଅର୍ଥକୁ ବ୍ୟୟ କରିବେ ତେବେ ଅଲ୍ଲାଃତାଲା ତୁମମାନଙ୍କର ସଂପୂର୍ଣ୍ଣ ଧନକୁ ଫେରସ୍ତ କରିଦେବେ । ପବିତ୍ର କୁରଆନ୍ କରୀମରେ ଅଲ୍ଲାଃତାଲା କୁହନ୍ତି: وَمَا تُنۡفِقُوۡا

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

مِنْ خَيْرٍ يُّوَفَّ اِلَيْكُمْ وَاَنْتُمْ لَا تُظْلَمُوْنَ **(ଅଲ୍ ବକରାହ୍: 273)** ଅର୍ଥାତ୍ ତୁମେମାନେ ଯାହାକିଛି ବିଶୁଦ୍ଧ ଧନ ବ୍ୟୟ କର ତାହା ତୁମମାନଙ୍କୁ ସଂପୂର୍ଣ୍ଣ ରୂପେ ଫେରସ୍ତ କରି ଦିଆଯିବ ଓ ତୁମମାନଙ୍କ ପ୍ରତି ଅତ୍ୟାଚାର କରାଯିବ ନାହିଁ । କେବଳ ସେତିକି ନୁହେଁ ବରଂ ଅନ୍ୟ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି ଯେ, ଅଲ୍ଲାଃତାଲା ଧନକୁ ଅଧିକ ଗୁଣା କରି ଫେରସ୍ତ କରିଥାଆନ୍ତି । ଅତଏବ୍ ଏହା ହେଉଛି ଅଲ୍ଲାଃତାଲାଙ୍କ ଦେବାର ଦେବାର ଶୈଳୀ । ତେଣୁ ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ପ୍ରିୟ ଧନକୁ ବ୍ୟୟ କରିଥାଆନ୍ତି ସେହି ଲୋକମାନଙ୍କୁ ଅଲ୍ଲାଃତାଲା ଅଧିକ ଗୁଣା କରି ଫେରସ୍ତ କରିଥାଆନ୍ତି। ଆମେମାନେ ସୌଭାଗ୍ୟଶାଳୀ ଯେ, ଆଜି ଅହମଦିମାନଙ୍କରେ ସଂଖ୍ୟାଗରିଷ୍ଠତା ଉକ୍ତ କଥାକୁ ଭଲ ଭାବରେ ବୁଝେ ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବା ଦ୍ୱାରା ଅଲ୍ଲାଃତାଲା ଧନରେ ଅଜସ୍ର ବୃଦ୍ଧି କରି ଫେରସ୍ତ କିରଥାଆନ୍ତି । ତେଣୁ ଅହମଦିମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ଅଜସ୍ର ଧନ ବ୍ୟୟ କରିଥଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲ, ସାଂପ୍ରତିକ କାଳରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ମଧ୍ୟ ଏହି ଅର୍ଥ ବ୍ୟୟର କେବଳ ଉଦାହରଣମାନ ଦେଖିବାକୁ ମିଳେ ନାହିଁ ବରଂ ସେହି ଉଦାହରଣଗୁଡ଼ିକୁ ଦେଖି ଆପଣ ଅ.ସ ଏକଦା କହିଥିଲେ ଯେ, ମୁଁ ଆଶ୍ଚର୍ଯ୍ୟଚକିତ ଯେ, କିପରି ଏହି ଲୋକମାନେ ଗରିବ (ଦରିଦ୍ର) ହେବା ସତ୍ତ୍ୱେ ଧର୍ମ ସକାଶେ ଏପରି ବଳିଦାନ ଦେଇଥାଆନ୍ତି ?

**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-10, ପୃ-263)**

ହୁଜୁର ଅନ୍‌ୱର୍ ଅ.ବ କହିଲ, ଆଜି ମଧ୍ୟ ଏହି ଅବସ୍ଥା ରହିଛି ଏବଂ ପ୍ରାୟତଃ ଅହମଦିମାନଙ୍କର ସଂଖ୍ୟା ଅଲ୍ଲାଃତାଲାଙ୍କର ଏହି କୃପା ରହିଛି ଯେ, ଜମାଅତର ସଂଖ୍ୟା ଗରିଷ୍ଠ ସଦସ୍ୟବୃନ୍ଦ ଆର୍ଥିକ ବଳିଦାନରେ ଅତ୍ୟନ୍ତ ପ୍ରସନ୍ନତାର ସହିତ ଅଂଶ ଗ୍ରହଣ କରିଥାଆନ୍ତି । ସେମାନେ ଉକ୍ତ କଥାକୁ ଭଲ ଭାବରେ ଜାଣନ୍ତି ଯେ, ପ୍ରଭୁଙ୍କ ମାର୍ଗରେ ଦିଆଯାଇଥିବା ବଳିଦାନ ବିଶେଷ କରି ଆର୍ଥିକ ବଳିଦାନ ଦେବା ଅଲ୍ଲାଃତାଲା ଅଜସ୍ର କଲ୍ୟାଣ ଓ ଅର୍ଥ ଫେରସ୍ତ କରିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଦେଖିଛି ଯେ, ଅନେକ ଦରିଦ୍ର ତଥା ଅଭାବିମାନଙ୍କ ମଧ୍ୟରୁ କିମ୍ବା ମଧ୍ୟବିତ୍ତ ଶ୍ରେଣୀର ଅର୍ଥୋପାର୍ଜନ କରୁଥିବା ବ୍ୟକ୍ତିମାନେ ବହୁତ ବଡ଼ ବଡ଼ ବଳିଦାନ ଦେଇଥାଆନ୍ତି । କାରଣ ସେମାନଙ୍କୁ ଏହି ଅବବୋଧ ପ୍ରାପ୍ତ ହୋଇଛି ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରାଯାଇଥିବା ଆମର ଧନକୁ ଅଲ୍ଲାଃତାଲା ଆମମାନଙ୍କୁ ଫେରସ୍ତ କରିଦେବେ କିମ୍ବା ଆମେମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତାର ଉତ୍ତରାଧିକାରୀ ହୋଇଯିବୁ । କିପରି ? ଏକଥା ଅଲ୍ଲାଃତାଲା ଭାବରେ ଜାଣନ୍ତି ଯେ, ସେ ଆର୍ଥିକ ବଳିଦାନକାରୀମାନଙ୍କୁ ଇହକାଳ ଏବଂ ପରକାଳରେ ନିଜ କୃପାର ଅଧିକାରୀ କରିବେ । ପ୍ରକୃତ କଥା ଏହିକି ଯେ, ପରକାଳରେ ଅଲ୍ଲାଃତାଲା ସେହି ଆର୍ଥିକ ବଳିଦାନକୁ ଫେରସ୍ତ କରିବେ (ଅର୍ଥାତ୍ ପ୍ରତିଫଳ ପ୍ରଦାନ କରିବେ)ଏବଂ ଏହି ବଳିଦାନ ସେମାନଙ୍କ ନିମନ୍ତେ ସ୍ତର ଏବଂ ମର୍ଯ୍ୟାଦା ବୃଦ୍ଧିର କାରଣ ହେବ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ହଦିସରେ ଆଁହଜରତ ସ.ଅ କହିଲେ, ଯିଏ ନିଜର ପବିତ୍ର ରୋଜଗାରରୁ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କଲା ତେବେ ଅଲ୍ଲାଃତାଲା ସେହି ପବିତ୍ର ବସ୍ତୁ ଅର୍ଥାତ୍ ଖଜୁରୀକୁ ସ୍ୱୀକାର କରିବେ ଏବଂ ତାହାକୁ ବୃଦ୍ଧି କରି ଚାଲିବେ । ଏପର୍ଯ୍ୟନ୍ତକି ତାହା ପର୍ବତ ତୁଲ୍ୟ ହୋଇଯିବ । ଆପଣ ସ.ଅ ଉଦାହରଣ ଦେଲେ ଯେ, ଯେପରି ତୁମେମାନଙ୍କ ମଧ୍ୟରୁ କୌଣ ସି ବ୍ୟକ୍ତି ନିଜର ଛୋଟିଆ ବାଛୁରୀର ଲାଳନ ପାଳନ କରିଥାଏ ଏପର୍ଯ୍ୟନ୍ତକି ସେହି ଛୋଟିଆ ବାଛୁରୀ ଏକ ବଡ଼ ଜୀବରେ ପରିଣତ ହୋଇଯାଇଥାଏ । **(ସହିହୁଲ୍ ବୁଖାରୀ, ଗ୍ରନ୍ଥଖଣ୍ଡ-3, ପୃ-28-29, କିତାବୁଜ୍ ଜକାତ୍, ବାବ୍-ଅସସଦକତୁ ମନ୍ କସବା ତୈୟେବନ୍ ରିଜକନ୍, ବର୍ଣ୍ଣନା ସଂଖ୍ୟା-1410, ପ୍ରକାଶନ ସ୍ଥାନ-ନଜାରତ୍ ଇଶାଅତ୍, ରବୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରି ଛୋଟିଆ ବାଛୁରୀର ଲାଳିତ ପାଳିତ ହୋଇ ବଡ଼ ହୋଇଯାଇଥାଏ ଠିକ୍ ସେହିପରି ତୁମେମାନେ ଯଦି ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବ ତେବେ ତୁମମାନଙ୍କର ଧନ ମଧ୍ୟ ବୃଦ୍ଧି ପାଇବ । କିନ୍ତୁ ସର୍ତ୍ତ ଏହିକି ଯେ, ଧନ ପବିତ୍ର ହୋଇଥିବା ଦରକାର । ଏପରି ନହେଉ ଯେ, ଅର୍ଥ ଅନୈତିକ ଉପାୟରେ ଉପାର୍ଜିତ ହୋଇଥିବ । ଅର୍ଥାତ୍ ଅନୈତିକ ଉପାୟର ଉପାର୍ଜିତ ଧନରୁ ପ୍ରଭୁଙ୍କ ମାର୍ଗରେ ଚାନ୍ଦା ଦେଲେ ତାହାର ଉତ୍ତମ ପ୍ରତିଫଳ କେବେ ବି ପ୍ରାପ୍ତ ହେବ ନାହିଁ । ବରଂ ଯତେବେଳେ ଧନ ପବିତ୍ର ହେବ ସେତେବେଳେ ଯାଇ ଅଲ୍ଲାଃତାଲା ତାହାକୁ ଗ୍ରହଣ କରିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ହଦିସରେ ଉଲ୍ଲିଖିତ ହୋଇଛି ଯେ, ଆଁହଜରତ ସ.ଅ କହିଲେ: "ପ୍ରଳୟ ଦିବସ ଦିନ ହିସାବ କିତାବ ସମାପ୍ତ ହେବା ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟକରିଥିବା ଅର୍ଥ ବ୍ୟୟକାରୀ ନିଜ ଅର୍ଥ ବ୍ୟୟ କରିଥିବା ବୃକ୍ଷର ଛାୟାରେ ରହିବ ।" **(ମସନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-5, ପୃ-895, ମସନଦ୍ ଉକବା ବିନ୍ ଆମିର୍, ହଦିସ୍-17466, ମକତବା ଆଲିମୁଲ୍ କୁତୁବ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ପ୍ରଳୟ ଦିବସ ପର୍ଯ୍ୟନ୍ତ କରାଯାଇଥିବା ଆର୍ଥିକ ବଳିଦାନ ଯଦି ସତହୃଦୟ ଏବଂ ପବିତ୍ର ଧନରୁ କରାଯାଇଥିବ ତେବେ ତାହା ଅଲ୍ଲାଃତାଲାଙ୍କର କୃପାକୁ ଅବଶ୍ୟ ଆକର୍ଷିତ କରିବ । ଯେପରିକି ମୁଁ ପୂର୍ବେ ମଧ୍ୟ କହିଛି ଯେ, ଜମାଅତର ସଦସ୍ୟବୃନ୍ଦମାନେ ମନେକରନ୍ତି ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କହିଛନ୍ତି ଯେ, ଧର୍ମପରାୟଣ ମାର୍ଗରେ ପରିଚାଳିତ ହେଉଥିବା ବ୍ୟକ୍ତିଙ୍କର ଆର୍ଥିକ ବଳିଦାନକୁ ହିଁ ସ୍ୱୀକାର କରିଥାଆନ୍ତି, ସେମାନଙ୍କୁ ଅଲ୍ଲାଃତାଲା ଅଜସ୍ର କଲ୍ୟାଣ ଓ ପ୍ରତିଫଳ ରୂପେ ପୁରସ୍କୃତ କରିଥାଆନ୍ତି । ଜମାଅତର ଅନେକ ଲୋକ ଏହାକୁ ହିଁ କାର୍ଯ୍ୟାକାରୀ କରିବା ନିମନ୍ତେ ଉଦ୍ୟମ କରିଥାଆନ୍ତି ।

ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମର ଏକ ସ୍ଥାନରେ କୁହନ୍ତି ଯେ, وَمَنْ يَّتَّقِ اللّٰهَ يَجْعَلْ لَّهٗ مَخْرَجًا ۔ وَّيَرْزُقْهُ مِنْ حَيْثُ لَا يَحْتَسِبُ وَمَنْ يَّتَوَكَّلْ عَلَى اللّٰهِ فَهُوَ حَسْبُهٗ ط اِنَّ اللّٰهَ بَالِغُ اَمْرِهٖ ط قَدْ جَعَلَ اللّٰهُ لِكُلِّ شَيْءٍ قَدْرًا **(ଅତ୍ ତଲାକ୍:3-4)** ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଭୟ କରିବ ଅଲ୍ଲାଃ ତା' ସକାଶେ କୌଣସି ନା କୌଣସି ପଥ ଅବଶ୍ୟ ଉନ୍ମୁକ୍ତ କିଦେବେ ଏବଂ ତାକୁ ଏପରି ସ୍ଥାନ ଏବଂ ସ୍ରୋତରୁ ଜୀବିକା ପ୍ରଦାନ କରିବେ ଯେଉଁ ସ୍ଥାନରୁ ଜୀବିକାର୍ଜନ କରିବା ସମ୍ବନ୍ଧରେ ସେ ଧାରଣା ମଧ୍ୟ କରି ନଥିବ (ଭାବି ନଥିବ) । ସେହିପରି ଯେକେହି ଅଲ୍ଲାଃଙ୍କ ଉପରେ ଭରସା କରେ ସେ ଅଲ୍ଲାଃ ତାହା ପାଇ ଯଥେଷ୍ଟ ଅଲ୍ଲାଃ ଅବଶ୍ୟ ନିଜ ଉଦ୍ଦେଶ୍ୟକୁ ସଂପୂର୍ଣ୍ଣ କରିଥାଆନ୍ତି । ପ୍ରତ୍ୟେକ ବସ୍ତୁ ପାଇଁ ଅଲ୍ଲାଃ ଏକ ପରିମାଣ ନିର୍ଦ୍ଦିଷ୍ଟ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, "ଏକଥା ସର୍ବଦା ମନେରଖିବା ଉଚିତ୍ ଯେ, ଆମେମାନେ ଧର୍ମପରାୟଣତା ମାର୍ଗରେ କେଉଁ ପର୍ଯ୍ୟନ୍ତ ଉନ୍ନତି କରିଛୁ ? ଏହାର ସ୍ତର ହେଉଛି ପବିତ୍ର କୁରଆନ୍ । ଧର୍ମାପରାୟଣ ବ୍ୟକ୍ତିମାନଙ୍କର ନିଦର୍ଶନ ମଧ୍ୟରୁ ଗୋଟିଏ ନିଦର୍ଶନ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ଅଲ୍ଲାଃତାଲା ଧର୍ମପରାୟଣ ବ୍ୟକ୍ତିମାନଙ୍କୁ ସଂସାରର ଅଲକ୍ଷଣତା ଓ ଅପବିତ୍ରତା ଠାରୁ ମୁକ୍ତ କରି ସେମାନଙ୍କ କାର୍ଯ୍ୟରେ ସ୍ୱୟଂ ସାହା ଭରସା ହୋଇଯାଇଥାଆନ୍ତି । ଯେପରିକି ଅଲ୍ଲାଃତାଲା କହିଲେ, وَمَنْ يَّتَّقِ اللّٰهَ يَجْعَلْ لَّهٗ مَخْرَجًا ۔ وَّيَرْزُقْهُ مِنْ حَيْثُ لَا يَحْتَسِبُ **(ଅତ୍ ତଲାକ୍:3-4)** ଅର୍ଥାତ୍ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଭୟ କରିବ ଅଲ୍ଲାଃ ତା' ସକାଶେ କୌଣସି ନା କୌଣସି ପଥ ଅବଶ୍ୟ ଉନ୍ମୁକ୍ତ କିଦେବେ ଏବଂ ତାକୁ ଏପରି ସ୍ଥାନ ଏବଂ ସ୍ରୋତରୁ ଜୀବିକା ପ୍ରଦାନ କରିବେ ଯେଉଁ ସ୍ଥାନରୁ ଜୀବିକାର୍ଜନ କରିବା ସମ୍ବନ୍ଧରେ ସେ ଧାରଣା ମଧ୍ୟ କରି ନଥିବ (ଭାବି ନଥିବ) । ତେଣୁ ଯେଉଁମାନେ ଅଲ୍ଲାଃତାଲାଙ୍କୁ ଭୟ କରନ୍ତି ସେହିମାନେ ହିଁ ଅଲ୍ଲାଃତାଲାଙ୍କ ସକାଶେ ବଳିଦାନ ଦେଇଥାଆନ୍ତି । ସେମାନେ ଯେତେବେଳେ ପରି କରନ୍ତି ସେତେବେଳେ ସେମାନେ ଏଥି ନିମନ୍ତେ ଦୁଃଖିତ ହୁଅନ୍ତି ନାହିଁ ଯେ, ସେମାନଙ୍କର ଆବଶ୍ୟକତା କିପରି ପରିପୂରଣ ହେବେ, ସେମାନଙ୍କର ଖର୍ଚ୍ଚ କିପରି ପୂରଣ ହେବ । ଅଲ୍ଲାଃତାଲା ସେମାନଙ୍କ ନିମନ୍ତେ ଏପରି ମାର୍ଗ ସୃଷ୍ଟି କରିଦେଇଥାଆନ୍ତି ଯେ, ଆପଣ ଅ.ସ କହିଲେ, ଅଲ୍ଲାଃତାଲା ସେମାନଙ୍କ ନିମନ୍ତେ ନୈଷ୍ଠାପୂର୍ଣ୍ଣ ମାର୍ଗ ଉନ୍ମୁକ୍ତ କରିଦେଇଥାଆନ୍ତି ଓ ସେମାନଙ୍କ ନିମନ୍ତେ ଜୀବିକାର ଏପରି ସାଧନ ତଥା ମାଧ୍ୟମ ସୃଷ୍ଟି କରିଦିଅନ୍ତି ଯେ, ସେମାନେ ଏଥି ସଂକ୍ରାନ୍ତରେ ଚିନ୍ତା ମଧ୍ୟ କରି ନଥିବେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-10-11, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ସକାଶେ କରାଯାଇଥିବା ବଳିଦାନ ଏବଂ ଧର୍ମ ପରାୟଣ ମାର୍ଗରେ ପରିଚାଳିତ ହେଉଥିବା ଲୋକମାନଙ୍କୁ ଅଲ୍ଲାଃତାଲା ସୁରକ୍ଷିତ ରଖନ୍ତି । ସୁତରାଂ ଆପଣ ଅ.ସ କୁହନ୍ତି: "ଯେଉଁମାନଙ୍କର ରକ୍ଷକ ଅଲ୍ଲାଃତାଲା ହୋଇଯାଆନ୍ତି ସେମାନେ ସଂସାରର ଦୁଃଖ କଷ୍ଟ ଏବଂ ବିପତ୍ତି ଠାରୁ ମୁକ୍ତି ପାଇଥାଆନ୍ତି । ସମସ୍ୟା, ଦୁଃଖ, କଷ୍ଟ ଠାରୁ ସେମାନେ ମୁକ୍ତି ପାଆନ୍ତି। ସେମାନେ ଏକ ପ୍ରକୃତ ତୃପ୍ତି, ଆଶ୍ୱସ୍ତିମୂଳକ ଜୀବନରେ ପ୍ରବିଷ୍ଟ ହୋଇଯାଆନ୍ତି । ସେମାନଙ୍କ ନିମନ୍ତେ ଅଲ୍ଲାଃତାଲାଙ୍କର ଏକ ପ୍ରତିଶୃତି ରହିଛି, ତାହା ଏହିକି ଯେ, وَمَنْ يَّتَّقِ اللّٰهَ يَجْعَلْ لَّهٗ مَخْرَجًا ۔ وَّيَرْزُقْهُ مِنْ حَيْثُ لَا يَحْتَسِبُ **(ଅତ୍ ତଲାକ୍:3-4)** ଅର୍ଥାତ୍ ଯେଉ ବ୍ୟକତି୍ ଧର୍ମପରାୟଣତା ଅବଲମ୍ବନ କରେ, ତାହାକୁ ଅଲ୍ଲାଃତାଲା ନିଜ କୃପାରୁ ପ୍ରତ୍ୟେକ ବିପତ୍ତି ଏବଂ ଦୁଃଖ କଷ୍ଟ ଠାରୁ ଉଦ୍ଧାର କରିଥାଆନ୍ତି ତାହାର ଜୀବିକାର ନିଜେ ସାହା ହୁଅନ୍ତି । ଅର୍ଥାତ୍ ନିଜେ ସେହି ବ୍ୟକ୍ତିକୁ ଜୀବିକା ପ୍ରଦାନ କରନ୍ତି ଏବଂ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ସେହି ବ୍ୟକ୍ତିକୁ ଏପରି ମାର୍ଗରେ ଅର୍ଥ ବା ଜୀବିକା ପ୍ରଦାନ କରନ୍ତି ଯେ ସେ କେବେ ବି ଏଥି ସଂକ୍ରାନ୍ତରେ କଳନା କରି ନଥିବ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-6, ପୃ-217, ସଂସ୍କରଣ ବର୍ଷ-2022 ମସିହା)**

ହଜୁର ଅନ୍‌ୱର୍ ଅ.ବ କହିଲେ, ଈଶ୍ୱରଙ୍କ ଉପରେ ଭରସା କରୁଥିବା ବ୍ୟକ୍ତି ଏବଂ ଈଶ୍ୱରଙ୍କ ନିକଟରେ ମଥାନତ ହେଉଥିବା ବ୍ୟକ୍ତି (ଉପାସନା କରୁଥିବା ବ୍ୟକ୍ତିକୁ) ଈଶ୍ୱର କେବେ ବି ଅବକ୍ଷୟ (ନଷ୍ଟ) ହେବାକୁ ଦିଅନ୍ତି ନାହିଁ ।

ହଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କୁହନ୍ତି: "ପ୍ରକୃତ ଜୀବିକା ପ୍ରଦାନକାରୀ ଅସ୍ତିତ୍ୱ ହେଉଛନ୍ତି ଅଲ୍ଲାଃତାଲା । ତେଣୁ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଉପରେ ଭରସା କରିଥାଏ, ସେହି ବ୍ୟକ୍ତି କେବେ ବି ଜୀବିକାରୁ ବଞ୍ଚିତ ହୋଇ ରହି ପାରିବ ନାହିଁ । ଈଶ୍ୱର ପ୍ରତ୍ୟେକ ପ୍ରକାରରୁ ଏବଂ ପ୍ରତ୍ୟେକ ସ୍ଥାନରୁ ତାହାଙ୍କ ଉପର ଭରସା କରୁଥିବା ବ୍ୟକ୍ତିମାନଙ୍କୁ ଜୀବିକା ଉପଲବ୍ଧ କରାଇଥାଆନ୍ତି । ଅତଏବ୍ ଅଲ୍ଲାଃତାଲା କୁହନ୍ତି ଯେ, ଯେଉଁ ବ୍ୟକ୍ତି ମୋ ଉପରେ ଭରସା କରେ, ମୁଁ ତା' ପାଇଁ ଆକାଶରୁ ବରଷିଥାଏ ଏବଂ ତା' ପାଦରୁ ମୁଁ ନିଃସୃତ (ବାହାରିଥାଏ) ହୋଇଥାଏ । ତେଣୁଁ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ କି ସେ ଈଶ୍ୱରଙ୍କ ଉପରେ ଭରସା କରୁ ।"

**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-9, ପୃ-240-241, ସଂସ୍କରଣ ବର୍ଷ-2022 ମସିହା)**

ହଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଅନେକ ଉପଦେଶାବଳୀ ବିଭିନ୍ନ ସ୍ଥାନରେ ବର୍ଣ୍ଣନା କରିଛନ୍ତି ଏବଂ ଉପରୋକ୍ତ ଆୟତର ବ୍ୟାଖ୍ୟା ମଧ୍ୟ କରିଛନ୍ତି । ଅଲ୍ଲାଃତାଲାଙ୍କର ଏହି ବିଶେଷ କୃପା ରହିଛି ଯେ, ଜମାଅତର ସଦସ୍ୟବୃନ୍ଦ ଉକ୍ତ କଥାକୁ ହୃଦୟଙ୍ଗମ କରନ୍ତି । ସେହି ସଦସ୍ୟବୃନ୍ଦ ଜମାଅତ୍ ସକାଶେ ବଳିଦାନ ମଧ୍ୟ ଦେଇଥାଆନ୍ତି ଏବଂ ଅଲ୍ଲାଃତାଲାଙ୍କର କୃପାର ଦୃଶ୍ୟକୁ ମଧ୍ୟ ଅବଲୋକନ କରନ୍ତି । ସଂସାରରେ ଏପରି ଅସଂଖ୍ୟ ଉଦାହରଣମାନ ରହିଛି । ସେହି ସବୁ ଉଦାହରଣଗୁଡ଼ିକ ଆମମାନଙ୍କ ସମ୍ମୁଖକୁ ଆସିଥାଏ । ଯେହେତୁ ମୁଁ ବର୍ତ୍ତମାନ ୱକଫେ ଜଦିଦ୍ ସଂକ୍ରାନ୍ତରେ କଥା କହିବି । ତେଣୁ ମୁଁ ସେହି ଲୋକମାନଙ୍କର କେତେକ ଉଦାହରଣ ଉପସ୍ଥାପିତ କରି ଦେଉଛି ଯେଉମାନେ ୱକଫେ ଜଦିଦର ଚାନ୍ଦା ଦେଇଛନ୍ତି ଏବଂ ସେମାନଙ୍କ ଉପରେ ଅଲ୍ଲାଃତାଲା ନିଜର କୃପା ଅବତୀର୍ଣ୍ଣ କରିଛନ୍ତି କିମ୍ବା ସେମାନଙ୍କୁ ଅଲ୍ଲାଃତାଲାଙ୍କ ଉପରେ କେତେ ବିଶ୍ୱାସ ଏବଂ ଭରସା ରହିଥିଲା ଯେ, ଯଦି ସେମାନେ ବଳିଦାନ ଦିଅନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କର ଆବଶ୍ୟକତାକୁ ଅବଶ୍ୟ ପୂରଣ କରିବେ । ଯେପରିକି ମୁଁ ପୂର୍ବେ ମଧ୍ୟ କହିଛି  ମଧ୍ୟବିତ୍ତ ଆୟ ଏବଂ ଅର୍ଥୋପାର୍ଜନ କରୁଥିବା ଲୋକମାନଙ୍କ ମଧ୍ୟରେ ବଳିଦାନ ଦେବାର ମନୋଭାବ ଅଧିକ ରହିଛି । ପ୍ରାୟତଃ ଏହି ଲୋକମାନଙ୍କର ଉଦାହରଣ ଆମମାନଙ୍କ ସମ୍ମୁଖରେ ଦେଖିବାକୁ ମିଳେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇଣ୍ଡେନେସିୟାର ପିଙ୍ଗର ନାମକ ଜମାଅତ୍ ରହିଛି ସେଠାକାର ତାହିରା ସାହେବା ନାମକ ଜନୈକ ମହିଳା ଅଟନ୍ତି, ସେ କୁହନ୍ତି ଯେ, "ମୁଁ ପାର୍ଟ ଟାଇମ୍ ଶିକ୍ଷୟିତ୍ରୀ ଥିଲି । ଦରମା ବହୁତ କମ୍ ମିଳୁଥିଲା । ୱକଫେ ଜଦିଦର ଆର୍ଥିକ ବର୍ଷ ସମାପ୍ତ ହେବା ଅବସରରେ ମୋତେ ଜାତୀୟ ସେକ୍ରେଟାରୀ ସାହେବଙ୍କ ସନ୍ଦେଶ ପ୍ରାପ୍ତ ହେଲା ଯେ, ମୋର ଏକ ଲକ୍ଷ ତିରିଶ ହଜାର ଟଙ୍କା ୱାଦା ବର୍ତ୍ତମାନ ବାକି ରହିଛି । ମୋ ନିକଟରେ କେବଳ ସ୍ୱଳ୍ପ ପରିମାଣର ଅର୍ଥରାଶି ରହିଥିଲା ଯେଉଁ ଅର୍ଥରାଶିକୁ ମୁଁ କ୍ଷୁଦ୍ର ବ୍ୟବସାୟ କରିବା ନିମନ୍ତେ ରଖିଥିଲି । ମୋ ନିକଟରେ ଏତିକି ପରିମାଣର ଅର୍ଥରାଶି ରହିଥିଲା ଯେଉଁ ଅର୍ଥରାଶିକୁ ମୁଁ ନିଜ ନିମନ୍ତେ ରଖିଥିଲି । ଅତଏବ୍ ମୋ ହୃଦୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେଲା । କିନ୍ତୁ ମୁଁ ଅଲ୍ଲାଃତାଲାଙ୍କ ଉପରେ ଭରସା କଲେ ଏବଂ ସେହି ସମସ୍ତ ଅର୍ଥେରାଶିକୁ ୱକଫେ ଜଦିଦର ଚାନ୍ଦାରେ ଦେଇଦେଲି। ସୁତରାଂ ଅଲ୍ଲାଃତାଲା ଏପରି କଲେ ଯେ, ଅନାଶାତିତ ବା ଅପ୍ରତ୍ୟାଶିତ ଭବାରେ ମୋତେ ବିଦ୍ୟାଳୟ ତରଫରୁ ବୋନସ୍ ମିଳିଗଲା । ସେହି ଅର୍ଥର ମୋତେ ଘୋର ଆବଶ୍ୟକତା ରହିଥିଲା ତତସହିତ ମୋତେ ଏହି ଶୁଭ ସୂଚନା ମଧ୍ୟ ମିଳିଲା ଯେ, ମୋର ନାମ ସରକାରଙ୍କ ତରଫରୁ ସବସିଡ଼ି ହିତାଧିକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କିରିନିଆଗଲା ।" ମହୋଦୟା କୁହନ୍ତି: "ମୁଁ ବର୍ତ୍ତମାନେ ସଠିକ୍ ଭାବରେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିପାରି ନଥିଲି କି ମୋର କାମ ଶୀଘ୍ର ହୋଇଗଲା । ଇତି ମଧ୍ୟରେ ମୋର ଶିକ୍ଷକ ପଞ୍ଜିକରଣ ସଂଖ୍ୟା ମଧ୍ୟ ଜାରି ହୋଇଗଲା । ଏହି ଶିକ୍ଷକ ପଞ୍ଜିକରଣ ସଂଖ୍ୟାକୁ ମୁଁ ଅନେକ ବର୍ଷ ଧରି ଅପେକ୍ଷା କୁରଥିଲି । ମୋର ଏହି ବିଶ୍ୱାସ ରିହଛି ଯେ, ଅଲ୍ଲାଃତାଲାଙ୍କ ଯେଉଁ କୃପା ମୋ ଉପରେ ହେଲା ତାହା ଚାନ୍ଦା ପୈଠ କରିବା ଦ୍ୱାରା ଏବଂ ଚାନ୍ଦାର ମହତ୍ତ୍ୱ ଯୋଗୁଁ ହିଁ ସମ୍ଭବପ ହୋଇପାରିଛି ।"

ହଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ପିଶ୍ଚିମ ଅଫ୍ରିକାର କେନିୟା ନାମକ ଏକ ଦେଶ ରହିଛି । ଇଣ୍ଡୋନେସିୟା ଏବଂ କେନିୟା ମଧ୍ୟରେ ସହସ୍ର ସହସ୍ର ମାଇଲର ବ୍ୟବଧାନ ରହିଛି । କିନ୍ତୁ ପ୍ରତ୍ୟେକ ସ୍ଥାନରେ ଲୋକମାନଙ୍କର ମାନସିକତା ଏବଂ ଚିନ୍ତାଧାରା କିପରିକା ରହିଛି ଏବଂ ଅଲ୍ଲାଃତାଲାଙ୍କର କୃପା କିପରିକା ରହିଛି ? ଅଲ୍ଲାଃତାଲେ ସେହି ଲୋକମାନଙ୍କୁ ଅର୍ଥାତ୍ ଆର୍ଥିକ ବଳିଦାନକାରୀମାନଙ୍କୁ କିପରି ପୁରସ୍କୃତ କରୁଛନ୍ତି । ଅତଏବ୍ କେନିୟାରେ ଅମୀର୍ ସାହେବ ଏକ ଘଟଣା ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ, ଜଣେ ମୁଅଲ୍ଲିମ୍ ତାଙ୍କୁ ଜନୈକା ମହିଳାଙ୍କର ଘଟଣା ସଂପର୍କରେ କହିଲେ । ସେହି ମହିଳା ଜଣକ ନିୟମିତ ରୂପେ ଚାନ୍ଦା ପୈଠ କରୁଥିଲେ ଏବଂ ତାଙ୍କର କୌଣସି ବିଶେଷ ଆୟ ନଥିବା ସତ୍ତ୍ୱେ ମଧ୍ୟ ସେ ଚାନ୍ଦା ଦିଅନ୍ତି । କିନ୍ତୁ ମହୋଦୟାଙ୍କ ବିଶେଷ ଆୟ ନଥିବା ସତ୍ତ୍ୱେ ମଧ୍ୟ ସେ ନିୟମିତ ଚାନ୍ଦା ପୈଠକାରୀଣୀ ମହିଳାଟିଏ ଅଟନ୍ତି । ଏପରି ପରିସ୍ଥିତିରେ ଏହା ଜଣେ ପଡ଼େ ଯେ, କେତେ ଆବଶ୍ୟକତା ରହିଛି ଏବଂ ଅର୍ଥ ପ୍ରତି କେତେ ପ୍ରେମ ରହିଥାଏ କିମ୍ବା କେତେ ପ୍ରେମ ରହିବା ଉଚିତ୍ । କିନ୍ତୁ ବର୍ତ୍ତମାନ ମୁଁ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବା ପ୍ରକୃତ ଅର୍ଥରେ ହୃଦୟକୁ କାଢି ଦେଇଦେବା ସହିତ ସମାନ ଅଟେ । ଯେପରିକି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ଯଦି ଅଲ୍ଲାଃତାଲାଙ୍କ ମାର୍ଗରେ କୌଣସି ବ୍ୟକ୍ତି ନିଜର ପ୍ରିୟ ଧନକୁ ବ୍ୟୟ କରିଦିଏ ତେବେ ସେହି ବ୍ୟକ୍ତି ନିଜର ହୃଦୟକୁ କାଢି ଦେଇଦେଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, "ଚଳିତ ବର୍ଷ ତାଙ୍କର ୱକଫେ ଜଦିଦର ଚାନ୍ଦା 400 ଶିଲଙ୍ଗ୍ ଥିଲା । ଏହ୍ ଅର୍ଥରାଶିକୁ ମହୋଦାୟା ପୈଠ କରି ଦେଇଥିଲେ । କିନ୍ତୁ ଅଲ୍ଲାଃତାଲା ସେହି ମହୋଦୟାଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କଲେ । ଅଲ୍ଲାଃତାଲା କୁହନ୍ତି ଯେ, ମୁଁ ଏପରି ସ୍ଥାନରେ ଜୀବିକା ପ୍ରଦାନ କରିଥାଏ ଯେ, ତୁମେମାନେ ସେଥି ସଂପର୍କରେ ଚିନ୍ତା ମଧ୍ୟ କରିପାରିବ ନାହିଁ । ଅଲ୍ଲାଃତାଲା ମହୋଦୟାଙ୍କୁ ଶୂନ୍ୟହସ୍ତ ଛାଡ଼ିଲେ ନାହିଁ। ଯେତେବେଳେ ମହୋଦୟା କହିଲେ, ମୁଁ ଶୂନ୍ୟହସ୍ତ ହୋଇଯାଇଛି ସେତେବେଳେ ଅଲ୍ଲାଃତାଲା ମହୋଦୟାଙ୍କୁ ଶୂନ୍ୟହସ୍ତ ଛାଡ଼ିଲେ ନାହିଁ । କିଛି ଦିନ ପରେ ମହୋଦୟାଙ୍କୁ ତାଙ୍କ ସୁପୁତ୍ରୀଙ୍କ ତରଫରୁ 1400 ଶିଲିଙ୍ଗ୍ ଏତେ ସ୍ୱଷ୍ଟତାର ସହିତ ପ୍ରାପ୍ତ ହେଲା ଯେ, ସେହି ଅର୍ଥରାଶି ମଧ୍ୟରେ ମହୋଦୟା ଚାନ୍ଦା ପୈଠ କରି ବଳକା ଅର୍ଥ ରାଶିରୁ ନିଜର ଖର୍ଚ୍ଚ ପୂରଣ କରିନେଲେ । ଏତଦପରେ ତାଙ୍କ ଅର୍ଥାତ୍ ମହୋଦୟାଙ୍କ ଜ୍ୱାଇଁ ଫୋନ୍ କଲେ । ସେଠାରେ ଏହି ପ୍ରଥା ରହିଛି ଯେ, କନ୍ୟାର ଯେଉଁ ହକ୍ ମେହେର୍ ରହିଛି ତାହା କନ୍ୟାର ମାତାପିତାଙ୍କୁ ପ୍ରାପ୍ତ ହୋଇଥାଏ । ଅତଏବ୍ ତାଙ୍କର ଅର୍ଥାତ୍ ମହୋଦୟାଙ୍କର ଜ୍ୱାଇଁ କହିଲେ, ଶାଶୁ ମା ମୁଁ ଆପଣଙ୍କ ଝିଅର ହକ୍ ମେହେର୍ର ଅର୍ଥରାଶି ଦେବି (ପୈଠ କରିବି) । ସେ ହକ୍  ମେହେରରେ ଦୁଇଟି ଗାଈ ଦେଲେ । ସେହି 2ଟି ଗାଈର ମୂଲ୍ୟ 90,000 ଶିଲିଙ୍ଗ୍ ହେବ, ଉକ୍ତ ଅର୍ଥରାଶି ଜ୍ୱାଇଁ ନିଜର ଶାଶୁଙ୍କୁ ପ୍ରେରଣ କିରଦେଲେ । ମହୋଦୟା କୁହନ୍ତି ଯେ, କେବଳ ସେତିକି ନୁହେଁ ଯେ, ମୁଁ 400 ଶିଲିଙ୍ଗ ଚାନ୍ଦା ଦେଇଥିଲି । କିନ୍ତୁ ଅଲ୍ଲାଃତାଲା ମୋତେ ଅସଂଖ୍ୟ ଏବଂ ଅସାଧାରଣ ରୂପେ ପୁରସ୍କୃତ ଓ ସମ୍ମାନିତ କଲେ । ଅର୍ଥାତ୍ ଅଲ୍ଲାଃତାଲା ମୋତେ ଏପରି ସ୍ଥାନରୁ ଦେଲେ ଯେ, ମୁଁ ସେ ସଂପର୍କରେ କଳ୍ପନା ମଧ୍ୟ କରି ନଥିଲି । ପୁନଶ୍ଚ ଅତ୍ମୀୟ ସ୍ୱଜନ ଏବଂ ସଂପର୍କୀୟମାନଙ୍କ ଓ ସନ୍ତାନମାନଙ୍କ ପକ୍ଷରୁ ମଧ୍ୟ ତାଙ୍କୁ (ମହୋଦୟାଙ୍କୁ) ଉପହାରା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ବସ୍ତୁ ନିମନ୍ତେ ଅର୍ଥ ପହଞ୍ଚିବା ଆରମ୍ଭ ହୋଇଗଲା । ଏହା ଦେଖି ମହୋଦୟା ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କଲେ ଏବଂ ଉକ୍ତ କଥାର ବିଶ୍ୱାସଟି ସଂପୂର୍ଣ୍ଣ ହୋଇଗଲା ଯେ, ମହୋଦୟା ଅଲ୍ଲାଃତାଲାଙ୍କ ମାର୍ଗରେ ଯେଉଁ ଚାନ୍ଦା ଦେଇଥିଲେ ସେହି ଚାନ୍ଦାର ଏହା ଅଜସ୍ର  କଲ୍ୟାଣ ଥିଲା ।"

ହୁଜୁର ଅନୱର୍ ଅ.ବ କହିଲେ, ଚାନ୍ଦା ପୈଠ କରିବା ଦ୍ୱାରା ଅଲ୍ଲାଃତାଲାଙ୍କ କୃପାଲାଭ ଏବଂ କୃପାବତୀର୍ଣ୍ଣ ହୋଇଥାଏ । ତତସହିତ ଅଲ୍ଲାଃତାଲାଙ୍କ କୃପାକୁ ଦେଖି ଲୋକମାନଙ୍କ ବିଶ୍ୱାସ ମଧ୍ୟ ବୃଦ୍ଧି ପାଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଫ୍ରିକାର ଆଉ ଏକ ଦେଶ ରହିଛା ଯାହା ନାମ ହେଲା ଗିନି କରାକିରୀ । ସେଠାକାର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, କୁଣିୟା ଅଞ୍ଚଳରେ ଏକ ଗ୍ରାମ ରହିଛି ସେଠାରେ ଜଣେ ଅହମଦି ମହିଳା ଅଛନ୍ତି। ସେହି ମହିଳା ଜଣକ ନିଜର ଚଳିତ ବର୍ଷର ୱାଦା ଏକ ଲକ୍ଷ ପଚାଶ ହଜାର ଗିନି କରାକିରୀ ଫ୍ରାଙ୍କ୍ ମୁଦ୍ରା ଲେଖାଇଥିଲେ । ଶୁଣିବାରେ ତ' ଏହି ଅର୍ଥରାଶି ଲକ୍ଷାଧିକ ବୋଲି ପ୍ରତୀୟମାନ ହେଉଛି କିନ୍ତୁ ସେଠାରେ ଅର୍ଥରାଶିର ମୂଲ୍ୟ କିଛି ବି ନାହିଁ। ତେଣୁ ଏହା ଅତି ସାଧାରଣ ଅର୍ଥରାଶି ଅଟେ । ସେ ଯାହା ହେଉ ନା କାହିଁକି ବର୍ଷ ଶେଷରେ ଆମର ସ୍ଥାନୀୟ ମିଶନାରୀ ମହୋଦୟାଙ୍କ ଗ୍ରମକୁ ଚାନ୍ଦା ଆଦାୟ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

କରିବା ନିମନ୍ତେ ଗଲେ । ମହୋଦୟା ପନି ପରିବା ବିକ୍ରି କରିବା ନିମନ୍ତେ ବଜାରକୁ ଯାଇଥିଲେ । ସମୟ କମ୍ ଥିଲା ତେଣୁ ମୁଅଲ୍ଲିମ୍ ସାହେବ ମହୋଦୟାଙ୍କ ପାଖକୁ ମାର୍କେଟକୁ ଚାଲିଗଲେ ଏବଂ ତାଙ୍କୁ କହିଲେ, ଶ୍ରୀମତି ! ଆପଣଙ୍କର ଚାନ୍ଦା ବାକି ରହିଯାଇଛି । ଅର୍ଥାତ୍ ଆପଣ ଯାହା ୱାଦା ଲେଖାଇଥିଲେ ସେହି ୱାଦା ବାକି ରହିଯାଇଛି । ମହୋଦୟା କହିଲେ, ମୌଲବୀ ସାହେବ ! ବର୍ତ୍ତମାନ ଚାନ୍ଦା ଦେହା ନିମନ୍ତେ କିଛି ବି ପଇସା ନାହିଁ । ସେ କହିଲେ, ଆପଣ ବର୍ତ୍ତମାନ ଚାଲି ଯାଆନ୍ତୁ ଏବଂ ମୁଁ ଇନଶାଆଲ୍ଲାଃ ପୈଠ କରିଦେବି ।

ହୁଜୁର ଅନୱର୍ ଅ.ବ କହିଲେ, ବର୍ତ୍ତମାନ ଦେଖନ୍ତୁ ଯେ, ଏହି ମହିଳା ଜଣକ ଯିଏ ବିଶ୍ୱାସ ଆଣିଛନ୍ତି, ଇସଲାମ୍ ଏବଂ ଅହମଦିୟତ୍ ସ୍ୱୀକାର କରିଛନ୍ତି, ସେ ନିଜ ବିଶ୍ୱାସର କିପରି ଉନ୍ନତି କଲେ । ଏହା ନୁହେଁ ଯେ, ଆପଣ ଟାଳଟୁଳ କଲେ ଯେ, ଚାଲି ଯାଆନ୍ତୁ ବର୍ତ୍ତମାନ ମୁଁ କିଛି ଦେଇ ପାରିବି ନାହିଁ । ବରଂ ମହୋଦୟା କହିଲେ, ମୌଲବୀ ସହେବ ମୋ ପାଖରେ ବର୍ତ୍ତମାନ କିଛି ନାହିଁ । ମୁଁ ଖୁବ୍ ଶୀଘ୍ର ବ୍ୟବସ୍ଥା କରି ଆପଣଙ୍କୁ ପହଞ୍ଚାଇ ଦେବି । ସେ ଯାହା ହେଉ ଆମର ମୁବଲ୍ଲିଗ୍ ସାହେବ ସେଠାରୁ ଚାଲିଗଲେ । ସେଠାରୁ ମୁବଲ୍ଲିଗ୍ ସାହେବ ପରବର୍ତ୍ତୀ ଗ୍ରାମକୁ ଗଲେ । ସେଠାରୁ ଯେତେବେଳେ ମୁବଲ୍ଲିଗ୍ ସାହେବ ଯେତେବେଳେ ଫେରି ଆସିଲେ ସେତେବେଳେ ଆପଣ ଅର୍ଥା ମୁବଲ୍ଲିଗ୍ ସାହେବ ପୁନଶ୍ଚ ସେହି ମହିଳାଙ୍କ ପାଖକୁ ଆସିଲେ । ଅତଏବ୍ ସେହି ମହିଳା ଜଣକ ଏକ ଲକ୍ଷ ଫ୍ରାଙ୍କ ଉପସ୍ଥାପିତ କଲେ ଏବଂ କହିବାକୁ ଲାଗିଲେ ଯେ, ଆଜି ମୋ ଦିନ ତମାମର ରୋଜଗାର ଏହି ଅର୍ଥ ରାଶି ଅଟେ ଯାହାକୁ ମୁଁ ଅଲ୍ଲାଃତାଲାଙ୍କ ମର୍ଗରେ ଉପସ୍ଥାପିତ କରୁଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ମହୋଦୟା କୁହନ୍ତି: "ଅନେକ ଦିନ ହେଲା ଆମ ଘରେ କିଛି ଭଲ ଖାଦ୍ୟ ରନ୍ଧା ହୋଇ ନଥିଲା । ଅତି ସାଧାରଣ ଖଦ୍ୟ ମହୋଦୟା ନିଜର ସନ୍ତାନମାନଙ୍କୁ ଖୁଆଉଥିଲେ । ମହୋଦୟା କୁହନ୍ତି ଯେ, ଆଜି ମୁଁ ଏହି ଇଚ୍ଛା ବ୍ୟକ୍ତ କଲି କି ଆଜି ଯାହା ରୋଜଗାର କରିବି ତହିଁରୁ ପିଲାମାନଙ୍କୁ ଭଲ ଆହାର ଖୁଆଇବି । କିନ୍ତୁ ଆପଣ ଯାହା ମୋତେ କହିଲେ, ଏବଂ ମୋର ମଧ୍ୟ ବ୍ୟକ୍ତିଗତ ଅଭିଜ୍ଞତା ରହିଛି ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନ ମଧ୍ୟରୁ ଦିଆଯାଇଥିବା ବଳିଦାନକୁ ଅ ଲ୍ଲାଃତାଲା କେବେ ବି ନଷ୍ଟ ହେବାକୁ ଦିଅନ୍ତି ନାହିଁ । ଅଲ୍ଲାଃତାଲା ଏପରି ସ୍ଥାନରୁ ଧନ ଉପଲବ୍ଧ କରାନ୍ତି ଯେ, ମନୁଷ୍ୟ ଚିନ୍ତା ମଧ୍ୟ କରିପାରିବ ନାହିଁ । ଅତଏବ୍ ମୁଁ ଏହା ଭାବିଲି ଯେ, ମୋର ବଳିଦାନ କେବେ ବ୍ୟର୍ଥ ଯିବ ନାହିଁ ଏବଂ ଆଜି ମୁଁ ନିଜ ଚାନ୍ଦାର ସମସ୍ତ ୱାଦା ପୈଠ କରିଦେବି । ତେବେ ସ୍ଥାନୀୟ ମିଶନାରୀ ସାହେବ କୁହନ୍ତି ଯେ, ମୁଁ ସେଇଠି ଛିଡ଼ା ହୋଇଥିଲି କି ଇତି ମଧ୍ୟରେ ସେହି ମହିଳାଙ୍କୁ ନି ଜ ପୁତ୍ରର ଫୋନ୍ ଆସିଲା । ମହୋଦୟାଙ୍କର ସୁପୁତ୍ର କହିଲା, ମା ମୋ ପାଖରେ କିଛି ଜିନିଷ ରହିଛି ଯାହାକୁ ମୁଁ ଆପଣଙ୍କୁ ଦେବା ନିମନ୍ତେ ରଖିଛି । ତେଣୁ ମାତା ! ଆପଣ ଅମକ ସ୍ଥାନକୁ ମୋ ପାଖକୁ ଚାଲି ଆସନ୍ତୁ ଏବଂ ଆସି ଜିନିଷ ନେଇ ଯାଆନ୍ତୁ। ଅତଏବ୍ ମୁଁ ନିଜର ପୁତ୍ରକୁ ଭେଟିବା ନିମନ୍ତେ ଯେତେବେଳେ ଗଲି ସେତେବେଳେ ପୁତ୍ର ମୋତେ ପାଞ୍ଚ ଲକ୍ଷ ଫ୍ରାଙ୍କ ଅର୍ଥରାଶି ଦେଇ କହିଲା, ମାତା ! ଏହି ଅର୍ଥରାଶି ଘର ଖର୍ଚ୍ଚ ନିମନ୍ତେ ଉଦ୍ଦିଷ୍ଟ ଅଟ । ମହିଳା ଜଣକ ସହାସ୍ୟ ଫେରି ଆସିଲେ ଏବଂ ଫେରି ଆସି ଉକ୍ତ କଥା କହିବା ଆରମ୍ଭ କରିଥିଲେ କି ସେତିକିବେଳେ ଦୁଇଥର ଫୋନ ରିଙ୍ଗ ହେଲା । ଦ୍ୱିତୀୟ ପୁତ୍ର ଯେକି ଦ୍ୱିତୀୟ ସହରେ ରହୁଥିଲା ସେ କହିଲା, ମା ! ମୁଁ ପାଖରେ ଛିଡ଼ା ହୋଇଛି ଏବଂ ଗୋଟେ ଜାଗାକୁ ଯାଉଛି । ତେଣୁ ମୁଁ ଆପଣଙ୍କ ପାଖକୁ ଆସି ପାରିବି ନାହିଁ । ଦୟାକରି ଆପଣ ମୋ ପାଖକୁ ଆସନ୍ତୁ ଏବଂ ମୋ ପାଖରେ ଆପଣଙ୍କ ନିମନ୍ତେ କିଛି ଉପହାର ରହିଛି । ଅତଏବ୍ ମାତାଶ୍ରୀ ଯେତେବେଳେ ନିଜର ଦ୍ୱିତୀୟ ପୁତ୍ର ପାଖକୁ ଭେଟିବାକୁ ଗଲେ ସେତେବେଳେ ଦ୍ୱିତୀୟ ପୁତ୍ର ତାଙ୍କୁ ତିନି ଲକ୍ଷ ଫ୍ରାଙ୍କ୍ ଦେଲେ ଏବଂ କହିଲେ, ମା ! ଏହା ହେଉଛି ଘର ଖର୍ଚ୍ଚ ଆପଣ ରଖନ୍ତୁ । ମହିଳା ଜଣକ ସେଠାରୁ ଫେରି ଆସି କହିଲେ, ଏହା କେବଳ ଅଲ୍ଲାଃତାଲାଙ୍କ କୃପା ନୁହଁ ବରଂ ମୋର ବିଶ୍ୱାସରେ ମଧ୍ୟ ଉନ୍ନିତ ଘଟିଛି ଓ ମୋର ବିଶ୍ୱାସ ଦୃଢୀଭୂତ ହୋଇଛି। ଅଲ୍ଲାଃତାଲା କିପରି ଜମାଅତ୍ ସକାଶେ ବଳିଦାନ ଦେବା ଯୋଗୁଁ ମୋତେ ସମ୍ମାନିତ କଲେ । ମୁଁ ଉକ୍ତ କଥାକୁ ବୁଝୁଛି ଯେ, ନିଃସନ୍ଦେହ ରୂପେ ଜମାଅତ୍ ସତ୍ୟ ଉପରେ ପ୍ରତିଷ୍ଠିତ ଅଟେ । ଅଲ୍ଲାଃତାଲା ବିଶ୍ୱାସକୁ ଦୃଢୀଭୂତ କରିଥାଆନ୍ତି ଏବଂ ତାହାଙ୍କ ମାର୍ଗରେ ଆମେମନେ ଯେଉଁ ବଳିଦାନ ଦେଇଥାଉ ତାହା ଅଲ୍ଲାଃତାଲାଙ୍କ ନିକଟରେ ଅବଶ୍ୟ ଗୃହୀତ ହୋଇଥାଏ । ମହୋଦୟା କୁହନ୍ତି ଯେ, ମୁଁ ତ' ଏକ ଲକ୍ଷ ଦେଇଥିଲି ଅଲ୍ଲାଃତାଲା ମୋତେ ଅନେକ ଗୁଣା କରି ଦେଇଦେଲେ ।"

ହୁଜୁର ଅନୱର୍ ଅ.ବ କହିଲେ, ପୁନଶ୍ଚ କାଜାକିସାନ୍ସରେ ସହର ଅକତାଉ (Aktau)ର ଜନୈକ ନୈଷ୍ଟିକ ବନ୍ଧୁ ଅଲି ବେକ୍ ସାହେବଙ୍କର ଘଟଣା ରିହଛି । ଆପଣ ନିୟମିତ ଚାନ୍ଦା ଦେଉଥିଲେ । ପ୍ରତ୍ୟେକ ମାସରେ ଯଥା ସମୟରେ ଚାନ୍ଦା ପୈଠ କରନ୍ତି । କିଛି କାଳ ଧରି କୌଣସି ଅସୁବିଧା ଯୋଗୁଁ ଆପଣ ଚାନ୍ଦା ଦେଇପାରୁ ନଥିଲେ । ଏପର୍ଯ୍ୟନ୍ତକି ଅନିର୍ବାର୍ଯ୍ୟମୂଳକ ଚାନ୍ଦା ୱକଫେ ଜଦିଦର ବର୍ଷ ସମାପ୍ତ ହେବାକୁ ଆଉ କିଛି ଦିନ ବାକି ରହିଥିଲା । କିନ୍ତୁ ଆପଣ ଚାନ୍ଦା ପୈଠ କରି ପାରିଲେ ନାହିଁ । ଆପଣ ଏଥି ନିମନ୍ତେ ଚିନ୍ତିତ ଥିଲେ । ଦିନେ ଜୁମା ନମାଜ ପରେ ସ୍ୱୟଂ କହିବାକୁ ଲାଗିଲେ ଯେ, ମୋର ଋଣଭାର ଅଧିକ ହୋଇଯାଇଛି ଯଦ୍ଦ୍ୱାରାକି ବ୍ୟାଙ୍କ ମୋର ଆକାଉଣ୍ଟ ବନ୍ଦ କରିଦେଇଥିଲା ଏବଂ ସେହି କାରଣରୁ ମୁଁ ଚାନ୍ଦା ଦେଇପାରୁ ନାହିଁ । ମୁଁ ଦୁଆ କରୁଥିଲି ଯେ, ଅଲ୍ଲାଃତାଲାନିଜର କୃପା ମୋ ଉପରେ ଅବତୀର୍ଣ୍ଣ କରନ୍ତୁ । ଦିନେ ଯେଉଁ କମ୍ପାନୀରେ ମୁଁ କାମ କରୁଥିଲି ସେଠାକାର ଅଫିସର ଆମକୁ ଭଲ ଅର୍ଥରାଶି ବୋନସ୍ ଦେଲେ । ସେହି ବୋନସକୁ ଆମ ଏକ ବର୍ଷ୍ୟ ଧରି ଅପେକ୍ଷା କରୁଥିଲୁ । ବୋନସ୍ ମିଳିବାର କୌଣସି ସମ୍ଭାବନା ଦେଖାଯାଉ ନଥିଲା । ସେ ଯାହା ହେଉ ଅର୍ଥରାଶି ମିଳିଗଲା ଏବଂ ଈଶ୍ୱରଙ୍କ କୃପାରୁ ଋଣ ମଧ୍ୟ ପରିଶୋଧ ହୋଇଗଲା ଓ ମୋର ଯେଉଁ ଚାନ୍ଦା ବାକି ରହିଥିଲା ତାହା ମଧ୍ୟ ମୁଁ ପୈଠ କରିଦେଲି । ଅଲୀ ବେକ୍ ସାହେବ କୁହନ୍ତି ଯେ, ମୋର ଏହି ଦୃଢ ବିଶ୍ୱାସ ରିହଛି ଯେ, ଏହି କୃପା କେବଳ ଏଥିଯୋଗୁଁ ସମ୍ଭଭପର ହୋଇପାରିଛି ଯେ, ମୁଁ ନିଜର ଚାନ୍ଦା ପୈଠ କରିପାରିବ ।

ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା କାହାରି ଧାର ରଖନ୍ତି ନାହିଁ ଏବଂ ଅପ୍ରତ୍ୟାଶିତ ଭାବରେ ଅର୍ଥ ପ୍ରଦାନ କରିବାର ଏକ ଘଟଣା ଅଷ୍ଟ୍ରେଲିୟାର ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ଗୋଲ୍ଡ୍ କୋଷ୍ଟର ଜଣେ ବନ୍ଧୁ ନିଜର ୱକଫେ ଜଦିଦର ଚାନ୍ଦା ଏକ ହଜାର ଡଲାର ପୈଠ କରିଥିଲେ । ସେ କୁହନ୍ତି ଯେ, ମୁଁ ତାଙ୍କର ଧ୍ୟାନ ଆକର୍ଷଣ କଲି ଯେ, ମହୋଦୟ ଆପଣ ଉକ୍ତ ତେହରିକ (ଅହ୍ୱାନ)ରେ ଅତିରିକ୍ତ ଆର୍ଥିକ ବଳିଦାନ ଉପସ୍ଥାପିତ କରନ୍ତୁ । ପ୍ରାୟତଃ ଅନେକ ଲୋକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ କିନ୍ତୁ ମଧମ ସ୍ତରର ଆର୍ଥି ସ୍ୱଚ୍ଛଳ ଥିବା ବ୍ୟକ୍ତିମାନେ ସେତେଟା ଆର୍ଥିକ ବଳିଦାନ ଦେଇ ନଥାଆନ୍ତି ଯେତେ ଦରିଦ୍ର ଓ ଅଭାବି ବ୍ୟକ୍ତିମାନେ ଆର୍ଥିକ ବଳିଦାନ ଦେଇଥାଆନ୍ତି । ଅତଏବ୍ ଅଭାବି, ଦରିଦ୍ରମାନଙ୍କ ତୁଳନାରେ ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତିମାନଙ୍କର ସ୍ତର ଭଲ ନୁହେଁ । ସେ ଯାହା ହେଉ ଏଠାରେ ଅନେକ ଆର୍ଥିକ ପରିସ୍ଥିତିରେ ରହୁଥିବା ଲୋକମାନଙ୍କର ଘଟଣାବଳୀ ମଧ୍ୟ ବର୍ଣ୍ଣା କରୁଛି ଯେଉଁମାନେ ଜମାଅତ୍ ସକାଶେ ବଳିଦାନ ଦେଇଥାଆନ୍ତି । ସେହି ବନ୍ଧୁ ଜଣକ ଏକ ହଜାର୍ ଡଲାର୍ ୱାଦା କରିଥିଲେ ଏବଂ ପୈଠ ମଧ୍ୟ କରିଦେଇଥିଲେ । ଯେତେବେଳେ ତାଙ୍କର ଦୃଷ୍ଟି ଆକର୍ଷଣ କରାଗଲା ଏବଂ ମହୋଦୟଙ୍କୁ କୁହାଗଲା କି ମହୋଦୟ ! ଆପଣ ଅତିରିକ୍ତ ବଳିଦାନ ଦିଅନ୍ତିେ ତେବେ ସେ 6 ହଜାର ଅତିରିକ୍ତ ଡଲାର୍ ଉପସ୍ଥାପିତ କରିଦେଲେ । ଅର୍ଥାତ୍ ନିଜର ଚାନ୍ଦା 6 ଗୁଣା ବୃଦ୍ଧି କରିଦେଲେ ଏବଂ ଏହିପରି ଭବାରେ ସାମଗ୍ରିକ ରୂପେ 7 ହଜାର ଡଲାର ପୈଠ କରିଦେଲେ । ପରବର୍ତ୍ତୀ ଦିନ ମହୋଦୟଙ୍କର ଫୋନ୍ ଆସିଲା । ମହୋଦୟ କହିଲେ, ମୋ ପତ୍ନିଙ୍କୁ ଇନଶୁରାନସ୍ କମ୍ପାନୀ ପକ୍ଷରୁ ଏକ ଫୋନ୍ କଲ୍ ଆସିଥିଲା । ସେହି ଫୋନ୍ କଲରେ କମ୍ପାନୀ କର୍ତ୍ତୃପକ୍ଷ ଏହା କହିଲେ କି ମହୋଦୟା ଆପଣଙ୍କର ଇନଶୁରାନସ୍ କ୍ଲେମ ଯାହା ପ୍ରସ ସେରେ ଥିଲା ସେହି ଇନଶୁରାନସ୍ ସଂପର୍କରେ ପୂର୍ବେ ଆମକୁ ଜଣା ନଥିଲା । ଅତଏବ୍ ସେହି ଇନଶୁରାନସ୍ ଆମକୁ ମିଳିଗଲା । ଫଳତଃ ଆମକୁ 12,000 ଡଲାର୍ ଅର୍ଥରାଶି ରିଫଣ୍ଡ ଆକାରରେ ମିଳିଗଲା । ସେହି ବନ୍ଧୁ କୁହନ୍ତି ଯେ, ମୁଁ 6000ର ବଳିଦା ଦେଇଥିଲି ଅଲ୍ଲାଃତାଲା ମୋତେ ଦୁଇ ଦିନ ମଧ୍ୟରେ ଦୁଇ ଗୁଣା କରି ମୋତେ ମୋର ଅର୍ଥରାଶି ଫେରସ୍ତ କରିଦେଲେ ଏବଂ ଏପରି ସ୍ରୋତ ତଥା ମାଧ୍ୟମରୁ ଅର୍ଥ ଫେରସ୍ତ କରିଦେଲେ ଯେ, ମୁଁ ସେଥି ସଂକ୍ରାନ୍ତରେ ଆଶା ମଧ୍ୟ କରିପାରୁ ନଥିଲି ।

ହୁଜୁର ଅନୱର୍ ଅ.ବ କହିଲେ, ପୁନଶ୍ଚ ଗିନି ବସାଓର ମୁବଲ୍ଲିଗ୍ ସାହେବ ଅପ୍ରତ୍ୟାଶିତ ଅଲ୍ଲାଃତାଲାଙ୍କ ସାହାଯ୍ୟର ଦୃଶ୍ୟ ସଂପର୍କରେ ବର୍ଣ୍ଣନା କରି ଏକ ଘଟଣା ଉଲ୍ଲେଖ କରନ୍ତି ଯେ, ଅବୁ ସିନା ନାମକ ଜଣେ ନୈଷ୍ଟିକ ଅହମଦି ଦେଶ ବାହାରେ ଥିଲେ । ଆପଣ ଅନେକ ସମୟ ବିତିବା ସତ୍ତ୍ୱେ ତାଙ୍କୁ କୌଣସି ଉଚିତ୍ ଚାକିରୀ ମିଳୁ ନଥିଲା । ଯଦ୍ଦ୍ୱାରାକି ସେ ଆର୍ଥିକ ଚାପର ଶିକାର ଥିଲେ । ବିଦେଶର ମନୁଷ୍ୟ ଥିବ, ଆଉ ତା' ପାଖରେ ଚାକିରୀ ନଥିବ, ଆର୍ଥିକ ଚାପ ଯଦି ଥାଏ ତେବେ ବ୍ୟକ୍ତିର କି ଅବସ୍ଥା ହୋଇଥାଏ, ତାହା ଆପଣମାନେ ଅନୁଭବ କରିପାରିବେ ? ସେହି

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ସମୟରେ ବ୍ୟକ୍ତି ହାତକୁ ଯଦି କୌଣସି ଅର୍ଥ ଆସି ତେବେ ସେହି ଅର୍ଥ ବ୍ୟକ୍ତିକୁ ଅତି ପ୍ରିୟ ବୋଲି ମନେହୁଏ ଏବଂ ବ୍ୟକ୍ତି ସେହି ଅର୍ଥ ନିଜ ଉପରେ ହିଁ ଖର୍ଚ୍ଚ କରିଥାଏ । କିନ୍ତୁ ସେହି ନୈଷ୍ଠିକମାନଙ୍କର ଅବସ୍ଥା ଦେଖନ୍ତୁ ଯେ, ସେହି ସମୟରେ ଜମାଅତ୍ ତରଫରୁ ଚାନ୍ଦା ଦେବା ନିମନ୍ତେ ତେହରିକ୍ (ଅହ୍ୱାନା ଦିଆଗଲା) କରାଗଲା । ସୁତରାଂ ସେହି ତେହରିକ୍ ଉପରେ ଲବବୈକ କହି ଅବୁ ସାନିୟା ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଉପସ୍ଥାପିତ କଲେ ଏବଂ ନିଜ ପାଖରେ ଯାହା କିଛି ରହିଥିଲା ତାହା ଆପଣ ଦେଇଦେଲେ । ଯଦିଓ ବର୍ତ୍ତମାନେ ତାଙ୍କ ପାଖରେ କିଛି ଖାସ୍ ଅର୍ଥ ମଧ ନଥିଲା । କିନ୍ତୁ ତଥାପି ତାଙ୍କ ପାଖରେ ଯାହା କିଛି ରହିଥିଲା ତାହା ତାଙ୍କର ଅତି ପ୍ରିୟ ଥିଲା । କିନ୍ତୁ ସେ ସେହି ଅର୍ଥରାଶିକୁ ମଧ ଅଲ୍ଲାଃତାଲାଙ୍କ ମାର୍ଗରେ ଦେଇଦଲେ। ସେ ଯାହା ହେଉଅଲ୍ଲାଃତାଲା ତଙ୍କର ବଳିଦାକୁ ଯଥାଶୀଘ୍ର ସ୍ୱୀକରା କରିନେଲେ। ମହୋୟଦୟଙ୍କ ଚାନ୍ଦା ଦେବାକୁ ଗୋଟିଏ ସପ୍ତାହ ବିତିଥିଲା କି ଏକ କମ୍ପାନୀ ପକ୍ଷରୁ ତାଙ୍କୁ ଫୋନ୍ କଲ୍ ଆସିଲା ଯେ, ତାଙ୍କୁ ବିନା ସାକ୍ଷାତକାରରେ ରଖାଯାଉଛି । ସେ ଆବେଦନ ଦେଇଥିଲେ । ସେ କହିଲେ, ଇଣ୍ଟରଭ୍ୟୁର ଆବଶ୍ୟକତା ନାହିଁ ଆସି ଯାଆନ୍ତୁ । ସେଇଥି ପାଇଁ ସେ ନିଜର କାମକୁ ଚାଲି ଆସିଲେ । ଅବୁ ସାନିୟା ସାହେବ ବର୍ଣ୍ଣନା କରନ୍ତି ଯେ, ଏହା ଅଲ୍ଲାଃତାଲାଙ୍କ ମାର୍ଗରେ ଦିଆଯାଇଥିବା ବଳିଦାନର କଲ୍ୟାଣ ଅଟେ ଏବଂ ତା'ର ପ୍ରତିଶୃତି ବ୍ୟବହାରିକ ପୂର୍ଣ୍ଣତା ଅଟେ । ଅର୍ଥାତ୍ ଅଲ୍ଲାଃତାଲା ଅନେକ ଗୁଣା ବୃଦ୍ଧି କରି ପ୍ରଦାନ କରିଥାଆନ୍ତି । ପୁନଶ୍ଚ ଅପ୍ରତ୍ୟାଶିତ ଭାବରେ ଏପରି ଦେଲେ ଯାହାର ସେ କଳନା ମଧ କରି ନଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଋଷିୟାର ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଯେ, ଇକ୍ରାମ୍ ଜାନ୍ ସାହେବ ନାମକ ଜଣେ ନୈଷ୍ଠିକ ଅହମଦି ଅଟନ୍ତି । ସେ କୁହନ୍ତି ଯେ, ବିଗତ ମାସରେ ସେ ନିଜର ଚାନ୍ଦା ପଠାଇଦେଲେ ଏବଂ ଅତ୍ୟନ୍ତ ଆବେଗ ପ୍ରବଣ ଶୈଳୀରେ ବର୍ଣ୍ଣନା କଲେ ଯେ, ବିଗତ ଦୁଇ ମାସ ହେଲା ଚାନ୍ଦା ପୈଠ କରିପାରି ନଥିଲି ଏବଂ ବହୁତ ଚିନ୍ତିତ ଥିଲି କି ମୁଁ ଈଶ୍ୱରଙ୍କ ମାର୍ଗରେ ବଳିଦାନ କରିବାରୁ ବଞ୍ଚିତ ଅଟେ ।

ହୁଜୁର ଅନ୍ୱର୍ ଅଆ.ବ କହିଲେ, ବର୍ତ୍ତମାନ ଦେଖନ୍ତୁ ଯେ, ମହୋଦୟ ଜଣ ନୂତନ ଅମହଦି ଅଟନ୍ତି । ଦୂରବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ବ୍ୟକ୍ତି ଅଟନ୍ତି । କିନ୍ତୁ ଆପଣ କେତେକ ଚିନ୍ତିତ ଅଟନ୍ତି ଯେ, ଆପଣ କୁହନ୍ତି ଯେ, ଆପଣ ଆର୍ଥିକ ବଳିଦାନ ଦେବେ। କାରଣ ସେ ଏହି ବିଶ୍ୱାସ ରଖନ୍ତି ଯେ, ଆର୍ଥିକ ବଳିଦାନ କରିବା ଦ୍ୱାରା ଅଲ୍ଲାଃତାଲା ଆମମାନଙ୍କ ଉପରେ ନିଜର କୃପା ଅବତୀର୍ଣ୍ଣ କରିଥାଆନ୍ତି । ମହୋଦୟ କୁହନ୍ତି ଯେ, ମୁଁ ବହୁତ ଦୁଆ କୁରଥିଲି । ଲୋକମାନେ ନିଜର ବ୍ୟବସାୟ ନିମନ୍ତେ ଦୁଆ କରୁଥିଲେ। କିନ୍ତୁ ସେମାନଙ୍କୁ ଯଦି ଚିନ୍ତା ଥିଲା ତେବେ ଅର୍ଥର ଚିନ୍ତା ଥିଲା । କିନ୍ତୁ ମହୋଦୟଙ୍କୁ ଏହି ଚିନ୍ତା ଏଇଥି ପାଇଁ ଥିଲା ଯେ, ସେ ଚାନ୍ଦା ପୈଠ କରିବେ। ସେ ଯାହା ହେଉ ମହୋଦୟ କୁହନ୍ତି ଯେ, ମୁଁ ବହୁତ୍ ଦୁଆ କଲି କି ଅଲ୍ଲାଃତାଲା ମୋତେ ସାହାଯ୍ୟ କରନ୍ତୁ । କାରଣ ମୁଁଏହି ପୁଣ୍ୟରୁ ଯେପରି ପଛେଇ ନଯାଏ ଓ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ କରିବାରୁ ବଞ୍ଚିତ ରହି ନଯାଏ । ଦିନେ କାର୍ଯ୍ୟାଳୟ ଯିବା ସମୟରେ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ଦ୍ୱା କଲି ଯେ, ହେ ଅଲ୍ଲାଃ ମୋର ବେତନ (ଦରମା) ମୋତେ ଶୀଘ୍ର ମିଳିଯାଉ । କାରଣ ମୁଁ ଚାନ୍ଦା ପୈଠ କରିପାରିବି। ସେଠାରେ ପରିସ୍ଥିତ ମଧ ଏପରି ଅଛି ଯେ, ବେତନ ମଧ ଅଟକି ଯାଇଥାଏ । ସେ ଯାହା ହେଉ ମହୋଦୟ କୁହନ୍ତି ଯେ, ମୁଁ ଯେତେବେଳେ କାର୍ଯ୍ୟାଳୟରେ ପହଞ୍ଚିଲି ସେତେବେଳେ ଅପ୍ରତ୍ୟାଶିତ ୂରପେ ମୋତେ ସେହି ଦିନ ବେତନ ମିଳିଗଲା ଏବଂ ମୁଁ ତୁରନ୍ତି ନିଜର ଚାନ୍ଦା ପୈଠ କରିଦେଲେ ଏବଂ ଈଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କଲି ଯେ, ମୁଁ ବଳିଦାନ ଦେବାରୁ ବଞ୍ଚିତ ରହିଲି ନାହିଁ ।

ହୁଜୁର ଅନ୍ୱର୍ ଅଆ.ବ କହିଲେ, ଭାରତରୁ ୱକଫେ ଜଦିଦର ଇନସ୍ପେକ୍ଟର ସାହେବ ଉଲ୍ଲେଖ କରନ୍ତି ଯେ, ଜମାଅତ୍ ଅହମଦିୟାର ଜକୋରର ଜଣେ ବ୍ୟକ୍ତି ଅଟନ୍ତି। ତାଙ୍କ ପାଖକୁ ଇନସ୍ପେକଟର ମହୋଦୟ ଗଲେ । ତାଙ୍କର 16000 ଟଙ୍କା ୱକଫେ ଜଦିଦର ଚାନ୍ଦା ବାକି ଥିଲା । ସେ ନିଜର ଅତ୍ୟାବଶ୍ୟକ କିସ୍ତି କୌଣସି କାମରେ ପୈଠ କରିବାର ଥିଲା । ସେହି କିସ୍ତି ନିମନ୍ତେ ସେ ଟଙ୍କା ରଥିଲେ । ଯେତେବେଳେ ଆମେ (ଅର୍ଥାତ୍ ଇନସ୍ପେକ୍ଟର) ତାଙ୍କ ପାଖରେ ପହଞ୍ଚିଲୁ ସେତେବେଳେ ମହୋଦୟ କହିଲେ, ଇନସ୍ପେକ୍ଟର ସାହେବ ମୋ ପାଖରେ ଯେଉଁ ଟଙ୍କା ରହିଛି ତାହାକୁ ମୁଁ EMI ଅର୍ଥାତ୍ କିସ୍ତି ଦେବି । କିନ୍ତୁ ମୁଁ ବର୍ତ୍ତମାନେ କିସ୍ତି ନଦେଇ ଏହି ଟଙ୍କାକୁ ଚାନ୍ଦାରେ ଦେଇ ଦେଉଛି। ଯାହା ହେବ ଦେଖାଯିବ । ଅର୍ଥାତ୍ କିସ୍ତି ମୁଁ ପରେ ପୈଠ କରିଦେବି । ବର୍ତ୍ତମାନ ଯେହେତୁ ମୋର ଚାନ୍ଦା ବକେୟା ରହିଛି ଏବଂ ଆପଣମାନେ ମୋ ପାଖକୁ ମଧ ଆସିଛନ୍ତି । ତେଣୁ ମୁଁ ଆପଣଙ୍କର ବକେୟା ଚାନ୍ଦା ପୈଠ କରିଦେଉଛି। ଇନସ୍ପେକ୍ଟର ସାହେବ କହିଲେ, ମହୋଦୟ ଆପଣ ସମସ୍ୟାରେ ଅଛନ୍ତି । ଆପଣ ବର୍ତ୍ତମାନେ ଅଧା ଚାନ୍ଦା ପୈଠ କରି ଦିଅନ୍ତୁ, ପରେ ଅଧା ଚାନ୍ଦା ଦେଇଦେବେ । ମହୋଦୟ ଉତ୍ତର ଦେଲେ, ଇନସ୍ପେକ୍ଟର ସାହେବ ପ୍ରଥମେ ମୁଁ ଅଲ୍ଲାଃତାଲାଙ୍କ ସକାଶେ ଅର୍ଥ ବାହାର କରିବି ବାକି ଅଲ୍ଲାଃତାଲା ସବୁ ଠିକ୍ କରିଦେବେ । ଇନଶାଅଲ୍ଲାଃ। ମୁଁ ଯଦି ଧର୍ମପରାୟଣତା ଅବଲମ୍ବନ କରୁଛି ଏବଂ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ କରୁଛି। ତେବେ ଅଲ୍ଲାଃତାଲା ଅନ୍ତର୍ଯାମୀ ଅଟନ୍ତି। ସେ ଉତ୍ତମ ସାଧନ ସୃଷ୍ଟି କରିଦେବେ । ପରେ ସେ ଫୋନ କରି ଖବର ଦେଲେ ଯେ, ଇନସ୍ପେକ୍ଟର ସାହେବ ! ମୋର କିଛି ଟଙ୍କା ଅନେକ ଦିନ ହେଲା ଫସି ରହିଥିଲା ଏବଂ ମିଳିବାର ଆଶା ନଥିଲା ଯେ, ମୋତେ ଶୀଘ୍ର ମିଳିଯିବ । କିନ୍ତୁ ସେହି ଅର୍ଥରାଶି ମୋତେ ଶୀଘ୍ର ମିଳିଗଲା । ହୁଜୁରୁ ଅନୱର୍ ଅ.ବ କହିଲେ, ଅତଏବ୍ ମହୋଦୟ କୁହନ୍ତି ଯେ, ଏହିପରି ଭାବରେ ଅଲ୍ଲାଃତାଲା ଚାନ୍ଦାର କଲ୍ୟାଣ ଯୋଗୁଁ ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ କରିଦେଲେ । ମୋର ବିଶ୍ୱାସରେ ମଧ ଉନ୍ନିତ ହେଲା ଏବଂ ମୁଁ ଦେଖିଲି ଯେ, ବଳିଦାନକାରୀମାନଙ୍କ ସହିତ ଅଲ୍ଲାଃତାଲା କିପରି ବ୍ୟବହାର ପ୍ରଦର୍ଶନ କରନ୍ତି ?

ହୁଜୁର ଅନ୍ୱର୍ ଅ.ବ କହିଲେ, ଦକ୍ଷିଣ ଆମେରିକାର ଏକ ଦେଶ ରହିଛି ଯାହା ନାମ ଗ୍ୱାଦେ ଲୁପ୍ ଅଟେ । ସେଠାକାର ଜର୍ମି ଡେଡ୍‌ାନସ୍ ନାମକ ଜଣେ ନବଦୀକ୍ଷିତ ଯୁବକ ଅଟନ୍ତି । ତାଙ୍କୁ 28 ବର୍ଷ ବୟସ ହେବ । ସେ ବର୍ତ୍ତମାନେ ଅଧ୍ୟୟନରତ ଛାତ୍ର ଅଟନ୍ତି । ପାଠ ପଢା ସହିତ ସେ ପାର୍ଟ ଟାଇମ୍ କାମ ମଧ କରନ୍ତି । ଗ୍ୱାଦେ ଲୁପ୍ ଅତି ଗରିବ ଦେଶ ଅଟେ । ସଂପୃକ୍ତ ଯୁବକଙ୍କ ୱକଫେ ଜଦିଦର ଚାନ୍ଦା ମହତ୍ତ୍ୱ ଏବଂ କଲ୍ୟାଣ ସଂପର୍କରେ କୁହାଗଲା ଓ ଅବଗତ କରାଗଲା । ସାଧାରଣତଃ ଏହି ହିଁ କୁହାଯାଇଥାଏ ଯେ, ଯେଉଁମାନେ ନବଦୀକ୍ଷିତ ଅଟନ୍ତି ସେମାନଙ୍କୁ ଚାନ୍ଦା ଦେବାର ଅଭ୍ୟାସ ପକାଇବା ନିମନ୍ତେ ୱକଫେ ଜଦିଦ୍ ଓ ତେହରିକେ ଜଦିଦରେ ସାମିଲ୍ କରାଯାଇଥାଏ । ଅତଏବ୍ ନବଦୀକ୍ଷିତଙ୍କୁ ଏହି ଚାନ୍ଦା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଥାଏ । ଯେତେବେଳେ ତାଙ୍କୁ କୁହାଗଲା କି ଆପଣ ଚାନ୍ଦା ଦିଅନ୍ତୁ, ସେତେବେଳେ ସେ କହିବାକୁ ଲାଗିଲେ ଯେ, ଆଜ୍ଞା ମୋର ଏହି ଅଭିଳାଷା ରହିଛି ଯେ, ମୁଁ ଉକ୍ତ ଚାନ୍ଦାରେ ସାମିଲ୍ ହୋଇଯିବି । କିନ୍ତୁ ମୁଁ କହିଲି ମୋ ପାଖରେ ବର୍ତ୍ତମାନ ପଇସା ନାହିଁ । ମୁଁ ଏହା ମଧ ଜାଣି ନାହିଁ ଯେ, ମୁଁ ଗୋଟିଏ ମାସ କିପରି ଚଳିବି? ବର୍ତ୍ତମାନ ଏହି ଅଭିଳାଷା ରଖିବା ଯେତେବେଳେ ହାତରେ କିଛି ବି ନାହିଁ ଏବଂ ଏହା ଜଣା ନାହିଁ ଯେ, ମାସଟିଏ କିପରି କଟିବ । ସେପରିପ୍ରେକ୍ଷୀରେ ଏହି କାର୍ଯ୍ୟଟି ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଅଟେ । ଯଦି ବ୍ୟକ୍ତି ପାଖରେ ପଇସା ଆସିଯାଏ ତେବେ ବ୍ୟକ୍ତି ପ୍ରଥମେ ନିଜ ଉପରେ ହିଁ ଖର୍ଚ୍ଚ କରିଥାଏ । କିନ୍ତୁ ବିଶ୍ୱାସ ଆଣିବା ପରେ ସେହି ଲୋକମାନଙ୍କର ବଡ଼ ବିଚିତ୍ର ବ୍ୟବହାର ରହିଛି । ମୁବଲ୍ଲିଗ୍ ସାହେବ ତାଙ୍କୁ କହିଲେ, ଆପଣ ତ' ଛାତ୍ର ଅଟନ୍ତି । ଆପଣଙ୍କୁ ଅଧିକ ବଳିଦାନ ଦେବାର ଆବଶ୍ୟକତା ନାହିଁ। ନିଃସନ୍ଦେହ ରୂପେ ଆପଣଙ୍କର ଯେତେ ସାମର୍ଥ୍ୟତା ରହିଛି ଆପଣ ଗୋଟିଏ କିମ୍ବା ଦୁଇ ୟୁରୋ ଦେଇ ଦିଅନ୍ତୁ । ଅଲ୍ଲାଃତାଲା ତ' ଅନ୍ତର୍ନିହିତ ଉଦ୍ଦେଶ୍ୟ ଅନୁଯାୟୀ ପୁଣ୍ୟ ପ୍ରଦାନ କରିଥାଆନ୍ତି । ସୁତରାଂ ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ସେହି ନବ ଦୀକ୍ଷିତ ଜଣକ ଗୋଟିଏ ସପ୍ତାହ ପରେ ମିଶନ୍ ହାଉସ୍ ଆଶଇଲଏ ଏବଂ 160 ଟଙ୍କା ଚାନ୍ଦା ୱକଫେ ଜଦିଦର ଚାନ୍ଦା ପୈଠ କରିଦେଲେ । ସେ କହିବାକୁ ଲାଗିଲେ ଯେ, ଯେଉଁ ଦିନ ୱକଫେ ଜଦିଦର ବଳିଦାନ ଦେବା ନିମନ୍ତେ ମନସ୍ଥ କରିଥିଲେ ଅଲ୍ଲାଃତାଲା ସେହି ସପ୍ତାହରେ ମୋର ଧନରେ ଅଜସ୍ର କଲ୍ୟାଣ ପକାଇଦେଲେ । ବର୍ତ୍ତମାନ ବିନା କୌଣସି କାରଣରେ ମୁଁ ଅଧିକ ଟଙ୍କା ଦେଇଦେଲି । ମୁଁ ନିଜେ ଜାଣି ନାହିଁ ଯେ, ମୁଁ କାହିଁକି ଅଧିକ ଟଙ୍କା ଦେଲି । ପୁନଶ୍ଚ କିଛି ଦିନ ପରେ ସେହି ନବ ଦୀକ୍ଷିତ ଛାତ୍ର ଜଣତ କହିଲେ, ମୁବଲ୍ଲିଗ୍ ସାହେବ ମୋ ସହିତ ଆଉ ଏକ ଚମତ୍କାର ହୋଇଛି । ଯେଉଁ ଦିନ ମୁଁ ଆପଣଙ୍କୁ 160 ୟୁରେ ପୈଠ କଲି, ସେଦିନ ମୁଁ ଚାହୁଁଥିଲି କି ମୁଁ ଆହୁଲରି ଚାନ୍ଦା ପୈଠ କରିବି । କିନ୍ତୁ ସେତିକି ଅର୍ଥ ନଥିଲା । କିନ୍ତୁ ଚାନ୍ଦା ଦେବାର କିଛି ଦିନ ପରେ ଅନାଶାତିତ ତଥା ଅପ୍ରତ୍ୟାଶିତ ଭାବରେ ମୋତେ ଭଲ ଅର୍ଥରାଶି ମିଳିଗଲା । ଏକ ଟ୍ରେନିଂ ସେଣ୍ଟରରୁ ମୋତେ କିଛି ଟଙ୍କା ଆଦାୟ କରିବାର ଥିଲା । ମୁଁ ଅନେକ ଥର ଟ୍ରେନିଂ ସେଣ୍ଟରର ପରିଚାଳକଙ୍କୁ କହିବା ସତ୍ତ୍ୱେ ମଧ କୌଣସି ସୁଫଳ ମିଳୁ ନଥିଲା । କିନ୍ତୁ ଅଲ୍ଲାଃତାଲା ଚାନ୍ଦାର କଲ୍ୟାଣ ଯୋଗୁଁ ମୋର ସେହି ଅର୍ଥରାଶି ମୋତେ ପ୍ରଦାନ କରିଦେଲେ । ସୁତରାଂ ସେହି ଅଧ୍ୟୟନରତ ନବଦୀକ୍ଷିତ ଛାତ୍ର ଜଣକ ଅତିରିକ୍ତ 140 ଟଙ୍କା ୱକଫେ ଜଦିଦରେ ପୈଠ କରି ଦେଇଥିଲେ । କେଉଁଠି ତ' ଏହି ଅବସ୍ଥା ରହିଥିଲା କି ଭୋକ ଉପାସରେ ଜୀବନ ଅତିବାହିତ ହେଉଛି ଆଉ କେଉଁଠି


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ- ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ତିନିଶହ ୟୁରେ ଚାନ୍ଦା ମଧ୍ୟ ଉକ୍ତ ଛାତ୍ର ଜଣକ ପୈଠ କରିଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆହୁରି ଅନେକ ଘଟଣାବଳୀ ରହିଛି । କେତେକ ଲୋକମାନଙ୍କୁ ତ' ଅସାଧାରଣ ରୂପେ ଅର୍ଥରାଶି (ଟଙ୍କା) ପ୍ରାପ୍ତ ହୋଇଗଲା? କିର୍ଗିସ୍ତାନ ଜମାଅତରୁ ୟୁଲିୟା ଗୋୱାନୋୱା (Yulia Govanova) ସାହେବା ନାମକ ଜନୈକା ମହିଳା ଅଟନ୍ତି । ସେ କୁହନ୍ତି ଯେ, ମୁଁ ଯେଉଁଠି କାର୍ଯ୍ୟ କରୁଛି ସେଠାରେ ମୁଁ ତାଙ୍କୁ (ମାଲିକଙ୍କୁ) ପଚାରିଲି ଯେ, ଆଜ୍ଞା ମୋ ବେତନରେ କିଛି ଅଭିବୃଦ୍ଧି ସମ୍ଭବ ହେବ କି ? ପ୍ରତ୍ୟୁତ୍ତରରେ ସେ କହିଲେ, ବୋନସ୍ ଆକାରରେ ତ' ସମ୍ଭବ ଅଟେ । କିନ୍ତୁ ଜଣା ନାହିଁ ଯେ, ବୋନସ୍ କେତେ ମିଳିବ । ସେ ଯାହା ହେଉ ମହୋଦୟା କୁହନ୍ତି ଯେ, ଅକ୍ଟୋବର ମାସରେ ମୋତେ ଯେମିତି ବେତନ (ଦରମା) ମିଳିଲା ଓ ଯଦିଓ ଆମର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା କିନ୍ତୁ ମୁଁ ସର୍ବପ୍ରଥମେ ନିଜର ୱକଫେ ଜଦିଦର ଚାନ୍ଦା ପୈଠ କରିଦେଲି । (ହୁଜୁର ଅନୱର୍ ଅ.ବ କହିଲେ, ଏହି ହିଁ ତ' ଅଲ୍ଲାଃତାଲାଙ୍କ ଠାରୁ ପ୍ରତିଶୃତିର ନିଦର୍ଶନ ମଧ୍ୟ ମିଳିଥାଏ ଯେ, ପ୍ରକୃତ ବଳିଦାନ ଏହିକି ଯେ, ନିଜର ସମସ୍ତ ଆକାଂକ୍ଷା ଏବଂ ଆବଶ୍ୟକତା ଆଗରେ ଅଲ୍ଲାଃତାଲାଙ୍କ ମାର୍ଗରେ ଧନ ବ୍ୟୟ କରିବା ହିଁ ପ୍ରକୃତ ପୁଣ୍ୟ ଅଟେ । ଅର୍ଥାତ୍ ତୁମେମାନେ ଯେଉଁ ବସ୍ତୁକୁ ଅତି ପ୍ରିୟ ବୋଲି ମନେକର ସେହି ବସ୍ତୁରୁ ହିଁ ତୁମେମାନେ ପ୍ରଭୁଙ୍କ ମାର୍ଗରେ ଅର୍ଥ ବ୍ୟୟ କର) । ମହୋଦୟା କୁହନ୍ତି ଯେ, "କିନ୍ତୁ ସର୍ବ ପ୍ରଥମେ ମୋ ନିମନ୍ତେ ଏହା ଆବଶ୍ୟକ ଥିଲା ଯେ, ମୁଁ ଜମାଅତ୍ ସହିତ ଯେଉଁ ପ୍ରତିଶୃତି କରିଥିଲି ତାହାକୁ ମୁଁ ଆଗ ପୂରଣ କରିଦେବି । ଠିକ୍ ସେହି ମାସରେ ମୋତେ କୁହାଗଲା କି ମୋ ବେତନରେ 40 ପ୍ରତିଶତ ଅବିବୃଦ୍ଧି ହୋଇଛି । ଏତଦଭିନ୍ନ କାର୍ଯ୍ୟର ସ୍ତର ଅନୁଯାୟୀ ମୁଁ ଅତିରିକ୍ତ ବୋନସ୍ ମଧ୍ୟ ପ୍ରାପ୍ତ କରିପାରିବି । ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଚକିତ ହେଲି। କାରଣ ମୁଁ ଆଦୌ ଆଶା କରି ନଥିଲି ଯେ, କର୍ତ୍ତୃପକ୍ଷ ବେତନରେ ଏତେ ଅଧିକ ଅଭିବୃଦ୍ଧି କରିବେ । ଦିନେ ମୁଁ ଖର୍ଚ୍ଚର ହିସାବ କିତାବ କରି ଏହା ଅନୁଭବ କଲି ଯେ, ବେତନରେ ପ୍ରାୟ ସେତିକି ଅର୍ଥ ଅତିରିକ୍ତ ହେବା ଆବଶ୍ୟକ ଯାହା ମୋତେ ମିଳିଛି । ମୁଁ ପୂର୍ବେ ୱକଫେ ଜଦିଦର ଚାନ୍ଦା ପୈଠ କରି ସାରିଥିଲି । କିନ୍ତୁ ସେହିସବୁ ଖର୍ଚ୍ଚରେ ଯେଉଁ ହ୍ରାସ ପରିଲକ୍ଷିତ ହେଉଥିଲା ତାହା ଅଭିବୃଦ୍ଧି ଦ୍ୱାରା ପୂରଣ ହୋଇଗଲା । ମହୋଦୟା କୁହନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରୁଛି ଏବଂ ଉକ୍ତ କଥା ଉପରେ ବିଶ୍ୱାସ ରଖୁଛି ଯେ, ଅଲ୍ଲାଃତାଲା ମୋ ଉପରେ ଯେଉଁ ଅସାଧାରଣ କୃପା କଲେ ତାହା ଚାନ୍ଦାର କଲ୍ୟାଣ ଦ୍ୱାରା ହେଲା । ମୁଁ ଆଉ ଏକ କଥା ମଧ୍ୟ କହି ଦେବାକୁ ଚାହୁଁଛି ଯେ, ମୋର ଆଉ ଏକ ବ୍ୟବସା ଥିଲା ଯେଉଁ ବ୍ୟବସାୟକୁ ମୁଁ କିଛି କାଳ ଧରି ଚଳାଉଥିଲି । କିନ୍ତୁ ସେହି ବ୍ୟବସାୟରେ ଉନ୍ନତି ହେଉ ନଥିଲା । କିନ୍ତୁ ଚଳିତ ବର୍ଷ ନଭେମ୍ବର ମାସରେ ମୁଁ ଯେଉଁ ୱାଦା ଲେଖାଇଥିଲି ଡିସେମ୍ବର ମାସ ପରେ ସେହି ବ୍ୟବସାୟରେ ମୋତେ ଦୁଇ ଗୁଣା ଲାଭ ହୋଇଗଲା ।"

ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଇଣ୍ଡୋନେସିୟାରୁ ବାଣ୍ଡୋଙ୍ଗ୍ ଜମାଅତର ରହମା ସାହେବା ନାମକ ଜଣେ ସଦସ୍ୟା ଅଟନ୍ତି । ସେ ଇଣ୍ଡୋନେସିୟାର ମିଡ଼ିୟାରେ ଫ୍ରି ଲାନସ୍ ଲେଖିକା ଅଟନ୍ତି । ସେ ଶିକ୍ଷିତା ମହିଳା ଅଟନ୍ତି । ସେ କୁହନ୍ତି ମୁଁ ଏହି କାମ କରି ନିଜର ଗୁଜୁରାଣ ମେଣ୍ଟାଇଥାଏ । ଚଳିତ ବର୍ଷ ପ୍ରବନ୍ଧ ରଦ୍ଦ ହେବା ଏବଂ ପୁସ୍ତକ ସ୍ୱଳ୍ପ ବିକ୍ରି ହୋଇଥିବା ଯୋଗୁଁ ମୁଁ ନିଜର ୱକଫେ ଜଦିଦର ଚାନ୍ଦା ପୂର୍ଣ୍ଣ କରି ପାରିଲି ନାହିଁ । ଫଳତଃ ମୁଁ ଅତ୍ୟନ୍ତ ଅଧୈର୍ଯ୍ୟ ଏବଂ ବିବ୍ରତର ଶିକାର ହୋଇଥିଲି । ମୁଁ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ କରି ନିଜର ଏକତ୍ରିତ ପୁଞ୍ଜିରୁ କିଛି ବକେୟା ଚାନ୍ଦା ମଧ୍ୟ ପୈଠ କଲି ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କଲି ଯେ, ହେ ଅଲ୍ଲାଃ ! ତୁମ୍ଭେ ମୋତେ ଯାହା କିଛି ଦେଇଅଛ ସେସବୁ ତୁମରି ଅଟେ । ତୁମ୍ଭେ ମୋ ହୃଦୟରୁ ଚିନ୍ତାକୁ ଦୂରୀଭୂତ କରିଦିଅ । କାରଣ ମୋର ଖର୍ଚ୍ଚ ଯେପରି ପୂରଣ ହେବ । ବର୍ତ୍ତମାନ ମୁଁ ନମାଜ୍ ପାଠ କରି ସାରିବା ପରେ ଯାନମାଜ୍ ସାଉଁଟି ନଥିଲି କି (ଉଠାଇ ନଥିଲି କି) ଜଣେ ବନ୍ଧୁର ମୋତେ ଫୋନ୍ ଆସିଲା । ସେହି ବନ୍ଧୁଙ୍କୁ ଅନୁବାଦ ପାଇଁ ମୋର ଅର୍ଜେଣ୍ଟ (Urgent) ଆବଶ୍ୟକ ଥିଲା । ସୁତରାଂ କାର୍ଯ୍ୟ ସମାପ୍ତ ହେବା ପରେ ସେହି ବନ୍ଧୁ ଜଣକ ମୋତେ ଏକ ଲଫାଫା ଦେଲେ । ସେହି ଲଫାଫା ଭିତରେ ସେତିକି ପରିମାଣର ଅର୍ଥରାଶି ରହିଥିଲା ଯେତିକି ପରିମାଣର ମୋତେ ୱକଫେ ଜଦିଦରେ ଚାନ୍ଦାର ଦେବା ନିମନ୍ତେ ଅର୍ଥ ଆବଶ୍ୟକତା ଥିଲା । ଅତଏବ୍ ମୁଁ ସେହି ମୁହୂର୍ତ୍ତରେ ହିଁ ୱକଫେ ଜଦିଦରେ ଉକ୍ତ ଅର୍ଥରାଶି ପୈଠ କରିଦେଲି । ପୁନଶ୍ଚ ଅଲ୍ଲାଃତାଲାଙ୍କ କୃପା ଏହିପରି ହେଲା ଯେ, ମୁଁ ଯେଉଁ ପୁସ୍ତକ ଲେଖିଥିଲି ସେଥି ସଂକ୍ରାନ୍ତରେ ମୋତେ ସମ୍ପାଦକଙ୍କର ସନ୍ଦେଶ ମିଳିଲା ଯେ, ମୋର ଅନୁଦିତ ଗ୍ରନ୍ଥ ଆନ୍ତର୍ଜାତିକ ସ୍ତରରେ ଗୃହୀତ ହୋଇଯାଇଛି । ବର୍ତ୍ତମାନେ ମୋତେ 10 ପ୍ରତିଶତ ବଦଳରେ 30 ପ୍ରତିଶତ ରାଇଟଲି (ଲେଖିକାର ଅର୍ଥରାଶି) ପ୍ରାପ୍ତ ହେବ । ପୁନଶ୍ଚ ଅଲ୍ଲାଃତାଲା ମୋ ବଳିଦାନର କଲ୍ୟାଣ ଯୋଗୁଁ ମୋ ପୁତ୍ର ନିମନ୍ତେ ମେଡ଼ିକାଲ କଲେଜରେ ପ୍ରବେଶ ନିମନ୍ତେ ମାର୍ଗ ମଧ୍ୟ ପ୍ରଶସ୍ତ କରିଦେଲେ । ଏହି ଆଡମିଶନ୍ ପ୍ରକାଶ୍ୟ ରୂପେ ଅସମ୍ଭବ ଥିଲା। ମହୋଦୟା କୁହନ୍ତି ଯେ, ମୋର ବ୍ୟକ୍ତିଗତ ଅଭିଜ୍ଞତା ରହିଛି ଯେ, ଯେବେ ଠାରୁ ମୁଁ ନିଜର ଆମଦାନୀ (ଆୟ)ରେ ସର୍ବ ପ୍ରଥମେ ଚାନ୍ଦାର ଅର୍ଥରାଶି ପୃଥକ୍ କରିବା ଆରମ୍ଭ କରିଛି ସେବେଠାରୁ ଅଲ୍ଲାଃତାଲା ମୋର ସମସ୍ତ ସାଂସାରିକ ପ୍ରସଙ୍ଗରେ ସ୍ୱୟଂ ହିଁ ସମାଧାନ କରି ଚାଲନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ, ଏହା ଅଲ୍ଲାଃତାଲାଙ୍କ ଅଙ୍ଗୀକାର ତଥା ତାହାଙ୍କର ପ୍ରତିଶୃତି ଅଟେ ଯେ, ସେ କିପରି ନିଜର ଅଙ୍ଗୀକାର ଓ ପ୍ରତିଶୃତିକୁ ପୂରଣ କରିଥାଆନ୍ତି? ହୁଜୁର ଅନୱର ଅ.ବ କହିଲେ, ବର୍ତ୍ତମାନ ମୁଁ ଘଟଣାବଳୀଗୁଡ଼ିକୁ ଛାଡ଼ୁଛି ଏବଂ ୱକଫେ ଜଦିଦର ଚଳିତ ବର୍ଷର କାର୍ଯ୍ୟ ସମ୍ପାଦନର ରିପୋର୍ଟ ଉପସ୍ଥାପିତ କରି ଦେଉଛି। ଅର୍ଥାତ୍ ଜମାଅତମାନଙ୍କ ପକ୍ଷରୁ ଆଦାୟର ଯେଉଁ ରିପୋର୍ଟସ ହସ୍ତଗତ ହୋଇଛି ତାହା ସଂପୂର୍ଣ୍ଣ ହୋଇ ନଥାଏ । ଆଜି କାଲିକା ପରିସ୍ଥିତି ଅନୁଯାୟୀ ଆଫ୍ରିକାରୁ ବିଶେଷ କିଛି ରିପୋର୍ଟସ ହସ୍ତଗତ ହେଉ ନାହିଁ । କିନ୍ତୁ ତଥାପି ଯେଉଁ ରିପୋର୍ଟସ ଆସିଛି ତାହା ମୁଁ ଉପସ୍ଥାପିତ କରି ଦେଉଛି ।

ହୁଜୁର ଅନୱର୍ ଅ.ବ କହିଲେ, ୱକଫେ ଜଦିଦର ୬୮ତମ ବର୍ଷ ସମାପ୍ତ ହେଲା ଏବଂ ୬୯ ତମ ବର୍ଷର ଶୁଭାରମ୍ଭ ହେଲା । ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ଜମାଅତକୁ 14 ଦଶମିକ ଶତାନବେ ମିଲିୟନ୍ କିମ୍ବା ପ୍ରାୟ 15 ମିଲିୟନ୍ ପାଉଣ୍ଡର ଅର୍ଥରାଶିର ବଳିଦାନ ଦେବାକୁ ସାମର୍ଥ୍ୟ ଲାଭ ହୋଇଛି । ଉକ୍ତ ବଳିଦାନ ବିଗତ ବର୍ଷ ତୁଳନାରେ 1.3 ମିଲିୟନ୍ ପାଉଣ୍ଡ ଅଧିକ ଅଟେ । ଅଲହମଦୁ ଲିଲ୍ଲାଃ ।

କାନାଡ଼ା ଓ ବ୍ରିଟେନ୍ ସର୍ବେଗ୍ରେ ଅଛନ୍ତି । ସାମଗ୍ରିକ ଆଦାୟ ଦୃଷ୍ଟିରୁ ବ୍ରିଟେନ୍ ଚଳିତଚ ବର୍ଷ ପ୍ରଥମ ସ୍ଥାନ ଅଧିକାର କରିଛି । କିନ୍ତୁ କାନାଡ଼ା ମଧ୍ୟ ବହୁତ ଚେଷ୍ଟା କରିଛି ଏବଂ ପ୍ରାୟ ସେ ବ୍ରିଟେନ୍ ପାଖାପାଖି ପହଞ୍ଚି ଯାଇଛି । ଚଳିତ ବର୍ଷ କାନାଡ଼ା ଦ୍ୱିତୀୟ ସ୍ଥାନରେ ରହିଛି । ଜର୍ମାନୀ ତୃତୀୟ ସ୍ଥାନରେ ରହିଛି । ଆମେରିକା ଚତୁର୍ଥ ସ୍ଥାନରେ ରହିଛି । ଭାରତ ପଞ୍ଚମ ସ୍ଥାନରେ ରହିଛି । ଷଷ୍ଠରେ ଅଷ୍ଟ୍ରେଲିୟା ରହିଛି । ପୁନଶ୍ଚ ସପ୍ତମରେ ମିଡ଼ିଲ୍ ଇଷ୍ଟର ଗୋଟିଏ ଜମାଅତ । ଅଷ୍ଟମରେ ଇଣ୍ଡୋନେସିୟା ରହିଛି । ନବମରେ ମିଡ଼ିଲ୍ ଇଷ୍ଟର ଆଉ ଏକ ଜମାଅତ୍ ରହିଛି । ପୁନଶ୍ଚ ଦଶମରେ ବେଲଜିୟମ୍ ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଫ୍ରିକାର ଦେଶମାନଙ୍କରେ ଆଦାୟ ଦୃଷ୍ଟିରୁ ପ୍ରଥମ 10ଟି ଜମାଅତ୍‌ମାନେ ହେଲେ, ପ୍ରଥମ ସ୍ଥାନରେ ଘାନା ରହିଛି । ପୁନଶ୍ଚ ମରେଶିୟସ୍, ଏହା ପଛକୁ ବୁର୍କିନାଫାସୋ, ତାନ୍‌ଜାନିୟା, ନାଇଜେରୀୟା, ପୁନଶ୍ଚ ଏହା ପଛକୁ ଲାଇବେରିୟା, ଗ୍ୟାମ୍ବିୟା, ସେରାଲିଓନ୍, ବେନିନ୍, ଓ ସର୍ବଶେଷରେ ମାଲି ରହିଛି । ଅଲ୍ଲାଃତାଲାଙ୍କ କୃପାରୁ ଚାନ୍ଦା ଅଂଶଗ୍ରହଣକାରୀଙ୍କ ସଂଖ୍ୟା 15 ଲକ୍ଷରୁ ଉର୍ଦ୍ଧ୍ୱ ଅଟେ । ଉକ୍ତ ଚାନ୍ଦାରେ ସର୍ବାଧିକ ପ୍ରୟାସକାରୀ ଦେଶମାନେ ହେଲେ ନାଇଜେରୀୟା, ଗ୍ୟାମ୍ବିୟା, ଗିନି ବସାଓ, କଙ୍ଗୋ ବ୍ରାଜୱେଲ୍, ଆଇଭରୀ କୋଷ୍ଟ୍ । ସେଣ୍ଟ୍ରାଲ୍ ଆଫ୍ରିକା, କଙ୍ଗେ କିନଶାସା ଅଧିକ ଚର୍ଚ୍ଚା ଯୋଗ୍ୟ ଅଟନ୍ତି । ଏମାନେ ଉକ୍ତ ତେହରିକରେ ଲୋକମାନଙ୍କୁ ସାମିଲ୍ କରିବା ନିମନ୍ତେ ବେଶ୍ ପ୍ରୟାସ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବ୍ରିଟେନ୍‌ର ବଡ଼ ବଡ଼ ଜମାଅତ୍ ହେଲେ- ଇସ୍‌ଲାମାବାଦ୍, ୱୋର୍‌ସେଷ୍ଟର୍ ପାର୍କ (Worcester Park), ଏଶ୍ (Ash), ୱାଲ୍‌ସାଲ୍ (Walsall), ଆଲଡର୍‌ଷଟ୍ ସାଉଥ୍ (Aldershot South), ଫାର୍ଣ୍ଣହ୍ୟାମ୍ ସାଉଥ୍ (Farnham South),ଫାର୍ଣ୍ଣହ୍ୟାମ୍ ନର୍ଥ୍ (Farnham North), (Gillingham) ଜିଲିନଘମ୍, ଆଲଡର୍‌ଷଟ୍ ନର୍ଥ (Aldershot North) ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବ୍ରିଟେନ୍‌ର ପ୍ରଥମ ପାଞ୍ଚଟି ଅଞ୍ଚଳ (ଜିଲ୍ଲା) ମଧ୍ୟରେ ପ୍ରଥମ ହେଲା, ଇସ୍‌ଲାମାବାଦ୍, ବୈତୁଲ୍ ଫୁତୁହ୍, ମସ୍‌ଜିଦ୍ ଫଜଲ୍, ପୁନଶ୍ଚ ବୈତୁଲ୍ ଇହ୍‌ସାନ୍, ପୁନଶ୍ଚ ୱେଷ୍ଟ୍ ମିଡ଼ଲ୍ୟାଣ୍ଡସ୍ (West Midlands) ।

ଉକ୍ତ ଦଫ୍‌ତର୍ ଦୃଷ୍ଟିରୁ ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ, ଆଲ୍‌ଡ଼ର୍ ଶଟ୍ ନର୍ଥ୍ (Aldershot North), ବୋର୍ଡନ୍ (Bordon), ଏଶ୍ (Ash), ସାଉଥ୍ ଚେମ୍ (South Cheam), ଫାର୍ଣ୍ଣହ୍ୟାମ୍ ସାଉଥ୍ (Farnham South), ଇସ୍‌ଲାମାବାଦ୍, ଆଲ୍‌ଡ଼ର୍ ଶଟ୍ ସାଉଥ୍ (Aldershot south), ବୋର୍ଡ଼ନ୍, ଇସ୍‌ଲାମାବାଦ୍ (Islamabad), ରୋଏହ୍ୟାମ୍ପ୍‌ଟନ୍ ଭେଲ୍ (Roehampton

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**ଅଲ୍ଲାଃତାଲା କୁହନ୍ତି: أَلَيْسَ اللّٰهُ بِكَافٍ عَبْدَهٗ**

**(ଅଜ୍ ଜୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

Vale), ମିଚ୍ୟାମ୍ ପାର୍କ (Mitcham park), ୱାଲ୍‌ସଲ୍ (Walsall) ଇତ୍ୟାଦି।

ହୁଜୁର୍ ଅନୱର୍ ଅ.ବ କହିଲେ, ପୋଜିଶନ୍ ଦୃଷ୍ଟିରୁ କାନାଡ଼ା ଦ୍ୱିତୀୟରେ ରହିଥିଲା। ସେହି ଦୃଷ୍ଟିରୁ କାନାଡ଼ାର ଜମାଅତମାନେ ହେଲେ, ଭନ୍ (Vaughn), ପିସ୍ ଭିଲେଜ୍ (Peace Village), କ୍ୟାଲ୍‌ଗିରୀ (Calgary), ବ୍ରାମ୍ପଟନ୍ ୱେଷ୍ଟ (Brampton-West), ୱ୍ୟାଙ୍କୁଓଭର୍ (Vancouver), ଟରେଣ୍ଟୋ ୱେଷ୍ଟ୍ (Toronto West), ମିସିସାଗା (Misssisauga), ବ୍ରାମ୍ପଟନ୍ ଇଷ୍ଟ (Brampton-East),ଟରେଣ୍ଟୋ (Toronto) ।

ହୁଜୁର୍ ଅନୱର୍ ଅ.ବ କହିଲେ, କାନାଡ଼ାର ଦଶଟି ବଡ଼ ବଡ଼ ଜମାଅତ୍‌ମାନେ ହେଲେ, ହ୍ୟାମିଲ୍‌ଟନ୍ (Hamilton), ଏଡ଼ମଣ୍ଟନ ୱେଷ୍ଟ (Edmonton West), ହଦିକା ଅହମଦ୍, ହ୍ୟାମିଲ୍‌ଟନ୍ ମାଉଣ୍ଟେନ୍ (Hamilton Mountain), ଓଟାୱା ୱେଷ୍ଟ (Ottawa West), ରେଜାଇନା (Regina), ଏୟାର୍ ଡ୍ରି (Airdrie), ଇନସ୍ ଫିଲ୍ (Innisfil), ୱଡ୍ରିଲ୍ (Vaudreuil), ସଡ଼ବରି (Subdury) ଇତ୍ୟାଦି ।

ହୁଜୁର୍ ଅନୱର୍ ଅ.ବ କହିଲେ, ଦଫତର୍ ଅତ୍‌ଫାଲ୍‌ର ରାଜ୍ୟମାନେ ହେଲେ- ଭନ୍ (Vaughn), ଟରେଣ୍ଟୋ ୱେଷ୍ଟ୍ (Toronto West), ପିସ୍ ଭିଲେଜ୍ (Peace Village), କ୍ୟାଲ୍‌ଗିରୀ (Calgary), ବ୍ରାମ୍ପଟନ୍ ୱେଷ୍ଟ (Brampton-West), ବ୍ରାମ୍ପଟନ୍ ଇଷ୍ଟ (Brampton-East), ୱ୍ୟାଙ୍କୁଓଭର (Vancouver), ମିସିସାଗା (Misssisauga), ଟରେଣ୍ଟୋ (Toronto)।

ହୁଜୁର୍ ଅନୱର୍ ଅ.ବ କହିଲେ, ଦଫତର୍ ଅତଫାଲର ଜମାଅତ୍‌ମାନଙ୍କ ମଧ୍ୟରେ ଯେଉଁ ଜମାଅତ୍ ଶୀର୍ଷରେ ଅଛନ୍ତି ସେମାନେ ହେଲେ- ଲଣ୍ଡନ୍ ସାଉଥ୍ (London South),ହ୍ୟାମିଲ୍‌ଟନ୍ (Hamilton), ହୁଜୁର ଅନୱର୍ ଅ.ବ କହିଲେ, ସେଠାରେ କାନାଡ଼ାରେ ମଧ୍ୟ ଲଣ୍ଡନ ନାମକ ଏକ ଜମାଅତ୍ ରହିଛି । ମଣ୍ଟ୍ରିୟାଲ୍ ୱେଷ୍ଟ୍ (Montreal West), ବୈତୁଲ୍ ଏହସାନ୍, ସସ୍କାଟୁନ୍ ସାଉଥ୍ (Saskatoon South West), ଡରହମ୍ ଇଷ୍ଟ୍ (Durham East), ଉଡ୍ ଷ୍ଟକ୍ (Woodstock), ଏବଟସ୍ ଫୋର୍ଡ଼ (Abbotsford), ବର୍ଲିଂଷ୍ଟନ୍ (Burlington) ଇତ୍ୟାଦି ।

ହୁଜୁର୍ ଅନୱର୍ ଅ.ବ କହିଲେ, ଜର୍ମାନୀର ପାଞ୍ଚଟି ସ୍ଥାନୀୟ ରାଜ୍ୟ ହେଲେ, ପ୍ରଥମରେ ହ୍ୟାମ୍ବର୍ଗ (Hamburg), ଦ୍ୱିତୀୟରେ ଫ୍ରାଙ୍କଫର୍ଟ (Frankfurt), ତୃତୀୟରେ ୱିଜ୍‌ବାଦନ୍ (Wiesbaden), ପୁନଶ୍ଚ ଏହା ପରେ ରେଡ୍ସ୍ ଷ୍ଟେଟେଡ୍ (Riedstadt), ଗ୍ରସ୍ ଗେରାଉ (Gros Gerau) ।

ହୁଜୁର୍ ଅନୱର୍ ଅ.ବ କହିଲେ, ଜର୍ମାନୀର ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ, ରୋଏଡ଼ମାର୍କ (Roede mark), ରୋଡ଼ଗାଉ (Rodgau), ନିଡ୍ଡ଼ା (Nidda), ନୁଇୱେଡ୍ (Neuwied), ରୋଏଡ଼ମାର୍କ (Rodermark), ୱେନ୍ ଗାର୍ଟେନ୍ (Weingarten), ଫ୍ଲୋରିସ୍ ହାଏମ୍ (Florsheim), ବର୍ଲିନ୍ (Berlin), କୋବ୍‌ଲେନଜ୍ (Koblenz), ଫ୍ରେଡ୍‌ବର୍ଗ (Friedberg), ପିନ୍‌ବର୍ଗ, ପିନିବର୍ଗ (Pinneberg), ନିଉଅସ୍ (Neuss) ଇତ୍ୟାଦି ।

ହୁଜୁର୍ ଅନୱର୍ ଅ.ବ କହିଲେ, ଦଫତର୍ ଅତ୍‌ଫାଲର ପାଞ୍ଚଟି ଅଞ୍ଚଳ ହେଲେ- ୱିଜ୍‌ବାଦନ୍ (Wiesbaden), ହ୍ୟାମ୍ବର୍ଗ (Hamburg), ହେସନ୍ ସାଉଥ୍ ଇଷ୍ଟ (Hessen South East, ମ୍ୟାନ୍‌ହାଏମ୍ (Mannheim),) ୱେଷ୍ଟ ଫଲେନ୍ (Westfalen) ଇତ୍ୟାଦି ।

ହୁଜୁର୍ ଅନୱର୍ ଅ.ବ କହିଲେ, ଆମେରିକାର ଦଶଟି ଜମାଅତ୍‌ମାନେ ହେଲେ- ନର୍ଥ ଭର୍ଜିନିୟା (North Virginia), ମ୍ୟାରୀଲାଣ୍ଡ (Maryland), ଲସ୍ ଏଞ୍ଜେଲସ୍ (Los Angeles), ଶିକାଗୋ (Chicago), ସିୟାଟେଲ୍ (Seattle),ସିଲିକନ୍ ଭ୍ୟାଲୀ (Silicon Valley), ଡେଲାସ୍ (Dellas), ଡେଟ୍ରଏଟ୍ (Detroit), ସାଉଥ୍ ଭର୍ଜିନିୟା (South Virginia), ଜର୍ଜିୟା କ୍ୟାରୋଲିନା (Georgia Carolina) ଇତ୍ୟାଦି ।

ହୁଜୁର୍ ଅନୱର୍ ଅ.ବ କହିଲେ, ଦଫତର୍ ଅତ୍‌ଫାଲର ଜମାଅତମାନଙ୍କ ମଧ୍ୟରେ ମ୍ୟାରୀଲାଣ୍ଡ (Maryland), ଆଲବନି (Albany), ଲସ୍ ଏଞ୍ଜେଲସ୍ (Los Angeles), ନର୍ଥ ଭର୍ଜିନିୟା (North Virginia), ସିୟାଟେଲ୍ (Seattle), ଶିକାଗୋ (Chicago), ଜର୍ଜିୟା କ୍ୟାରୋଲିନା (Georgia Carolina), ଫିଲାଡଲଫିୟା, ଡେଲାସ୍ (Dellas), ଜର୍ଜିୟା (Georgia), ଓଶ୍‌କଶ (Oshkosh), ହଷ୍ଟନ୍ (Huston) ଇତ୍ୟାଦି ।

ହୁଜୁର୍ ଅନୱର୍ ଅ.ବ କହିଲେ, ପାକିସ୍ତାନର ମଧ୍ୟ ସ୍ଥାନ ରହିଛି । ସେମିତି ବି ଦେଖିବାକୁ ଗଲେ ପାକିସ୍ତାନର ସ୍ଥାନ ପଞ୍ଚମ ରହିଛି । କାରଣ ପାକିସ୍ତାନୀ ମୁଦ୍ରାର ମୂଲ୍ୟ ସେଠାରେ ବହୁତ ହ୍ରାସ ପାଇଛି । କିନ୍ତୁ ଏସବୁ ସତ୍ତ୍ୱେ ମଧ୍ୟ ପାକିସ୍ତାନରେ ଆର୍ଥିକ ସଂକଟ ସତ୍ତ୍ୱେ ବଳିଦାନର ସ୍ତର ଅଲ୍ଲାଃତାଲାଙ୍କ କୃପାରୁ ବେଶ୍ ଉଚ୍ଚ ହୋଇଛି।

ହୁଜୁର୍ ଅନୱର୍ ଅ.ବ କହିଲେ, ଅତଏବ୍ ପାକିସ୍ତାନ୍‌ରେ ଯେଉଁ ଜମାଅତ୍ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ହେଲେ ଲାହୋର୍, ରବ୍‌ୱା, କରାଚୀ ।

ହୁଜୁର୍ ଅନୱର୍ ଅ.ବ କହିଲେ, ପାକିସ୍ତାନ୍‌ର ଚାନ୍ଦା ଦେଉଥିବା ଜିଲ୍ଲାମାନଙ୍କ ଦୃଷ୍ଟିରୁ ଯେଉଁ ଜିଲ୍ଲାଗୁଡ଼ିକ ସର୍ବାଗ୍ରେ ରହିଛନ୍ତି ସେମାନେ ହେଲ- ଇସ୍‌ଲାମାବାଦ୍, ଫୈସଲାବାଦ୍, ରାୱଲପିଣ୍ଡି, ଗୁଜୁରାଟ, ସର୍ଗୋଧା, ସିୟାଲକୋଟ୍, ଉମରକୋଟ୍, ମୁଲ୍‌ତାନ୍, ମୀରପୁର୍ ଖାସ୍, ନାରୋୱାଲ୍, ଡେରାଗାଜି ଖାନ୍ ଇତ୍ୟାଦି ।

ହୁଜୁର୍ ଅନୱର୍ ଅ.ବ କହିଲେ, ପାକିସ୍ତାନର ଶୀର୍ଷ 10ଟି ଜମାଅତ୍‌ମାନେ ହେଲେ- ଇସ୍‌ଲାମାବାଦ୍, ଟାଉନ୍ ଶିପ୍ (ଲାହୋର), ଡିଫେନସ୍ ଲାହୋର, ଦାରୁଲ୍ ଜିକର୍ (ଲାହୋର),ସମନା ବାଦ୍ (ଲାହୋର), ଅଲ୍ଲାମା ଇକ୍‌ବାଲ୍ ଟାଉନ୍ (ଲାହୋର୍), ବୈତୁଲ୍ ଫଜଲ୍ (ଫୈସଲାବାଦ୍), ମୁଗଲ୍ ପୁରା ଲାହୋର୍, ମୁଲତାନ୍ ସହର,ଦିଲ୍ଲୀ ଗେଟ୍ (ଲାହୋର)।

ହୁଜୁର୍ ଅନୱର୍ ଅ.ବ କହିଲେ, ଦଫ୍‌ତର୍ ଅତ୍‌ଫାଲ୍‌ରେ ଜିଲ୍ଲାମାନଙ୍କର ଅବସ୍ଥିତି ଦୃଷ୍ଟିରୁ ପ୍ରଥମ ସ୍ଥାନରେ ଇସ୍‌ଲାମବାଦ୍, ଫୈସଲାବାଦ୍, ନାରୋୱାଲ୍, ରାୱଲପିଣ୍ଡି, ଉମରକୋଟ୍, ସର୍ଗୋଧା, ଗୁଜୁରାଟ, ମୀରପୁର୍ ଖାସ୍, ଲେହ୍, ଟୋବା ଟେକ୍ ସିଂ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଭାରତର ୧୦ଟି ପ୍ରଦେଶ ହେଲେ; କେରଳ, ତାମିଲନାଡୁ, ଜାମ୍ମୁକାଶ୍ମୀର, ତେଲେଙ୍ଗାନା, କର୍ଣ୍ଣାଟକ, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଆଦି ପ୍ରଦେଶ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଆଦାୟ ଦୃଷ୍ଟିରୁ ଭାରତର ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ; କୋୟମ୍ବଟୁର୍, ହାଇଦ୍ରାବାଦ୍, କାଦିୟାନ୍, କାଲିକଟ୍, ମେଲାପାଲାୟମ୍, ବାଙ୍ଗାଲୋର, ମଞ୍ଜେରୀ, କଲିକତା, କେରଙ୍ଗ୍ ଓ କେରୁଲାଇ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଆଦାୟ ଦୃଷ୍ଟିରୁ ଅଷ୍ଟ୍ରେଲିୟାର ଦଶଟି ବଡ଼ ଜମାଅତମାନେ ହେଲେ, ମେଲବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Langwarrin), ମାର୍ସଡେନ୍ ପାର୍କ (Marsden Park), କାସିଲ୍ ହିଲ୍ (Castle Hill), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ମେଲ୍‌ବର୍ଣ୍ଣ କ୍ଲାଇଡ଼ (Melbourne Clyde), ପେନ୍‌ରିଥ୍ (Penrith), ପର୍ଥ (Perth), ମେଲ୍‌ବର୍ଣ୍ଣ ୱେଷ୍ଟ୍ (Melbourne West), ଲୋଗାନ୍ ଇଷ୍ଟ୍ (Logan East), ମେଲ୍‌ବର୍ଣ୍ଣ ଇଷ୍ଟ୍ (Melbourne East),ଏଡ଼ିଲେଡ୍ ୱେଷ୍ଟ୍ (Adelaide West), ଏଡ଼ିଲେଡ୍ ସାଉଥ୍ ଇତ୍ୟାଦି ।

ହୁଜୁର୍ ଅନୱର୍ ଅ.ବ କହିଲେ, ଅଷ୍ଟ୍ରେଲିୟାର ବଡ଼ ବଡ଼ ଜମାଅତମାନେ ହେଲେ- ମେଲବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Langwarrin),ମାର୍ସଡେନ୍ ପାର୍କ (Marsden Park), କାସିଲ୍ ହିଲ୍ (Castle Hill), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ମେଲ୍‌ବର୍ଣ୍ଣ କ୍ଲାଇଡ଼ (Melbourne Clyde), ପେନ୍‌ରିଥ୍ (Penrith), ମେଲ୍‌ବର୍ଣ୍ଣ ଇଷ୍ଟ୍ (Melbourne East), ପର୍ଥ (Perth)ଏଡ଼ିଲେଡ୍ ୱେଷ୍ଟ୍ (Adelaide West), ଏଡ଼ିଲେଡ୍ ସାଉଥ୍ ଇତ୍ୟାଦି।

ଅଷ୍ଟ୍ରେଲିୟାର ଛୋଟ ଜମାଅତ୍‌ମାନେ ହେଲେ- ଲୋଗାନ୍ ଇଷ୍ଟ୍ (Logan East), ମେଲବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Langwarrin),ଏଡ଼ିଲେଡ୍ ସାଉଥ (Adelaide South), ମେଲବର୍ଣ୍ଣ ୱେଷ୍ଟ୍ (Melbourne West), ଲୋଗାନ୍ ଇଷ୍ଟ୍ (Logan East),ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), କାସିଲ୍ ହିଲ୍ (Castle Hill), ପର୍ଥ (Perth), ପ୍ଲମ୍ପଟନ୍ (Plumpton), ପେନରିଥ୍ (Penrith)।

ହୁଜୁର୍ ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ସମସ୍ତ ବଳିଦାନକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । **ଆମିନ୍** । କେତେକ ଜମାଅତମାନଙ୍କର ନାମ ମୁଁ ଖୁତବାରେ ଏଇଥି ପାଇଁ ବର୍ଣ୍ଣନା କରି ଦେଇଥାଏ ଯେ, ସେମାନଙ୍କ ମନରେ ଏହି ଧାରଣା ଜାତ ହୋଇଥାଏ ଯେ, ସେମାନଙ୍କ ଜମାଅତର ପୋଜିଶନ୍ କ'ଣ ? ସେଇଥି ପାଇଁ ବର୍ଣ୍ଣନାନୁଯାୟୀ ମୁଁ ସେମାନଙ୍କର ନାମ ବର୍ଣ୍ଣନା କରିଦେଇଥାଏ ।

**(ଅବଶିଷ୍ଟାଂଶ....ପୃ-13ରେ)**

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ତକରିର୍ ଜଲସା ସାଲାନା 2025 ମସିହା

# ହ. ମସିହ୍ ମଉଦ୍ ଅ.ସଙ୍କ ପଦ ମର୍ଯ୍ୟାଦା

ଲେଖକ- ମୁନୀର୍ ଅହମଦ୍ ଖାଦିମ୍, ସମ୍ପାଦକ ସାପ୍ତାହିକ ବଦର୍, କାଦିୟାନ୍

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔ آمين

يُسَبِّحُ لِلّٰهِ مَا فِي السَّمٰوٰتِ وَمَا فِي الْأَرْضِ الْمَلِكِ الْقُدُّوْسِ الْعَزِيْزِ الْحَكِيْمِ هُوَ الَّذِيْ بَعَثَ فِي الْأُمِّيّٖنَ رَسُوْلًا مِّنْهُمْ يَتْلُوْا عَلَيْهِمْ اٰيٰتِهٖ وَيُزَكِّيْهِمْ وَيُعَلِّمُهُمُ الْكِتٰبَ وَالْحِكْمَةَ وَإِنْ كَانُوْا مِنْ قَبْلُ لَفِيْ ضَلٰلٍ مُّبِيْنٍ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ وَهُوَ الْعَزِيْزُ الْحَكِيْمُ ذٰلِكَ فَضْلُ اللهِ يُؤْتِيْهِ مَنْ يَّشَآءُ وَاللهُ ذُو الْفَضْلِ الْعَظِيْمِ **(ଅଲ୍ ଜୁମା:1-4)**

**ଅନୁବାଦ:** ଆକାଶ ଓ ପୃଥିବୀରେ ଯାହାକିଛି ଅଛି ସେସବୁ ଅଲ୍ଲାଃତାଲାଙ୍କର ଗୁଣଗାନ କରୁଛନ୍ତି, ତାହାଙ୍କର ଅର୍ଥାତ୍ ସେହି ଅଲ୍ଲାଃଙ୍କର ଯେ କି ସମ୍ରାଟ ଏବଂ ପବିତ୍ର, ଓ ସମସ୍ତ ଗୁଣର ସମାହାର ଅଟନ୍ତି, ପରାକ୍ରମୀ ଓ ତତ୍ତ୍ୱଜ୍ଞ । ସେ ଅଲ୍ଲାଃ ହିଁ ଏକ ନିରକ୍ଷର ସଂପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି। ସେ ନିରକ୍ଷର ହେବା ସତ୍ତ୍ୱ ମଧ୍ୟ ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି ଓ ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ ଧର୍ମଗ୍ରନ୍ଥ ତଥା ତତ୍ତ୍ୱଶିକ୍ଷା ଦେଉଛନ୍ତି । ଅଥଚ ସେମାନେ ଏଥିପୂର୍ବରୁ ସୃଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ।

ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ । ଏହା ହିଁ ଅଲ୍ଲାଃଙ୍କର କୃପା ସେ ଯାହାକୁ ଇଚ୍ଛା କରନ୍ତି ତାହାକୁ ଦେଇଥାଆନ୍ତି ।

**ସମ୍ମାନିତ ସଭାପତି ମହୋଦୟ ଏବଂ ସମ୍ମାନିତ ଶ୍ରୋତାମଣ୍ଡଳୀ !** ବିନୀତ ବର୍ତ୍ତମାନେ ଯେଉଁ ଆୟତଗୁଡ଼ିକ ଆପଣମାନଙ୍କ ସମ୍ମୁଖରେ ତିଲାଓ୍ୱତ୍ କରିଛି ବାସ୍ତବରେ ଏହି ଆୟତ୍ ହିଁ ବିନୀତର ଭାଷଣର ବିଷୟବସ୍ତୁ ଅଟେ । ଯେପରିକି ଆପଣମାନେ ସମସ୍ତେ ଶୁଣି ସାରିଛନ୍ତି ଯେ, ବିନୀତକୁ ଏହି ଆଦେଶ ମିଳିଛି ଯେ, ବିନୀତ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପଦମର୍ଯ୍ୟାଦା ସଂକ୍ରାନ୍ତରେ କିଛି କହିବି ।

**ସମ୍ମାନିତ ଶ୍ରୋତାମଣ୍ଡଳୀ !** ଉପରୋକ୍ତ ଆୟତର ବ୍ୟାଖ୍ୟାରେ ଆଁହଜରତ୍ ସ.ଅଙ୍କ ହଦିସର ପ୍ରାମାଣ୍ୟ ଉପସ୍ଥାପିତ କରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି । ସଠିକ୍ ହଦିସରେ ଉଲ୍ଲେଖ ହୋଇଛି ଯେ, ଏହି ଆୟତ୍ ଆବୃତ୍ତି ସମୟରେ ଆଁହଜରତ୍ ସ.ଅ ନିଜର ପବିତ୍ର ହସ୍ତ ହ. ସଲମାନ ଫାର୍ସି ର.ଅଙ୍କ ପିଠି ଉପରେ ରଖି ଭବିଷ୍ୟବାଣୀ କରିଥିଲେ । ଯେପରିକି ଈଶ୍ୱର ବରାହିନେ ଅହମଦିୟାରେ ଉକ୍ତ ଭବିଷ୍ୟବାଣୀର ପୁଷ୍ଟି କରିଛନ୍ତି । ଅତଏବ୍ ସେହି ଐଶୀବାଣୀ ଅନୁଯାୟୀ ମୋ ପୂର୍ବରୁ ଅନ୍ୟ କୌଣସି ଚରିତାର୍ଥକାରୀ ନିର୍ଦ୍ଧାରିତ ନଥିଲା ଏବଂ ଈଶ୍ୱରଙ୍କ ଐଶୀବାଣୀ ମୋତେ ନିର୍ଦ୍ଦିଷ୍ଟ କରିଦେଲା । **ଅଲହମଦୁ ଲିଲ୍ଲାଃ । (ହକିକତୁଲ୍ ଓ୍ୱହି, ପୃ-391, ବି.ଦ୍ର)**

ସେହିପରି ଆପଣ ଅପଣ ଅ.ସ ଏହା ମଧ୍ୟ କହିଲେ, "ରଜୁଲୁ ଫାରସ୍ ଏବଂ ମସିହ୍ ମଉଦ୍ ଗୋଟିଏ ବ୍ୟକ୍ତିଙ୍କର ଦୁଇଟି ନାମ ଅଟେ ଯେପରିକି ପବିତ୍ର କୁରାନ୍ କରୀମରେ ଏହି ଆଡ଼କୁ ଇଙ୍ଗିତ ରହିଛି ଯେ, ଓ ଆଖରିନା ମିନହୁମ୍ ଲମ୍ମା ୟଲହକୁ ବିହିମ୍ ଅର୍ଥାତ୍ ଆଁହଜରତ ସ.ଅଙ୍କ ସାହାବାଗଣମାନଙ୍କ ମଧ୍ୟରୁ ଆଉ ଏକ ସଂପ୍ରଦାୟ ରହିଛି ଯିଏ ଏଯାବତ୍ ପ୍ରାଦୁର୍ଭୂତ (ଜାତ) ହୋଇ ନାହିଁ । ଅର୍ଥାତ୍ ଅସହାବ୍ ସେହିମାନେ ହିଁ ବିବେଚିତ ହୁଅନ୍ତ ଯେଉଁମାନେ ନବୀଙ୍କ ସମକାଳୀନ ହୁଅନ୍ତି ଏବଂ ବିଶ୍ୱାସ ଅବସ୍ଥାରେ, ତାହାଙ୍କ ସାହଚର୍ଯ୍ୟତ୍ୱ ଦ୍ୱାରା ଉପକୃତ ହୁଅନ୍ତି ଓ ତାହାଙ୍କ ଶିକ୍ଷା ତଥା ସଂସ୍କାର ଗ୍ରହଣ କରିବେ । ଅତଏବ୍ ତହିଁରୁ ଏହା ସିଦ୍ଧ ହୁଏ ଯେ, ଆଗମନକାରୀ ଜାତି ମଦ୍ୟରେ ଏକ ଅବତାର ଜାତ ହେବ ଯେ କି ଅବତାର ହେବ । ସେହି ଅବତାର ଆଁହଜରତ୍ ସ.ଅଙ୍କ ପ୍ରତିଛାୟା ହେବ । ଅତଃ ତାହାଙ୍କ ସାହାବାମାନେ ଆଁହଜରତ୍ ସ.ଅଙ୍କ ସାହାବା ରୂପେ ବିବେଚିତ ହେବେ । ଯେପରି ସାହାବା ର.ଅ ନିଜ ଶୈଳୀରେ ଈଶ୍ୱରଙ୍କ ମାର୍ଗରେ ଧାର୍ମିକ ସେବା ସମ୍ପାଦନ କଲେ ଠିକ୍ ସେହିପରି ମସିହ୍ ମଉଦ୍ ଅ.ସଙ୍କ ସାହାବାମାନେ ମଧ୍ୟ ସାହାବାମାନଙ୍କ ପରି ଧାର୍ମିକ ସେବା କରିବେ । ସେ ଯାହା ହେଉ ଉକ୍ତ ଆୟତ୍ ଶେଷ ଯୁଗରେ ଜଣେ ଅବତାରଙ୍କ ପ୍ରକଟିତ ହେବା ସଂପର୍କରେ ଭବିଷ୍ୟବାଣୀ ଅଟେ । ଅନ୍ୟଥା ଅନ୍ୟ କୌଣସି କାରଣ ନାହିଁ ଯେ, ଏପରି ଲୋକମାନଙ୍କର ନାମ ଅସହାବେ ରସୁଲୁଲ୍ଲାଃ ସ.ଅ ନମାକରଣ କରାଯିବ ଯେଉଁମାନେ ଆଁହଜରତ ସ.ଅଙ୍କ ପରେ ଜନ୍ମ ହେବେ ସେମାନେ ଆଁହଜରତ୍ ସ.ଅଙ୍କୁ ଦେଖି ନାହାନ୍ତି । ଉପରୋକ୍ତ ଆୟତରେ ତ' ଏହା କୁହାଯାଇ ନାହିଁ ଯେ, ଓ ଆଖରିନା ମିନଲ୍ ଉମ୍ମତି । ବରଂ ଏହା କୁହାଯାଇଛି ଯେ, ଓ ଆଖରିନା ମିନହୁମ୍ ଲମ୍ମା ୟଲହକୁ ବିହିମ୍ । ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣେ ଯେ, ମିନହୁମର ଶବ୍ଦ ଅସହାବେ ର.ଅଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିଥାଏ । ଅତଏବ୍ ସେହି ବ୍ୟକ୍ତି ମିନହୁମ୍ ଗୋଷ୍ଠୀରେ ବା ସଂପ୍ରଦାୟରେ ପ୍ରବିଷ୍ଟ ହୋଇପାରିବ ଯାହା ମଧ୍ୟରେ ଏପରି ଅବତାର ବିଦ୍ୟମାନ ଅଛି ଯେକି ଆଁହଜରତ୍ ସ.ଅଙ୍କ ଛାୟୀ ଓ ଆପଣ ସ.ଅଙ୍କ ପ୍ରତିସ୍ଥାନିକ ହେବ । " **(ତତିମ୍ମା ହକିକତୁଲ୍ ଓ୍ୱହି)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଯେପରିକି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ. ପବିତ୍ର କୁରଆନ୍ କରୀମର ଆୟତ୍ ଓ୍ୱଆଖରିନା ମିନହୁମ୍ ଲମ୍ମା ୟଲହକୁ ବିହିମର ବ୍ୟାଖ୍ୟାରେ ସହି ବୁଖାରୀର ପ୍ରାମାଣ୍ୟମାନ ଉପସ୍ଥିପିତ କରିଛନ୍ତି ଯେ, ଆପଣ ଅ.ସ ଆଁହଜରତ୍ ସ.ଅଙ୍କର ଛାୟାବତାର ଅଟନ୍ତି । ଏକଥା କେବେଳ ହ. ମସିହ୍ ମଉଦ୍ ଅ.ସ କହି ନାହାନ୍ତି ବରଂ ଉକ୍ତ ଧର୍ମର ପୂର୍ବପୁରୁଷମାନେ ମସିହ୍ ମଉଦଙ୍କ ପଦମର୍ଯ୍ୟାଦା ସଂପର୍କରେ ଏହିପରି ଭବିଷ୍ୟବାଣୀ ବର୍ଣ୍ଣନା କରିଛନ୍ତି । ସୁତରାଂ ମୁହଦ୍ଦିସ୍ (ହଦିସର ପଣ୍ଡିତ) ହ. ଶାହ୍ ଓ୍ୱଲିଉଲ୍ଲା ସାହେବ କୁହନ୍ତି: " اعظم الانبياء شانا من له نوع آخر من البعث ايضا وذالك ان يكون مُراد الله تعالىٰ فيه ان يكون سببا لخروج الناس من الظلمات الى النور وان يكون قومه خير اُمة اُخرجت للناس فيكون بعثه يتناول بعثا اُخر ଅର୍ଥାତ୍ ମର୍ଯ୍ୟାଦା ସର୍ବଶ୍ରେଷ୍ଠ ସେହି ଅବତାର ଅଟେ ଯାହାରା ଅବତୀର୍ଣ୍ଣ ଅନ୍ୟ ପ୍ରକାରରେ ହେବ । ସେହି ଦ୍ୱିତୀୟ ଅବତୀର୍ଣ୍ଣରୁ ଅଲ୍ଲାଃତାଲାଙ୍କ ଯଥାର୍ଥ ଏହା ଯେ, ସେହି ପ୍ରତିଶୃତ ମସିହ୍ ସମସ୍ତ ଲୋକମାନଙ୍କୁ ଅନ୍ଧକାରରୁ ଆଲୋକ ଆଡ଼କୁ ଆଣିବାର କାରଣ ସାଜିବ । ଅର୍ଥାତ୍ ତାହାର ସଂପ୍ରଦାୟ ଅନ୍ୟ ସମସ୍ତ ସଂପ୍ରଦାୟ ଅପେକ୍ଷା ଉତ୍ତମ ହେବ । ସେହି ସଂପ୍ରଦାୟ ଲୋକମାନଙ୍କ ମଙ୍ଗଳ ସାଧନ ନିମନ୍ତେ ଜାତ ହୋଇଅଛି । ଅତଏବ୍ ନବୀ କରୀମ୍ ସ.ଅଙ୍କ ପ୍ରଥମ ଆଗମନ (ଅବତୀର୍ଣ୍ଣ) ଦ୍ୱିତୀୟ ଅବତୀର୍ଣ୍ଣକୁ ମଧ୍ୟ ଅଧିକ ଦୃଢୀ ରୂପେ ଧରି ରଖିବ ।" **(ହୁଜ୍ଜତୁଲ୍ ବାଲିଗା, ଗ୍ରନ୍ଥଖଣ୍ଡ-1, ଅଧ୍ୟାୟ-ହକିକତୁନ୍ ନୁବୁଓ୍ୱାହ୍, ପ୍ରକାଶନ ସ୍ଥାନ-ମିସର୍, ପୃ-83)**

ହ. ଶାହ୍ ଓ୍ୱଲିଉଲ୍ଲାଃ ମୁହଦ୍ଦିସ୍ ଦେହେଲୱୀ ଆଗମନକାରୀ ଇମାମ୍ ମେହଦୀ ତଥା ମସିହ୍ ମଉଦଙ୍କ ପଦମର୍ଯ୍ୟାଦାର ଚର୍ଚ୍ଚା କରି ନିଜର ପୁସ୍ତକ କିତାବୁଲ୍ ଖୈରିଲ୍ କସିରରେ କୁହନ୍ତି: " حَقٌّ لَهُ أَنْ يَنْعَكِسَ فِيهِ أَنْوَارُ سَيِّدِ الْمُرْسَلِينَ صَلَّى اللّٰهُ عَلَيْهِ وَسَلَّمَ وَيَزْعَمُ الْعَامَّةُ أَنَّهُ إِذَا نَزَلَ إِلَى الْأَرْضِ كَانَ وَاحِدًا مِنَ الْأُمَّةِ كَلَّا بَلْ هُوَ شَرْحٌ لِلِاسْمِ الْجَامِعِ الْمُحَمَّدِيِّ وَنُسْخَةٌ مُنْتَسِخَةٌ مِنْهُ فَشَتَّانَ بَيْنَهُ وَبَيْنَ أَحَدٍ مِنَ الْأُمَّةِ **(ଅଲ୍ ଖୈରିଲ୍ କସିର୍, ପୃ-72, ପ୍ରକାଶନ ସ୍ଥାନ-ବିଜନୌର୍)**

**ଅନୁବାଦ:** ଅର୍ଥାତ୍ ଉମ୍ମତେ ମୁହମ୍ମଦିୟାରେ ଆଗମନକାରୀ ଇମାମ୍ ମେହଦୀ ତଥା ମସିହ୍ ମଉଦଙ୍କର ଏହି ଅଧିକାର ରହିଛି ଯେ, ଇମାମ୍ ମେହଦୀ ମଧ୍ୟରେ ସୈୟେଦୁଲ୍ ମୁର୍ସଲିନ୍ (ଅବତାରମାନଙ୍କର ଅଧିପତି) ହ. ମୁହମ୍ମଦ୍ ସ.ଅଙ୍କ ଆଲୋକ ପ୍ରତିଫଳିତ ହେଉ । ସାଧାରଣ ଲୋକେ ଏହା ଭାବନ୍ତି ଯେ, ସେହି ପ୍ରତିଶୃତ ମସିହ୍ ଏବଂ ଅଙ୍ଗୀକୃତ ମେହଦୀ ଯେତେବେଳେ ଆବିର୍ଭୂତ ହେବେ ସେତେବେଳେ କେବଳ ଉମ୍ମତି (ଅର୍ଥାତ୍ ଆଁହଜରତ ସ.ଅଙ୍କ ଧର୍ମାବଲମ୍ବୀୟ) ହେବେ ତାହା କଦାପି ନୁହଁ । ସେ ତ' ଆଁହଜରତ୍ ସ.ଅଙ୍କ ନାମର ସଂପୂର୍ଣ୍ଣ ବ୍ୟାଖ୍ୟାକାର ଏବଂ ସାର ହେବେ । ସେହି ପ୍ରତିଶୃତ ମସିହ୍ ଆଁହଜରତ୍ ସ.ଅଙ୍କ ଅବିକଳ (True Copy) ହେବେ । ସେହି ପ୍ରତିଶୃତ ମସିହ୍ ଏବଂ ଜଣେ ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀ ବ୍ୟକ୍ତିଙ୍କ ମଧ୍ୟରେ ବଡ଼ ପାର୍ଥକ୍ୟ ହେବ।"

ହ. ଇମାମ୍ ଅବଦୁର୍ ରଜ୍ଜାକ୍ କଶାନୀ ର.ଅ କୁହନ୍ତି: " الْمَهْدِيُّ الَّذِي يَجِيءُ فِي آخِرِ الزَّمَانِ فَإِنَّهُ يَكُونُ فِي الْأَحْكَامِ الشَّرْعِيَّةِ تَابِعًا لِمُحَمَّدٍ صَلَّى اللّٰهُ عَلَيْهِ وَسَلَّمَ وَفِي الْمَعَارِفِ وَالْعُلُومِ وَالْحَقِيقَةِ تَكُونُ جَمِيعُ الْأَنْبِيَاءِ وَالْأَوْلِيَاءِ تَابِعِينَ لَهُ كُلُّهُمْ ....لِأَنَّ بَاطِنَهُ بَاطِنُ مُحَمَّدٍ صَلَّى اللّٰهُ عَلَيْهِ وَسَلَّ" **(ଶରହି, କୁସୁସୁଲ୍ ହିକମି, ପ୍ରକାଶନ ସ୍ଥାନ-ମିସର୍)**

ଅର୍ଥାତ୍ ଶେଷ ଯୁଗରେ ଆଗମନକାରୀ ମେହଦୀ ଧର୍ମବିଧାନରେ ତ' ଆଁହଜରତ୍ ସ.ଅଙ୍କ ଆଜ୍ଞାବହତ୍ୱ ପ୍ରଦର୍ଶନକାରୀ ହେବେ । କିନ୍ତୁ ଜ୍ଞାନ, ଅଧ୍ୟାତ୍ମ ପରିଚୟ ଅନ୍ୟ ସତ୍ୟତା ଅଟନ୍ତି । ଅବତାର, ସାଧୁ ସନ୍ଥମାନେ ମେହଦୀଙ୍କ ଆଜ୍ଞାବହତ୍ୱ ହେବେ । କାରଣ ମେହଦୀ ଅ.ସଙ୍କ ଆଭ୍ୟନ୍ତରୀଣ ହ. ମୁହମ୍ମଦ୍ ସ.ଅଙ୍କ ଆଭ୍ୟନ୍ତରୀଣ ଅଟେ ।

ଅତଏବ୍ ଆଗମନକାରୀ ଇମାମ୍ ମେହଦୀ ଏବଂ ପ୍ରତିଶୃତ ମସିହ୍ ମଉଦଙ୍କ ପ୍ରକୃତ ମର୍ଯ୍ୟାଦା ଏହା ହିଁ ଯେ, ସେ ଆଁ ହଜରତ ସ.ଅଙ୍କ ପୂର୍ଣ୍ଣ ବୁରୁଜ୍ (ଛାୟୀ ବା ପ୍ରତିସ୍ଥାନିକ) ଅଟେ । ସୁତରାଂ ଏହି ପୂର୍ଣ୍ଣ ବୁରୁଜ୍ ଭବିଷ୍ୟବାଣୀ ଅନୁଯାୟୀ, ପୂର୍ବ ଅବତାରମାନଙ୍କ ଭବିଷ୍ୟବାଣୀ ଅନୁଯାୟୀ ଏବଂ ଉଭୟ ଲୋକର ଅଧିପତି ହ. ମୁହମ୍ମଦ ସ.ଅଙ୍କ ଭବିଷ୍ୟବାଣୀରେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସଙ୍କ ଅସ୍ତିତ୍ୱ ପୂର୍ଣ୍ଣାଙ୍ଗ ଅସ୍ତିତ୍ୱରେ ପରିପ୍ରକାଶିତ ହେଲା । ଆପଣ ପବିତ୍ର ତଥା କଲ୍ୟାଣମୟ ପରମେଶ୍ୱରଙ୍କ ତରଫରୁ ଇଙ୍ଗିତ କରି ଘୋଷଣା କଲେ ଯେ: "ସେହି ପରମେଶ୍ୱର ହିଁ ମୋତେ ପ୍ରେରଣ କରିଛନ୍ତି ଏବଂ ମୋ ଉପରେ ନିଜର ବିଶେଷ ଐଶୀବାଣୀ ଦ୍ୱାରା ପରିପ୍ରକାଶିତ କଲେ ଯେ, ମରିୟମଙ୍କ ପୁତ୍ର ମସିହ୍ (ଇସା ଅ.ସ) ମୃତ୍ୟୁବରଣ କରି ସାରିଛନ୍ତି । ସୁତରାଂ ତାହାଙ୍କର ଏହି ଐଶୀବାଣୀ ରହିଛି ଯେ, ମସିହ୍ ଇବନେ ମରିୟମ୍ ମୃତ୍ୟୁବରଣ କରି ସାରିଛନ୍ତି ଏବଂ ତାହାଙ୍କ ରଙ୍ଗରେ ରଙ୍ଗୀନ ହୋଇ ପ୍ରତିଶୃତି ଅନୁଯାୟୀ ଆସିଛି । وكان وعد الله مفعولا ۔ انت معى وانت على الحق المبين وانت معين و مصيب للحق ଅର୍ଥାତ୍ ଅଲ୍ଲାଃତାଲାଙ୍କର ପ୍ରତିଶୃତି ତଥା ତାହାଙ୍କ ଅଙ୍ଗୀକାର ଅବଶ୍ୟ ପୂର୍ଣ୍ଣ ହେବ । ତୁମ୍ଭେ ମୋ ସହିତ ଅଛ ଏବଂ ତୁମ୍ଭେ ସ୍ୱଷ୍ଟ ସତପଥର ଅଛ ଏବଂ ତୁମ୍ଭେ ହିଁ ସହାୟକ ଅଟେ ।" **(ଇଜାଲା ଔହାମ୍, ପୃ-302)**

ସେହିପରି ଆପଣ ଅ.ସ କହିଲେ: "ଐଶୀବାଣୀ ମାଧ୍ୟମରେ ମୋ ଉପରେ ସ୍ୱଷ୍ଟ ଉନ୍ମୁକ୍ତ କରାଗଲା କି ସେହି ମସିହ୍ ଯିଏ ଉମ୍ମତ୍ (ଇସଲାମ୍ ଧର୍ମ) ନିମନ୍ତେ ପ୍ରାରମ୍ଭରୁ ହିଁ ମଉଦ୍ (ପ୍ରତିଶୃତ) ଥିଲା ଏବଂ ସେହି ଶେଷ ମେହଦୀ ଯିଏ ଇସଲାମ୍ ଧର୍ମର ପତନ ସମୟରେ ଏବଂ ମାର୍ଗଭ୍ରଷ୍ଟତା ବ୍ୟାପୀବା ସମୟରେ ସିଧାସଳଖ ଈଶ୍ୱରଙ୍କ ତରଫରୁ ମାର୍ଗଦର୍ଶନ ପ୍ରାପ୍ତ କରି ଏବଂ ସେହି ଆକାଶୀୟ ଆହାର ନୂତନ ରୂପେ ମନୁଷ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବେ । ଏହା ହିଁ ବିଧିର ବିଧାନରେ ନିୟତିକୃତ ହୋଇଥିଲା।

ସେହି ପ୍ରତିଶ୍ରୃତ ମସିହଙ୍କ ସଂପର୍କରେ ଶୁଭ ସୂଚନା ଆଜି ଠାରୁ 1300 ବର୍ଷ ପୂର୍ବେ ରସୁଲ୍ କରୀମ୍ ସ.ଅ ଦେଇଥିଲେ । ଅତଏବ୍ ସେହି ପ୍ରତିଶ୍ରୃତ ମସିହ୍ ମୁଁ ହିଁ ଅଟେ । ଈଶ୍ୱରଙ୍କ କଥୋପକଥନ ଏବଂ ଅଶେଷ ଦୟାବାନଙ୍କ ସମ୍ବୋଧନ ଏତେ ସ୍ୱଷ୍ଟତାର ସହିତ ଏବଂ ଅହରହ ରୂପେ ଏଥି ସଂକ୍ରାନ୍ତରେ ପୂର୍ଣ୍ଣ ହେଲା ଯେ, ତହିଁରେ କୌଣସି ସଂଶୟର ପ୍ରଶ୍ନ ଉଠୁ ନାହିଁ । ଆପଣ ଅ.ସଙ୍କ ଉପରେ ଯେଉଁ ପ୍ରତ୍ୟେକ ଐଶୀବାଣୀ ହେଉଥିଲା ତାହା ଏକ ଲୌହ ଛଡ଼ ପରି ହୃଦୟ ମଧ୍ୟରେ ଧସି ଯାଉଥିଲା ଏବଂ ସମସ୍ତ ଐଶୀ କଥୋପକଥନ ଏପରି ଭବ୍ୟତାର ସହିତ ପୂର୍ଣ୍ଣ ହେଲା ଯେ, ତାହା ଦିବାଲୋକ ପରି ପୂର୍ଣ୍ଣ ହେଉଥିଲା । ଭବିଷ୍ୟବାଣୀର ନିରନ୍ତରତା ଏବଂ ବାହୁଲ୍ୟତା ଏବଂ ଚମତ୍କାରିକ ଶକ୍ତିର ଅପୂର୍ବ ଚମତ୍କାର ମୋତେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରିବା ନିମନ୍ତେ ବାଧ୍ୟ କଲା ଯେ, ଏହା ସେହି ଏକେଶ୍ୱର ଅସମକକ୍ଷ ଈଶ୍ୱରଙ୍କ ବାଣୀ ଅଟେ, ଯାହାଙ୍କ ବାଣୀ ପବିତ୍ର କୁରଆନ୍ କରୀମ୍ ଅଟେ । "

**(ତଜ୍କିରତୁସ୍ ଶାହାଦତୈନ୍, ପୃ-1,2, ପୃ-22)**

**ସମ୍ମାନିତ ଶ୍ରୋତାମଣ୍ଡଳୀ !** ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ଯେହେତୁ ଆୟତ୍ ଅନୁଯାୟୀ ଆପଣ ଅ.ସ وآخرين منهم لما يلحقوا بهم ଆଁହଜରତ୍ ସ.ଅଙ୍କ ପୂର୍ଣ୍ଣ ଛାୟୀ ଅଟନ୍ତି ତେଣୁ ଆପଣ ଅ.ସଙ୍କ କାଳରେ ଆଁହଜରତ୍ ସ.ଅଙ୍କ ଚମତ୍କାର ବର୍ଷା ପରି ବର୍ଷିଲା । ସୁତରାଂ ଏକ ବାସ୍ତବତା ଏହିକି ଯେ, ଆପଣଙ୍କ କାଳରେ ଆଁହଜରତ୍ ସ.ଅଙ୍କ କଲ୍ୟାଣମୟ ଚମତ୍କାର ବର୍ଷା ପରି ବର୍ଷିଲା । ତେଣୁ ଏହି ହିଁ ଆପଣ ଅ.ସଙ୍କ ସତ୍ୟତାର ମହାନ ନିଦର୍ଶନ ଏଭଂ ପ୍ରମାଣ ଅଟେ ।

ହୁଜୁର ଅ.ସ କହିଲେ: "ଉକ୍ତ ଆୟତର ଅର୍ଥ ଏହିକି ଯେ, ପୂର୍ଣ୍ଣ ମାର୍ଗଭ୍ରଷ୍ଟତା ପରେ ସତମାର୍ଗ ଏବଂ ତତ୍ତ୍ୱ ପ୍ରାପ୍ତକାରୀମାନେ ଆଁହଜରତ ସ.ଅଙ୍କ ଚମତ୍କାର ଏବଂ କଲ୍ୟାଣକୁ ଅବଲୋକକାରୀ କେବଳ ଦୁଇଟି ଗୋଷ୍ଠୀ ଅଟନ୍ତି । ପ୍ରଥମତଃ- ଆଁହଜରତ୍ ସ.ଅଙ୍କ ସାହାବାମାନେ ଯେଉଁମାନେ ଆଁହଜରତ ସ.ଅଙ୍କ ଆବିର୍ଭାବ ପୂର୍ବରୁ ପ୍ରଥମେ ଘୋର ଅନ୍ଧକାରରେ ପ୍ରପୀଡ଼ିତ ଥିଲା ଏବଂ ପୁନଶ୍ଚ ତତ୍ପରେ ଈଶ୍ୱରଙ୍କ କୃପାରୁ ସେମାନେ ଅବତାରତ୍ୱର ଯୁଗ କିମ୍ବା ଚମତ୍କାର ସ୍ୱଚକ୍ଷୁରୁ ଦେଖିଲେ, ଭବିଷ୍ୟବାଣୀକୁ ଅବଲୋକନ କଲେ ଏବଂ ବିଶ୍ୱାସ ସେମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି କଲା ଯେପରିକି ସେମାନଙ୍କର କେବଳ ଆତ୍ମା ବାକି ରହିଗଲା । ଦ୍ୱିତୀୟତଃ- ସେହି ଗୋଷ୍ଠୀ ଯିଏ ଉକ୍ତ ଆୟତ୍ ଅନୁଯାୟୀ ସାହାବାମାନଙ୍କ ପରି ମସିହ୍ ମଉଦଙ୍କ ଗୋଷ୍ଠୀ ଅଟନ୍ତି । କାରଣ ଏହି ଗୋଷ୍ଠୀ ବା ସଂପ୍ରଦାୟ ସାହାବାମାନଙ୍କ ପରି ଆଁହଜରତ ସ.ଅଙ୍କ ଚମ୍ତାକରକୁ ଅବଲୋକନକାରୀ ଅଟେ ଓ ଅନ୍ଧକାର ତଥା ମାର୍ଗଭ୍ରଷ୍ଟତା ପରେ ସତମାର୍ଗ ପ୍ରାପ୍ତକାରୀ ଗୋଷ୍ଠୀ ଅଟେ । ଆୟତ୍ وآخرين منهم لما يلحقوا بهمରେ ଉକ୍ତ ସଂପ୍ରଦାୟକୁ ମିନହୁମର ଧନ ଦୌଲତ (ସମ୍ପତ୍ତି) ଅପେକ୍ଷା ଅର୍ଥାତ୍ ସାହାବାମାନଙ୍କ ତୁଲ୍ୟ ହେବାର ପୁରସ୍କାରରୁ ଅଂଶ ପ୍ରଦାନ କରାଯାଇଛି । ଏହା ସେହି ପ୍ରସଙ୍ଗ ଆଡ଼କୁ ଇଙ୍ଗିତ କରେ ଅର୍ଥାତ୍ ଯେପରି ସାହାବା ର.ଅ ଆଁହଜରତ ସ.ଅଙ୍କ ଚମତ୍କାରକୁ ଦେଖି ଏବଂ ଭବିଷ୍ୟବାଣୀ ଅବଲୋକନ କଲେ ଠିକ୍ ସେହିପରି ଏହି ଦ୍ୱିତୀୟ ଯୁଗ ଅର୍ଥାତ୍ ଶେଷ ଯୁଗର ଲୋକମାନେ ମ ଧ ସେହି ନିଦର୍ଶନ ସବୁ ଅବଲୋକନ କରିବା ଏବଂ ମଧ୍ୟଯୁଗରେ ଏହା ପୂର୍ଣ୍ଣ ପୁରସ୍କାରର ଅଶଂ ହେବ ନାହିଁ । ସୁତାରଂ ଆଜିକାଲି ଏହିପରି ହିଁ ହେଲା ଯେ, ଦୀର୍ଘ 1300 ବର୍ଷ ପରେ ପୁନଶ୍ଚ ଆଁହଜରତ ସ.ଅଙ୍କ ଚମତ୍କାରର ଦ୍ୱାର ଉନ୍ମୁକ୍ତ ହୋଇଗଲା ଏବଂ ଲୋକମାନେ ନସ୍ୱଚକ୍ଷୁରୁ ଦେଖିନେଲେ ଯେ, କୁସୁଫ୍ ଓ ଖୁସଫ୍ (ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ର ପରାଗ ବା ଗ୍ରହଣ) ରମଜାନ ମାସରେ ଦାରେ କୁତନୀ ଏବଂ ଫତାୱା ଇବନେ ହିଜରଙ୍କ ହଦିସ୍ ଅନୁଯାୟୀ ପ୍ରଦୁର୍ଭୂତ ହେଲା । ଅର୍ଥାତ୍ ରମଜାନ୍ ମାସରେ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ର ପରାଗ ହେଲା । ଯେପରିକି ହଦିସର ବିଷୟ ବସ୍ତୁରେ ଉଲ୍ଲେଖ ରହିଥିଲା କି ଚନ୍ଦ୍ର ପରାଗ ନିଜର ପରାଗର ରାତ୍ର ସମୟରେ ପୂର୍ବ ରାତ୍ରେ ଏବଂ ସୂର୍ଯ୍ୟଗ୍ରହଣ ନିଜର ଗ୍ରହଣ ଦିନମାନଙ୍କରେ ମଧ୍ୟବର୍ତ୍ତୀ ଦିନରେ ସଂଘଟିତ ହେଲା । ଏହି ଗ୍ରହଣ ଏପରି ସମୟରେ ହେଲା, ଯେତେବେଳେ ମେହଦୀ ହେବାର ଦାବି କୁରଥିବା ଦାବିକର୍ତ୍ତା ବ୍ୟକ୍ତି ଉପସ୍ଥିତ ଥିଲା ଏବଂ ଯେବେଠାରୁ ଭୂମି ଓ ଆକାଶ (ପୃଥିବୀ) ସୃଷ୍ଟି ହୋଇ ନଥିଲା ସେବେ ଠାରୁ ଏହି ସ୍ଥିତି ଉପୁଜି ନାହିଁ । କାରଣ ଇତିହାସରେ ଆଜି ପର୍ଯ୍ୟ କୌଣସି ବ୍ୟିକ୍ତି ଏହାର ଉପମା ଏବଂ ଦୃଷ୍ଟାନ୍ତ ଇତିହାସରୁ ପ୍ରମାଣିତ କରିପାରି ନାହିଁ । ତେଣୁ ଆଁହଜରତ୍ ସ.ଅଙ୍କ ଏହି ଚମତ୍କାରକୁ ଲୋକମାନେ ସ୍ୱଚକ୍ଷୁରେ ଅବଲୋକନ (ଦେଖିନେଲେ) କରିନେଲେ । ପୁନଶ୍ଚ ଜୁସ୍ ସିନ୍ନୈନ୍ ତାରକା ମଧ୍ୟ ଦୃଶ୍ୟମାନ ହେବା ମେହଦୀ ଓ ମସିହଙ୍କ ସମୟରେ ବର୍ଣ୍ଣନା କରାଯାଇଥିଲା । ଏହି ତାରକା ଦ୍ୱୟକୁ ସହସ୍ର ସହସ୍ର ଲୋକମାନେ ବାହାରୁଥିବାର ଦେଖିନେଲେ । ଠିକ୍ ସେହିପରି ଜାଭା ଦ୍ୱୀପର ଆଗ୍ନେୟ ଉଦଗୀରଣର ନିଆଁ ମଧ୍ୟ ଲକ୍ଷ ଲକ୍ଷ ଲୋକମାନେ ଅବଲୋକନ କଲେ । ସେହିପରି ମସିହଙ୍କ କାଳରେ ପ୍ଲେଗ ଗୋର ବ୍ୟାପୀତା ଏବଂ ହଜରୁ ଲୋକମାନଙ୍କୁ ଅଟକାଇ ଦିଆଯିବା ମଧ୍ୟ ସମସ୍ତେ ସ୍ୱଚକ୍ଷୁରେ ଅବଲୋକନ କରିନେଲେ । ଦେଶରେ ରେଳ ଚଳାଚଳ ନିମନ୍ତେ ରାସ୍ତା ନିର୍ମିତ ହେବା, ଓଟ ବେକାର ହୋଇଯିବା ଇତ୍ୟାଦି ସମସ୍ତ ଭବିଷ୍ୟବାଣୀ ଏବଂ ପ୍ରସଙ୍ଗ ଆଁହଜରତ୍ ସ.ଅଙ୍କର ଚମତ୍କାର ଥିଲା । ଏହି ଚମତ୍କାର ସେହି କାଳରେ ଏହିପରି ଦେଖିବାକୁ ମିଳିଲା ଯେପରି ସାହାବାମାନେ ଚମତ୍କାରକୁ ଅବଲୋକନ କରିଥିଲେ । ସେହି କାରଣରୁ ଅଲ୍ଲାଃତାଲା ସେହି ଶେଷ ଯୁଗର ସଂପ୍ରଦାୟକୁ "**ମିନହୁମ୍**" ଶବ୍ଦ ଦ୍ୱାରା ନାମିତ କରି ଇଙ୍ଗିତ କଲେ ଯେ, ଚମତ୍କାର ଦେଖିବାରେ ସେମାନେ ଅର୍ଥାତ୍ ମସିହ୍ ମଉଦଙ୍କ ସଂପ୍ରଦାୟ ମଧ୍ୟ ସାହାବାମାନଙ୍କ ତୁଲ୍ୟ ହେବେ । ଟିକେ ଚିନ୍ତା କରି ଦେଖ ଯେ, 1300 ବର୍ଷରେ ଏପରି ଯୁଗ ମିନହାଜେ ନବୁୱତ୍ (ଅବତାରତ୍ୱ ମାର୍ଗ ଅନୁଯାୟୀ)ର ଆଉ କିଏ ପଇଲା ?"

ସାଂପ୍ରତିକ କାଳରେ ଯହିଁରେ ଆମର ଜମାଅତ୍ ସୃଷ୍ଟି ହୋଇଛି ତାହା ଅନେକ କାଳରୁ ସେହି ସାହାବାମାନଙ୍କ ଜମାଅତ୍ ସହିତ ସାମଞ୍ଜସ୍ୟତା ରଖୁଛି । ଯେପରି ଆଁହଜରତ୍ ସ.ଅଙ୍କ ସାହାବାମାନେ ଚମତ୍କାର ଦେଖିଥିଲେ ଠିକ୍ ସେହିପରି ଆମ ଜମାଅତର ଲୋକମାନେ ଚମତ୍କାର ଏବଂ ନିଦର୍ଶନ ଦେଖନ୍ତି । ଆଁହଜରତ୍ ସ.ଅଙ୍କ ସାହାବାମାନେ ଯେପରି ଆପଣ ସ.ଅଙ୍କ ଚମତ୍କାର ତଥା ନିଦର୍ଶନ ସଦ୍ୟତମ ସମର୍ଥନ ଦ୍ୱାରା ବିଶ୍ୱାସ କଲେ । ଠିକ୍ ସେହିପରି ଆମ ଜମାଅତ୍ ମଧ୍ୟ ଅଲ୍ଲାଃତାଲାଙ୍କ ନିଦର୍ଶନ ଏବଂ ଚମତ୍କାରକୁ ସମର୍ଥନ ଓ ସଦ୍ୟତମ ବୋଲି ବିଶ୍ୱାସ କରିଥାଉ ।ସାହାବାମାନେ ଯେଉଁ ଆଲୋକର ବିଶ୍ୱାସକୁ ପ୍ରାପ୍ତ କିରଥିଲେ, ଠିକ୍ ସେହିପରି ପ୍ରତିଶ୍ରୃତ ମସିହଙ୍କ ସଂପ୍ରଦାୟର ଲୋକମାନେ ଓ ମସିହଙ୍କ କାଳରେ ଲୋକମାନେ ମଧ୍ୟ ଅଲୋକର ବିଶ୍ୱାସକୁ ପ୍ରାପ୍ତ କରିବେ । ଯେପରି ସାହାବାମାନେ ଈଶ୍ୱରଙ୍କ ମାର୍ଗରେ ଲୋକମାନଙ୍କର ଉପହାସ, ଅଭିଶାପ, ବ୍ୟଙ୍ଗ ବିଦ୍ରୂପ ଓ ନାନା ହୃଦୟ ବ୍ୟଥିତ କୁଭାଷା ଏବଂ ସଂପର୍କ ଭଙ୍ଗର ଅକଥନୀୟ ନିର୍ଯାତନାକୁ ସହ୍ୟ କରିଥିଲେ ଠିକ୍ ସେହିପରି ଉପହାସ, ଅଭିଶାପ, ବ୍ୟଙ୍ଗ ବିଦ୍ରୂପ ଓ ନାନା ହୃଦୟ ବ୍ୟଥିତ କୁଭାଷା ଏବଂ ସଂପର୍କ ଭଙ୍ଗର ଅକଥନୀୟ ନିର୍ଯାତନାକୁ ମସିହଙ୍କ କାଳରେ ଥିବା ଲୋକମାନେ ଈଶ୍ୱରଙ୍କ ମାର୍ଗରେ ଉପରୋକ୍ତ ନିର୍ଯାତନା ସହ୍ୟ କରୁଛନ୍ତି । ଯେପରି ଆଁହଜରତ୍ ସ.ଅଙ୍କ ସାହାବାମାନେ ଜ୍ୱଳନ୍ତ ନିଦର୍ଶନ ଏବଂ ଆକାଶୀୟ ସାହାଯ୍ୟ ଓ ତତ୍ତ୍ୱ ଭିତ୍ତିକ ଶିକ୍ଷା ଦ୍ୱାରା ପବିତ୍ର ଜୀବନ ପ୍ରାପ୍ତ କରିଥିଲେ ଠିକ୍ ସେହିପରି ପ୍ରତିଶ୍ରୃତ ମସିଙ୍କ କାଳରେ ଲୋକମାନେ ଅର୍ଥାତ୍ ମସିହ୍ ମଉଦଙ୍କୁ ସ୍ୱୀକରା କରିଥିବା ଲୋକମାନେ ମଧ୍ୟ ଜ୍ୱଳନ୍ତ ନିଦର୍ଶନ ଏବଂ ଆକାଶୀୟ ସାହାଯ୍ୟ ଓ ତତ୍ତ୍ୱ ଭିତ୍ତିକ ଶିକ୍ଷା ଦ୍ୱାରା ପବିତ୍ର ଜୀବନ ପ୍ରାପ୍ତ କରିଚାଲିଛନ୍ତି । ଯେପରି ଆଁହଜରତ୍ ସ.ଅଙ୍କ ସାହାବାମାନଙ୍କ ମଧ୍ୟରୁ ଅସଂଖ୍ୟ ଲୋକମାନେ ନମାଜରେ ରୋଦନ ଏବଂ ବିଳାପ କଲେ ଏବଂ ସିଜଦା ସ୍ଥାନରୁ ଲୁହ ଦ୍ୱାରା ଭିଜାଇଦେଲେ । ଟିକ୍ ସେହିପରି ପ୍ରତିଶ୍ରୃତ ମସିହଙ୍କ ଜମାଅତର ସଦସ୍ୟବୃନ୍ଦମାନେ ମଧ୍ୟ ନମାଜରେ ରୋଦନ ଏବଂ ବିଳାପ କଲେ ଏବଂ ସିଜଦା ସ୍ଥାନରୁ ଲୁହ ଦ୍ୱାରା ଭିଜାଇ ଦିଅନ୍ତି। ଯେପରି ଆଁହଜରତ୍ ସ.ଅଙ୍କ ସାହାବାମାନଙ୍କୁ ସତ୍ୟ ସ୍ୱପ୍ନ ଏବଂ ଐଶୀବାଣୀ ହେଉଥିବା ଠିକ୍ ସେହିପରି ପ୍ରତିଶ୍ରୃତ ମସିହଙ୍କ କାଳର ଲୋକମାନଙ୍କୁ ମଧ୍ୟ ସତ୍ୟ ସ୍ୱପ୍ନ ଏବଂ ଐଶୀବାଣୀ ହେଉଅଛି । ଯେପରି ଆଁହଜରତ ସ.ଅଙ୍କ କାଳରେ ସାହାବାମାନେ ପ୍ରଭୁଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ସକାଶେ ନିଜର କଷ୍ଟୋପାର୍ଜିତ ଧନକୁ ବ୍ୟୟ କରୁଥିଲେ ଠିକ୍ ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଆପଣ ଅ.ସଙ୍କ ଜମାଅତର ସଦସ୍ୟବୃନ୍ଦ ମଧ୍ୟ ପ୍ରଭୁଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ସକାଶେ ନିଜର କଷ୍ଟୋପାର୍ଜିତ ଧନକୁ ଜମାଅତ୍ ସକାଶେ ବ୍ୟୟ କରିଥାନ୍ତି । ସେହି ଲୋକମାନଙ୍କ ମଧ୍ୟରୁ ଏପରି କେତେକ ଲୋକ ମଧ୍ୟ ଦେଖିବାକୁ ମିଳିବେ ଯେ, ଯେପରି ସାହାବାମାନେ ନିଜର ମୃତ୍ୟୁ ମନେ ରଖିଥିଲେ, ସେମାନେ ନିଜର ହୃଦୟକୁ ପ୍ରକୃତ ଧର୍ମପରାୟଣତା ପରିଚାଳିତ କରାଇଥିଲେ, ଠିକ୍ ସେହିପରି ମସିହ୍ ମଉଦ୍ ଅ.ସଙ୍କ ଜମାଅତର ଲୋକମାନେ ମୃତ୍ୟୁକୁ ମନେରଖି ଏବଂ ହୃଦୟକୁ କୋମଳ ଏବଂ ପ୍ରକୃତ ଧର୍ମପରାୟଣର ମାର୍ଗରେ ପରିଚାଳିତ କରାଇଥାଆନ୍ତି । ଯେପରି ସାହାବାମାନଙ୍କର ଜୀବିନୀ ରହିଥିଲା ଯେ, ସେମାନେ ଈଶ୍ୱରଙ୍କ ଗୋଷ୍ଠୀ ଥିଲେ ଯେଉଁମାନଙ୍କୁ ଈଶ୍ୱର ନିଜେ ସମ୍ଭାଳିଥିଲେ ଏବଂ ଦିନକୁ ଦିନ ସେମାନଙ୍କ ହୃଦୟକୁ ଅଲ୍ଲାଃତାଲା ପବିତ୍ର କରିଥିଲେ । ଠିକ୍ ସେହିପରି ପ୍ରତିଶ୍ରୃତ ମସିହଙ୍କ ସଂପ୍ରୟର ଲୋକମାନଙ୍କୁ ଅଲ୍ଲାଃତାଲା ସମ୍ଭାଳି ସେମାନଙ୍କର ହୃଦୟକୁ ଦିନକୁ ଦିନ ପବିତ୍ର କରୁଛନ୍ତି ଏବଂ ସେମାନଙ୍କର ହୃଦୟକୁ ବିଶ୍ୱାସକ ତତ୍ତ୍ୱ ଦ୍ୱାରା ପରିପୂର୍ଣ୍ଣ କରୁଛନ୍ତ, ଆକାଶୀୟ ନିଦର୍ଶନ ଦ୍ୱାରା ସେହି ଲୋକମାନଙ୍କୁ ନିଜ ଆଡକୁ ଆକର୍ଷିତ କରୁଛନ୍ତି । ଅର୍ଥାତ୍ ଅଲ୍ଲାଃତାଲା ଯେପରି ସାହାବାମାନଙ୍କୁ ଆକର୍ଷିତ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍ଲୁଲ୍ ଇଫ୍କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

କରିଥିଲେ ଠିକ୍ ସେହିପରି ଅଲ୍ଲାଃତାଲା ପ୍ରତିଶୃତ ମସିହଙ୍କ କାଳରେ ଲୋକମାନଙ୍କ ହୃଦୟକୁ ଆକର୍ଷି କରିବେ । ଅତଏବ୍ ଉକ୍ତ ସଂପ୍ରଦାୟ (ଜମାଅତ୍ ଅହମଦିୟାରେ) ସେହି ସମସ୍ତ ନିଦର୍ଶନ ଏବଂ ଲକ୍ଷଣ ଦେଖିବାକୁ ମିଳେ ଯେଉଁ ସବୁ ନିଦର୍ଶନ ଏବଂ ଲକ୍ଷଣ اخرین مِنْهُمْ ଶବ୍ଦର ଭାବାର୍ଥରୁ ପରିସ୍ଫୁଟିତ ହେଉଅଛି ଏବଂ ଏହା ଅବଶ୍ୟ ଥିଲା କି ଈଶ୍ୱରଙ୍କ କଥନ (ବାଣୀ) ଦିନେ ସତ୍ୟ ପ୍ରମାଣିତ ହେଉ । **(ଅୟ୍ୟାମୁସ୍ ସୁଲାହ୍, ପ୍ରାମାଣ୍ୟ-ହ. ମସିହ୍ ମଉଦ୍ ଅ.ସ, ତଫସିର୍ ସୁରତୁଲ୍ ଜୁମା, ପୃ-128-129)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆଁହଜରତ ସ.ଅଙ୍କ ପୂର୍ଣ୍ଣ ପ୍ରତିଛାୟା ହେବାର ଅର୍ଥ ସ୍ପଷ୍ଟୀକରଣ ପ୍ରଦାନ କରନ୍ତି ଯେ, ଚର୍ଚ୍ଚିତ ଆୟତ୍ واٰخرین منھم لما یلحقوا بھم ଅର୍ଥ ଏହିକି ଯେ, "ଆମ୍ଭର ନୈଷ୍ଠିକ ଭକ୍ତମାନେ" **(ଅବଶିଷ୍ଟାଂଶ.....ପୃ-14ରେ)**

## ପୃ-1ରେ ବର୍ଣ୍ଣିତ ପ୍ରତିଶୃତ ମସିହ୍ ମଉଦ୍ ଅ.ସଙ୍କ ବାଣୀର ଅବଶିଷ୍ଟାଂଶ.....

**(ଏକ ଗଲ୍‌ତି କା ଇଜାଲା, ପୃ-8-9, ପ୍ରକାଶନ ସ୍ଥାନ-1901 ମସିହା)**

ଜଣେ ବରେଲୀ ବ୍ୟକ୍ତି ଜମାଅତ୍ ଅହମଦିୟାର ସଂସ୍ଥାପକ ହ. ମସିହ୍ ମଉଦ୍ ଅ.ସଙ୍କ ନିକଟକୁ ଏକ ପତ୍ର ଲେଖିଲା । ସେହି ପତ୍ରରେ ସେ ଏହା ଉଲ୍ଲେଖ କଲା ଯେ, "ମହୋଦୟ ! ଯେଉଁ ପ୍ରତିଶୃତ ମସିହଙ୍କ ଆଗମନ ସଂପର୍କରେ ଆଁହଜରତ୍ ସ.ଅ ହଦିସରେ ସୂଚନା ପ୍ରଦାନ କରିଥିଲେ କ'ଣ ଆପଣ ସେହି ପ୍ରତିଶୃତ ଅଟନ୍ତି ? ଯଦି ଆପଣ ପ୍ରତିଶୃତ ମସିହ୍ ଅଟନ୍ତି ତେବେ ଆପଣ ଈଶ୍ୱରଙ୍କ ରାଣ ଖାଇ ମୋ ପତ୍ରର ଉତ୍ତର ଲେଖନ୍ତୁ ।"

ଅତଏବ୍ ପ୍ରତ୍ୟୁତ୍ତରରେ ପୁଣ୍ୟଶ୍ଳୋକ ଶପଥ କରି କହିଲେ, "ଶ୍ରୀମାନ୍ ! ମୁଁ ପୂର୍ବେ ମଧ୍ୟ ଉକ୍ତ ବିସ୍ତୃତ ସ୍ୱୀକାରୋକ୍ତିକୁ ନିଜର ପୁସ୍ତକମାନଙ୍କରେ ଶପଥପୂର୍ବକ ଉଲ୍ଲେଖ କରିଛି ଏବଂ ଏବେ ମଧ୍ୟ ଏହା ଉପରେ ମୁଁ ଈଶ୍ୱରଙ୍କ ଶପଥ କରି ଉଲ୍ଲେଖ କରି ଦଉଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି ।

ମୁଁ ହେଉଛି ସେହି ପ୍ରତିଶୃତ ମସିହ୍ ଯାହାଙ୍କ ସଂପର୍କରେ ଆଁହଜରତ୍ ସ.ଅ ସଠିକ୍ ହଦିସମାନଙ୍କରେ ସୂଚନା ପ୍ରଦାନ କରିଥିଲେ । ସେହି ସଠିକ୍ ହଦିସଗୁଡ଼ିକ ବୁଖାରୀ ଏବଂ ସହି ମୁସଲିମ୍ ଓ ଅନ୍ୟ ସଠିକ୍ ହଦିସର ପୁସ୍ତକମାନଙ୍କରେ ଉଲ୍ଲିଖିତ ଅଛି । وَكَفٰى بِاللّٰهِ شَهِيْدًا ।"

**(ରୁହାନୀ ଖଜାଏନ୍, ମଲଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-326-327)**

☆ ☆ ☆

## ପୃ-1ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ.....

ତେବେ ମଧ୍ୟ ମୁଁ ପ୍ରଭୁଙ୍କ ସହିତ ବାର୍ତ୍ତାଳାପ କରିବାର ସୁଯୋଗ ପ୍ରାପ୍ତ କରିପାରି ନଥାଆନ୍ତି । କାରଣ ବର୍ତ୍ତମାନ ଆଁହଜରତ ସ.ଅଙ୍କ ଅବତାରତ୍ୱ ବ୍ୟତୀତ ଅନ୍ୟ ସମସ୍ତ ଅବତାରତ୍ୱ ବନ୍ଦ ଅଟେ । କୌଣସି ଧର୍ମବୈଧାନିକ ଅବତାର ଆଉ ଆସି ପାରିବ ନାହିଁ । କିନ୍ତୁ ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ଧର୍ମାବଲମ୍ବୀୟ ହୋଇଥିବା ସେହି ବ୍ୟକ୍ତି ହିଁ ଧର୍ମବୈଧାନିକ ଅବତାର ହୋଇ ପାରିବ । **(ତଜଲ୍ଲିୟାତେ ଇଲାହିୟାହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-411-412)**

ଅଲହମଦୁ ଲିଲ୍ଲାଃ ବିଗତ ଶହେ ବର୍ଷ ମଧ୍ୟରେ ଲୋକମାନେ ନିଜ ଦୋଷ ତ୍ରୁଟିର ମାର୍ଜନା ତଥା ସଂଶୋଧନ ନିମନ୍ତେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ବିଶ୍ୱାସ ଆଣି ସାରିଛନ୍ତି । ଏପର୍ଯ୍ୟନ୍ତକି ବଡ଼ ବଡ଼ ଆରବ୍ୟ ସ୍କଲାର୍ (ବିଦ୍ୱାନ ପଣ୍ଡିତମାନେ)ମାନେ ମଧ୍ୟ ବିଶ୍ୱାସ ଆଣି ସାରିଛନ୍ତି । ଯେତେବେଳେ ଏହି ଆରବ୍ୟ ସ୍କଲାରମାନେ ନିଜର ଦୋଷ ତ୍ରୁଟି ସଂପର୍କରେ ଜାଣିଲେ ବା ଅବଗତ ହେଲେ ସେତେବେଳେ ସେମାନେ ଆଁହଜରତ୍ ସ.ଅ ଏବଂ ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ଉପରେ ଦୁରୁଦ୍ ଶରୀଫ୍ ପାଠ କରୁଛନ୍ତି ।

(3) ମୁସଲମାନମାନଙ୍କ ମଧ୍ୟରେ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍ ବିରୁଦ୍ଧରେ ଏହି ଭୟଙ୍କର ଭୁଲ୍ ଧର୍ମବିଶ୍ୱାସ ପ୍ରଚଳିତ ଥିଲା ଯେ, ଏବେ ମଧ୍ୟ ଖଡ଼ଗ ଜିହାଦ୍ ଜାରି ରହିଛି ଏବଂ ଆଗମନକାରୀ ଇମାମ୍ ମେହଦୀ ଖଡ଼ଗ ଚାଳନା କରି ଧର୍ମର ପ୍ରଚାର ପ୍ରସାର କରିବେ । କିନ୍ତୁ ହ. ମସିହ୍ ମଉଦ୍ ଅ.ସ କହିଲେ ଯେ, ଆଁହଜରତ ସ.ଅ ଇମାମ୍ ମେହଦୀ ତଥା ପ୍ରତିଶୃତ ମସିହ୍ ମଉଦଙ୍କ ସଂପର୍କରେ ସ୍ପଷ୍ଟ ରୂପେ କହି ଦେଇଥିଲେ ଯେ, ସେହି ଯୁଗରେ ଜିହାଦ୍ ପରିତ୍ୟାଗ କରିଦିଆଯିବ। ଯେପରିକି ବୁଖାରୀର ହଦିସରେ ଉଲ୍ଲିଖିତ ହୋଇଛି ଯେ, ଯେତେବେଳେ ପ୍ରତିଶୃତ ମସିହ୍ ଆସିବେ ସେତେବେଳେ يضعُ الحرب ଅର୍ଥାତ୍ ଯୁଦ୍ଧ ପରିତ୍ୟାଗ ହୋଇଯିବ। ପ୍ରତିଶୃତ ମସିହଙ୍କ କାଳରେ ଯୁଦ୍ଧ ହେବ ନାହିଁ । ପ୍ରତିଶୃତ ମସିହ୍ ଯୁଦ୍ଧକୁ ସମାପ୍ତ କରିଦେବେ ।**(ବୁଖାରୀ କିତାବୁଦ୍ ଦୁନିୟା, ବାବ୍- ନୁଜୁଲୁ ଇସା ଇବନେ ମରିୟମ୍)**

ସେହିପରି ଅନ୍ୟ ଏକ ହଦିସରେ ଉଲ୍ଲିଖିତ ହୋଇଛି ଯେ, وَلَيَضَعَنَّ الْجِزْيَةَ ଅର୍ଥାତ୍ ପ୍ରତିଶୃତ ମସିହଙ୍କ କାଳରେ ଯିଜିୟା କର ସମାପ୍ତ ହୋଇଯିବ । **(ମୁସଲିମ୍)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ଈଶ୍ୱର ମୋତେ ସାଂପ୍ରତିକ ଯୁଗରେ ଇମାମ୍ ମେହଦୀ ଏବଂ ପ୍ରତଶୃତ ମସିହ୍ କରି ପ୍ରେରଣ କଲେ ଏବଂ ମୋ କାଳରେ ବର୍ତ୍ତମାନେ ଖଡ଼ଗ ଯୁଦ୍ଧର ପରିସମାପ୍ତି ହେଲା । ଲୋକେ ଆଉ ଖଡ଼ଗ ଯୁଦ୍ଧ କରିବେ ନାହିଁ । ହେ ମୁସଲମାନ ବିଦ୍ୱାନମାନେ ଏବଂ ମୋଲବୀମାନେ ! ମୋ କଥାକୁ ଶୁଣ ! ମୁଁ ସତ ସତ କହୁଛି ଯେ, ବର୍ତ୍ତମାନେ ଜିହାଦ୍ କରିବାର ସମୟ ନୁହେଁ। ଈଶ୍ୱରଙ୍କ ବାର୍ତ୍ତାବହଙ୍କ ଅବଜ୍ଞାକାରୀ ହୁଅ ନାହିଁ । ଯେଉଁ ମସିହ୍ ମଉଦ୍ ଅ (ପ୍ରତିଶୃତ ମସିହ) ଆସିବାର ଥିଲା ସେ ଆସି ସାରିଛନ୍ତି ଏବଂ ସେହି ପ୍ରତିଶୃତ ମସିହ୍ ଭବିଷ୍ୟରେ ଘଟବାକୁ ଥିବା ଖଡଗ ଯୁଦ୍ଧ ଏବଂ ହତ୍ୟା ବିଭୀଷୀକାକୁ ନିବୃତ୍ତ ରହିବା ନିମନ୍ତେ କହିଲେ । ତେଣୁ ବର୍ତ୍ତମାନେ ଏବେ ମଧ୍ୟ ରକ୍ତପାତ ଠାରୁ ନିବୃତ୍ତ ନରହିବା ଏବଂ ଏପରି ଉପଦେଶାବଳୀରୁ ମୁହଁ ବନ୍ଦ ନକରିବା ଇସଲାମ୍ ଧର୍ମ ନୁହେଁ । ତେଣୁ ଯେଉଁ ବ୍ୟକ୍ତି ମୋତେ ସ୍ୱୀକାର କଲେ ଏବଂ ସେ କେବଳ ସେହି ଉପଦେଶାବଳୀ ଠାରୁ ବିମୁଖତା ପ୍ରଦର୍ଶନ କରିବ ନାହିଁ । ବରଂ ଉକ୍ତ ପନ୍ଥାକୁ ଅତ୍ୟନ୍ତ ଘୃଣ୍ୟ ଓ ଈଶ୍ୱରଙ୍କ କୋପକୁ ଚିହ୍ନିବ।

**(ଗଭର୍ଣ୍ଣମେଣ୍ଟ ଇଂରେଜ ଓ ଜିହାଦ୍)**

ସେହିପରି ଆପଣ ଅ.ସ ଏହା ମଧ୍ୟ କହିଲେ ଯେ, "ବର୍ତ୍ତମାନ ଯେତେବେଳେ ପ୍ରତିଶୃତ ମସିହ୍ ମଉଦ୍ ଅ.ସ ଆସି ସାରିଛନ୍ତି । ତେଣୁ ପ୍ରତ୍ୟେକ ମୁସଲମାନମାନ ବ୍ୟକ୍ତିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଜିହାଦରୁ ନିବୃତ୍ତ ରହୁ । ମୁଁ ଯଦି ଆସି ନଥାଆନ୍ତି ତେବେ ସମ୍ଭବତଃ ଏହି ଭ୍ରାନ୍ତ ଧାରଣା କ୍ଷମଣୀୟ ହୋଇଥାଆନ୍ତା । କିନ୍ତୁ ବର୍ତ୍ତମାନ ମୁଁ ଯେତେବେଳେ ଆସିଯାଇଛି ଏବଂ ତୁମେମାନେ ପ୍ରତିଶୃତ ଦିବସ ବା ଅଙ୍ଗୀକୃତ ଦିବସକୁ ଅବଲୋକନ କରି ସାରିଛ । ତେଣୁ ବର୍ତ୍ତମାନେ ଧାର୍ମିକ ରୂପେ ଖଡ଼ଗୋତ୍ତୋଳନକାରୀମାନଙ୍କର ଈଶ୍ୱରମାନଙ୍କ ସମ୍ମୁଖରେ କୌଣସି ପ୍ରସଙ୍ଗ କ୍ଷମଣୀୟ ନୁହେଁ । ଅର୍ଥାତ୍ ଆଉ କିଛି ବାହାନା ଚଳିବ ନାହିଁ । ଯେଉଁ ବ୍ୟକ୍ତି ଦୃଷ୍ଟିଶକ୍ତିର ଅଧିକାରୀ ଏବଂ ହଦିସ୍ ପାଠ କରେ ଓ ପବିତ୍ର କୁରଆନ୍ କରୀମକୁ ଅବଲୋକନ କରେ (ପାଠ କରେ) ତେବେ ସେହି ବ୍ୟକ୍ତି ଭଲ ଭାବରେ ଏକଥା ବୁଝି ପାରିବ ଯେ, ସାଂପ୍ରତିକ କାଳର ଲୋକମାନେ ଜିହାଦର ଯେଉଁ ନୃଶଂସନୀୟ ପନ୍ଥା ଉପେରେ କାର୍ଯ୍ୟାନୁସରଣ କରୁଛନ୍ତି ତାହା ଇସଲାମୀୟ ଜିହାଦର କଦାପି ପଦବାଚ୍ୟ ହୋଇ ପାରିବ ନାହିଁ । ବରଂ ଏହା ପ୍ରରୋଚିତ ଓ ପ୍ରଣୋଦିତ ଆବେଗ ତଥା ଉତ୍ସାହଜନିତ ଅଟେ ଅବା ବୈକୁଣ୍ଠର ଅପକ୍ୱ ଲାଳସାଜନିତ ଅବୈଧ ଗତିବିଧି ଅଟେ । ଏହି ଗତିବିଧି ମୁସଲମାନମାନଙ୍କ ମଧ୍ୟରେ ପରିବ୍ୟାପ୍ତହୋଇଯାଇଛି ।"

ଆପଣ ଅ.ସ କହିଲେ, "ଦେଖ ମୁଁ ଏକ ଆଦେଶ ଘିନି ତୁମମାନଙ୍କ ନିକଟକୁ ଆସିଅଛି । ସେହି ଆଦେଶାବଳୀ ଏହିପରି ଯେ, ବର୍ତ୍ତମାନ ଠାରୁ ଖଡ଼ଗ ଜିହାଦର ଅବସାନ ହେଲା । କିନ୍ତୁ ନିଜର ଅନ୍ତର୍ମାର ଜିହାଦ୍ ଅବଶିଷ୍ଟ ରହିଛି । ଉକ୍ତ କଥା ମୁଁ ନିଜ ତରଫରୁ କହୁ ନାହିଁ ବରଂ ଈଶ୍ୱରଙ୍କର ଏହି ଇଚ୍ଛା ରହିଛି ।"

**(ଗଭର୍ଣ୍ଣମେଣ୍ଟ ଇଂରେଜ ଓ ଜିହାଦ୍)**

اب چھوڑ دو جہاد کا اے دوستو خیال
دیں کیلئے حرام ہے اب جنگ اور قتال
فرما چکا ہے سید کونین مصطفٰی
عیسٰی مسیح جنگوں کا کر دے گا التوا
یہ حکم سن کے بھی جو لڑائی کو جائے گا
وہ کافروں سے سخت ہزیمت اٹھائے گا

**(ତୋହଫା ଗୋଲଡ଼ୱିୟାହ୍, ପୃ-40)**

ଆମେ ବର୍ତ୍ତମାନ ସମସ୍ତ ପ୍ରସଙ୍ଗକୁ ପାଠକବୃନ୍ଦମାନଙ୍କ ଉପରେ ଛାଡ଼ି ଦେଉଛୁ ଯେ, ସେମାନେ ନିଜେ ନିଷ୍ପତ୍ତି ନିଅନ୍ତୁ ଯେ, 1900 ମସିହା ପରେ ଯେବେ ଠାରୁ ଇମାମ୍ ମେହଦୀ ଓ ମସିହ୍ ମଉଦ୍ (ଅଙ୍ଗୀକୃତ ମେହଦୀ ଓ ପ୍ରତିଶୃତ ମସିହ୍ ଅ.ସ) ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସ ଖଡ଼ଗ ଯୁଦ୍ଧର ପରିସମାପ୍ତିର ଫତୱା (ଧର୍ମାଦେଶ) ଜାରି କରିଛନ୍ତି ସେବେ ଠାରୁ ଗୋଟିଏ ଯୁଦ୍ଧରେ ବି ଯେଉଁ ଯୁଦ୍ଧ ଜିହାଦ୍ ନାମରେ କରାଯାଇଥିବ, ସେହି ଯୁଦ୍ଧରେ ମୁସଲମାନମାନଙ୍କୁ ଅବିଶ୍ୱାସୀକାରୀମାନଙ୍କ ବିପକ୍ଷରେ ସଫଳତା ପ୍ରାପ୍ତ ହୋଇଥିବ ଅବା ଏହି ଯୁଦ୍ଧ ଜିହାଦ୍ ନାମରେ ମୁସଲମାନମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଲଢିଥିଲେ, ପରସ୍ପରର ଗଳା କାଟିଲେ, ଜିହାଦ୍ ନାମରେ ଇସଲାମ୍ ଧର୍ମକୁ ବଦନାମ୍ କଲେ ଓ ମୁସଲମାନମାନଙ୍କୁ ଦୁର୍ବଳ କଲେ ।

ଏପରି ହୁଅନ୍ତା କି ମୁସଲମାନମାନେ ଈଶ୍ୱରଙ୍କ ତରଫରୁ ଆଗତ ସତ୍ୟାବତାର ପ୍ରତିଶୃତ ମସିହଙ୍କ ବେଦନାପୂର୍ବକ ଡାକକୁ ଯଦି ଶୁଣି ନିଅନ୍ତେ ତେବେ ଆଜି ସଂସାରରେ ମୁସଲମାନ ମୁସଲମାନର ରକ୍ତପାତ କରି ନଥାଆନ୍ତା ଏବଂ ସେମାନଙ୍କର ଶକ୍ତି ସକାରାତ୍ମକ କାର୍ଯ୍ୟରେ ବିନିଯୋଗ ହୋଇଥାଆନ୍ତା ।

ଅତଏବ୍ ଆପଣମାନେ ସେହି ହକମ୍ ଓ ଅଦଲ୍ (ସାଲିସ୍ ଏବଂ ନ୍ୟାୟ ପ୍ରଦର୍ଶନକାରୀ ପ୍ରତିଶୃତ ମସିହ) ଦ୍ୱାରା ମୀମାଂସ କରାଯାଇଥିବା ନିଷ୍ପତ୍ତି ଆଡ଼କୁ ଆସନ୍ତୁ । ତାଙ୍କର ଦ୍ୱାରା କରାଯାଇଥିବା ନିଷ୍ପତ୍ତି ଆସନ୍ତାରେ ସଂଖ୍ୟାରେ କଥାବାର୍ତ୍ତା କରାଯିବ । **ୱବିଲ୍ଲାଃହି ତୌଫିକ୍ (ଅଲ୍ଲାଃତାଲା ଯଦି ସାମର୍ଥ୍ୟ ପ୍ରଦାନ କରନ୍ତି) ।** ☆☆☆

## ପୃ-10 ରେ ବର୍ଣ୍ଣିତ ଖୁତବା ଜୁମା 02 ଜାନୁୟାରୀ 2026ରେ ଅବଶିଷ୍ଟାଂଶ....

ହୁଜୁର ଅନୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ନିଃସନ୍ଦେହ ରୂପେ ମୁଁ ଏହି ବିଶ୍ୱାସ ରଖୁଛି ଯେ, କୃପଣତା ଏବଂ ବିଶ୍ୱାସ ଗୋଟିଏ ହୃଦୟରେ କଦାପି ଏକତ୍ରିତ ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତି ସତହୃଦୟର ସହିତ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣେ ତେବେ ସେହି ବ୍ୟକ୍ତି ନିଜର ଧନକୁ ସେହି ଧନ ମନେକରେ ନାହିଁ ଯେଉଁ ଧନ ତାହାର ସିନ୍ଦୁକ ମଧ୍ୟରେ **(ଅବଶିଷ୍ଟାଂଶ....ପୃ-23ରେ)** ବନ୍ଦ ରହିଛି । ବରଂ ସେହି ବ୍ୟକ୍ତି ଈଶ୍ୱରଙ୍କ ସମସ୍ତ ନିଧିକୁ ନିଜର ନିଧି ରୂପେ

ସାହାବାମାନଙ୍କ ବ୍ୟତୀତ ମଧ୍ୟ ଅଛନ୍ତି । ଏକ ବିପୁଳ ଗୋଷ୍ଠୀ ଶେଷ ଯୁଗରେ ସୃଷ୍ଟି ହେବ । ଯେପରି ନବୀ କରୀମ୍ ସ.ଅ ନିଜ ସାହାବାମାନଙ୍କର ସଂସ୍କାର କରିଥିଲେ। ଠିକ୍ ସେହିପରି ଆଁହଜରତ ସ.ଅ ଏହି ଗୋଷ୍ଠୀର ଅପ୍ରକାଶ୍ୟ ରୂପେ ସଂସ୍କାର କରିବେ। ଅର୍ଥାତ୍ ସେହି ଲୋକମାନେ ଏପରି ଯୁଗରେ ଆବିର୍ଭୂତ ହେବେ ଯେଉଁ ଯୁଗରେ ପ୍ରକାଶ୍ୟ ଲାଭ ଏବଂ ଉପକୃତର ପରମ୍ପରା ଭଙ୍ଗ ହୋଇଯିବ ଏବଂ ଇସଲାମ୍ ଧର୍ମ ଅନେକ ପ୍ରକାରର ଦୋଷ୍ ତ୍ରୁଟି ଏବଂ ବିଦଅତ୍ (ନୂତନ ଆହୃତ ରୀତି) ଦ୍ୱାରା ପରିପୂର୍ଣ୍ଣ ହୋଇଯିବ ଏବଂ ଦରିଦ୍ର ଲୋକମାନଙ୍କ ମନରୁ ଆଭ୍ୟନ୍ତରୀଣ ଆଲୋକ ହ୍ରାସ ପାଇବ। ସେତେବେଳେ ଈଶ୍ୱର ଜଣେ ପବିତ୍ରାତ୍ମାଙ୍କୁ ବିନା କୌଣସି ସାହାଯ୍ୟରେ ପ୍ରକାଶ୍ୟ ପରମ୍ପରା ଏବଂ ପନ୍ଥା ଦ୍ୱାରା କେବଳ ନବୀ କରୀମ୍ ସ.ଅଙ୍କ ଆଧ୍ୟାତ୍ମିକତାର ସଂସ୍କାର ମାଧ୍ୟମରେ ପୂର୍ଣ୍ଣ ଆଧ୍ୟାତ୍ମିକତା ପର୍ଯ୍ୟନ୍ତ ପହଞ୍ଚାଇଦେବେ ଓ ତାହାଙ୍କୁ ଅର୍ଥାତ୍ ପ୍ରତିଶ୍ରୁତ ମସିହଙ୍କୁ ଏକ ବିପୁଳ ଗୋଷ୍ଠୀ ରୂପେ ଗଢି ତୋଳିବେ । ସେହି ଗୋଷ୍ଠୀ ବା ସଂପ୍ରଦାୟ ସାହାବାମାନଙ୍କ ଗୋଷ୍ଠୀ ସହିତ ବେଶ୍ ସାମଞ୍ଜସ୍ୟତା ସୃଷ୍ଟି କରି । କାରଣ ସେହି ସମସ୍ତ ପୂର୍ଣ୍ଣତ୍ୱ ଆଁହଜରତ ସ.ଅଙ୍କ କଷଣ ହେବ ଓ ଆଁହଜରତ ସ.ଅଙ୍କ ଲାଭ ତାଙ୍କ ଠାରେ ଜାରି ହେବ ।" **(ଆଇନା କମାଲାତେ ଇସଲାମ୍, ପ୍ରାମାଣ୍ୟ, ତଫସିର୍ ହ. ମସିହ୍ ମଉଦ୍ ଅ.ସ, ସୁରତୁଲ୍ ଜୁମା)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଇମାମ୍ ମେହଦୀ ତଥା ମସିହ୍ ମଉଦ୍ ଅ.ସଙ୍କର ଏକ ମହାନ ମର୍ଯ୍ୟାଦା ରହିଛି , ଯଥା- ଆଁହଜରତ୍ ସ.ଅ ଅତ୍ୟନ୍ତ ଉତ୍କଟ ପରିସ୍ଥିତି ଏବଂ ବିରୋଧ ସମୟରେ ମଧ୍ୟ ଇମାମ୍ ମେହଦୀ ଅ.ସଙ୍କ ସଂପର୍କରେ ଆଦେଶ ଦେଲେ ଯେ, ତାଙ୍କୁ ଆପଣଙ୍କର ସଲାମ୍ (ମନସ୍କାର) ପହଞ୍ଚାଇ ଦିଆଯାଉ ଏବଂ ତାଙ୍କ ହସ୍ତରେ ବୈଅତ୍ କରାଯାଉ । ତେଣୁ ଆପଣ ସ.ଅଙ୍କ ଆଦେଶ ରହିଛି ଯେ, اَلَا اِنَّ عِیۡسَی بۡنَ مَرۡیَمَ لَیۡسَ بَیۡنِیۡ وَبَیۡنَہٗ نَبِیٌّ وَّلَا رَسُوۡلٌ اَنَّہٗ خَلِیۡفَتِیۡ فِیۡ اُمَّتِیۡ مِنۡ بَعۡدِیۡ، اَلَا اِنَّہٗ یَقۡتُلُ الدَّجَّالَ وَیَکۡسِرُ الصلیب وَیَضَعُ الۡجِزۡیَۃَ، وَتَضَعُ الۡحَرۡبُ اَوۡزَارَھَا اَلَا مَنۡ اَدۡرَکَہٗ فَلۡیَقۡرَاۡ علیہ السلام
**(ତିବ୍ରାନୀଉଲ୍ ଔସତା ଓସ୍ ସଗିରି, ପ୍ରାମାଣ୍ୟ, ହଦିକତୁସ୍ ସାଲିହିନ୍, ହଦିସ୍ ନଂ-954)**

ଅନୁବାଦ: ଅର୍ଥାତ୍ ହେ ମୁସଲମାନମାନେ ଧ୍ୟାନର ସହିତ ଶୁଣ ! ମୋ ମଧ୍ୟରେ ଏବଂ ମସିହ୍ ମଉଦ୍ ମଧ୍ୟରେ କେହି ବି ଅବତାର ହେବ ନାହିଁ (ଆସିବ ନାହିଁ) ଓ ନା ହିଁ କୌଣସି ବାର୍ତ୍ତାବହ । ସେହି ମସିହ୍ ମଉଦ୍ ମୋ ପରେ ମୋ ଧର୍ମରେ ମୋର ଖଲିଫା (ଉତ୍ତରାଧିକାରୀ) ହେବ । ପୁନଶ୍ଚ ଧ୍ୟାନର ସହିତ ମୋ କଥା ଶୁଣ ! ଦଜ୍ଜାଲ୍ ପ୍ରବଞ୍ଚକକୁ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ସେ ବଧ କରିବେ ଏବଂ ଶୂଳି ଅର୍ଥାତ୍ ଶୂଳିଜନିତ ବିଶ୍ୱାସ (ଖ୍ରୀଷ୍ଟ ଧର୍ମର ମିଥ୍ୟା ଧର୍ମ ବିଶ୍ୱାସ)କୁ ସେ ଖଣ୍ଡ ବିଖଣ୍ଡିତ କରି ପକାଇବ । ସେ ଯିଜୟା କରକୁ ସମାପ୍ତ କରିଦେବେ, ସେ ଧାର୍ମିକ ଯୁଦ୍ଧର ସମାପ୍ତକାରୀ ହେବ । ତେଣୁ ତୁମମାନଙ୍କ ମଧ୍ୟରୁ ଯେକେହି ସେହି ପ୍ରତିଶ୍ରୁତ ମସିହଙ୍କୁ ପାଏ ତେବେ ତାଙ୍କୁ ମୋର ପ୍ରଣାମ ଜଣାଇବ ।

ସେହିପରି ଆପଣ ସ.ଅ ମୁସଲମାନମାନଙ୍କୁ ଆଦେଶ ଦେଲେ ଯେ, ସେ ଯେମିତି ବି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁ ପଛେ ଇମାମ୍ ମେହଦୀଙ୍କ ପାଖରେ ତୁମେମାନେ ଉପସ୍ଥିତ ହୁଅ ଏବଂ ତୁମେମାନେ ତାହାଙ୍କର ବୈଅତ୍ କର । فاذا رایتموہ فبایعوہ ولو حبوًا علی الثلج فانہ خلیفۃ اللّٰہ المہدی ।

**(ଅବୁ ଦାଉଦ୍, ଗ୍ରନ୍ଥଖଣ୍ଡ-2, ଅଧ୍ୟାୟ-ଖୁରୁଜୁଲ୍ ମହଦୀ)**

**ଅନୁବାଦ:** ଅର୍ଥାତ୍ ହେ ଲୋକମାନେ ଯେତେବେଳେ ତୁମମାନଙ୍କୁ ଜ୍ଞାତ ହୋଇଯିବ ଯେ, ମସିହ୍ ମଉଦ୍ ଆବିର୍ଭୂତ ହୋଇଯାଇଛନ୍ତି ସେତେବେଳେ ତୁମେମାନେ ବରଫ ମଧ୍ୟ ଦେଇ ଆଣ୍ଠୁ ଦ୍ୱାରା ଗୁରୁଣ୍ଡି ଗୁରୁଣ୍ଡି ମଧ୍ୟ ଯିବାକୁ ପଡ଼େ ଅର୍ଥାତ୍ ସେ ଯେମିତାକ ସମସ୍ୟା ଏବଂ ବିରୋଧାତ୍ମକ ପରିସ୍ଥିତି ଥାଉ ନା କାହିଁକି ସେହି ପରିସ୍ଥିତିରେ ବି ଯଦି ତୁମମାନଙ୍କୁ ସେହି ମସିହ୍ ତଥା ମେହଦୀଙ୍କ ହସ୍ତରେ ବୈଅତ୍ କରିବାକୁ ପଡ଼େ ତେବେ ତୁମେମାନେ ଅବଶ୍ୟ ତାହାଙ୍କର ବୈଅତ୍ କରିନେବ । କାରଣ ସେହି ମେହଦୀ ଅଲ୍ଲାଃତାଲାଙ୍କର ଖଲିଫା ହେବେ ।

ଆଁହଜରତ ସ.ଅଙ୍କ ଉପରୋକ୍ତ ଆଦେଶାବଳୀରୁ ଇମାମ୍ ମେହଦୀଙ୍କ ପଦମର୍ଯ୍ୟାଦା ସଂପର୍କରେ ଧାରଣା ଏବଂ ଅବବୋଧ ହୋଇଯାଇଥାଏ ଯେ, ସେ ମିଥ୍ୟାର ଶକ୍ତିକୁ ମୂଳୋତ୍ପାଟନ କରିବେ, ସେ ଶୂଳିଜନିତ ମିଥ୍ୟା ଧର୍ମବିଶ୍ୱାସକୁ ରଦ୍ଦ କରିବେ । ସେ ସଂସାରରୁ ଧାର୍ମିକ ଯୁଦ୍ଧର ଅବସାନ ଘଟାଇ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ କରିବେ । ତେଣୁ ତାଙ୍କର ବୈଅତ୍ କରିବା ନିହାତି ଜରୁରୀ ହେବ । ସେହି ମେହଦୀ ତଥା ପ୍ରତିଶ୍ରୁତ ମସିହଙ୍କୁ ଆଁହଜରତ ସ.ଅଙ୍କ ପ୍ରଣାମ ଜଣାଇବା ଅନିର୍ବାର୍ଯ୍ୟ ହେବ । ଆଁହଜରତ୍ ସ.ଅ ଏହା ମଧ୍ୟ କହିଲେ ଯେ,ସେହି ପ୍ରତିଶ୍ରୁତ ମସିହ୍ ତଥା ମେହଦୀଙ୍କ ମଧ୍ୟରେ ମୋ ମଧ୍ୟରେ କୌଣସି ଅବତାର ହେବ ନାହିଁ ଓ ନା ହିଁ କୌଣସି ବାର୍ତ୍ତାବହ ହେବ । ତେଣୁ ସେ ଅଲ୍ଲାଃତାଲାଙ୍କର ଖଲିଫା ହେବ ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ସମ୍ମାନିତ ଶ୍ରୋତାମଣ୍ଡଳୀ ! ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସ ପ୍ରଥମ ବୈଅତ୍ 1889 ମସିହା ମାର୍ଚ୍ଚ ମାସ 23 ତାରିଖ ଦିନ ନେଇଥିଲେ । ଏହି ବୈଅତ୍ ବୃଦ୍ଧି ପାଇ ସଂପ୍ରସାରିତ ହୋଇ ଶହେ ବର୍ଷ ମଧ୍ୟରେ ପୃଥିବୀର 200ରୁ ଉର୍ଦ୍ଧ୍ୱ ଦେଶରେ ବ୍ୟାପୀ ଯାଇଛି । ପ୍ରଥମେ ଜମାଅତ୍ ଅହମଦିୟାର ଖଲିଫାମାନଙ୍କ ମାଧ୍ୟମରେ ଏବଂ ପରବର୍ତ୍ତୀ କାଳରେ ଜମାଅତର ମୁବଲ୍ଲିଗିନମାନଙ୍କ ମାଧ୍ୟମରେ ପୃଥିବୀର ନାନ ଦେଶ ଏବଂ ମହାଦେଶ, ସହର ଓ ବସ୍ତିମାନଙ୍କରେ ଏହି ବୈଅତ୍ ଆରମ୍ଭ ହେଲା । ବର୍ତ୍ତମାନେ ଏହି ବୈଅତ୍ ଏକ ସମୟରେ ସାଟେଲାଇଟ୍ (ଉପଗ୍ରହ) ମାଧ୍ୟମରେ ଉପସ୍ଥିତ ଖଲିଫାଙ୍କ ପବିତ୍ର ହସ୍ତ ଉପରେ କରାଯାଇଥାଏ। ଏଥି ସଂକ୍ରାନ୍ତରେ ପୂର୍ବ ପୁରୁଷଙ୍କର ଭବିଷ୍ୟବାଣୀ ମଧ୍ୟ ରହିଥିଲା । ସୁତରାଂ ହ. ଶାହ୍ ରଫିଉଦ୍ଦୀନ୍ ସାହେବ ଦେହେଲୱୀ ନିଜର ପୁସ୍ତକ କୟାମତ୍ ନାମର ପୃ-4ରେ ଉଲ୍ଲେଖ କରନ୍ତି:

"وعلامت ایں قصہ آنست کی پیش ازیں ماہ رمضان کہ گزشتہ باشد در دی دو کسوف شمس و قمر شدہ باشد و در وقت بیعت آوازی از آسمان شود بایں عبارت ھذا خلیفتہ المھدی فاسمعوا لہ واطیعوا ایں آواز خاص و عام آنمکاں ہمہ بشنود"

**(କୟାମତ୍ ନାମା, ପୃ-4, ପ୍ରକାଶନ ସ୍ଥାନ- ମତବାଆ ମୁଜତବାଇ, ଦିଲ୍ଲୀ)**

ଅର୍ଥାତ୍ ଉକ୍ତ ଘଟଣାର ଚିହ୍ନଟ କରଣ ଏହିକି ଯେ, ଇମାମ୍ ମେହଦୀଙ୍କ କାଳରେ ରମଜାନ୍ ମାସରେ ଯେତେବେଳେ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ର ପରାଗ ସଂଘଟିତ ହୋଇ ସାରିଥିବ । ବୈଅତ୍ ସମୟରେ ଏହି ଶବ୍ଦାବଳୀରେ ଆକାଶରୁ ଶବ୍ଦ ଆସିବ (ଶୁଭିବ) ଯେ, ھذا خلیفتہ المھدی فاسمعوا لہ واطیعوا ଅର୍ଥାତ୍ ଏହି ପ୍ରତିଶ୍ରୁତ ମସିହ୍ ଅଲ୍ଲାଃତାଲାଙ୍କର ଖଲିଫା ଅଟେ ଏବଂ ମେହଦୀ ଅଟେ । ସେହି ପ୍ରତିଶ୍ରୁତ ମସିହଙ୍କର ଡାକକୁ ଶୁଣ ଏବଂ ତା'ର ଆଜ୍ଞା ପାଳନ କର ।

ଅଲହମଦୁଲିଲ୍ଲାଃ ଆନ୍ତର୍ଜାତିକ ବୈଅତ୍ ପ୍ରତ୍ୟେକ ବର୍ଷ ଜଲସା ସାଲାନା ୟୁ.କେ ଅବସରରେ ହୋଇଥାଏ । ଏହାର ପ୍ରାରମ୍ଭ 1993 ମସିହାରେ ହୋଇଥିଲା । ଏହି ବୈଅତକୁ 30 ବର୍ଷରୁ ଉର୍ଦ୍ଧ୍ୱ କାଳ ଅତିକ୍ରାନ୍ତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ସହସ୍ର ସହସ୍ର ଲୋକମାନେ ଜମାଅତ୍ ଅହମଦିୟାରେ ସାମିଲ୍ ହୋଇ ଚାଲିଛନ୍ତି ଏବଂ ପ୍ରତ୍ୟେକ ବର୍ଷ ଏହି ସ୍ୱର ଦିଆଯାଇଥାଏ ଯେ, ଏହି ପ୍ରତିଶ୍ରୁତ ମସିହ୍ ହେଉଛନ୍ତି ଅଲ୍ଲାଃତାଲାଙ୍କ ଖଲିଫା ଓ ତାହାଙ୍କର ମେହଦୀ ଅଟନ୍ତି । ତେଣୁ ତାଙ୍କର ସ୍ୱରକୁ ଶୁଣ ଏବଂ ତାହାଙ୍କର ଆଜ୍ଞା ପାଳନ କର । ଏ ହେଉଛି ପ୍ରତିଶ୍ରୁତ ମସିହ୍ ଓ ମେହଦୀଙ୍କର ପଦ ମର୍ଯ୍ୟାଦା ଯାହା ସାଂପ୍ରତିକ ଯୁଗରେ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସଙ୍କୁ ପ୍ରାପ୍ତ ହୋଇଛି ।

ଆପଣ ଅ.ସ କୁହନ୍ତି: "ମୋତେ ଆଦେଶ ଦିଆଇଯାଇଛି ଯେ, ଯେଉଁ ଲୋକମାନେ ସତ୍ୟାନ୍ୱେଷୀ ଅଟନ୍ତି ସେମାନେ ପ୍ରକୃତ ବିଶ୍ୱାସ, ପ୍ରକୃତ ବିଶ୍ୱାସିକ ପବିତ୍ରତା ଏବଂ ଈଶ୍ୱର ପ୍ରେମର ମାର୍ଗ ଶିଖିବ ନିମନ୍ତେ ଏବଂ କୁସଂସ୍କାର, ଆଳସ୍ୟ ପରାୟଣତା ଓ ବିଦ୍ରୋହାତ୍ମକ ଜୀବନକୁ ପରିତ୍ୟାଗ କ ରିବା ନିମନ୍ତେ ମୋ ହସ୍ତରେ ବୈଅତ୍ କରନ୍ତୁ।" **(ଇସ୍ତହାର, 1888 ମସିହା ଡିସେମ୍ବର ମାସ 1 ତାରିଖ, ମଜମୁଆ ଇସ୍ତହାର, ଗ୍ରନ୍ଥଖଣ୍ଡ-1, ପୃ-188)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଆଗମନକାରୀ ଇମାମ୍ ମେହଦୀ ତଥା ପ୍ରତିଶ୍ରୁତ ମସିହ୍ ମଉଦଙ୍କ ସଂପର୍କରେ ଆଁହଜରତ୍ ସ.ଅଙ୍କ ସଂପର୍କରେ ପବିତ୍ର କୁରଆନ୍ କରୀମରେ ଏହି ଭବିଷ୍ୟବାଣୀ ଉଲ୍ଲିଖିତ ହୋଇଥିଲା ଯେ, ତାଙ୍କ କାଳରେ ଇସଲାମ୍ ଧର୍ମକୁ ଆନ୍ତର୍ଜାତିକ ସ୍ତରରେ ଆଧ୍ୟାତ୍ମିକ ବିଜୟ ପ୍ରାପ୍ତ ହେବ । ସୁତରାଂ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲାଙ୍କ ଆଦେଶ ଏହିପରି ଯେ, هُوَ الَّذِیۡۤ اَرۡسَلَ رَسُوۡلَہٗ بِالۡہُدٰی وَدِیۡنِ الۡحَقِّ لِیُظۡہِرَہٗ عَلَی الدِّیۡنِ کُلِّہٖ وَلَوۡ کَرِہَ الۡمُشۡرِکُوۡنَ (ଅସ୍ ସଫ୍-10) **ଅନୁବାଦ:** ସେ ଅଲ୍ଲାଃ ହିଁ ନିଜ ରସୁଲଙ୍କୁ ସତପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ଦ୍ୱାରାକି ମୁସରିକମାନେ ଯେତେ ଅପ୍ରିୟ ମନେକର ମଧ୍ୟ ସେ ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ । ଉପରୋକ୍ତ ଆୟତର ବ୍ୟାଖ୍ୟାରେ ପୂର୍ବ ପୁରୁଷମାନେ କୁହନ୍ତି: "ମସିହ୍ ମଉଦ୍ ଓ ମେହଦୀ ମାଉଦ୍ ଅ.ସଙ୍କ କାଳରେ ସମସ୍ତ ଧର୍ମ ଉପରେ ଇସଲାମ୍ ଧର୍ମ ବିଜୟୀ ହେବ ।"

ତଫସିର୍ ଇବନେ ଜରିରରେ ଉଲ୍ଲିଖିତ ହୋଇଛି ଯେ, ھذا عند خروج المھدی ହାଜା ଇନ୍ଦଲ୍ ଖୁରୁଜିଲ୍ ମହଦି । ଅର୍ଥାତ୍ ଇସଲାମ୍ ଧର୍ମର ଏହି ବିଜୟ ଯାହାକି ଉପରୋକ୍ତ ପବିତ୍ର ଆୟତରେ ବର୍ଣ୍ଣିତ ହୋଇଛି ତାହା ଇମାମ୍ ମେହଦୀଙ୍କ କାଳରେ ହିଁ ହେବ ।

ତଫସିର୍ ଜାମେଉଲ୍ ବୟାନରେ ଉଲ୍ଲିଖିତ ହୋଇଛି : " وذالك عند نزول عیسی بن مریم ଅର୍ଥାତ୍ ଇସଲାମ୍ ଧର୍ମର ବିଜୟ ମସିହ୍ ମଉଦଙ୍କ ବିଜୟ ସମୟରେ ହେବ।"

ଶିୟାମାନଙ୍କର ବିଖ୍ୟାତ ପୁସ୍ତକ ବିହାରୁଲ୍ ଅନୱାରରେ ଉଲ୍ଲିଖିତ ହୋଇଛି ଯେ, نزلت فی القائم من آل محمد ଅର୍ଥାତ୍ ଉକ୍ତ ଆୟତ୍ ଅଲ୍ କାଏମ୍ ଅଟେ । ଅର୍ଥାତ୍ ଇମାମ୍ ମେହଦୀଙ୍କ ସଂକ୍ରାନ୍ତରେ ଅବତୀର୍ଣ୍ଣ ହୋଇଛି ।

**(ବିହାରୁଲ୍ ଅନୱାର୍, ଗ୍ରନ୍ଥଖଣ୍ଡ-13, ପୃ-13)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉ୍ଦ ଅ.ସ କୁହନ୍ତି; "ପ୍ରାୟ 20 ବର୍ଷ ବିତିଛି କି ମୋତେ ଉକ୍ତ କୁରଆନୀୟ ଆୟତର ଐଶୀବାଣୀ ହୋଇଥିଲା ଏବଂ ତାହା ଏହିପରି ଯେ, هُوَ الَّذِیۡۤ اَرۡسَلَ رَسُوۡلَہٗ بِالۡہُدٰی وَدِیۡنِ الۡحَقِّ لِیُظۡہِرَہٗ عَلَی الدِّیۡنِ کُلِّہٖ وَلَوۡ کَرِہَ الۡمُشۡرِکُوۡنَ ଅର୍ଥାତ୍ ସେ ଅଲ୍ଲାଃ ହିଁ ନିଜ ରସୁଲଙ୍କୁ ସତପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ଦ୍ୱାରାକି ମୁସରିକମାନେ ଯେତେ ଅପ୍ରିୟ ମନେକର ମଧ୍ୟ ସେ ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ । ଉପରୋକ୍ତ ଆୟତର ବ୍ୟାଖ୍ୟାରେ ପୂର୍ବ ପୁରୁଷମାନେ କୁହନ୍ତି: "ମସିହ୍ ମଉଦ୍ ଓ ମେହଦୀ ମାଉଦ୍ ଅ.ସଙ୍କ କାଳରେ ସମସ୍ତ ଧର୍ମ ଉପରେ ଇସଲାମ୍ ଧର୍ମ ବିଜୟୀ ହେବ ।"

ଏଠାରେ ଏହା ମନେରଖିବା ଉଚିତ୍ ଯେ, ପବିତ୍ର କୁରଆନ୍ କରୀମର ଉପରୋକ୍ତ ଭବିଷ୍ୟବାଣୀଟି ଅତ୍ୟନ୍ତ ଭବ୍ୟ ଭବିଷ୍ୟବାଣୀ ଅଟେ । ଏଥି ସଂକ୍ରାନ୍ତରେ ବିଦ୍ୱାନ ଗବେଷକମାନେ ଏକମତ ଅଟନ୍ତି ଯେ, ଏହି ବିଜୟ ପ୍ରତିଶ୍ରୁତ ମସିହଙ୍କ ହସ୍ତରେ ହିଁ ସଂପୂର୍ଣ୍ଣ ହେବ । ତେଣୁ ମୋ ପୂର୍ବରୁ ଯେତେ ସାଧୁ ସନ୍ଥ ଅତିକ୍ରାନ୍ତ ହୋଇଛନ୍ତି

ସେମାନଙ୍କ ମଧ୍ୟରୁ କେହି ବି ନିଜକୁ ଉକ୍ତ ଭବିଷ୍ୟବାଣୀର ଚରିତାର୍ଥ ବୋଲି ବିବେଚିତ କଲେ ନାହିଁ ଓ ନା ହିଁ ସେମାନେ ଏହି ଦାବି କଲେ ଯେ, ଉପରୋକ୍ତ ଚର୍ଚ୍ଚିତ ଆୟତ୍ ମୋତେ ନିଜ ସପକ୍ଷରେ ଐଶୀବାଣୀ ହୋଇଛି । କିନ୍ତୁ ଯେତେବେଳେ ମୋର ସମୟ ଆସିଲା ସେତେବେଳେ ମୋ ଉପରେ ଏହି ଐଶୀବାଣୀ ହେଲା ଏବଂ ମୋତେ ଏହା କୁହାଗଲି କି ଉପରୋକ୍ତ ଆୟତର ଚରିତାର୍ଥ ତୁମ୍ଭେ ଅଟ । ତୁମ୍ଭ କାଳରେ ହିଁ ଇସଲାମ୍ ଧର୍ମର ଶ୍ରେଷ୍ଠତା ଅନ୍ୟ ଧର୍ମ ଉପରେ ସିଦ୍ଧ ହେବ ।" **(ତ୍ରିୟାକୁଲ୍ କୁଲୁବ୍: ପୃ-47)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଲୋକ ସୟେଦିନା ହ. ମିର୍ଜା ଗୁଲାମ ଅହମଦ କାଦିୟାନୀ ଅ.ସଙ୍କ ମହାନ୍ ତଥା ଭବ୍ୟ ପଦମର୍ଯ୍ୟାଦା ଏହିକି ଯେ, ଆପଣ ଅଲ୍ଲାଃତାଲାଙ୍କର ଖଲିଫା ଅଟନ୍ତି ଏବଂ ଖଲିଫତୁଲ୍ଲାଃ ହେବା ଦୃଷ୍ଟିରୁ ଆପଣ ଅଲ୍ଲାଃଥାଲାଙ୍କର ନବୀ (ଅବତାର) ମଧ୍ୟ ଅଟନ୍ତି । ଅତଏବ୍ ଆଁହଜରତ୍ ସ.ଅ କହିଥିଲେ ଯେ, ليس بيني و بينه نبي ଅର୍ଥାତ୍ ମୋ ମଧ୍ୟରେ ଏବଂ ଇମାମ୍ ମେହଦୀ ମଧ୍ୟରେ କୌଣସି ନବୀ (ଅବତାର) ହେବ ନାହିଁ । ابوبكر خير الناس بعدي الا ان يكون نبي ଅର୍ଥାତ୍ ମୋ ଧର୍ମରେ ସମସ୍ତ ଲୋକ ମାନଙ୍କ ମଧ୍ୟରୁ ହ. ଅବୁ ବକ୍କର ର.ଅ ସର୍ବଶ୍ରେଷ୍ଠ ବ୍ୟକ୍ତି ଅଟନ୍ତି । କିନ୍ତୁ ସେ ନବୀ (ଅବତାର) ନୁହନ୍ତି । ତାହାଙ୍କ ବ୍ୟତୀତ କୌଣସି ଅବତାର ଜନ୍ମଗ୍ରହଣ କରି ନାହିଁ ।

**(କନଜୁଲ୍ ଉମ୍ମାଲ୍, ପୃ-137-138)**

ଆଁହଜରତ୍ ସ.ଅ ଆପଣ ର.ଅଙ୍କ (ହ. ଅବୁ ବକ୍କର ର.ଅ)ଙ୍କ ପରେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ଥିବା ଖିଲାଫତ୍ ସଂପର୍କରେ ଶୁଭ ସୂଚନା ଦେଇଥିଲେ । ଅତଏବ୍ ହ. ହୁଜୈଫା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ: "ହେ ଲୋକମାନେ ! ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ ସେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ଅବତାରତ୍ୱ ଅକ୍ଷୁର୍ଣ୍ଣ ତଥା ବଳବତ୍ତର ରହିବ । ପୁନଶ୍ଚ ଅଲ୍ଲାଃତାଲା ସେହି ଅବତାରତ୍ୱକୁ ଉଠାଇନେବେ ଓ ଖିଲାଫତ୍ ଅଲା ମିନହାଜୁନ୍ ନବୁୱତ୍ ସ୍ଥାପିତ ହେବ । ପୁନଶ୍ଚ ଅଲ୍ଲାଃତାଲା ସେହି ଖିଲାଫତକୁ ମଧ୍ୟ ଉଠଇ ନେବେ............ପୁନଶ୍ଚ ସମ୍ରାଟତ୍ୱ ଯୁଗ ଆସିବ । ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ ସେପର୍ଯ୍ୟନ୍ତ ସମ୍ରାଟତ୍ୱ ଯୁଗ ଅବ୍ୟାହତ ରହିବ । ପୁନଶ୍ଚ ଅଲ୍ଲାଃତାଲା ସେହି ସମ୍ରାଟତ୍ୱକୁ ମଧ୍ୟ ଉଠାଇ ନେବେ (ସମାପ୍ତ କରିନେବେ) । ପୁନଶ୍ଚ ଅବତାରତ୍ୱ ପନ୍ଥାନୁଯାୟୀ ଖିଲାଫତ୍ ଅଲା ମିନହାଜେ ନବୁୱତ୍ ସ୍ଥାପିତ ହେବ । ଏହା କହି ଆଁହଜରତ୍ ସ.ଅ ନିରବ ହୋଇଗଲେ । ସେହିପରି ଆପଣ ସ.ଅ ଏହା ମଧ୍ୟ କହିଲେ, ହେ ହୁଜୈଫା ! ଯଦି ତୁମେ ଅଲ୍ଲାଃତାଲାଙ୍କ ଖଲିଫାଙ୍କ ଭୂପୃଷ୍ଠରେ ଦେଖ ତେବେ ତାହାଙ୍କ ସହିତ ଦୃଢରୂପେ ସଂଶ୍ଳୀଷ୍ଟ ହୋଇଯାଅ । ସେ ପଛେ ତୁମର ଶରୀରକୁ ଝୁଣି ନିଆଯାଉ ନା କାହିଁ ଏବଂ ତୁମର ଧନକୁ ହରଣ କରିନିଆଯାଉ ନା କାହିଁକି ।" **(ମସନଦ୍ ଅହମଦ୍ ବିନ୍ ହମ୍ବଲ୍, ହଦିସ୍-ହୁଜୈଫା ବିନ୍ ଅଲ୍ ୟମାନ୍, ହଦିସ୍ ନଂ-22916)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଆଜେ ସେହି ଖଲିଫତୁଲ୍ଲାଃ ପ୍ରକଟିତ ହୋଇ ସାରିଛି ଯାହାର ପଦ ମର୍ଯ୍ୟାଦାର ଚର୍ଚ୍ଚା ଏହି ସଂକ୍ଷିପ୍ତ ଭାଷଣରେ କରାଯାଇଛି । ଆଜି ସେହି ଖଲିଫତୁଲ୍ଲାଃଙ୍କ ଉତ୍ତରାଧିକାରୀମାନଙ୍କ ମାଧ୍ୟମରେ ଇସଲାମ୍ ଧର୍ମର ଆଲୋକ ବିଶ୍ୱର 220ଟି ଦେଶମାନଙ୍କରେ ପରିବ୍ୟାପ୍ତ ହୋଇ ସାରିଛି ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଦିନକୁ ଦିନ ସେହି ଆଲୋକ ସଂପ୍ରସାରିତ ଓ ପରିବ୍ୟାପ୍ତ ହୋଇ ଚାଲିଛି ।

ପୁଣ୍ୟଶ୍ଲୋକ ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍ରୁର୍ ଅହମଦ ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ) ଅ.ବ ଜମାଅତକୁ ସମ୍ବୋଧିତ କରି କୁହନ୍ତି: "ଆପଣମାନେ ଯଦି ଉନ୍ନତି କରିବାକୁ ଚାହୁଁଛନ୍ତି ଓ ବିଜୟ ଲାଭ ପାଇବାକୁ ଚାହୁଁଛନ୍ତି ତେବେ ଆପଣମାନଙ୍କ ନିମନ୍ତେ ମୋର ଏହି ଉପଦେଶ ଓ ବାର୍ତ୍ତା (ସନ୍ଦେଶ) ରହିଛି ଯେ, ଆପଣ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ହୋଇଯାଆନ୍ତୁ । ଅଲ୍ଲାଃତାଲାଙ୍କ ଏହି ରଜ୍ଜୁ (ଦଉଡ଼ି)କୁ ଅର୍ଥାତ୍ ଖିଲାଫତକୁ ଦୃଢ ରୂପେ ଧରି ରଖନ୍ତୁ । ଆମମାନଙ୍କ ସମ୍ମୁଖରେ ଉନ୍ନତି ଖିଲାଫତ୍ ଉପରେ ହିଁ ନିର୍ଭରଶୀଳ ଅଟେ ଏବଂ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରହିବା ଦ୍ୱାରା ହିଁ ଉନ୍ନତି ନିହିତ ଅଛି ।" **(ପ୍ରାମାଣ୍ୟ, ବଦର୍-25/18, 2008 ମସିହା ଡିସେମ୍ବର ମାସ 25 ତାରିଖ, ଖିଲାଫତ୍ ଜୁବଲୀ ନମ୍ବର)**

ସେହିପରି ଆପଣ ଅ.ବ କହିଲେ, "ଆଜି ସଂସାର ଘୋର ଅଶାନ୍ତିର ଶିକାର ଅଟେ । ମୁସଲମାନ ମୁସଲମାନ ଠାରୁ ଦୂରରେ ରହିଛି । ବିଭିନ୍ନ ସଂପ୍ରଦାୟ ଓ ଗୋଷ୍ଠୀରେ ମୁସଲମାନ ବିଭକ୍ତ ହୋଇ ପରସ୍ପର ବିରୁଦ୍ଧରେ ଘୃଣାର ଶିକାର ଅଟେ। ଗୋଟିଏ କଲମା (ବାଣୀ) ପାଠ କରୁଥିବା, ଗୋଟିଏ ଅବତାରଙ୍କ ଆଡ଼କୁ ନିଜକୁ ବୋଲାଇବା ସତ୍ତ୍ୱେ ପରସ୍ପର ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ଛିଡ଼ା ହୋଇଛନ୍ତି । ପବିତ୍ର କୁରଆନ୍ କରୀମ୍, ଆହଦୀସର ଅମୂଲ୍ୟ ନିଧି ବିଦ୍ୟମାନେ ଥିବା ସତ୍ତ୍ୱେ ଆଜି ମୁସଲମାନମାନେ ସେହି ନେତୃତ୍ୱକୁ ଚିହ୍ନିବାରୁ ବଞ୍ଚିତ ଅଟନ୍ତି ଯେଉଁ ନେତାଙ୍କ ହସ୍ତରେ ସମସ୍ତ ମୁସଲମାନମାନଙ୍କୁ ଏକତ୍ରିତ କରିବା ନିମନ୍ତେ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ନିଯୁକ୍ତ କରିଛନ୍ତି । ଆପଣମାନେ ସୌଭାଗ୍ୟଶାଳୀ ଅଟନ୍ତି ଯେ, ଆପଣମାନଙ୍କୁ ଯୁଗାବତାର ତଥା ପ୍ରତିଶ୍ରୁତ ମସିହ୍ ଅ.ସଙ୍କ ଜମାଅତରେ ସାମିଲ୍ ହେବା ସହିତ ଖିଲାଫତ୍ ବ୍ୟବସ୍ଥା ସହିତ ସଂଶ୍ଳୀଷ୍ଟ ହେବାର ସାମର୍ଥ୍ୟତା ପ୍ରାପ୍ତ ହୋଇଛି । ଏହି ଖିଲାଫତ୍ ବ୍ୟବସ୍ଥା ଅଲ୍ଲାଃତାଲାଙ୍କ କୃପାରୁ ଚିରକାଳ ଅଟେ । ଯେଉଭଳି ଆପଣମାନଙ୍କର ଉପସ୍ଥିତ ଖଲିଫାଙ୍କ ସହିତ ସଂପର୍କ ହେବ ସେଭଳି ଆପଣମାନେ ଧାର୍ମିକ ଏବଂ ସାଂସାରିକ ପୁଣ୍ୟ ଦ୍ୱାରା ପୁରସ୍କୃତ ହେବ, ଆପଣମାନଙ୍କର ପାରସ୍ପାରିକ ସଂପର୍କରେ ମଧ୍ୟ ଉନ୍ନତି ଘଟିବ, ସମାଜରେ ଶାନ୍ତିର ବାତାବାରଣ ସୃଷ୍ଟି ହେବ । ତେଣୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ଏହି ଦୁର୍ଗରୁ ଉପକୃତ ହେବା ନିମନ୍ତେ ଆପଣ ସମସ୍ତଙ୍କୁ ଖିଲାଫତ୍ ସହିତ ନିଜର ସଂପର୍କକୁ ଦୃଢରୁ ଅତି ଦୃଢତର କରିବାକୁ ହେବ । ଇସଲାମ୍ ଧର୍ମ ଏବଂ ଶାନ୍ତି ନିମନ୍ତେ ଦୁଆ କରିବାକୁ ହେବ, ନିଜର ସ୍ତରକୁ ଉଚ୍ଚ କରିବାକୁ ହେବ, ନିଜ ଜମାଅତମାନଙ୍କରେ ଥିବା ପଦାଧିକାରୀମାନଙ୍କୁ ସହଯୋଗ କରିବା ସଙ୍ଗେ ସଙ୍ଗେ ଖିଲାଫତର ବାହୁ ଏବଂ ଉପସ୍ଥିତ ଖଲିଫାଙ୍କ ନିମନ୍ତେ ପ୍ରକୃତ ସାହାଯ୍ୟକର୍ତ୍ତା ହେବାକୁ ହେବ ।" **(ପ୍ରାମାଣ୍ୟ, ବଦର୍-25/18, 2008 ମସିହା ଡିସେମ୍ବର ମାସ 25 ତାରିଖ, ଖିଲାଫତ୍ ଜୁବଲୀ ନମ୍ବର)** ☆ ☆ ☆

## ସିରତ୍ ଖାତମୁନ୍ ନବୀୟିନ୍ ସ.ଅ

ଲେଖକ. ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ

### ଆରବ୍ୟମାନଙ୍କର ବାଣିଜ୍ୟ ବ୍ୟବସାୟ

ଆରବ୍ୟମାନଙ୍କ ଜାତୀୟ ବୃତ୍ତି (ବେଉସା) ତିନୋଟି ଥିଲା ଯଥା-1-କୃଷି । ଆରବ ଦେଶରେ କୃଷି ଖୁବ୍ ସ୍ୱଳ୍ପ ସ୍ଥାନ ପର୍ଯ୍ୟନ୍ତ ସୀମିତ ଥିଲା । 2-ଅନ୍ୟ ଜୀବମାନଙ୍କୁ ପାଳିବା ଯାହାକୁ ଇଂରାଜୀରେ ପାଷ୍ଟରିଙ୍ଗ୍ ବୋଲି କୁହାଯାଏ ତାହା ମଧ୍ୟ ଦେଶରେ କେତେକ ବିଶେଷ ଭାଗରେ ହିଁ ସମ୍ଭବପର ଥିଲା । 3- ବାଣିଜ୍ୟ ବ୍ୟବସାୟ ଯାହାକୁ ଦେଶର ସବୁଠାରୁ ବୃହତ୍ ବୃତ୍ତି ରୂପେ ମନେକରାଯିବା ଉଚିତ୍ ତାହା ଆରବ୍ୟମାନଙ୍କର ସବୁ ଦିନିଆ ବ୍ୟବସାୟ ରହିଥିଲା । ବିଶେଷ କରି ସେହି ସଂପ୍ରଦାୟ ଯାହା ସମୁଦ୍ର ଉପକୂଳରେ କିମ୍ବା ସଭ୍ୟ ସହରମାନଙ୍କର ନିକଟବର୍ତ୍ତୀ ବାସ କରୁଥିଲେ ଏମାନେ ପ୍ରାଚୀନ କାଳରୁ ବାଣିଜ୍ୟ ବ୍ୟବସାୟରେ ଅଭ୍ୟସ୍ତ ଥିଲେ । ପ୍ରାରମ୍ଭିକ କାଳରେ ତ' ପୂର୍ବ ଏବଂ ପଶ୍ଚିମ ମଧ୍ୟବର୍ତ୍ତୀ ବାଣିଜ୍ୟିକ ବସ୍ତୁ ବିନିମୟର ସବୁଠୁ ବୃହତ୍ ମାଧ୍ୟମ ଆରବ୍ୟ ଲୋକମାନେ ହିଁ ଥିଲେ । ସୁତରାଂ ଏକ ପକ୍ଷରେ ସିରୀୟା ଏବଂ ମିସର ଓ ଅନ୍ୟ ପଟରେ ଉପକୂଳବର୍ତ୍ତୀ ଭାରତ ମହାସା ଗର ମଧ୍ୟରେ ବାଣିଜ୍ୟିକ ଯାତ୍ରୀ ସମୂହ ଅହରହ ଯିବା ଆସିବା କରୁଥିଲେ । ଅର୍ଥାତ୍ ଭାରତ, ସିରୀୟା ଓ ମିସର ମଧ୍ୟରେ ଏକ ବାଣିଜ୍ୟିକ ଶୃଙ୍ଖଳ ରୂପେ କାର୍ଯ୍ୟ କରୁଥିଲା । କିନ୍ତୁ ସମୁଦ୍ର ମାର୍ଗ ଖୋଲିଯିବା ଦ୍ୱାରା ଆରବ୍ୟମାନଙ୍କର ଏହି ବାଣିଜ୍ୟିକୁ ବେଶ୍ କ୍ଷତି ପହଞ୍ଚିଲା ଏବଂ ପ୍ରାଚୀନ ମାର୍ଗରେ ଯାହା ସିରୀୟା ଠାରୁ ହିଜାଜ୍ ଏବଂ ପୁନଶ୍ଚ ୟମନ୍ ଓ ହଜରେ ମୌତ ମଧ୍ୟ ଦେଇ ଆରବର ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳ ଆଡ଼କୁ ଚାଲି ଯାଉଥିଲା । ବାଣିଜ୍ୟିକ ଯାତ୍ରୀ ସମୂହମାନଙ୍କର ଯାତାୟତ ବ୍ୟବହାରିକ ରୂପେ ସଂପୂର୍ଣ୍ଣ ବନ୍ଦ ହୋଇଗଲା ଏବଂ କେବଳ ଦେଶ ମଧ୍ୟରେ ସାଧାରଣ ବାଣିଜ୍ୟ ବାକି ରହିଗଲା । ଏହି ଆଭ୍ୟନ୍ତରୀଣ ବାଣିଜ୍ୟ ହିଜାଜ୍, ୟମନ୍, ବାହାରେନ ଓ ନଜଦ୍ ପର୍ଯ୍ୟନ୍ତ ସୀମିତ ଥିଲା । କିନ୍ତୁ ଆଁହଜରତ ସ.ଅଙ୍କ ଜନ୍ମଗ୍ରହଣ ପୂର୍ବରୁ ପ୍ରାୟ ଏକ ଶହ ବର୍ଷ ପୂର୍ବେ ସିରୀୟା ସହିତ ହିଜାର ଏବଂ ୟମନର୍ ବାଣିଜ୍ୟିକ ସଂପର୍କ ଆରମ୍ଭ ହେଲା । ଅର୍ଥାତ୍ ଏହା ପୂର୍ବରେ ଆକଳନ ସ୍ୱରୂପ ନଥିଲା ଏବଂ ନା ହିଁ ହୋଇପାରି ଥାଆନ୍ତା । କିନ୍ତୁ ତଥାପି ଦେଶରେ ଏହା ଦ୍ୱାରା କିଛି ଜୀବନ ଆସି ଯାଇଥିଲା । ଆଁହଜରତ ସ.ଅଙ୍କ କାଳରେ ମକ୍କାର କୁରୈଶମାନଙ୍କର ବାଣିଜ୍ୟିକ ଦଳ ନିୟମିତ ରୂପେ ସିରୀୟ ଏବଂ ୟମନ୍ ଆଡ଼କୁ ଯାତାୟତ କରୁଥିଲେ ଓ ବେଳେବେଳେ ଆରବର ଅନ୍ୟ ଭାଗ ଆଡ଼କୁ ମଧ୍ୟ ଯିବା ଆସିବା କରୁଥିଲେ । କିନ୍ତୁ ସେହି କାଳରେ ମକ୍କାର କୁରୈଶମାନଙ୍କର ବୃହତ୍ ବ୍ୟବସାୟ ସିରୀୟା ସହିତ ଥିଲା । ମକ୍କାରୁ ସିରୀୟା ଅଭିମୁଖେ ଯିବାର ଅଧିକ ବ୍ୟବହୃତ ମାର୍ଦ୍ଦ ଲୋହିତ ସାଗର ସହିତ ଉତ୍ତର ଦିଗ ଆଡ଼କୁ ଯାଉଥିଲା । ୟସ୍ରବ୍ ସହର ଯାହାର ପରବର୍ତ୍ତୀ ସମୟରେ ନାମ ମଦିନା ହେଲା ସେହି ମାର୍ଗର ପାର୍ଶ୍ୱରେ ଅବସ୍ଥିତ ଥିଲା । ସିରୀୟା ମାର୍ଗର ସେହି ସ୍ଥାନ ଯେଉଁଠି ମଦିନାର ମାର୍ଗ ପୂର୍ବ ଦିଗ ଆଡ଼କୁ ପୃଥକ୍ ହୋଇଯାଉଥିଲା ତାହା ବଦର୍ ଅଟେ । ଯେଉଁଠି ମୁସଲମାନମାନଙ୍କ ମଧ୍ୟରେ ଓ ଅବିଶ୍ୱସାକାରୀମାନଙ୍କ ମଧ୍ୟରେ ସର୍ବ ପ୍ରଥମ ଯୁଦ୍ଧ ହୋଇଥିଲା ।

ଆମଦାନୀ ହେଉଥିବା ଜିନିଷ ସାଧାରଣତଃ ମୂଲ୍ୟବାନ୍ ଧାତୁ, ମୁକ୍ତା, ଜୀବମାନଙ୍କର ଚମଡ଼ା, ଗରମ୍ ମସଲା ଜାତ ଦ୍ରବ୍ୟ ଓ ସୁଗନ୍ଧ ଅତର ଇତ୍ୟାଦି ଜିନିଷ ଉପରେ ପର୍ଯ୍ୟବେସିତ ଥିଲା । ଯେପରିକି ଆକଳନ କରାଯାଇଥାଏ ଯେ, درآمد بالعموم غلّہ۔ پارچات۔ سامانِ حرب ଅର୍ଥାତ୍ ମଦ ଓ ଅନ୍ୟାନ୍ୟ ଶୁଷ୍କ ଖାଦ୍ୟ ପଦାର୍ଥ ଉପରେ ପର୍ଯ୍ୟବେସିତ ଥିଲା । ଆରବରେ ଏହି ନିୟମ ଥିଲା ଯେ, ବର୍ଷ ବିଭିନ୍ନ ଭାଗରେ ବିଭିନ୍ନ ସ୍ଥାନମାନଙ୍କରେ ବାଣିଜ୍ୟିକ ମେଳା ଅନୁଷ୍ଠିତ ହେଉଥିଲା । ସେହି ମେଳାରେ ଦୂର ଦୂରାନ୍ତରୁ ବ୍ୟବସାୟୀମାନେ ଆସି ସାମିଲ୍ ହେଉଥିଲେ ଏବଂ ବାଣିଜ୍ୟ ବ୍ୟାପାର କରୁଥିଲେ । ସେହି ମେଳା ନିମନ୍ତେ ସିରୀୟା ନିକଟବର୍ତ୍ତୀ ଦୌମତୁଲ୍ ଜୁନ୍ଦଲ୍ , ବାହାରେନରେ ମୁଶକର, ଓମାନରେ ଓବା, ୟମନରେ ସନଆ ଓ ହିଜାରେ ଉକ୍କାଜ୍ ନାମକ ସ୍ଥାନଗୁଡ଼ିକ ବିଖ୍ୟାତ (ପ୍ରସିଦ୍ଧ) ଥିଲା ।

### ଶିକ୍ଷା ଓ ପ୍ରାଚୀନ କବିତା

ଆରବରେ ଶିକ୍ଷା ତ' ଥିଲା କିନ୍ତୁ ବହୁତ କମ୍ ଶିକ୍ଷା ବ୍ୟବସ୍ଥା ଥିଲା । ସ୍ୱଳ୍ପ ଲୋକମାନେ ଶିକ୍ଷିତ ଥିଲେ । ବିଶେଷ ବ୍ୟକ୍ତି ବିଶେଷଙ୍କ ଛଡ଼ା ସମଗ୍ର ଆରବ ଦେଶ ଅଶିକ୍ଷିତ ଥିଲା। ଏହି ସ୍ୱଳ୍ପ ଶିକ୍ଷିତ ଲୋକମାନେ ଅଧିକାଂଶ ସହରରେ ବାସ କୁରଥିନଲେ । କିନ୍ତୁ ଆରବ୍ୟମାନେ ନିରକ୍ଷର ଥିବା ସତ୍ତ୍ୱେ ନିଜକୁ ଆଳଂକାରିକତା ଏବଂ ଉଚ୍ଚକୋଟିର ଭାଷାଜ୍ଞାନ ଉପରେ ଗର୍ବଭାବ ପ୍ରକାଶ କୁରଥିଲେ । ଏପର୍ଯ୍ୟନ୍ତକି ଆରବ୍ୟମାନେ ନିଜ ବ୍ୟତୀତ ଅନ୍ୟ ସମସ୍ତ ସଂସାରବାସୀଙ୍କୁ ଅଜମି ଅର୍ଥାତ୍ ଗୁଙ୍ଗା ବୋଲି କହୁଥିଲେ। ତହିଁରେ କୌଣସି ସନ୍ଦେହ ନାହିଁ ଯେ, ବାସ୍ତବରେ ଭାଷାର ଆଳଂକାରିକତାରେ

ଆରବ୍ୟମାନେ ଉତ୍ସାହଜିନତ ଏବଂ ସ୍ୱାଧୀନତା ପରିସ୍ଫୁଟିତ ଏବଂ ସ୍ୱାଭାବିକତା ପ୍ରବାହ ଦୃଶ୍ୟମାନେ ହେ ଉଥିଲା । ଏହି ଗୁଣ ଅନ୍ୟ ଜାତି ଏବଂ ଅନ୍ୟ କାଳର କବିତା ମଧ୍ୟରେ ଖୁବ୍ କ୍ୱଚିତ୍ ଦେଖିବାକୁ ମିଳିବ । ସେହି ଲୋକମାନଙ୍କ ମଧ୍ୟରେ ଏକ ବିଶେଷତା ଏହି ମଧ୍ୟ ଥିଲା କି ସେମାନେ ନିଜ ମନର ଧାରଣାକୁ ଅତ୍ୟନ୍ତ ମୃଦୁଳ ଏବଂ ନିରାଡମ୍ବରତାର ସହିତ ହୁଗୁଳା ଭାବରେ କହି ଯାଉଥିଲେ । ସେମାନେ କୌଣସି ଆଡ଼ମ୍ବରତା, କୌଣସି କୃତ୍ରିମତା ଉପରେ ଗୁରୁତ୍ୱାରୋପ୍ ଦେଉ ନଥିଲେ । ସେଇଥି ପାଇଁ ସେମାନଙ୍କର ବାଣୀ ସେମାନଙ୍କର ମନ ଭାବନା, ଆବେଗ ଓ ଅଭ୍ୟାସର ପରିପ୍ରକାଶକ ଅଟେ ।

ଆରବ୍ୟ ଜାତି ନିଜର ଏହି ବିଶେଷତ୍ୱ ଭଲ ଭାବରେ ହୃଦୟଙ୍ଗମ କରୁଥିଲେ । ସୁତରାଂ ଇତିହାସବିତମାନେ ଉଲ୍ଲେଖ କରନ୍ତି ଯେ, ଅଶିକ୍ଷିତ ଯୁଗରେ ଆରବ୍ୟମାନେ ପରସ୍ପରକୁ ତିନୋଟି ଅବସରରେ ଶୁଭେଚ୍ଛା ବା ଅଭିନନ୍ଦନ ଜଣାଉଥିଲେ । 1- କୌଣସି ବ୍ୟକ୍ତି ସନ୍ତାନ ଜନ୍ମ ଗ୍ରହଣ ଅବସରରେ । 2- କୌଣସି କବିଙ୍କ ମୁଣ୍ଡ ବାହାର କରିବା ସମୟରେ । 3- ଉତ୍ତମ ବାଛୁରୀ ଜନ୍ମ ନେବା ସମୟେର । ଏହି ସଂକ୍ଷିପ୍ତ ବାକ୍ୟରେ ଆରବ୍ୟ ଜୀବନ ସଂପୂର୍ଣ୍ଣ ନକ୍ସା ଅଙ୍କିତ ହୋଇଯାଇଥାଏ । ଆରବ୍ୟମାନଙ୍କ ମଧ୍ୟରେ କବିମାନଙ୍କୁ ଦେଶର ନେତା ବୋଲି ମନେକରା ଯାଉଥିଲା । ସେମାନଙ୍କୁ ଏହି କ୍ଷମତା ପ୍ରାପ୍ତ ଥିଲା କି ସେମାନେ ନିଜର କବିତ୍ୱ ବାଣୀ ବଳରେ ଦୁଇଟି ସଂପ୍ରଦାୟ ମଧ୍ୟରେ ଯୁଦ୍ଧ କରାଇଦେବେ ଏବଂ ଦେଶରେ ନିଆଁ ଲଗାଇଦେବେ । ଆରବ୍ୟମାନେ ନିର୍ଦ୍ଦିଷ୍ଟ ସ୍ଥାନରେ କବିମାନେ ଏକତ୍ରିତ ହୋଇ ନିଜ କବିତ୍ୱକୁ ପରୀକ୍ଷା କରୁଥିଲେ । ଉକ୍କାଜ୍ ଯାହାକି ନଖଲା ଏବଂ ତାଇଫର ମଧ୍ୟରେ ମକ୍କାର ପୂର୍ବ ଦିଗ ଅଭିମୁଖେ ଏକ ସବୁଜିମା ସ୍ଥାନ ଅଟେ, ସେଠାରେ ଏପରି ଅବସରରେ ଅଶିକ୍ଷିତ ଯୁଗରେ ବିଶେଷ ଖ୍ୟାତିର ଅଧିକାରୀ ଥିଲା । ଏଠାରେ ପ୍ରତ୍ୟେକ ବର୍ଷ ଜି କାଆଦା ମାସରେ ମେଳା ଆୟୋଜିତ ହେଉଥିଲା । ଦୂର ଦୂରାନ୍ତରୁ ଲୋକମାନେ ଏକତ୍ରିତ ହେଉଥିଲେ ଏବଂ ଏତଦଭିନ୍ନ ଅନ୍ୟ ପ୍ରସଙ୍ଗର ବିଭିନ୍ନ ଆରବ୍ୟ ସଂପ୍ରଦାୟ ମଧ୍ୟରେ ଆଳଂକାରିକତା, ଲାଳିତ୍ୟତା ଓ କବିତା ପ୍ରତିଯୋଗୀତା ମଧ୍ୟ ଅନୁଷ୍ଠିତ ହେଉଥିଲା ।

ମକ୍କା ବିଜୟ ଅବସରରେ ଯେତେବେଳେ ଆରବର ଚତୁର୍ଦ୍ଦିଗରେ ଆଁହଜରତ ସ.ଅଙ୍କ ସେବାରେ ନାନା ସଂପ୍ରଦାୟମାନଙ୍କର ପ୍ରତିନିଧିମଣ୍ଡଳମାନେ ଉପସ୍ଥିତ ହେଲେ, ସେମାନଙ୍କଗ ମଧ୍ୟରେ ବନୁ ତମିମ୍ ସଂପ୍ରଦାୟ ଆଁହଜରତ ସ.ଅଙ୍କ ସମ୍ମୁଖରେ ସତ୍ୟତାର ଯେଉଁ ସ୍ତର ଉପସ୍ଥାପିତ କଲା ତହିଁରୁ ଆରବ ଦେଶରେ କବିତାର ଅସ୍ତିତ୍ୱ ଓ ସ୍ଥିତାବସ୍ଥା ସଂପର୍କରେ ଜଣାପଡ଼େ । ସେମାନେ ଅନ୍ୟ ପ୍ରମାଣରେ ପଡ଼ିବା ବଦଳରେ ଆଁହଜରତ୍ ସ.ଅଙ୍କୁ କହିଲେ, ହେ ମୁହମ୍ମଦ୍ ସ.ଅ ! ଆମେମାନେ ତ' କେବଳ ଏଇଥି ପାଇଁ ଅସିଅଛୁ ଯେ, ଆପଣଙ୍କର ଏବଂ ଆମର କବିଙ୍କର ପ୍ରତିଯୋଗୀତା କରାଇ ଦେଖିନେବୁ । ସୁତରାଂ ସେମାନେ ନିଜର କବିକୁ ଛିଡ଼ା କଲେ ଯିଏ ନିଜ ସଂପ୍ରଦାୟ ସଂପର୍କରେ ପ୍ରଶଂସାର କେତେକ କବିତା କହିଲା । ପୁନଶ୍ଚ ଆଁହଜରତ ସ.ଅ ମୁସଲମାନ ପକ୍ଷରୁ ହ. ହସ୍ସାନ ବିନ୍ ସାବିତ୍ ଅନସାରୀ ର.ଅଙ୍କୁ ଛିଡ଼ା ହେବା ନିମନ୍ତେ ଆଦେଶ ଦେଲେ । ହ. ହସ୍ସାନ୍ ବିନ୍ ସାବିତ୍ ର.ଅ ଆଁହଜରତ ସ.ଅ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କର ପ୍ରଶଂସାରେ କେତେକଜ ଜୋରଦାର କବିତା ଉପସ୍ଥାପିତ କଲେ। ସେହି କବିତାର ଆଳଂକାରିକତା ସଂପର୍କରେ ସମସ୍ତେ ଉଚ୍ଚ ପ୍ରଶଂସା କଲେ ଏବଂ ଏତଦର୍ଦ୍ଦରେ ଏହି ସଂପ୍ରଦାୟ ମୁସଲମାନ ହୋଇଗଲା । **(ଅବଶିଷ୍ଟାଂଶ......ପରବର୍ତ୍ତୀ ସଂଖ୍ୟାରେ) (ସିରତ୍ ଖାତମୁନ୍ ନବୀୟିନ୍, ପୃ-53-55, ପ୍ରକାଶନ ସ୍ଥାନ- କାଦିୟାନ୍, 2006 ମସିହା)**

## ସିରତୁଲ୍ ମେହଦୀ

**ଲେଖକ. ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ**

(15) بِسۡمِ اللّٰہِ الرَّحۡمٰنِ الرَّحِیۡمِ- ବିନୀତ କହି ଦେଉଛି ଯେ, ଯେତେବେଳେ ଲାହୋର୍ ଠାରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅକାଳ ବିୟୋଗ ହେଲା ଏବଂ ହ. ମସିହ୍ ମଉଦ୍ ଅ.ସ ଯେଉଁ କୋଠରୀରେ ମୃତ୍ୟୁବରଣ କଲେ ସେତେବେଳେ ହ. ମୌଲବୀ ନୁରୁଦ୍ଦୀନ୍ ସାହେବ ର.ଅ ସେହି କୋଠରୀରେ ଉପସ୍ଥିତ ନଥିଲେ । ଯେତେବେଳେ ହ. ମୌଲବୀ ସାହେବଙ୍କୁ ସୂଚେନା ମିଳିଲା ସେତେବେଳେ ଆପଣ ର.ଅ ଆସିଲେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ କପାଳ (ମଥା)କୁ ଚୁମ୍ବନ ଦେଲେ ଏବଂ ଶୀଘ୍ର ସେହି କୋଠରୀରୁ ବାହାରକୁ ଚାଲି ଆସିଲେ । ଯେତେବେଳେ ହ. ମୌଲବୀ ସାହେବଙ୍କ ପାଦ କବାଟ ବାହାରେ ପଡ଼ିଲା ସେତେବେଳେ ମୌଲବୀ ସାହେବ ସୟେଦ୍ ମୁହମ୍ମଦ ଅହସନ୍ ସାହେବ ଶୋକାକୁଳ ଏବଂ ରୋଦନମୟ କଣ୍ଠରେ ହ. ମୌଲବୀ ସାହେବ ର.ଅଙ୍କୁ କହିଲେ, انت صدّیقی । ହ. ମୌଲବୀ ସାହେବ କହିଲେ, ମୋଲବୀ ସାହେବ ଏଠାରେ ପ୍ରଶ୍ନ ରହିବାକୁ ଦିଅନ୍ତୁ । କାଦିୟାନ୍ ଯାଇ ନିର୍ଣ୍ଣୟ କରାଯିବ । ବିନୀତର ଏହି ଧାରଣା ରହିଛି ଯେ, ଏହି ବାଣୀକୁ ମୋ ବ୍ୟତୀତ ଅନ୍ୟ କେହି ବି ଶୁଣି ନାହିଁ ।

(16)بِسۡمِ اللّٰہِ الرَّحۡمٰنِ الرَّحِیۡمِ- ବିନୀତ କହିଲା ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ତିନୋଟି ମୁଦ୍ରିକା (ମୁଦି) ଥିଲା । 1- اَلَیۡسَ اللّٰہُ بِکَافٍ عَبۡدَہٗ । ଉକ୍ତ ମୁଦି ସଂପର୍କରେ ଆପଣ ଅ.ସ ନିଜ ଲେଖନୀର ଅନେକ ସ୍ଥାନରେ ଚର୍ଚ୍ଚା କରିଛନ୍ତି । ଉକ୍ତ ମୁଦି ସର୍ବ ପ୍ରଥମେ ମୁଦି ଅଟେ । ଏହା ଦାବିର ଅନେକ କାଳ ପୂର୍ବେ ପ୍ରସ୍ତୁତ କରାଯାଇଥିଲା। 2- ଦ୍ୱିତୀୟ ମୁଦି ହେଉଛି ସେହି ମୁଦି ଯେଉଁ ମୁଦି ଉପରେ ଆପଣ ଅ.ସଙ୍କର ଏହି ଐଶୀବାଣୀ ଉଲ୍ଲିଖିତ ହୋଇଥିଲା ଯେ, غَرَسۡتُ لَکَ بِیَدِیۡ رَحۡمَتِیۡ وَقُدۡرَتِیۡ ଶେଷ ପର୍ଯ୍ୟନ୍ତ ଦରଜ୍ ରହିଛି । ଉକ୍ତ ମୁଦି ଆପଣ ଅ.ସ ନିଜର ଅବତାରତ୍ୱର ଦାବି ପରେ ପ୍ରସ୍ତୁତ କରାଇଥିଲେ ଏବଂ ଅନେକ କାଳ ପର୍ଯ୍ୟନ୍ତ ଉକ୍ତ ମୁଦ୍ରିକା ଆପଣ ଅ.ସଙ୍କ ସହିତ ରହିଥିଲା । ଐଶୀବାଣୀର ପଂକ୍ତି ଆପେକ୍ଷିକ ଦୀର୍ଘ ହେବା ଯୋଗୁଁ ଉକ୍ତ ମୁଦିର ନଗିନା ଅର୍ଥାତ୍ ମଣି ବା ରତ୍ନ ସର୍ବ ବୃହତ୍ ଅଟେ । 3- ତୃତୀୟ ମୁଦ୍ରିକା ହେଉଛି ସେହି ମୁଦି ଯାହାକୁ ଆପଣ ଅ.ସ ନିଜର ଶେଷ ବର୍ଷରେ ପ୍ରସ୍ତୁତ କରିଥିଲେ । ଉକ୍ତ ମୁଦ୍ରିକା ହ. ମସିହ୍ ମଉଦ୍ ଅ.ସଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଆପଣଙ୍କ ହସ୍ତରେ ଥିଲା । ଉକ୍ତ ମୁଦ୍ରିକା ଆପଣ ଅ.ସ ସ୍ୱୟଂ ପ୍ରସ୍ତୁତ କରି ନଥିଲେ ବରଂ କେହି ଜଣେ ଆପଣ ଅ.ସଙ୍କୁ କହିଲେ, ହୁଜୁର ! ମୁଁ ଆପଣ ଅ.ସଙ୍କ ସକାଶେ ଏକ ମୁଦି ପ୍ରସ୍ତୁତ କରିବାକୁ ଚାହୁଁଛି। ତେଣୁ ସେହି ମୁଦି ଉପରେ ମୁଁ କ'ଣ ଲେଖାଇବି ? ହୁଜୁର ଅ.ସ ଉତ୍ତର ଦେଲେ, مولا بس ସୁତରାଂ ସେହି ବ୍ୟକ୍ତି ଜଣକ ମୁଦି ଉପରେ ଏହା ଖୋଦିତ କରି ଆପଣ ଅ.ସଙ୍କୁ ମୁଦ୍ରିକା ଉପହାର ରୂପେ ଦେଇଥିଲା । ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ସମୟରେ ଜଣେ ବ୍ୟକ୍ତି ଏହି ମୁଦିକୁ ନିଜ ହସ୍ତରୁ ବାହାର କରି ଦେଇଥିଲା । ପୁନଶ୍ଚ ସେହି ବ୍ୟକ୍ତି ଟାରୁ ମାତାଶ୍ରୀ (ଅମ୍ମା ଜାନ୍ ର.ଅ) ନେଇନେଲେ । ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ କିଛି କାଳ ପରେ ମାତାଶ୍ରୀ ଏହି ତିନି ମୁଦି ସଂପର୍କରେ ଆମ ତିନି ଜଣ ଭାଇଙ୍କ ମଧ୍ୟରେ କାଗଜ ଗୁଳା ପକାଇଲେ । اَلَیۡسَ اللّٰہُ بِکَافٍ عَبۡدَہٗ ମୁଦି ବଡ଼ ବାଇ ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ନାଁ ବାହାରିଲା । غَرَسۡتُ لَکَ بِیَدِیۡ رَحۡمَتِیۡ وَقُدۡرَتِیۡ ମୁଦି ବିନୀତର ନାମ ଗୁଳାରେ ବାହାରିଲା ଏବଂ مولا بس ମୁଦିର ଗୁଳାରେ ଆୟୁଷ୍ମାନ୍ ମିଆଁ ଶରୀଫ୍ ଅହମଦ୍ ସାହେବଙ୍କ ନାଁ ବାହାରିଲା । ଭଉଣୀମାନଙ୍କ ଭାଗରେ ଦଇଟି ଅନ୍ୟ ପ୍ରକାରର କଲ୍ୟାଣମୟ ଜିନିଷ ପଡ଼ିଲା ।

(ତଜକିରାହ୍, ପୃ-428, ବି.ଦ୍ର, ପ୍ରକାଶନ- 2004 ମସିହା)

(17)بِسۡمِ اللّٰہِ الرَّحۡمٰنِ الرَّحِیۡمِ- ହ. ମିର୍ଜା ବଶୀର୍ ଅହମଦ୍ ସାହେବ ବର୍ଣ୍ଣନା କଲେ ଯେ, ମାତାଶ୍ରୀ (ଅମ୍ମାଜାନ୍) ମୋ ସମ୍ମୁଖରେ ହ. ମସିହ୍ ମଉଦ୍ ଅ.ସଙ୍କ ଚର୍ଚ୍ଚା କଲେ ଯେ, ଏକଦା କୌଣସି ମକଦ୍ଦମାର ଶୁଣାଣି ନିମନ୍ତେ ଗଲି । ଅଦାଲତରେ ଏବଂ ଅନ୍ୟ ମକଦ୍ଦମା ହେଉଥିଲା ଏବଂ ମୁଁ ବାହାରେ ଏକ ବୃକ୍ଷ ତଳେ ଅପେକ୍ଷା କରୁଥିଲି । ଯେହେତୁ ନମାଜ ସମୟ ହୋଇଯାଇଥିଲା ତେଣୁ ମୁଁ ସେହିଠାରେ ହିଁ ନମାଜ ପାଠ କରିବା ଆରମ୍ଭ କରିଦେଲି । କିନ୍ତୁ ନମାଜ୍ ସମୟରେ ହିଁ ଅଦାଲତରୁ ମୋତେ ସ୍ୱର ଶୁଭିବା ଆରମ୍ଭ ହୋଇଗଲା । କିନ୍ତୁ ମୁଁ ନିଜର ନମାଜ୍ ଜାରି ରଖିଲି । ଯେତେବେଳେ ମୁଁ ନମାଜ ପାଠ କରି ସାରିଲି ସେତେବେଳେ ମୁଁ ଦେଖିଲି ଯେ, ମୋ ପାଖରେ ଅଦାଲତର ପ୍ରହରୀ (ଜଗୁଆଳୀ) ଛିଡ଼ା ହୋଇଛି । ଉଭୟ ପାର୍ଶ୍ୱରେ ସଲାମ୍ କରିବା ପରେ ସେ ମୋତେ କହିଲା, ମିର୍ଜା ସାହେବ ଆପଣଙ୍କୁ ଅଭିନନ୍ଦ ଓ ଶୁଭେଚ୍ଛା ଜଣାଉଛି ଯେ, ଆପଣ ମକଦ୍ଦମା ଜିତି ଯାଇଛନ୍ତି ।

(18)بِسۡمِ اللّٰہِ الرَّحۡمٰنِ الرَّحِیۡمِ- ହ. ମିର୍ଜା ବଶୀର୍ ଅହମଦ୍ ସାହେବ ବର୍ଣ୍ଣନା କଲେ ଯେ, ମାର୍ତଶ୍ରୀ ମୋତେ ହ. ମସିହ୍ ମଉଦ୍ ଅ.ସଙ୍କ ଯୁବାବସ୍ଥାର ଚର୍ଚ୍ଚା କରୁଥିଲେ ଯେ, ସେହି କାଳରେ ମୋତେ ଜ୍ଞାତ ହେଲା ଏବଂ କହିଲେ, ମୋତେ ସେହି ମାର୍ଗରେ ଉନ୍ନତି କରିବାକୁ ହେଲେ ରୋଜା ରଖିବା ନିତାନ୍ତ ଆବଶ୍ୟକ ଅଟେ । ତେବେ ମୁଁ 6 ମାସ ରୋଜା ରଖିଲି ଏବଂ ଘରେ କିମ୍ବା ବାହାରେ କୌଣସି ବ୍ୟକ୍ତିକୁ ଜଣା ନଡିଲା ଯେ, ମୁଁ ରୋଜା ରଖୁଛି । ସକାଳ ଜଳଖିଆ ଯେତେବେଳେ ମୁଁ ଘରୁ ଆସୁଥିଲି ସେତେବେଳେ ମୁଁ କୌଣସି ଅଭାବି ବ୍ୟକ୍ତିକୁ ଦେଇ ଦେଉଥିଲି ଏବଂ ସନ୍ଧ୍ୟା ସମୟରେ ସ୍ୱୟଂ ଖାଇ ନେଉଥିଲି । ମୁଁ ମାତାଶ୍ରୀଙ୍କୁ ପଚାରିଲି ଯେ, ମାତାଶ୍ରୀ ! ପିତାଶ୍ରୀ (ହ. ମସିହ୍ ମଉଦ୍ ଅ.ସ) ଶେଷ ବର୍ଷ ବୟସରେ ମଧ୍ୟ ନଫଲୀ ରୋଜା ରଖୁଥିଲେ ଅବା ନୁହେଁ ? ମାତାଶ୍ରୀ କହିଲେ, ପୁତ୍ର ! ତୁମ ପିତାଶ୍ରୀ ଶେଷ ବୟସରେ ମଧ୍ୟ ରୋଜା ରଖୁଥିଲେ। ବିଶେଷ କରି ଶୱାଲର 6 ରୋଜାର ବ୍ୟବସ୍ଥା କରୁଥିଲେ ଏବଂ ଯେତେବେଳେ ବି ଆପଣଙ୍କୁ କୌଣସି ବିଶେଷ କାମ ସଂପର୍କରେ ଦୁଆ କରିବାର ଆବଶ୍ୟକତା ପଡୁଥିଲା ସେତେବେଳେ ଆପଣ ରୋଜା ରଖୁଥିଲେ। କିନ୍ତୁ ହଁ, ଦୁଇ ତିନି ବର୍ଷରେ ଦୁର୍ବଳତା ଯୋଗୁଁ ରମଜାନର ରୋଜା ମଧ୍ୟ ରଖିପାରୁ ନଥିଲେ । **(ବିନୀତ୍ କହି ଦେଉଛି ଯେ, କିତାବୁଲ୍ ବରିୟାରେ ହ. ମସିହ୍ ମଉଦ୍ ଅ.ସ 8, 9 ମାସ ପର୍ଯ୍ୟନ୍ତ ରୋଜା ରଖୁଥିଲେ।)**

(19)بِسۡمِ اللّٰہِ الرَّحۡمٰنِ الرَّحِیۡمِ- ହ. ମିର୍ଜା ବଶୀର୍ ଅହମଦ୍ ସାହେବ ବର୍ଣ୍ଣନା କଲେ ଯେ, ମାର୍ତାଶ୍ରୀ ମୋତେ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରଥମ ଥର ମୁଣ୍ଡ ବ୍ୟଥା ଓ ହିଷ୍ଟିରିୟାର ବ୍ୟଥା ବଶୀର ଅୱଲ(ଆମର ଜଣେ ବଡ଼ ଭାଇ ଥିଲା ସେ 1888 ମସିହାରେ ମୃତ୍ୟୁବରଣ କରିଥିଲା) ଙ୍କ ବିୟୋଗର କିଛି ଦିନ ପରେ ହୋଇଥିଲା । ରାତ୍ରରେ ଶୋଇବା ସମୟରେ ଆପଣ ଅ.ସଙ୍କୁ ଜାଗ୍ରତ କରାଗଲା ଏବଂ ପୁନଶ୍ଚ ଏହାପରେ ଏହାର କିଛି ଦିନ ପରେ ଏକଦା ଆପଣ ନମାଜ ନିମନ୍ତେ ବାହାରକୁ ଗଲେ ଏବଂ ଯିବା ସମୟରେ ଆପଣ ଅ.ସ କହିଲେ, ଆଜି ଦେହଟା ଅର୍ଥାତ୍ ସ୍ୱାସ୍ଥ୍ୟ ଟିକେ ଭଲ ଲାଗୁ ନାହିଁ । ମାତାଶ୍ରୀ କହିଲେ, କିଛି ସମୟ ପରେ ଶେଖ୍ ହାମିଦ୍ ଅଲୀ ସାହେବ ର.ଅ (ହ. ମସିହ୍ ମଉଦ୍ ଅ.ସଙ୍କ ପୁରୁଣା ନୈଷ୍ଠିକ ସେବକ ଯେକି ମୃତ୍ୟୁବରଣ କରି ସାରିଥିଲେ) କବାଟ ଠକ୍ ଠକ୍ କରି କହିଲେ, ଶୀଘ୍ର ପାଣି ଗରମ୍ କରିଦିଅ । ମାତାଶ୍ରୀ କହିଲେ, ମୁଁ ବୁଝିନେଲି ଯେ, ହ. ସାହେବ (ମସିହ୍ ମଉଦ୍ ଅ.ସଙ୍କ) ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିବ । ତେଣୁ ମୁଁ ଜଣେ ସେବିକାକୁ କହିଲେ, ସେବିକା ସେହି ବ୍ୟକ୍ତିଙ୍କୁ ପଚାର ଯେ, ମିଆଁଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି। ଶେଖ୍ ହାମିଲ୍ ଅଲୀ ସାହବ କହିଲେ, ଟିକେ ଖରାପ ହୋଇଯାଇଛି । ମୁଁ ପରଦା କରି ମସଜିଦ୍ ଭିତରକୁ ଯେତେବେଳେ ଚାଲିଗଲି **(ଅବଶିଷ୍ଟାଂଶ.....ପୃ-23ରେ)**

# ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନ ତଥା ଅବତୀର୍ଣ୍ଣର ଅଭିପ୍ରାୟ ଏବଂ ଧର୍ମ ସଂସ୍କାର

ଲେଖକ- ଅଜିଜ୍ ଅହମଦ ନାସିର, ମୁବଲ୍ଲିଗ୍ ସିଲସିଲା ମଜଲିସ୍ ଅନସାରୁଲ୍ଲାଃ, କାଦିୟାନ୍

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ. آمين

ପବିତ୍ର କୁରଆନ୍ କରୀମ୍‌ରେ ଏହି ଭବ୍ୟ ଭବିଷ୍ୟବାଣୀର ଚର୍ଚ୍ଚା କରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି:" هُوَ الَّذِىْ بَعَثَ فِى الْاُمِّيّٖنَ رَسُوْلًا مِّنْهُمْ يَتْلُوْا عَلَيْهِمْ اٰيٰتِهٖ وَيُزَكِّيْهِمْ وَيُعَلِّمُهُمُ الْكِتٰبَ وَالْحِكْمَةَ وَاِنْ كَانُوْا مِنْ قَبْلُ لَفِىْ ضَلٰلٍ مُّبِيْنٍ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ وَهُوَ الْعَزِيْزُ الْحَكِيْمُ"(ଅଲ୍ ଜୁମା:3-4)

**ଅନୁବାଦ୍:** ଅର୍ଥାତ୍ ସେ ଅଲ୍ଲାଃ ହିଁ ଏକ ନିରକ୍ଷର ସଂପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି । ସେ ନିରକ୍ଷର ହେବା ସତ୍ତ୍ୱେ ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି ଏବଂ ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ ଧର୍ମ ଗ୍ରନ୍ଥ ଓ ତତ୍ତ୍ୱଶିକ୍ଷା ଦେଉଛନ୍ତି । ଅଥଚ ସେମାନେ ଏଥି ପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି । ବାସ୍ତବରେ ସେ (ଅଲ୍ଲାଃତାଲା) ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ଅଟନ୍ତି ।

مسخ دین کی جب ہو گئی تعلیم دنیا میں
ہوئی نوع بشر تقسیم در تقسیم دنیا میں
ہر اک مذہب تھا خواہاں اسکی ہو تکریم دنیا میں
رشی اسکا ہی پھر آئے کر کے تجسیم دنیا میں
مگر اسلام کی قسمت میں یہ زندہ نشان آیا
سبھی نبیوں کے حلیے میں خدا کا پہلوان آیا

**ସମ୍ମାନିତ ଶ୍ରୋତୀମଣ୍ଡଳୀ !** ତ୍ରୟୋଦଶ ଶତାବ୍ଦୀର ଶେଷ ଏବଂ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭ ହେଉଛି ସେହି ଯୁଗ ଯେଉଁ ଯୁଗରେ ظهر الفساد فی البرّ والبحر ଦୃଶ୍ୟ ଉପସ୍ଥାପିତ କରୁଥିଲା । ଇସଲାମ୍ ଧର୍ମ ଅନେକ ଗୋଷ୍ଠୀରେ ବିଭକ୍ତ ହୋଇଯାଇଥିଲା, ବିଶ୍ୱାସ ଲୋକମାନଙ୍କ ହୃଦୟରୁ ଅପସରି ଯାଇଥିଲା । ବିଶ୍ୱାସ ହୃଦୟରୁ ବାହାରି କୃତିକା ତାରକା ପର୍ଯ୍ୟନ୍ତ ଚାଲି ଯାଇଥିଲା । ଧର୍ମ ଆଡ଼କୁ ଇଙ୍ଗିତ ହେଉଥିବା ଲୋକମାନଙ୍କର ଆଧ୍ୟାତ୍ମିକତା, ଦାର୍ଶନିକ ଓ ହେତୁବାଦୀ (ନାସ୍ତିକବାଦୀ) ନାମକୁ ମାତ୍ର ଧାର୍ମିକ ନେତାମାନଙ୍କର ଦୃଷ୍ଟିକୋଣ ଏବଂ ଉପଦ୍ରବୀୟ ଆସ୍ଥା ତଥା ବିଶ୍ୱାସ ଯୋଗୁଁ ଅବକ୍ଷୟ ହୋଇଯାଇଥିଲା । ଦଜ୍ଜାଲୀୟ (ଇନ୍ଦ୍ରଜାଲିକ ପ୍ରବଞ୍ଚନାମୂଳକ) ଉପଦ୍ରବ ନିଜର ଚରମ ସୀମାରେ ଥିଲା ଏବଂ କୁଆସ୍ଥା, କୁବିଶ୍ୱାସ ମାଧ୍ୟମରେ ନିଜର ଅସତ୍ ଅଭିପ୍ରାୟ ପ୍ରାପ୍ତି ନିମନ୍ତେ ଧନ, ମନ ଓ ପ୍ରାଣ ଦେଇ ଉଦ୍ୟମରତ୍ ଥିଲେ । ସମସ୍ତ ଧର୍ମର ଅନୁଗାମୀ ଅର୍ଥାତ୍ ଧର୍ମାବଲମ୍ବୀମାନେ ବିଶେଷ କରି ମୁସଲମାନ ଧର୍ମର ଲୋକମାନେ ନିଜକୁ ମୁସଲମାନ ବୋଲାଇ ଇସଲାମ୍ ଧର୍ମର ପ୍ରକୃତ ଶିକ୍ଷା ଠାରୁ ଦୂରେଇ ଯାଉଥିଲେ, ସତମାର୍ଗରୁ ବିପଥଗାମୀ ହୋଇ ଜାଲ୍ଲିନ୍ ଏବଂ ମଗଜୁବି ଅଲେହିମର ମାର୍ଗ ଉପରେ ପରିଚାଳିତ ହୋଇ ନିଜକୁ ସୁରକ୍ଷିତ ବୋଲି ମନେକରୁଥିଲେ । ଏହି ସମସ୍ତ ପ୍ରସଙ୍ଗ ଈଶ୍ୱର ଏବଂ ବ୍ରହ୍ମାଣ୍ଡ ଅଧିପତି, ଅବତାରମାନଙ୍କର ଗର୍ବ ଓ ଗୌରବ, ଅବତାରମାନଙ୍କର ମୋହର ହ. ମୁହମ୍ମଦ୍ ସ.ଅଙ୍କ ଦ୍ୱାରା ବର୍ଣ୍ଣିତ ଆଦେଶାବଳୀର ଭବିଷ୍ୟବାଣୀ ଅନୁଯାୟୀ ହେଉଥିଲା । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ ସହିତ ମୁସଲମାନମାନଙ୍କର ବ୍ୟବହାରର ଚର୍ଚ୍ଚା କରି କୁହନ୍ତି । وَقَالَ الرَّسُوْلُ يٰرَبِّ اِنَّ قَوْمِى اتَّخَذُوْا هٰذَا الْقُرْاٰنَ مَهْجُوْرًا **(ଅଲ୍ ଫୁର୍କାନ୍; 31)** ଏବଂ ରସୁଲ୍ କହିବେ, ହେ ଆମର ପାଳନକର୍ତ୍ତା ! ଆମ୍ଭ ସଂପ୍ରଦାୟ ତ' ଏହି କୁରଆନକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଦେଇଅଛି ।

ସେହିପରି ଆଁହଜରତ୍ ସ.ଅ କୁହନ୍ତି:" يَكُوْنُ فِىْ اُمَّتِىْ فَزْعَةٌ، فَيَصِيْرُ النَّاسُ اِلٰى عُلَمَاۤءِهِمْ، فَاِذَا هُمْ قِرَدَةٌ وَّخَنَازِيْرُ ଅର୍ଥାତ୍ ହେ ମୁସଲମାନମାନେ ! ମୋ ଧର୍ମାବଲମ୍ବୀଙ୍କ ଉପରେ ଏପରି ଏକ ଯୁଗ ମଧ୍ୟ ଆସିବ ଯେ, ସେହି ଯୁଗରେ ଲୋକମାନଙ୍କ ମଧ୍ୟରେ ଅଶାନ୍ତି, ଅଧୀରତା ଓ ବ୍ୟାକୁଳତା ବ୍ୟାପୀଯିବ । ଫଳତଃ ସାଧାରଣ ଲୋକମାନେ ବିଦ୍ୱାନମାନଙ୍କ ଆଡ଼କୁ ମୁହାଁଇବେ । କାରଣ ସେହି ବିଦ୍ୱାନମାନେ ସେମାନଙ୍କର ଅର୍ଥାତ୍ ସାଧାରଣ ମୁସଲମାନମାନଙ୍କର ଏହି ବିଚଳିତ, ବ୍ୟାକୁଳାବସ୍ଥାକୁ ଦୂର କରିବେ। କିନ୍ତୁ ସେମାନେ ସେହି ବିଦ୍ୱାନମାନଙ୍କୁ ମାଙ୍କଡ଼ ଏବଂ ଘୁଷୁରି ରୂପେ ପାଇବେ । ଅର୍ଥାତ୍ ଏହି ବିଦ୍ୱାନମାନେ ପରସ୍ପରକୁ ଅନୁକରଣ କରୁଥିବେ ଓ କଲୁଷତାକୁ (ଆଳିଆ ଆବର୍ଜନା) ମୁହଁ ମାରିବେ । **(ତିର୍ମିଜି ବାବୁଲ୍ ଫିତନ୍)"**

ଅତଏବ୍ ଯେତେବେଳେ ଚତୁର୍ଦ୍ଦଶ ଶତାବ୍ଦୀ ଆମ୍ଭ ହେଲା ସେତେବେଳେ ମୁସଲମାନମାଙ୍କର ଏପରି ଶୋଚନୀୟ ଏବଂ ଅକଥନୀୟ ଦୁଃରାବସ୍ଥା ହୋଇଗଲା ଯେ, ତାହା ଅବର୍ଣ୍ଣନୀୟ ଅଟେ । ଏହାର ନକ୍ସା ଅଙ୍କନ କରି ମୌଲାନା ହାଲି ନାମକ ଜଣେ କବି ଉଲ୍ଲେଖ କରନ୍ତି :

رہا دین باقی نہ اسلام باقی
اک اسلام کا رہ گیا نام باقی

ସେହିପରି ଅଲ୍ଲାମା ଇକବାଲ୍ ସାହେବ ନାମକ ଜଣେ ଉର୍ଦ୍ଦୁ କବି ଏହା କହିଛନ୍ତି:

شور ہے ہو گئے دنیا سے مسلمان نابود
ہم یہ کہتے ہیں کہ تھے بھی کہیں مسلمان موجود
وضع میں تم ہو نصاریٰ تو تمدن میں ہنود
یہ مسلمان ہیں جنہیں دیکھ کے شرمائیں یہود
یوں تو سیّد بھی ہو مرزا بھی ہو افغان بھی ہو
تم سبھی کچھ ہو بتاؤ تم مسلمان بھی ہو

ସେହି କାଳରେ ସଂସାରର ଏକ ନୂତନ ଆଧ୍ୟାତ୍ମିକ ବିପ୍ଳବର ଆବଶ୍ୟକତା ଥିଲା । ସୁତରାଂ ସେହି ବିପ୍ଳବକୁ ସୃଷ୍ଟି କରିବା ନିମନ୍ତେ ଆତ୍ମାଶୁଦ୍ଧି ମାଧ୍ୟମରେ ଏବଂ ଧର୍ମଗ୍ରନ୍ଥ ଓ ତାତ୍ତ୍ୱିକ ଶିକ୍ଷା ସହିତ ଅବଗତା କରାଇ ପ୍ରକୃତ ଈଶ୍ୱରଙ୍କ ସହିତ ସାକ୍ଷାତ୍ କରାଇ ନିମନ୍ତେ ଅଲ୍ଲାଃତାଲା ଏବଂ ତାହାଙ୍କ ପ୍ରିୟାବତାର ହ. ମୁହମ୍ମଦ୍ ସ.ଅ ଏକ ମହାନ ସଂସ୍କାରର ଶୁଭ ସୂଚାନ ଦେଇଥିଲେ ।

**ସମ୍ମାନିତ ଶ୍ରୋତୀମଣ୍ଡଳୀ !** وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ ର ଆୟତ୍ ଯେତେବେଳେ ଅବତୀର୍ଣ୍ଣ ହେଲା ସେତେବେଳେ ସାହାବାମାନେ ଆଁହଜରତ୍ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଶେଷ ଯୁଗର ଲୋକମାନେ ପୁଣି କିଏ ଅଟନ୍ତି ଯାହାଙ୍କ ମଧ୍ୟରେ ଆଁହଜରତ ସ.ଅଙ୍କ ଦ୍ୱିତୀୟ ଆଗମନ ହେବ ? ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ ହ. ସଲମାନ୍ ଫାର୍ସିଙ୍କ କାନ୍ଧ ଉପରେ ହାତ ରଖି କହିଲେ, لَوْ كَانَ الْاِيْمَانُ مُعَلَّقًا بِالثُّرَيَّا لَنَالَهٗ رَجُلٌ اَوْ رِجَالٌ مِنْ هٰؤُلَاءِ ଅର୍ଥାତ୍ ଯଦି ବିଶ୍ୱାସ କୃତିକା ତାରକା ପର୍ଯ୍ୟନ୍ତ ଚାଲିଯାଏ ତେବେ ଫାର୍ସି ମୂଳ ବଂଶୋଦ୍ଭବ ବ୍ୟକ୍ତି କିମ୍ବା କେତେକ ଲୋକମାନେ ସେହି ବିଶ୍ୱାସକୁ ପୁନଃ ଧରାପୃଷ୍ଠକୁ ଫେରାଇ ଆଣିବେ ଓ ସେହି ବିଶ୍ୱାସକୁ ସେମାନେ ପୁନଃ ଧରାପୃଷ୍ଠରେ ସ୍ଥାପିତ କରିଦେବେ । **(ଅତ୍ ତଫସିର୍ ସୁରତୁଲ୍ ଜୁମା)**

ଅତଏବ୍ ଏ ହେଉଛନ୍ତି ସେହି ସଂସ୍କାରକ ଯାହାଙ୍କୁ ଆଁହଜରତ ସ.ଅ ଇମାମ୍ ମେହଦୀ ଏବଂ ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହଦୀ ନାମରେ ସ୍ମରଣ କରିଥିଲେ (ନାମିତ କରିଥିଲେ) । ସେହି ପ୍ରତିଶ୍ରୁତ ମସିହ୍ ଆଭ୍ୟନ୍ତରୀଣ ରୂପେ ଇସଲାମ୍ ଧର୍ମର ସଂସ୍କାର ଓ ସଂଶୋଧନ କାର୍ଯ୍ୟ ସମ୍ପାଦନ କରିଥାଆନ୍ତେ ଏବଂ ବାହ୍ୟ ରୂପେ ଅନ୍ୟ ସମସ୍ତ ଧର୍ମ ଉପରେ ଇସଲାମ୍ ଧର୍ମର ସତ୍ୟତାକୁ ସ୍ପଷ୍ଟ ରୂପେ ପ୍ରତିପାଦିତ କରି ସେହି ଧର୍ମକୁ ସମସ୍ତ ମିଥ୍ୟା ଧର୍ମ ଉପରେ ବିଜୟୀ କରିବାର ଥିଲା । ପୂର୍ଣ୍ଣ ମାର୍ଗଦର୍ଶକ, ପଥପ୍ରଦର୍ଶକ ହ. ମୁହମ୍ମଦ୍ ମୁସ୍ତଫା ସ.ଅ ଏଥି ସଂକ୍ରାନ୍ତରେ କୁହନ୍ତି: عَنْ اَنَسِ بْنِ مَالِكٍ رَضِىَ اللّٰهُ عَنْهُ اَنَّ رَسُوْلَ اللّٰهِ ﷺ قَالَ: لَا الْمَهْدِىُّ اِلَّا عِيْسَى ابْنُ مَرْيَمَ ଅର୍ଥାତ୍ ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଇସା ଅ.ସଙ୍କ ବ୍ୟତୀତ ଅନ୍ୟ କେହି ମେହଦୀ ନୁହନ୍ତି । **(ଇବନେ ମାଜା, ବାବ୍- ଶିଦ୍ଦତୁଜ୍ ଜମାନ୍, ପୃ-257, ମିସରୀ, ମତବା ଇଲମିୟାହ 1313 ହିଜ୍ରୀ)**

ସେହିପରି ଆଁହଜରତ୍ ସ.ଅ ଅନ୍ୟ ଏକ ହଦିସରେ କହିଲେ, يُوْشِكُ مَنْ عَاشَ مِنْكُمْ أَنْ يَلْقَى عِيسَى ابْنَ مَرْيَمَ إِمَامًا مَهْدِيًّا وَحَكَمًا عَدْلًا، فَيَكْسِرَ الصَّلِيبَ، وَيَقْتُلَ الْخِنْزِيرَ **(ମସନଦ୍ ଅହମଦି ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-2, ପୃ-411, ପ୍ରକାଶନ ସ୍ଥାନ-ମିସର୍, ହ. ଅବୁ ହୁରୈରାହ୍ ର.ଅଙ୍କ ଦ୍ୱାରା ବର୍ଣ୍ଣିତ ବର୍ଣ୍ଣନା)**

ଅର୍ଥାତ୍ ଯେକେହି ତୁମମାନଙ୍କ ମଧ୍ୟରୁ ଜୀବିତ ରୁହେ ତେବେ ସେହି ସମୟଟି ଖୁବ୍ ନିକଟବର୍ତ୍ତୀ ଯେ, ସେହି ଜୀବିତ ବ୍ୟକ୍ତି ଇସା ଇବନେ ମରିୟମଙ୍କୁ ସାକ୍ଷାତ୍ କରୁ । ସହି ଇମାମ୍ ମେହଦୀ (ଧର୍ମାଧକ୍ଷ) ସାଲିସ୍ ଏବଂ ବିଚାରକ ହେବେ । ସେ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଥିବା ସମସ୍ତ ମତପାର୍ଥକ୍ୟର ନିର୍ଣ୍ଣୟ କରିଦେବେ । ସେ ଶୂଳି ଭାଙ୍ଗିବେ ଏବଂ ଶୂକରମାନଙ୍କର ବଧ କରିଦେବେ ।

**ସମ୍ମାନିତ ଶ୍ରୋତୀମଣ୍ଡଳୀ !** ସାଂପ୍ରତିକ ଯୁଗ ହେଉଛି ଆଭ୍ୟନ୍ତର ଏବଂ ବାହ୍ୟ ରୂପେ ମାର୍ଗଭ୍ରଷ୍ଟତା ଓ ଅନ୍ଧକାରର ଏପରି ଯୁଗ ଅଟେ ଯେ, ପ୍ରତ୍ୟେକ ଧର୍ମର ଅନୁଗାମୀ ଏକ ଆକାଶୀୟ ସଂସ୍କାରକ ତଥା ସୁଧାରକଙ୍କ ଆଗମନକୁ ଅପେକ୍ଷା କରି ବସିଥିଲା। ପୁଣ୍ୟ ସ୍ୱଭାବର ଲୋକମାନେ କାନ୍ଦି କାନ୍ଦି ରାତ୍ରରେ ଜାଗ୍ରତ ହୋଇ ଆକାଶ ଆଡ଼କୁ ବାହୁ ପ୍ରସାରିତ କରି ନିଜର ଦୁର୍ଦ୍ଦଶା, ନିଃସହାୟତାର ଦୁହାଇ ଦେଇ ଅଶେଷ ଦୟାବାନ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ ସେହି ସୁଧାରକକୁ ପ୍ରେରଣ କରି । କାରଣ ଅନ୍ଧକାର ଓ ମାର୍ଗଭ୍ରଷ୍ଟତାର ଜଳ ବିପଦ ସ୍ତର ଉପରେ ପ୍ରବାହିତ ହେଉଛି । ଅତଏବ୍ ମୌଲବୀ ଶକିଲ୍ ଅହମଦ ସହଓ୍ୱାନୀ ନାମକ ଜଣେ ମୌଲବୀ ଏଥି ସଂକ୍ରାନ୍ତରେ ଏକ କବିତା ଲେଖିଛନ୍ତି । ସେହି କବିତାର କେତେକ ପଂକ୍ତି ଏଠାରେ ଉଦ୍ଧୃତ କରାଯାଉଛି:

دین احمد کا زمانہ سے مٹا جاتا ہے نام
قہر ہے اے میرے اللہ ! یہ ہوتا کیا ہے
کس لئے مہدی بر حق ظاہر نہیں ہوتے
دیر عیسیٰ کے اُترنے میں خدایا کیا ہے؟

(ଅଲ୍ ହକ୍କୁସ୍ ସରିହ୍ ଫି ହୟାତିଲ୍ ମସିହ୍, ପୃ-133)

ମୌଲବୀ ଅବୁଲ୍ ଖୈର୍ ନଓ୍ୱାବ୍ ନୁରୁଲ୍ ହସନ୍ ଖାନ୍ ସାହେବ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭରେ ବସି ଅତ୍ୟନ୍ତ ବ୍ୟାକୁଳିତ ଅବସ୍ଥାରେ ପ୍ରତିଶ୍ରୁତ ମସିହଙ୍କ ଆଗମନର

ଅପେକ୍ଷା କରି ଆକଳନ କରି ଉଲ୍ଲେଖ କରନ୍ତି:

"امام مہدی کا ظہور تیرھویں صدی پر ہونا چاہیئے تھا مگر یہ صدی پوری گذر گئی تو مہدی نہ آیا۔اب چودھویں صدی ہمارے سر پر آئی ہے۔اس صدی سے اس کتاب کے لکھنے تک چھ ماہ گذر چکے ہیں۔شاید اللہ تعالیٰ اپنا فضل و عدل و رحم و کرم فرمائے۔چار چھ سال کے اندر مہدی ظاہر ہو جائیں"

ଅନୁବାଦ୍ : ଅର୍ଥାତ୍ ଇମାମ୍ ମେହଦୀଙ୍କ ଆବିର୍ଭାବ ତ୍ରୟୋଦଶ ଶତାବ୍ଦୀରେ ହେବା ଉଚିତ୍ ଥିଲା । କିନ୍ତୁ ଉକ୍ତ ଶତାବ୍ଦୀଟି ସଂପୂର୍ଣ୍ଣ ଅତିକ୍ରାନ୍ତ ହୋଇଗଲା । କିନ୍ତୁ ମେହଦୀ ଆସିଲେ ନାହିଁ । ବର୍ତ୍ତମାନ ଚତୁର୍ଦ୍ଦଶ ଶତାବ୍ଦୀ ଆମ ସମ୍ମୁଖରେ ଆସିଅଛି । ଉକ୍ତ ଶତାବ୍ଦୀ ଠାରୁ ଏହି ପୁସ୍ତକ ଲେଖିବା ପ୍ରଯ୍ୟନ୍ତ 6 ମାସ ବିତି ଯାଇଛି । ସମ୍ଭବତଃ ଅଲ୍ଲାଃତାଲା ନିଜର କୃପା, ପ୍ରତିଶ୍ରୁତି ଏବଂ ଦୟା ପ୍ରଦର୍ଶ କ ରିବେ । ଚାରି ଛଅ ବର୍ଷ ମଧ ଇମାମ୍ ମେହଦୀ ଆବିର୍ଭୂତ ହେବେ ।

**(ଇକତରବତିସ୍ ସାଆତା, ପୃ-221, ସନ୍-1201 ହିଜ୍ରୀ)**

ସୁତରାଂ ଶିୟା ସଂପ୍ରଦାୟର ବିଦ୍ୱାନ୍ ଶ୍ରୀଯୁକ୍ତ ଅସର୍ ଫିଦା ବୁଖାରୀ ମହୋଦୟ ବିପତ୍ତିରୁ ନିସ୍ତାର ପ୍ରଦାନକାରୀ ଆଗମନକାରୀ ବ୍ୟକ୍ତିର ଅପେକ୍ଷା କରି ନିଜ କ୍ଲାନ୍ତ ଓ ଅବସନ୍ନତାର ପରିପ୍ରକାଶ କରି ଉଲ୍ଲେଖ କରନ୍ତି:

اب انتظار کرتے کرتے تھک گئے ہیں ہم
ڈھلنے لگا ہے سایہ دیوار آیئے
اب آ بھی جایئے میرے منتظر امام
مدّت سے منتظر ہیں عزادار آیئے

**(ମାଆରିଫେ ଇସଲାମ୍- ସାହେବୁଜ୍ ଜମାନ୍ ନଂ, ପୃ-26)**

ଅତଏବ୍ ଏହି ଅବସ୍ଥା ପୁଣ୍ୟାତ୍ମାମାନଙ୍କ ହୃଦୟରୁ ରୋଦନ, ବିଳାପ, ଆର୍ତ୍ତନାଦ ତଥା ଚିତ୍କାର ନାଳ ଆକାରରେ ଆକାଶ ଆଭିମୁଖେ ଯାଉଥିଲା ଏବଂ ସେମାନଙ୍କର ଦୃଷ୍ଟି, ସ୍ୱର ଓ ଡାକ ସେହି ମହାନ୍ ଆକାଶୀୟ ସୁଧାରକଙ୍କୁ ଅତ୍ୟନ୍ତ ଗମ୍ଭୀରତାର ସହିତ ଅପକ୍ଷୋ କରୁଥିଲେ । ଏହାର ପ୍ରତିଶ୍ରୁତ ମୁସଲମାନମାନଙ୍କୁ ଦିଆଯାଇ ସାରିଥିଲା ।

**ସମ୍ମାନିତ ଶ୍ରୋତୀମଣ୍ଡଳୀ !** ସେହି ଯୁଗ୍ ଏପରି ଥିଲା ଯେ, ଖ୍ରୀଷ୍ଟ ଧର୍ମ ଏବଂ ଅନ୍ୟ ଧର୍ମ ପକ୍ଷରୁ ଇସଲାମ୍ ଭଳି ଶାନ୍ତିପୂର୍ଣ୍ଣ ଏବଂ ସ୍ୱୟଂ ସଂପନ ଧର୍ମ ଉପରେ ଆପତ୍ତିର ବୃଷ୍ଟିପାତ ହେଉଥିଲା । ଅର୍ଥାତ୍ ସମସ୍ତେ ମିଶି ଇସଲାମ୍ ଧର୍ମର ଗଳାରୁଦ୍ଧ କରିବାକୁ ଚାହୁଁଥିଲେ । କିନ୍ତୁ ଏରପରି କୌଣସି ବ୍ୟକ୍ତି ନଥିଲା ଯିଏ ସେମାନଙ୍କର ସେହି ପ୍ରଶ୍ନର ଉତ୍ତରେ ଦେଇପାରିବ । ବରଂ ପରିସ୍ଥିତି ଏପରି ଜଟିଳ ହୋଇଯାଇଥିଲା ଯେ, ମୁସଲମାନମାନେ ଇସଲାମ୍ ଭଳି ଜୀବନ୍ତ ଧର୍ମକୁ ପରିତ୍ୟାଗଏ ଏବଂ ବିଦାୟ ଜଣାଇ ଅନ୍ୟ ଧର୍ମକୁ ସ୍ୱୀକାର କରୁଥିଲେ । ସେହି ଭୟଙ୍କର କାଳରେ ପଞ୍ଜାବର ଏକ ଅଜ୍ଞାତ ବସ୍ତି କାଦିୟାନରେ ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ସାହେବ ନାମକ ଜଣେ ସୁଧାର ଏବଂ ପ୍ରତିଶୃତ ମସିହ୍ ଜନ୍ମ ଗ୍ରହଣ କଲେ । ଏହି ଠାରୁ ହିଁ ଆପଣ ଅ.ସ ଇସଲାମ୍ ଧର୍ମର ପ୍ରତିରକ୍ଷା କାର୍ଯ୍ୟ ଆରମ୍ଭ କଲେ । ଇଂରେଜମାନେ ଭାରତରେ ନିଜର ଧର୍ମର ପ୍ରଚାର ତଥା ପ୍ରସାନ ନିମନ୍ତେ ଲୁଧିୟାନାକୁ ଚୟନ (ବାଛିଲେ) କଲେ। 1834 ମସିହାରେ ପାଦ୍ରୀ ଯେ.ସି.ଲୋରୀ ଉକ୍ତ କାର୍ଯ୍ୟ ନିମନ୍ତେ ଲୁଧିୟାନା ଠାରେ ପହଞ୍ଚି ଲେ । ବର୍ତ୍ତମାନ ଉକ୍ତ କଥାକୁ ଗୋଟିଏ ବର୍ଷ ପୂରି ନଥିଲା କି ଉକ୍ତ ମିଶନର ମୂଳୋତ୍ପାଟନ କରିବା ନିମନ୍ତେ ମସିହ୍ ମଉଦ୍ ଅ.ସଙ୍କ ଜନ୍ମ କାଦିୟାନ ଠାରେ ହେଲା। ଏହି ଜନ୍ମ ଗ୍ରହଣ ସଂପର୍କରେ ଆମର ପ୍ରିୟାବତାର ହ. ମୁହମ୍ମଦ୍ ସ.ଅ ଭବିଷ୍ୟବାଣୀ କରିଥିଲେ ଯେ, :فَيَطْلُبُهُ حَتَّى يُدْرِكَهُ بِبَابِ لُدٍّ فَيَقْتُلُهُ ଅର୍ଥାତ୍ ପ୍ରତିଶ୍ରୁତ ମସିହ୍ ଦଜ୍ଜାଲର ପିଛା କରିବ । ଏପର୍ଯ୍ୟନ୍ତକି ସେ ସେହି ଦଜ୍ଜାଲକୁ ଲୁଦ୍ଦ ନାମକ ଦ୍ୱାର (ଲୁଧିୟାନ ନାମକ ସ୍ଥାନ)ରେ ବଧ ବା ସଂହାର କରିବେ । ଏହି ଭବିଷ୍ୟବାଣୀ ଅତ୍ୟନ୍ତ ଭବ୍ୟତାର ସହିତ ସେତେବେଳେ ପୂର୍ଣ୍ଣ ହେଲା ଯେତେବେଳେ ମସିହ୍ ମଉଦ୍ ଅ.ସ ଲୁଧିୟାନା ଠାରେ ବୈଅତ୍ ନେଇଥିଲେ ।

**ସମ୍ମାନିତ ଶ୍ରୋତୀମଣ୍ଡଳୀ !** ଆପଣ ଆ.ସ ନିଜର ସମସ୍ତ ଜୀବନ ଇସଲାମ୍ ଧର୍ମର ରକ୍ଷୀ ନିମନ୍ତେ ଅତିବାହିତ କରିଦେଇଥିଲେ ଏବଂ ସମସ୍ତ ଧର୍ମର ବିଦ୍ୱାନମାନଙ୍କୁ ଚ୍ୟାଲେଞ୍ଜ ଦେଲେ ଯେ, ସେମାନେ ଆସନ୍ତୁ ଏବଂ ଇସଲାମ୍ ଧର୍ମ ସମ୍ମୁଖରେ (ଉପରେ) ନିଜ ଧର୍ମର ଶ୍ରେଷ୍ଠତାକୁ ପ୍ରତିପାଦିତ ଓ ସାବ୍ୟସ୍ତ କରନ୍ତୁ । କିନ୍ତୁ କେହି ବି ଆପଣ ଅ.ସ ବିପକ୍ଷରେ ଆସିଲା ନାହିଁ । ଅତଏବ୍ ଏଥି ସଂକ୍ରାନ୍ତରେ ଆପଣ ଅ.ସଙ୍କର ଏକ ଉର୍ଦ୍ଦୁ କିବାତ 2ଟି ପଂକ୍ତି ବର୍ଣ୍ଣନା କରିବେଦାବ ଉଚିତ୍ ବୋଲି ଅନୁମେୟ ହେଉଛି। କବିତାଟି ଏହହିପରି :

آزمائش کے لئے کوئی نہ آیا ہر چند
ہر مخالف کو مقابل پہ بلایا ہم نے

ଆପଣ ଅ.ସଙ୍କ ଇସଲାମୀୟ ସେବା, ଖ୍ରୀଷ୍ଟ ଧର୍ମ, ଆର୍ଯ୍ୟ ସମାଜ ଏବଂ ବ୍ରାହ୍ମ ସମାଜର ମିଥ୍ୟା ଆସ୍ଥାକୁ ରଦ୍ଦ ତଥା ଖଣ୍ଡନ କରିବା ନିମନ୍ତେ ଏତେ ସୁନ୍ଦର ଓ ଭବ୍ୟଥିଲା ଯେ, ଡାକ୍ତର ଇସ୍ରାର୍ ଅହମଦ୍ ନାଏକ୍ ସାହେବ କୁହନ୍ତି : "آپ اُس وقت کے علماء کی آنکھوں کا تارا بن گئے ଅର୍ଥାତ୍ ଆପଣ ଅ.ସ ସେତେବେଳେ ଲୋକମାନଙ୍କ ଆଖିର ତାରା ହୋଇଗଲେ ।"

ଅତଏବ୍ ଉକ୍ତ ବ୍ୟାକୁଳତା ଏବଂ ଅଧୀର କାଳରେ ଈଶ୍ୱରଙ୍କ ପ୍ରତିଶ୍ରୁତି ଏବଂ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଯୁଗରୁଚି ତଥା ଯୁଗର ଅବସ୍ଥାକୁ ପୂର୍ଣ୍ଣ କରି ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସ ମସିହ୍ ମଉଦ୍ ଅ.ସ ହୋଇ ଅବତୀର୍ଣ୍ଣ ହେଲେ ଏବଂ ଆପଣ ଅ.ସ ଏହି ଘୋଷଣଲା କଲେ:

وقت تھا وقتِ مسیحا نہ کسی اور کا وقت
میں نہ آتا تو کوئی اور ہی آیا ہوتا
ابنِ مریم ہوں مگر اُترا نہیں میں چرخ سے
نیز مہدی ہوں مگر بے تیغ اور بے کارزار

ସେହିପରି ଆପଣ ଅ.ସ କହିଲେ,

وَاللهِ إِنِّي أَنَا الْمَسِيحُ الْمَوْعُودُ وَمَعِي رَبِّيَ الْوُدُودُ. وَوَاللهِ إِنَّهُ لَا يُضَيِّعُنِي وَلَوْ عَادَانِيَ الْجِبَالُ. وَوَاللهِ إِنَّهُ لَا يَتْرُكُنِي وَلَوْ تَرَكَنِيَ الْأَحْبَاءُ وَالْعِيَالُ. وَوَاللهِ إِنَّهُ يَعْصِمُنِي وَلَوْ أَتَى الْعِدَا بِالْمُرْهَفَاتِ

**(ମୱାହିବୁର୍ ରହମାନ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-19, ପୃ-271)**

**ଅନୁବାଦ୍:** ଅର୍ଥାତ୍ ମୁଁ ଈଶ୍ୱରଙ୍କ ଶସପଥ କରି କହୁଛି ମୁଁ ହିଁ ସେହି ପ୍ରତିଶୃତ ମସିହ୍ ଅଟେ । ମୋ ସହି ପ୍ରେମକାରୀ ଈଶ୍ୱର ଅଛନ୍ତି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ସେ (ଈଶ୍ୱର) ମୋତେ କେବେ ବି ନଷ୍ଟ କରିବେ ନାହିଁ । ମୋର ଶତ୍ରୁତା ପର୍ବତ ତୁଲ୍ୟ ବ୍ୟକ୍ତିମାନେ ବି କରନ୍ତି ତେବେ କୌଣସି ଅସୁବିଧା ନାହିଁ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋର ବନ୍ଧୁ ପରିଜନ ଏବଂ ପରିବାରବର୍ଗ ମୋତେ ଛାଡ଼ି ଦିଅନ୍ତୁ ନା କାହିଁକି କିନ୍ତୁ ସେ କେବେ ବି ମୋତେ ଛାଡ଼ିବେ ନାହିଁ । ଶତ୍ରୁ ଯଦି ଖଡ଼ଗ ଦ୍ୱାରା ମଧ ମୋ ଉପରେ ଆକ୍ରମଣ କରେ ତେବେ ମଧ ସେ (ଈଶ୍ୱର) ମୋତେ ରକ୍ଷା କରିବେ ।

**ସମ୍ମାନିତ ଶ୍ରୋତୀମଣ୍ଡଳୀ !** ବଡ଼ ଦୁଃଖ ଓ ପିରତାପର ବିଷୟ ଯେ, ସେହି ବିଦ୍ୱାନମାନେ ଯେଉଁମାନେ ଦିନରାତି ମୋତେ ଅପେକ୍ଷା କରିଥିଲେ କି ଇମାମ୍ ମେହଦୀ ଓ ମସିହ୍ ମଉଦ୍ ଆବିର୍ଭୂତ ହୁଅନ୍ତୁ, ସେହି ପ୍ରତିଶୃତ ମସିହ୍ ଧର୍ମର ପତନକୁ ଉତ୍ଥାନରେ ପରିବର୍ତ୍ତିତ କରିଦେବେ, ସେହି ବିଦ୍ୱାନମାନେ ନିଜର ପୁରାତନ ଆସ୍ଥା ଏବଂ ବିଶ୍ୱାସର ଭିତ୍ତି ଉପରେ ଅବିଚଳ ରହି ବିରୋଧୀମାନଙ୍କର ପ୍ରଥମଧାଡ଼ିରେ ଛିଡ଼ା ହୋଇଗଲେ ଏବଂ ବିରୋଧର ଏପରି ଝଡ଼ ସୃଷ୍ଟି କରିଦେଲେ ଯେ, ଅଲ୍ଲାଃତାଲାଙ୍କର ସତ୍ୟ ସୁଧାରକ ସମ୍ମୁଖରେ ଯଦି ନଥାଆନ୍ତା ତେବେ ସେହି ଝଡ଼ର ପ୍ରବାହରେ ଇସଲାମ୍ ଧର୍ମ ଉଡ଼ି ଯାଇଥାଆନ୍ତି ଯେ, ତା'ର ଅସ୍ତିତ୍ୱ ସଂପର୍କରେ କିଛି ଖୋଜ ଖବର ମଧ ମିଳି ନଥାଆନ୍ତା । କିନ୍ତୁ ଏଠାରେ ଅଲ୍ଲାଃତାଲାଙ୍କ ପହିଲମାନ ଥିଲା, ଅଲ୍ଲାଃତାଲାଙ୍କ ସତ୍ୟ ମସିହ୍ ଥିଲା, ଆଁହଜରତ ସ.ଅଙ୍କ ପ୍ରକୃତ ପ୍ରେମୀ ଏବଂ ଦାସ ଥିଲା ଯାହା ଯୋଗୁଁ ଏହି ଝଡ଼ ଆପେ ଆପେ ନିଶ୍ଚିହ୍ନ ହୋଇଗଲା । ତେଣୁ ଜଣେ କବି ଏଥି ସଂକ୍ରାନ୍ତରେ ଅତ୍ୟନ୍ତ ସୁନ୍ଦର୍ କବିତାଟିଏ କହିଛନ୍ତି ଯେ,

مہدی موعود حق اب جلد ہو گا آشکار
یاد وہ دن جبکہ کہتے تھے یہ سب ارکانِ دین
کون تھا جسکی تمنّا یہ نہ تھی اک جوش سے
کون تھا جسکو نہ تھا اس آنے والے سے پیار

## ଇସଲାମ୍ ଧର୍ମର ସତ୍ୟତା ଏବଂ ଶ୍ରେଷ୍ଠତାର ପିରପ୍ରକାଶ:

ପୁଣ୍ୟଶ୍ଳୋକ ସୟେଦିନା ମସିହ୍ ମଉଦ୍ ଅ.ସ ନିଜ ଆଗମନର ଅଭିପ୍ରାୟ ସଂପର୍କରେ କହିଲେ, يُحْيِ الدِّيْنَ وَيُقِيْمُ الشَّرِيْعَةَ ଅର୍ଥାତ୍ ଇସଲାମ୍ ଧର୍ମକୁ ନୂତନ ରୂପେ ଜୀବିତ କରିବା ଏବଂ ମୁହମ୍ମଦ୍ ସ.ଅଙ୍କ ଧର୍ମବିଧାନକୁ ସଂସାରରେ ପୁନଃ ସ୍ଥାପିତ କରିବା ହିଁ ଆପଣ ଅ.ସଙ୍କର ଅଭିପ୍ରାୟ ବୋଲି ଆପଣ ଅ.ସ ଦର୍ଶାଇଛନ୍ତି ।

ଧର୍ମସଂସ୍କାରରୁ ଯଥାର୍ଥ ଧର୍ମକୁ ବାସ୍ତବ ଆତ୍ମାର ସହିତ ଜୀବିତ କରିବା ଅଟେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନା କୌଣସି ନୂତନ ଧର୍ମ ଉପସ୍ଥାପିତ କଲେ ଓ ନା ହିଁ ଇସଲାମ୍ ଧର୍ମରେ କୌଣସି ମୂଳଦୁଆକୁ ପରିବର୍ତ୍ତନ କଲ । ବରଂ ପବିତ୍ର କୁରଆନ୍ କରୀମ୍ ଏବଂ ସୁନ୍ନତର ପ୍ରକୃତ ଶିକ୍ଷାକୁ ସତେଜ କଲେ । ଆପଣ ଅ.ସ ଏକେଶ୍ୱରବାଦକୁ ଦୃଢ଼ଭୂତ କଲେ, ଆଁହଜରତ ସ.ଅଙ୍କ ର ପ୍ରେମକୁ ମନରେ ଜୀବିତ କଲେ ଏବଂ ବ୍ୟବହାରିକ ଧର୍ମପରାୟଣତା ଉପରେ ଆପଣ ଗୁରୁତ୍ୱାରୋପ କଲେ। ଏହା ହିଁ ପ୍ରକୃତ ଧର୍ମ ସଂସ୍କାର ଅଟେ । ଅର୍ଥାତ୍ ଧର୍ମକୁ ବିଦଆତ୍ (ନୂତନ ଆହୃତ ରୀତି) ଏବଂ ଭ୍ରମାତ୍ମକ ଧାରଣାରୁ ପବିତ୍ର କରି ତାହାର ପ୍ରକୃତ ଶିକ୍ଷା କୁ ସର୍ବସାଧାରଣ କରିବା ଆପଣ ଅ.ସଙ୍କ ଆଗମନର ଲକ୍ଷ୍ୟ ଥିଲା ।

ଆପଣ ଅ.ସ ସଂସାର ସମ୍ମୁଖରେ ବାସ୍ତବତାକୁ ସ୍ପଷ୍ଟ କଲେ ଯେ, ଇସଲାମ୍ ଧର୍ମ ହିଁ ସତ୍ୟ ଧର୍ମ ଅଟେ । ଇସଲାମ୍ ଧର୍ମ ହିଁ ଜୀବନ୍ତ ଧର୍ମ ଅଟେ । ଆପଣ ଅ.ସ ନିଜର ବିଖ୍ୟାତ ପୁସ୍ତକ ବରାହିନେ ଅହମଦିୟାରେ ବଳିଷ୍ଠ ବୌଦ୍ଧିକ ଏବଂ ଆଧାତ୍ମିକ ପ୍ରମାଣ୍ୟମାନ ମାଧ୍ୟମରେ ପବିତ୍ର କୁରଆନ୍ କରୀମର ସତ୍ୟତାକୁ ପ୍ରତିପାଦିତ (ସାବ୍ୟସ୍ତ) କରିଥିଲେ। ଆପଣ ଅ.ସ କହିଲେ, "ପବିତ୍ର କୁରଆନ୍ କରୀମ୍ ଏକ ଜୀବନ୍ତ ଧର୍ମଗ୍ରନ୍ଥ ଅଟେ । ଏହି ଗ୍ରନ୍ଥ ଆଜି ପର୍ଯ୍ୟଅଥଥ ଈଶ୍ୱରଙ୍କ ତରଫରୁ ନିଜର ନିଦର୍ଶନ ପ୍ରକାଶ କରୁଅଛି ।"

ସେହିପରି ଆପଣ ଅ.ସ ଇସଲାମ୍ ଧର୍ମକୁ ଏକ ବ୍ୟବହାରିକ ଏବଂ ଆଧାତ୍ମିକ ରୂପେ ଉପସ୍ଥାପିତ କରିଥିଲେ । ଏହା କେବଳ ଦୃଷ୍ଟିଗତ ଶିକ୍ଷା ନୁହେଁ । ବରଂ ଈଶ୍ୱରଙ୍କ ସହିତ ଜୀବନ୍ତ ସଂପର୍କ ସମ୍ବନ୍ଧରେ ଆମନ୍ତ୍ରିତ କରିଥାଏ । ସେହିପରି ହୁଜୁର ଅ.ସଙ୍କ ଆଗମନ ତଥା ଆବିର୍ଭୂତର ସର୍ବପ୍ରଥମ ଏହା ମୌଳିକ ଅଭିପ୍ରାୟ ଇସଲାମ୍ ଧର୍ମର ସଂସ୍କାର ଏବଂ ଧର୍ମକୁ ଉଜ୍ଜୀବିତ କରିବା ଥିଲା । ସମୟ ବିତିବା ସହିତ ମୁସଲମାନମାନଙ୍କ ମଧ୍ୟରେ ଅନେକ ପ୍ରକାରର ବିଦଆତ୍ (ନୂତନ ଆହୃତ ରୀତି), ଲାଞ୍ଛନା ଏବଂ ଦୁର୍ବଳତା ସୃଷ୍ଟି ହୋଇ ସାରିଥିଲା ଏବଂ ପବିତ୍ର କୁରଆଅ କରୀମର ପ୍ରକୃତ ଶିକ୍ଷାର ପୃଷ୍ଠଭୂମିରେ ଚାଲି ଯାଇଥିଲା । ହ. ମସିହ୍ ମଉଦ୍ ଅ.ସ ନିଜର ଲେଖନୀ ଏବଂ ଭାଷଣ ମାଧ୍ୟମରେ ଇସଲାମ୍ ଧର୍ମର ସରଳ, ପବିତ୍ର ଏବଂ ଆଧାତ୍ମିକ ଶିକ୍ଷାକୁ ପୁନଃ ଜୀବିତ କଲେ ଏବଂ ସ୍ପଷ୍ଟ ରୂପେ କହିଲେ ଯେ, ଇସଲାମ୍ ଧର୍ମ ହେଉଛି ଏକ ଜୀବନ୍ତ ଧର୍ମ । ଏହି ଧର୍ମ

ପ୍ରତ୍ୟେକ ଯୁଗର ଆବଶ୍ୟକତାକୁ ପୂରଣ କରିବାର ସାମର୍ଥ୍ୟତା ରଖେ । ଆପଣ ଅ.ସ ମୁସଲମାନମାନଙ୍କୁ ପବିତ୍ର କୁରଆନ୍ କରୀମ୍ ଏବଂ ସୁନ୍ନତ୍ (ଆଁହଜରତ୍ ସ.ଅଙ୍କ ବ୍ୟବାହାରିକ କର୍ମ) ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ଅନୁପ୍ରାଣିତ କଲେ ଏବଂ କହିଲେ, ପ୍ରକୃତ ମୋକ୍ଷ ପ୍ରାପ୍ତି ପବିତ୍ର କୁରଆନ୍ ଏବଂ ସୁନ୍ନତ୍ ମଧ୍ୟରେ ହିଁ ନିହିତ ରହିଛି।

**ଜୀବନ୍ତ ଈଶ୍ୱର:**

ଆପଣ ଅ.ସଙ୍କ ଆବିର୍ଭୂତର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅଭିପ୍ରାୟ ଏକେଶ୍ୱରବାଦ ସ୍ଥାପନ ଥିଲା । ସାଂପ୍ରତି ଯୁଗ ବସ୍ତୁବାଦ ଉପାସନା, ନାସ୍ତିକତା ଏବଂ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ନାନା ରୂପରେ ରୂପାଗ୍ରସ୍ତ ହେଉଥିଲା । ଅନେକ ଲୋକମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଥିଲେ । ଅପରପକ୍ଷେ ଅନ୍ୟ କେତେକ ଲୋକମାନେ ଈଶ୍ୱରଙ୍କ ଅନ୍ୟକୁ ସମକକ୍ଷ କରାଉଥିଲେ । ଅର୍ଥାତ୍ ସିର୍କ କରୁଥିଲେ । ଆପଣ ଅ.ସ ଅତ୍ୟନ୍ତ ବଳିଷ୍ଠ ପ୍ରାମାଣ୍ୟ ଏବଂ ଆଧାତ୍ମିକ ନିଦର୍ଶନମାନ ମାଧ୍ୟମରେ ଈଶ୍ୱରଙ୍କ ଅସ୍ତିତ୍ୱ ଏବଂ ତାହାଙ୍କର ଏକେଶ୍ୱରବାଦକୁ ପ୍ରମାଣିତ କଲେ ଓ ଲୋକମାନଙ୍କୁ ସତ୍ୟ ଈଶ୍ୱର ଆଡ଼କୁ ଡାକିଲେ । ଆପଣ ଅ.ସ କହିଲେ, ମନୁଷ୍ୟ ପ୍ରକୃତ ପ୍ରସନ୍ନତା ଏବଂ ସଫଳତା ଈଶ୍ୱରଙ୍କ ସହିତ ଜଡ଼ିତ ଅଟେ । ଜୀବନ୍ତ ଈଶ୍ୱରର ଠିକଣା ବା ପରିଚୟ ଆପଣ ଅ.ସ ପ୍ରଦାନ କଲେ ଓ ଈଶ୍ୱରଙ୍କ ଭକ୍ତକୁ ପୂର୍ଣ୍ଣ ବିଶ୍ୱାସ ଏବଂ ଦୃଢ଼ତ୍ୱତାର ସହିତ ଉପସ୍ଥାପିତ କଲେ ।

ଆପଣ ଅ.ସ କୁହନ୍ତି: "ଈଶ୍ୱର ସାଂପ୍ରତିକ ଯୁଗକୁ ପରିତ୍ୟକ୍ତ ପାଇ ଏବଂ ସଂସାରକୁ ଅବଚେତନ, ଅବଜ୍ଞତା ଓ ସିର୍କରେ ନିମଗ୍ନ ଥିବା ଦେଖି ବିଶ୍ୱାସ ଏବଂ ସତ୍ୟନିଷ୍ଠତା ଓ ଧର୍ମପରାୟଣତାକୁ ଅଦୃଶ୍ୟ ହେଉଥିବାର ଅବଲୋକନ କରି ମୋତେ (ଆପଣ ଅ.ସଙ୍କୁ) ପ୍ରେରଣ କଲେ । କାରଣ ସେହି ଈଶ୍ୱର ପୁନଃ ସଂସାରରେ ଜ୍ଞାନଭିତ୍ତିକ, ବ୍ୟବହାରିକ, ଚାରିତ୍ରିକ ଓ ବିଶ୍ୱାସିକତ ସତ୍ୟତାକୁ ପୁନଃ ଧରାପୃଷ୍ଠରେ ସ୍ଥାପିତ କରନ୍ତୁ । ସେହି ଈଶ୍ୱର ଇସଲାମ୍ ଧର୍ମକୁ ସେହି ଲୋକମାନଙ୍କର ଆକ୍ରମଣରୁ ରକ୍ଷା କରନ୍ତୁ ଯେଉଁମାନଙ୍କର ଦାର୍ଶନିକମୂଳକ ସ୍ୱଭାବ ଏବଂ ଔଚିତ୍ୟ, ସିର୍କ ଏବଂ ନାସ୍ତିକତାର ବସ୍ତ୍ରରେ ଏହି ଐଶୀ ଉଦ୍ୟାନକୁ କିଛି କ୍ଷତି ପହଞ୍ଚାଇବାକୁ ଚାହୁଁ ଥିଲେ ।"

**(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5, ପୃ-25)**

**ଜୀବନ୍ତ ରସୁଲ୍ ସ.ଅଙ୍କ ସହିତ ଲୋକମାନଙ୍କର ସଂପର୍କ ସ୍ଥାପନ କରିବା:**

ଜମାଅତ୍ ଅହମଦିୟାର ସଂସ୍ଥାପକ ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଆସି ହୁଜୁର୍ ସ.ଅଙ୍କ ସେହି ମହାନ୍ ତଥା ପ୍ରକୃତ ମର୍ଯ୍ୟାଦାର ବାସ୍ତବିକତା ସଂପର୍କରେ ବର୍ଣ୍ଣନା ଓ ଅବଗତ କରାଇଲେ ଓ ଆଁହଜରତ୍ ସାହ୍କ ଖତମେ ନବୁଓ୍ୱତ୍ (ଅବତାରଙ୍କର ମୋହୋର) ଉପରେ ପୂର୍ଣ୍ଣ ବିଶ୍ୱାସର ଘୋଷଣା କଲେ ଏବଂ କହିଲେ, ହୁଜୁର୍ ସ.ଅ ଖାତମୁନ୍ ନବୀୟିନ୍ ଅଟନ୍ତି ଏବଂ ଆପଣ ସ.ଅଙ୍କ ପରେ ନୂତନ ଧର୍ମବିଧାନକୁ କୌଣସି ଅବତାର ଆସି ପାରିବ ନାହିଁ ।" ଆପଣ ଅ.ସ ସ୍ପଷ୍ଟୀକରଣ ପ୍ରଦାନ କରି କହିଲେ, "ଯେଉଁ ଆଧାତ୍ମିକ ମର୍ଯ୍ୟାଦା ପ୍ରାପ୍ତ ହୋଇଥାଏ ତାହା ଆଁହଜରତ୍ ସ.ଅଙ୍କ ଆଜ୍ଞାବହତ୍ୱତା ଯୋଗୁଁ ହିଁ ପ୍ରାପ୍ତ ହୋଇଥାଏ ।" ସେହିପରି ଖତମେ ନବୁଓ୍ୱତ୍ ଆସ୍ଥାକୁ ଏକ ଆଧାତ୍ମିକ ଏବଂ ଅର୍ଥପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କଲେ ଏବଂ କହିଲେ, ନବୀ କରୀମ୍ ସ.ଅଙ୍କ ପୂର୍ଣ୍ଣଆଜ୍ଞାବହତ୍ୱତା ପ୍ରତ୍ୟେକ ଆଧାତ୍ମିକ ଉନ୍ନତିର ମାଧ୍ୟମ ଅଟେ । ପ୍ରତ୍ୟେକ ପ୍ରକାରର ଆଧାତ୍ମିକ ପରୁସ୍କାର ଏହା ସହିତ ହିଁ ସଂଶ୍ଳୀଷ୍ଟ ଅଟେ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ଆଜ୍ଞାବହତ୍ୱ ବଳରେ ଜଣେ ବ୍ୟକ୍ତିକୁ ଅବତାରତ୍ୱ ମର୍ଯ୍ୟାଦା ପ୍ରାପ୍ତ ହୋଇ ପାରିବ । ତେଣୁ ଏଥି ନିମନ୍ତେ ଆପଣ ଅ.ସ ନିଜର ଅସ୍ତିତ୍ୱକୁ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରି କହିଲେ,

برتر وہم وگمان سے احمد کی شان ہے
جس کا غلام دیکھو مسیح الزمان ہے

ସେହିପରି ଆପଣ ଅ.ସ ଆସି ହ. ରସୁଲ୍ କରୀମ୍ ସ.ଅଙ୍କ ମର୍ଯ୍ୟାାଦାକୁ ଉଜାଗର କରି ଦେଖାଇଲେ ଏବଂ ଏକ ଜୀବନ୍ତ ଈଶ୍ୱରଙ୍କ ଅବଧାରଣା (ବା କଳ୍ପନାର) ସହିତ ଏକ ଜୀବନ୍ତ ବାର୍ତ୍ତାବହଙ୍କ ସତ୍ୟତା ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ। ଅତଏବ୍ ଆପଣ ଅ.ସ କୁହନ୍ତି:

"وہ اعلیٰ درجہ کا نور جو انسان کو دیا گیا، یعنی انسان کامل کو وہ ملائک میں نہیں تھا، نجوم میں نہیں تھا، قمر میں نہیں تھا، آفتاب میں بھی نہیں تھا، وہ زمین کے سمندروں اور دریاؤں میں بھی نہیں تھا، وہ لعل اور یاقوت اور زمرد اور الماس اور موتی میں بھی نہیں تھا، غرض وہ کسی چیز ارضی اور سماوی میں نہیں تھا۔ صرف انسان میں تھا یعنی انسان کامل میں جس کا اتم اور اکمل اور اعلیٰ اور ارفع فرد ہمارے سید و مولیٰ، سید الانبیاء سید الاحیاء محمد مصطفی ﷺ ہیں۔ سو وہ نور اس انسان کو دیا گیا اور حسب مراتب اس کے تمام ہمرنگوں کو بھی یعنی ان لوگوں کو بھی جو کسی قدر وہی رنگ رکھتے ہیں... اور یہ شان اعلیٰ اور اکمل اور اتم طور پر ہمارے سید ہمارے مولیٰ ہمارے ہادی نبی امی صادق مصدوق محمد مصطفی ﷺ میں پائی جاتی تھی۔"

**ଅନୁବାଦ:** "ସେହି ସର୍ବୋଚ୍ଚ ସ୍ତରୀୟ ଆଲୋକ ଯାହା ମାନବୁ ପ୍ରଦାନ କରାଗଲା ଅର୍ଥାତ୍ ପୂର୍ଣ୍ଣ ମନୁଷ୍ୟକୁ ଯେଉଁ ସର୍ବୋଚ୍ଚ ସ୍ତରୀୟ ଆଲୋକ ଦେବଦୂତମାନଙ୍କ ମଧ୍ୟରେ ନଥିଲା, ତାରକାମାନଙ୍କ ମଧ୍ୟରେ ନଥିଲା, ଚନ୍ଦ୍ର ମଧ୍ୟରେ ନଥିଲା, ସୂର୍ଯ୍ୟ ମଧ୍ୟରେ ନଥିଲା, ଭୂପୃଷ୍ଠ ମଧ୍ୟରେ ନଥିଲା, ସମୁଦ୍ର ମଧ୍ୟରେ ନଥିଲା, ନଈ ମଧ୍ୟରେ ନଥିଲା, ତାହା ମୁକ୍ତା, ରତ୍ନ, ମୂଲ୍ୟବାନ ମାଣିକ୍ୟ ମଧ୍ୟରେ ନଥିଲା । ଅର୍ଥାତ୍ ସେହି ସର୍ବୋଚ୍ଚ ସ୍ତରୀୟ ଆଲୋକ କୌଣସି ଭୂପୃଷ୍ଠସ୍ଥ ବସ୍ତୁ ଏବଂ ଆକାଶଲୋକ ମଧ୍ୟରେ ନଥିଲା । ତାହା କେବଳ ଓ କେବଳ ମନୁଷ୍ୟ ମଧ୍ୟର ଥିଲା । ପୁରୁଷୋତ୍ତମ, ପୂର୍ଣ୍ଣ ମାନବ ମଧ୍ୟରେ ସର୍ବୋତ୍ତମ, ସର୍ବୋତ୍କୃଷ୍ଟ ଓ ସର୍ବୋଚ୍ଚ ବ୍ୟକ୍ତି ଆମର ପ୍ରିୟ ମୁନିବ ଅବତାରମାନଙ୍କର ଅଧିପତି ମୁହମ୍ମଦ୍ ସ.ଅ ଅଟନ୍ତି । ତେଣୁ ଯେଉଁ ଆଲୋକ ସେହି ବ୍ୟକ୍ତିକୁ ପ୍ରଦାନ କରାଗଲା ଏବଂ ମର୍ଯ୍ୟାଦା ତଥା ସ୍ତର ଅନୁଯାୟୀ ତାହାର ସମସ୍ତ ସହଚାରୀ ତଥା ଅନୁଗାମୀମାନଙ୍କୁ ମଧ୍ୟ ପ୍ରଦାନ କରାଗଲା । ଅର୍ଥାତ୍ ସେହି ଲୋକମାନଙ୍କୁ ମଧ୍ୟ ପ୍ରଦାନ କରାଗଲା ଯେଉଁମାନେ କୌଣସି ମେତ ଆଁହଜରତ୍ ସ.ଅଙ୍କ ପରି ଉତ୍ତମ ଗୁଣର ଅଧିକାରୀ ଥିଲେ........ଏହି ମର୍ଯ୍ୟାଦା ସର୍ବୋଚ୍ଚ ଏବଂ ସଂପୂର୍ଣ୍ଣ ଓ ପୂର୍ଣ୍ଣାଙ୍ଗ ରୂପେ ଆମର ପ୍ରିୟ ମୁନିବ, ମାର୍ଗଦର୍ଶକ, ନିରକ୍ଷର ଲୋକମାନଙ୍କର ସତ୍ୟବାଦୀ ଅବତାର ପୁଷ୍ଟିକର୍ତ୍ତା ମୁହମ୍ମଦ୍ ସ.ଅଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ ।" **(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5, ପୃ-165-166)**

**ଜୀବନ୍ତ ଧର୍ମଗ୍ରନ୍ଥ :**

ଆପଣ ଅ.ସ କୁହନ୍ତି: "تمہارے لئے ایک ضروری تعلیم یہ ہے کہ قرآن شریف کو مہجور کی طرح نہ چھوڑ دو کہ تمہاری اس میں زندگی ہے۔ جو لوگ قرآن کو عزت دیں گے وہ آسمان پر عزت پائیں گے۔ جو لوگ ہر ایک حدیث اور ہر ایک قول پر قرآن کو مقدم رکھیں گے ان کو آسمان پر مقدم رکھا جائے گا۔ نوع انسان کے لئے روئے زمین پر اب کوئی کتاب نہیں مگر قرآن اور تمام آدم زادوں کے لئے اب کوئی رسول اور شفیع نہیں مگر محمد ﷺ۔"

"ତୁମମାନଙ୍କ ନିମନ୍ତେ ଏକ ଆବଶ୍ୟକୀୟ ଶିକ୍ଷା ରହିଛି । ତାହା ଏହିକି ଯେ, ତୁମେମାନେ ପବିତ୍ର କୁରଆନ୍ କରୀମକୁ ପରିତ୍ୟକ୍ତ ବସ୍ତୁ ରୂପେ ଛାଡ଼ିଦିଅ ନାହିଁ । କାରଣ ତୁମର ଜୀବନ ଏହି କୁରଆନରେ ହିଁ ନିହିତ ରହିଛି । ଯେଉଁ ଲୋକମାନେ ପବିତ୍ର କୁରଆନ୍ କରୀମକୁ ସମ୍ମାନ ଜଣାଇବେ ସେହିମାନେ ହିଁ ଆକାଶଲୋକରେ ସମ୍ମାନ ପାଇବେ । ଯେଉଁମାନେ ପବିତ୍ର କୁରଆନକୁ ପ୍ରତ୍ୟେକ ହଦିସ୍ ଏବଂ ପ୍ରତ୍ୟେକ କଥନ ଉପରେ ଅଗ୍ରାଧିକାର ପ୍ରଦାନ କରିବେ ସେହିମାନଙ୍କୁ ହିଁ ଆକାଶଲୋକରେ ଅଗ୍ରାଧିକାର ଦିଆଯିବ ପବିତ୍ର କୁରଆନ୍ ମାନବଜାତି ନିମନ୍ତେ ଭୂପୃଷ୍ଠରେ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥ ନାହିଁ । ସମଗ୍ର ମାନବ ଜାତି ନିମନ୍ତେ ବର୍ତ୍ତମାନ ମୁହମ୍ମଦ୍ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବାର୍ତ୍ତାବହ ଏବଂ ଦୟାର୍ଦ୍ର ଅବତାର ଆଉ ନାହିଁ । " **(କିଶତି ନୁହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-19, ପୃ-13)**

نور فرقاں ہے جو سب نوروں سے اجلیٰ نکلا
پاک وہ جس سے یہ انوار کا دریا نکلا

**ଇସା ମସିହଙ୍କ ଜୀବନ୍ତ ବିଶ୍ୱାସର ରଦ୍ଦ :**

ସେହିପରି ଆପଣ ଅ.ସଙ୍କ କାଳର ଆଉ ଏକ ଭବ୍ୟ ମିଶନ ରହିଛି ଯାହା ଆପଣ ଅ.ସଙ୍କ ଉପରେ ନ୍ୟସ୍ତ ହୋଇଥିଲା । ଏହାର ଚର୍ଚ୍ଚା (ଉଲ୍ଲେଖ) ହଦିସରେ ବିଦ୍ୟମାନ ରହିଛି । ତାହା ହେଲା يكسر الصليب । ଅର୍ଥାତ୍ ଆଗମନକାରୀ ମସିହ୍ ମଉଦ୍ ଶୂଳୀ ଭାଙ୍ଗିବ । ତ୍ରୟୋଦଶ ଶତାବ୍ଦୀର ଶେଷ ଭାଗ ଥିଲା ଏବଂ ଇସଲାମ୍ ଧର୍ମ ସର୍ବଦା ସହିଷ୍ଣୁତା ଭାବ, ଶାନ୍ତି ଓ ସୌହାର୍ଦ୍ଦ୍ୟମୂଳକ ଶିକ୍ଷା ଦେଇ ଆସିଛି । ଇସଲାମ୍ ଧର୍ମ ପୂର୍ବେ ସମସ୍ତ ଧର୍ମର ବାଦ୍ୟ ଆପତ୍ତିର ଶରବ୍ୟ ହେୁଥିଲା । ପ୍ରତ୍ୟେକ ଦିଗରୁ ଶତ୍ରୁ ଇସଲାମ୍ ଧର୍ମ ଉପରେ ଆକ୍ରମଣ କରୁଥିଲା । ଭାରତବର୍ଷରେ ଇଂରେଜ ଶାସନର ଆଧିପତିତ୍ୱ ଥିଲା । ଖ୍ରୀଷ୍ଟ ଧର୍ମର ଧର୍ମ ପ୍ରଚାରରେ ବ୍ୟାପକ ହେଉଥିଲା । ଏପର୍ଯ୍ୟନ୍ତକି ଏକ ଖବର କାଗଜରେ ଏହା ପ୍ରକାଶିତ ହେଲା:

"جس رفتار سے ہندوستان کی معمولی آبادی میں اضافہ ہو رہا ہے اس سے چار پانچ گنا تیز رفتار سے عیسائیت اس ملک میں پھیل رہی ہے۔ اور اس وقت ہندوستانی عیسائیوں کی تعداد دس لاکھ تک پہنچ چکی ہے۔"

ଅନୁବାଦ: ଯେଉଁ ଗତିରେ ଭାରତର ସାଧାରଣ ଜନସଂଖ୍ୟାରେ ଅଭିବୃଦ୍ଧ ଘଟିଛି ତାହା ଅପେକ୍ଷା ଚାରି ପାଞ୍ଚ ଗୁଣା ଅଧିକ ଦ୍ରୁତ ଗତିରେ ଖ୍ରୀଷ୍ଟତ୍ୱ ଏହି ଦେଶ ଅର୍ଥାତ୍ ଭାରତରେ ବ୍ୟାପୁଛି । ବର୍ତ୍ତମାନେ ଖ୍ରୀଷ୍ଟିଆନମାନଙ୍କର ସଂଖ୍ୟା ଦଶ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। (ଦି ମିଶନାରୀ, ଲେଖକ- ରେଭେରଣ୍ଡ ରବର୍ଟ କ୍ଲାର୍କ)

ଯୁଗ ଚିତ୍କାର କରି ଡାକୁଥିଲା ଯେ, ଖ୍ରୀଷ୍ଟ ଧର୍ମବିଶ୍ୱାସ ବର୍ତ୍ତମାନ ଚରମ ସୀମାରେ ରହିଛି । ତେମୁ ସେହି ମିଥ୍ୟାତ୍ମକ ଅସ୍ଥା ଏବଂ ବିଶ୍ୱାସକୁ ଭଙ୍ଗ କରିବା ନିମନ୍ତେ କେହି ଜଣେ ଆସିବା ଉଚିତ୍ । ସୁତରାଂ 1୪୨0 ମସିହାରେ ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ଏହା ଆବଷ୍କାକର କରାଗଲା ଯେ, ଇସା ଅ.ସ ମୃତ୍ୟୁବରଣ କରି ସାରିଛନ୍ତି ଏବଂ ତାହାଙ୍କ ରଙ୍ଗରେ ରଙ୍ଗୀନ ହୋଇ ପ୍ରତିଶ୍ରୁତି ଅନୁଯାୟୀ ମୁଁ (ଅର୍ଥାତ୍ ହ. ମସିହ୍ ମଉଦ୍) ଅ.ସ ଆସିଛି ।"

ଆପଣ ଅ.ସ ଏହି ଘୋଷଣା କଲେ ଯେ,

کیوں نہیں لوگو تمہیں حق کا خیال
دل میں اٹھتا ہے میرے سو سو ابال
ابن مریم مر گیا حق کی قسم
داخل جنت ہوا وہ محترم

ହୁଜୁର୍ ଅ.ସ ସ୍ୱୟଂ କୁହନ୍ତି: "ମୁଁ ଯେତେବେଳେ ପନ୍ଦର ବର୍ଷ ବୟସରେ ଥିଲି ସେବେ ଠାରୁ ଖ୍ରୀଷ୍ଟିଆନମାନଙ୍କ ସହିତ ମୋର ବିତର୍କ ଆରମ୍ଭ ହୋଇଥିଲା ।" ଖ୍ରୀଷ୍ଟିଆନମାନଙ୍କ ସମ୍ମୁଖରେ ସତ୍ୟକୁ ସାବ୍ୟସ୍ତ କରିବା ନିମନ୍ତେ ଆପଣ ଅ.ସଙ୍କ ମଧ୍ୟରେ ଏପରି ଉତ୍ସାହ ଥିଲା ଯେ, ଆପଣ ଅ.ସ ସ୍ୱୟଂ କୁହନ୍ତି: "ଖ୍ରୀଷ୍ଟିଆନମାନଙ୍କ ଧର୍ମର କେବଳ ଗୋଟିଏ ସ୍ତମ୍ଭ ରହିଛି ଏବଂ ତାହା ଏହିକି ଯେ, ଯୀଶୁଖ୍ରୀଷ୍ଟ ଏଯାବତ୍ ଆକାଶରେ ଜୀବିତ ବସିଛନ୍ତି । ସେହି ସ୍ତମ୍ଭକୁ ଯଦି ଖଣ୍ଡ ବିଖଣ୍ଡିତ କରିଦିଆଯାଏ ତେବେ ଉପରକୁ ଚାହିଁ ଦେଖ ଯେ, ଖ୍ରୀଷ୍ଟ ଧର୍ମର ସଂସାରରେ କେଉଁଠି ଅଛ ? କାରଣ

ଈଶ୍ୱର ମଧ୍ୟ ଏହା ଚାହାନ୍ତି ଯେ, ସେହି ସ୍ତମ୍ଭକୁ ଖଣ୍ଡ ଖଣ୍ଡ କରିଦେବେ ଏବଂ ଇଉରୋପ ଓ ଏସିଆରେ ଏକେଶ୍ୱରବାଦର ବାୟୁ ପ୍ରବାହିତ କରିଦେବେ । ତେଣୁ ସେ ଅର୍ଥାତ୍ ଅଲ୍ଲାଃତାଲା ମୋତେ ପ୍ରେରଣ କରିଛନ୍ତି ।" **(ଇଜାଲା ଔହାମ୍, ପୃ-232)**

**ଧର୍ମ ଯୁଦ୍ଧର ଅବସାନ :**

ବୁଖାରୀର ହଦିସରେ ଆମର ପ୍ରିୟାବତାର ତଥା ମୁନିବ ହ. ମୁହମ୍ମଦ ସ.ଅ ଶେଷ ଯୁଗରେ ଆବିର୍ଭୂତ ହେବାକୁ ଥିବା ଅବତାରଙ୍କ ପରିଚୟ ପ୍ରଦାନ କରି କହିଲେ, يضع الحرب ସେହି ପ୍ରତିଶ୍ରୁତ ମସିହ୍ ଯେତେବେଳେ ଆସିବେ ସେତେବେଳେ ସେ ଯୁଦ୍ଧର ଅବସାନ ଘଟାଇ ଦେବେ । ତଦନୁଯାୟୀ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆବେଗ ପ୍ରବଣ ଢଙ୍ଗରେ କହିଲେ,

اب چھوڑ دو جہاد کا اے دوستو خیال
دین کے لئے حرام ہے اب جنگ و جدال

ସେହିପରି ସମସ୍ତ ଇସଲାମ ଜଗତକୁ ସନ୍ଧି ଏବଂ ଶାନ୍ତିର ଶିକ୍ଷା (ବାର୍ତ୍ତା) ଦେଇ କହିଲେ, "ଅତଃ ମୁଁ ଆଦେଶ ଦେଉଛି ଯେ, ଯେଉଁମାନେ ମୋର ସୈନ୍ୟବାହିନୀ ମଧ୍ୟରେ (ଜମାଅତରେ) ପ୍ରବିଷ୍ଟ ଅଟନ୍ତି ସେମାନେ ଏହି ଚିନ୍ତାଧାରାଜନିତ ସ୍ଥାନରୁ ପଛକୁ ଘୁଞ୍ଚି ଯାଆନ୍ତୁ ଏବଂ ନିଜର ହୃଦୟକୁ ପବିତ୍ର କରନ୍ତୁ ଏବଂ ନିଜର ମାନବିକ ଦୟା ସୁଲଭ ସ୍ୱଭାବକୁ ବୃଦ୍ଧି କରନ୍ତୁ ଓ ପଶୁମାନଙ୍କ ପ୍ରତି ସଦୟ ଓ ସହାନୁଭୂତିକ ପ୍ରଦର୍ଶକାରୀ ହୁଅନ୍ତୁ । ଆପଣମାନେ ଭୂପୃଷ୍ଠରେ ସନ୍ଧି ପ୍ରସାରିତ କରନ୍ତୁ । କାରଣ ଏହା ଦ୍ୱାରା ଧର୍ମ ପ୍ରସାରିତ ହେବ ।"

**(ମଜମୁଆ ଇସ୍ତହାରାତ୍, ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-3, ପୃ-23)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି:"ଆମ ପ୍ରିୟାବତାର ହ. ମୁହମ୍ମଦ ସ.ଅ କଦାପି କାହା ଉପରେ ଖଡଗୋତ୍ତୋଳନ କରି ନାହାନ୍ତି । କିନ୍ତୁ ଆପଣ ସ.ଅ କେବଳ ସେହି ଲୋକମାନଙ୍କ ଉପରେ ଖଡ଼ଗୋତ୍ତୋଳନ କଲେ ଯେଉଁମାନେ ପ୍ରଥମେ ଆପଣ ସ.ଅଙ୍କ ଉପରେ ଖଡ଼ଗୋତ୍ତୋଳନ କରିଥିଲେ । ସେହି ଲୋକମାନେ ଅତ୍ୟନ୍ତ ନୃଶଂସନୀୟ ଭାବରେ ନିର୍ଦ୍ଦୋଷ ଏବଂ ଧର୍ମପରାୟଣ ମହିଳା ଏବଂ ପୁରୁଷ ଓ ଛୋଟ ପିଲାମାନଙ୍କୁ ହତ୍ୟା କଲେ । ଏପରି ବର୍ବରତା ପନ୍ଥା ଅବଲମ୍ବନ କରି ମାରିଲେ ଯେ, ଏବେ ମଧ୍ୟ ସେହି କାହାଣୀକୁ ପାଠ କରି କାନ୍ଦ ଆସିଯାଇଥାଏ । ଦ୍ୱତୀୟତଃ ଯଦି ବି ମନେକରିନିଆଯାଏ ଯେ, ଇସଲାମ୍ ଧର୍ମରେ ଏହିପରି ଜିହାଦ୍ ଥିଲା ଯେପରି ସେହି ମୌଲବୀମାନଙ୍କର ଧାରଣା ରହଛି ।

ହେଲେ ସାଂପ୍ରତିକ ଯୁଗରେ ସେହି ଆଦେଶ ବଳବତ୍ତର ରହିଲା ନାହିଁ । କାରଣ ଏହା ଉଲ୍ଲେଖ ରହିଛି ଯେ, ଯେତେବେଳେ ପ୍ରତିଶୃତ ମସିହ୍ ଆବିର୍ଭୂତ ହେବେ ସେତେବେଳେ ଖଡ଼ଗ ଯୁଦ୍ଧ ଏବଂ ଧାର୍ମିକ ଯୁଦ୍ଧର ଅନ୍ତ ଘଟିବ । କାରଣ ମସିହ୍ ଖଡ଼ଗ ଧରିବେ ନାହିଁ କି ଭୂପୃଷ୍ଠର ଅସ୍ତ୍ର ହାତରେ ଧରିବେ ନାହିଁ । ବରଂ ଦୁଆ ହିଁ ସେହି ମସିହଙ୍କର ଅସ୍ତ୍ର ହେବ । ସେହି ମସିହର ଦୃଢ ସଂକଳ୍ପମୂଳକ ସାହସ ହିଁ ତା'ର ଖଡ଼ଗ ହେବ । ସେ ସନ୍ଧିର ମୂଳଦୁଆ ପକାଇବେ ଏବଂ ଛେଳୀ ଓ ମେଣ୍ଢାମାନଙ୍କୁ ଗୋଟିଏ ଘାଟରେ ହିଁ ଏକତ୍ରିତ କରିବେ । ତାହାଙ୍କ ଅର୍ଥାତ୍ ପ୍ରତିଶୃତ ମସିହଙ୍କ କାଳ ସନ୍ଧି, କୋମଳତା, ବିନମ୍ରତା ଏବଂ ମାନବିକ ସହାନୁଭୂତିର ଯୁଗ ହେବ । କିନ୍ତୁ ବଡ଼ ଦୁଃଖ ଓ ପରିତୋପର ବିଷୟ ! ସେହି ଲୋକମାନେ କାହିଁକି ଧ୍ୟାନ ଦେଇ ନାହାନ୍ତି ଯେ, 1300 ବର୍ଷ ବିତି ଯାଇଛି । ମସିହ୍ ମଉଦଙ୍କ ସମ୍ମାନରେ (ସଂପର୍କରେ) ଆଁହଜରତ୍ ସ.ଅଙ୍କ ତୁଣ୍ଡରୁ يضع الحرب ଜାରି ହୋଇ ଯିବ । ବୈକୁଣ୍ଠର ଅପକ୍ୱ ଆକାଂକ୍ଷ ତଥା କାମନା ଦ୍ୱାରା ଅବୈଧ ଗତିବିଧି ମୁସଲମାନମାନଙ୍କ ମଧ୍ୟରେ ବ୍ୟାପୀ ଯାଇଥିଲା ।" **(ଗର୍ଭମେଣ୍ଟ ଅଂରେଜୀ ଔର୍ ଜିହାଦ୍, ଗ୍ରନ୍ଥଖଣ୍ଡ-17, ପୃ-9-10)**

**କଲମ ଜିହାଦ୍:**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କଲମ ଏବଂ ମୌଖିକ ଜିହାଦରେ ଇସଲାମ ଧର୍ମ ପ୍ରକାଶନ ନିମନ୍ତେ ଦିବାରାତ୍ର ବ୍ୟସ୍ତ ରହୁଥିଲେ । ସେତେବେଳେ ଇସଲାମ୍ ଧର୍ମ ଉପେରେ ଖ୍ରୀଷ୍ଟ ମିଶନାରୀମାନେ, ଆର୍ଯ୍ୟମାନେ ଏବଂ ନାସ୍ତିକବାଦୀମାନଙ୍କର ଦୃଷ୍ଟିକୋଣ ତଥା ସେମାନେ ଭୀଷଣ ଆପତ୍ତି କରି ଚାଲିଥିଲେ । ଆପଣ ଅ.ସ ଶାନ୍ତିପୂର୍ଣ୍ଣ ଢଙ୍ଗରେ ଶତାଧିକ ପୁସ୍ତକ, ପତ୍ରିକା ଏବଂ ଇସ୍ତହାର ଲେଖି ଇସଲାମ୍ ଧର୍ମର ଆତ୍ମରକ୍ଷା କଲେ ଏବଂ କହିଲେ, ଇସଲାମ୍ ଧର୍ମ ଖଡ଼ଗ ଦ୍ୱାରା ନୁହେଁ ବରଂ ପ୍ରାମାଣ୍ୟ ଏବଂ ଚରିତ୍ର ଦ୍ୱାରା ପ୍ରସାରିତ ହୋଇଥାଏ । କଲମ ଜିହାଦର ଇସଲାମ୍ ଧର୍ମର ଦ୍ୱିତୀୟ ଆବିର୍ଭାବରେ ଏକ ମହତ୍ତ୍ୱପୂରମ୍ଣ ଭୂମିକା ରହିଛି । ଆପଣ ଅ.ସ ସ୍ୱୟଂ କୁହନ୍ତି: "ଏହା ମଧ୍ୟ ଜିହାଦର ଏକ କିସମ ଅଟେ । ମୁଁ ରାତ୍ର ସମୟରେ ତିନି ପର୍ଯ୍ୟନ୍ତ ଜାଗ୍ରତ ହୋଇଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଉଚିତ୍ ସେହି ତହିଁରେ ଅଂଶଗ୍ରହଣ କରୁ ଏବଂ ଧାର୍ମିକ ଆବଶ୍ୟକତା ଏବଂ ଧାର୍ମିକ କାର୍ଯ୍ୟରେ ଦିନ ରାତିର ଏକ କରିଦେଉ ।" **(ମଲଫୁଜାତ୍, ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-4, ପୃ-194)**

صف دشمن کو کیا ہم نے بحجت پامال
سیف کا کام قلم سے ہی دکھایا ہم نے

ଅତଏବ୍ ଜମାଅତ୍ ଅହମଦିୟାର ସଂସ୍ଥାପକ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସଙ୍କ ଯୁଗ କଲମର ଯୁଗ ଥିଲା । ଜ୍ଞାନ ଏବଂ ପ୍ରମାଣର ଯୁଗ ଥିଲା । ସୁତରାଂ ଆପଣ ଅ.ସ କଲମ ମାଧ୍ୟମରେ ଏବଂ ପ୍ରାମାଣ୍ୟ ମାଧ୍ୟମରେ ଜିହାଦ୍ କଲେ ଏବଂ ଇସଲାମ୍ ଧର୍ମ ବିରୁଦ୍ଧରେ ଦେଖା ଦେଇଥିବା ନାନା ଆକ୍ରମଣକୁ ନିଜ ଲେଖନୀ ଏବଂ ରଚିତ ପୁସ୍ତ ଦ୍ୱାରା ପ୍ରତିହତ ଏବଂ ରକ୍ଷା କରିଥିଲେ । ଆପଣ ଅ.ସ ୫0ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଥିଲେ । ଏତଦଭିନ୍ନ ଆହୁରି ଅନେକ ଲେଖନୀ ରହିଛି, ଇସ୍ତହାରାତ ରହିଛି ଯାହା ଜ୍ଞାନ, ପରିଚୟ ଏବଂ ଇସଲାମ୍ ଧର୍ମ ସମର୍ଥନ, ସତ୍ୟ ସନ୍ଦେଶର ପ୍ରକାଶର ଏବଂ ଇସଲାମ୍ ଧର୍ମ ଉପରେ କାରଯାଉଥିବା ଆକ୍ରମଣର ପ୍ରତିରକ୍ଷା ଓ ପ୍ରତିହତ ନିମନ୍ତେ ଏକ ବଳିଷ୍ଠ କୋଷ ଅଟେ । ଉକ୍ତ କଥା ମଧ୍ୟ ବିଚାରଯୋଗ୍ୟ ଯେ, ଯଦି ସଂସାରରେ କୌଣଶି ଅବତାରଙ୍କ ଲେଖନୀ ବିଦ୍ୟମାନେ ରହିଛି ତେବେ ତାହା ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ଅ.ସଙ୍କ ଦ୍ୱାରା ଲିଖିତ ଲେଖନୀ ଅଟେ ।

ତେଣୁ ଆପଣ ଅ.ସଙ୍କ କଲମ କାଗଜ ଉପରେ କାଳି ପ୍ରସାରିତ କରିବା ଯେତେବେଳେ ଆରମ୍ଭ କଲା ସେତେବେଳେ ସଂସାରରେ ଏକ ବିପ୍ଳବ ସୃଷ୍ଟି ହୋଇଗଲା । ସେହି ସ୍ୱରର ପ୍ରତିଧ୍ୱନି ଇଉରୋପ ଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ, ଭାରତରୁ ବାହାରି ଆଫ୍ରିକା ମହାଦେଶ ଏବଂ ଆରବ ମରୁଭୂମି ପର୍ଯ୍ୟନ୍ତ ଗୁଞ୍ଜରିତ ହେବାକୁ ଲାଗିଲାଣି । ଆଜି ମଧ୍ୟ ସେହିସବୁ ଲେଖନୀର ଶକ୍ତି ଏବଂ ଓଜସ୍ୱୀତା ନିଜର ଚମତ୍କାରିକ ନିର୍ଦ୍ଦଶନ ପ୍ରଦର୍ଶିତ କରୁଛି ଏବଂ ଦୃଶ୍ୟମାନ ହୋଇ ଚାଲିବ । **ଇନଶାଅଲ୍ଲାଃ** ।

ଯେହେତୁ ଆପଣ ଅ.ସଙ୍କ ଉପରେ କଲମ ଜିହାଦ୍ ଅନିର୍ବାର୍ଯ୍ୟ କରାଯାଇଥିଲା ଏବଂ ଆପଣ ନିଜର କର୍ତ୍ତବ୍ୟ ତଥା ଲକ୍ଷ୍ୟ ସାଧାନ ଦିଗରେ ଏତେ ଉଦ୍ୟମ କଲେ ଯେ, ଆକାଶରୁ ଆପଣଙ୍କୁ 'ସୁଲତାନୁଲ୍ କଲମ୍' (କଲମ ସମ୍ରାଟ୍) ଉପାଧିରେ ଭୂଷିତ କରାଗଲା । ଆପଣ ଅ. କୁହନ୍ତି: "ଅଲ୍ଲାଃତାଲା ମୋତେ ଚତୁର୍ଦ୍ଦଶ ଶତାବ୍ଦୀର ଶୀର୍ଷ ଭାଗରେ ନିଜ ତରଫରୁ ନିଯୁକ୍ତ କରି ବଳିଷ୍ଠ ଇସଲାମ୍ ଧର୍ମର ସଂସ୍କାର ନିମନ୍ତେ ସାହାଯ୍ୟ କରିବା ନିମନ୍ତେ ପ୍ରେରଣ କରିଛନ୍ତି ।

କାରଣ ମୁଁ ଏହି ଭୟଙ୍କର ଉପଦ୍ରବପୂର୍ଣ୍ଣ ଯୁଗରେ ପବିତ୍ର କୁରଆନ୍ କରୀମର ବିଶେଷତା ଏବଂ ହ. ମୁହମ୍ମଦ ସ.ଅ ରସୁଲ୍ କରୀମ୍ ସ.ଅଙ୍କ ମର୍ଯ୍ୟାଦା ଓ ମାହାତ୍ମ୍ୟତା ପରିପ୍ରକାଶ କରିବି ଓ ସେହି ସମସ୍ତ ଶତ୍ରୁମାନଙ୍କୁ ଯେଉଁମାନେ ଇସଲାମ୍ ଧର୍ମ ଉପରେ ଆକ୍ରମଣ କରୁଥିଲେ ତଥା ମୋତେ ଯେଉଁମୋତେ ସେହି ଆଲୋକ, କଲ୍ୟାଣ, ଚମତ୍କାର ଓ ଧର୍ମଭିତ୍ତିକ ଜ୍ଞାନ ସାହାଯ୍ୟରେ ଉତ୍ତର ଦେବି ଯାହା ମୋତେ ପ୍ରଦାନ କରାଯାଇଛି ।" **(ବର୍କାତୁଦ୍ ଦୁଆ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-6, ପୃ-35)**

ସେହିପରି ଆପଣ ଅ.ସ କୁହନ୍ତିଛ "ହେ ସତ୍ୟାନ୍ୱେଷୀମାନେ ! ତୁମେମାନେ ଟିକେ ଚିନ୍ତା କରି ଦେଖ ଯେ, କ'ଣ ଏହି ସମୟଟି ସେହି ସମୟ ନୁହେଁ ଯହିଁରେ ଇସଲାମ୍ ଧର୍ମ ନିମନ୍ତେ ଆକାଶୀୟ (ଈଶ୍ୱରଙ୍କ) ଆବଶ୍ୟକତା ରହିଥିଲା । କ'ଣ ତୁମମାନଙ୍କୁ ଜ୍ଞାତ ନୁହେଁ ଯେ, ଇସଲାମ୍ ଧର୍ମ କେଉଁ କେଉଁ ବିପତ୍ତି ଇସଲାମ୍ ଧର୍ମକୁ ଘେରି ରଖିଛି? .....

ତେଣୁ ତୁମେମାନେ ବର୍ତ୍ତମାନେ ଚିନ୍ତା କରି କୁହ କି କ'ଣ ବର୍ତ୍ତମାନେ ଆବଶ୍ୟକତା ନଥିଲା ଯେ, ଈଶ୍ୱରଙ୍କ ତରଫରୁ ଚଳିତ ଶତାବ୍ଦୀରେ ଏପରି କୌଣସି ବ୍ୟକ୍ତି ଆସନ୍ତା ଯିଏ ବାହ୍ୟ ଆକ୍ରମଣର ମୁକାବିଲା କରିଥାଆନ୍ତା ?........ଟିକେ ଆଖି ଉପରକୁ କରି ଦେଖ ଯେ, ଇସଲାମ୍ ଧର୍ମକୁ କେଉଁ ପ୍ରକାରର ବିପତ୍ତିମାନେ ବାଧ କରି ଦେଇଛନ୍ତି ଏବଂ କିଭଳି ଚତୁର୍ପାର୍ଶ୍ୱରୁ ଇସଲାମ୍ ଧର୍ମ ଉପରେ ବିରୋଧୀମାନଙ୍କ ପକ୍ଷରୁ ନାନା ତୀର ଛଡ଼ା ଯାଉଛି ।" **(ଆଇନା କମାଲାତେ ଇସଲାମ୍, ପୃ-251)**

ଅଲ୍ଲାଃତାଲାଙ୍କ ନିକଟରେ କେବଳ ଏତିକି ପ୍ରାର୍ଥନା କି ଅଲ୍ଲାଃତାଲା ଆମ ସମସ୍ତଙ୍କୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ନିର୍ଦ୍ଦେଶିତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

☆ ☆ ☆

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ
اَللّٰهُمَّ صَلِّ عَلٰى مُحَمَّدٍ وَّآلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

☆--☆--☆

اَسْتَغْفِرُ اللّٰهَ رَبِّيْ مِنْ كُلِّ ذَنْبٍ وَّاَتُوْبُ اِلَيْهِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

(ଖୁତ୍‌ବା ଜୁମା)

ଆଁହଜରତ୍ ସ.ଅ ଅଲ୍ଲାଃତାଲାଙ୍କ ମଧ୍ୟରେ ଏପରି ନିମଜ୍ଜିତ ହୋଇଯାଇଥିଲେ ଯେ, ଆପଣ ସ.ଅଙ୍କ ଜୀବନର ସମସ୍ତ ଦିଗ ଅର୍ଥାତ୍ ଜୀବନ ଓ ମରଣ କେବଳ ଓ କେବଳ ଅଲ୍ଲାଃତାଲାଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ ହୋଇଯାଇଥିଲା । ଆପଣ ସ.ଅଙ୍କ ଅସ୍ତିତ୍ୱରେ ଅତ୍ମା, ପ୍ରାଣୀଜଗତ ଏବଂ ସାଧନର କୌଣସି ଅଂଶ ବାକି ରହି ନଥିଲା । ଆପଣ ସ.ଅଙ୍କ ଆତ୍ମା ଈଶ୍ୱରଙ୍କ ଆସ୍ଥାନ ଉପରେ ଏପରି ନିଷ୍ଠାର ସହିତ ଆନତ ହେଲା  ଯେ, ଆତ୍ମା ମଧ୍ୟରେ ଅନ୍ୟ ଅସ୍ତିତ୍ୱ ମଧ୍ୟରେ ତିଳେ ମାତ୍ର ଅପମିଶ୍ରଣ ବାକି ରହି ନଥିଲା ।" (ହଜରତ୍ ମସିହ୍ ମଉଦ୍[ଅ.ସ])

ଆପଣ ସ.ଅଙ୍କ ଯୁବାବସ୍ଥା ଏବଂ ଅବତାରତ୍ୱର ଦାବି ଠାରୁ ପୂର୍ବେ ଆପଣ ସ.ଅଙ୍କ ମଧ୍ୟରେ ଈଶ୍ୱର ପ୍ରେମର ଏପରି ଉତ୍ସାହ ରହିଥିଲା ଯେ, ଆପଣ ସ.ଅ ଏତେ ବ୍ୟାକୁଳିତ ହୋଇ ଗୁମ୍ଫା ମଧ୍ୟକୁ ଯାଇ ନିଜର୍ ପ୍ରିୟ ଈଶ୍ୱରଙ୍କ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଉପାସନାରେ ବ୍ୟସ୍ତ ହୋଇଯାଉଥିଲେ ।

ରସୁଲ୍ କରୀମ୍ ସ.ଅଙ୍କୁ ଅଲ୍ଲାଃତାଲାଙ୍କ ସହିତ ଏପରି ସଂପର୍କ ରହିଥିଲା ଯେ, ଈଶ୍ୱରଙ୍କ ଚର୍ଚ୍ଚା ଆସିବା ମାତ୍ରେ ଆପଣ ସ.ଅଙ୍କ ମଧ୍ୟରେ ଏକ ଉତ୍ସାହ ସୃଷ୍ଟି ହୋଇଯାଉଥିଲା । ଆପଣ ସ.ଅଙ୍କୁ ଈଶ୍ୱରଙ୍କ ସହିତ ଏତେ ଅଗାଧ ପ୍ରେମ ଥିଲା ଯେ, ସ୍ୱାସ୍ଥ୍ୟାବସ୍ଥା ଏବଂ ରୋଗାବସ୍ଥାରେ ମଧ୍ୟ ଈଶ୍ୱର ଚର୍ଚ୍ଚା ଆପଣଙ୍କର ଆହାର ଥିଲା । ଉକ୍ତ କଥା ଆପଣ ସ.ଅ ନିଜର ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଏବଂ ନିଜର ଲୋକମାନେଙ୍କ ମଧ୍ୟରେ ସୃଷ୍ଟି କରିବାକୁ ଚାହୁଁଥିଲେ । କାରଣ ସେମାନଙ୍କ ମଧ୍ୟରେ ଏସବୁର ଅଭ୍ୟାସ ହୋଇଯାଉ ।

ଆଁହଜରତ୍ ସ.ଅଙ୍କ ସମଗ୍ର ଜୀବନ ଏହି ପ୍ରଚେଷ୍ଟା ଥିଲା କି ଯେଉଁଭଳି ବି ହେଉ ଲୋକମାନଙ୍କ ତୁଣ୍ଡରେ ଈଶ୍ୱରଙ୍କ ନାମ ଉଚ୍ଚାରିତ କରାଯାଉ ।

ବର୍ତ୍ତମାନ ଆମମାନଙ୍କୁ ଦେଖିବା ଉଚିତ୍ ଓ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ଯେ, ଆଁହଜରତ୍ ସ.ଅ ଯେପରି ନିଜ ଧର୍ମାବଲମ୍ବୀମାନଙ୍କ ଠାରୁ ଯେଉଁ ଆଶାପୋଷଣ କରିଥିଲେ ନିଜ ମଧ୍ୟରେ ପ୍ରଭୁଙ୍କୁ ସର୍ବଦା ସ୍ମରଣ କରୁଥିଲେ । କ'ଣ ଆମେମାନେ ମଧ୍ୟ ଅଲ୍ଲାଃତାଲାଙ୍କର ଧ୍ୟାନ ନିଜ ମନ ଭିତରେ ସବୁବେଳେ କରୁଛେ କି ? କ'ଣ ଆମମାନଙ୍କ ମନରେ ଏତେ ବେଦନା ରହିଛି କିମ୍ବା ଆମେମାନେ କେବଳ ନିଜର ସାଂସାରିକ ସ୍ୱାର୍ଥ ନିମନ୍ତେ ନମାଜ୍ ଆଡ଼କୁ ଓ ଅଲ୍ଲାଃତାଲାଙ୍କ ଚର୍ଚ୍ଚା ଆଡ଼କୁ ଧ୍ୟାନ କରୁଛେ ଓ ସାଧାରଣ ପରିସ୍ଥିତିରେ ଅଲ୍ଲାଃତାଲାଙ୍କୁ ଭୁଲି ଯାଉଛେ ?

ଅନେକ କାର୍ଯ୍ୟରେ ଆପଣ ସ.ଅ ଈଶ୍ୱର ଚର୍ଚ୍ଚା ଆଡ଼କୁ ଲୋକମାନଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ଯହିଁରୁ ଏହା ସିଦ୍ଧ ହୁଏ  ଯେ, ଆପଣ ସ.ଅ କେବଳ ନିଜେ ଈଶ୍ୱର ଚର୍ଚ୍ଚାରେ ବ୍ୟସ୍ତ ରହୁ ନଥିଲେ ବରଂ ଅନ୍ୟମାନଙ୍କୁ ମଧ୍ୟ କହୁଥିଲେ ଯେ, ସେମାନେ ମଧ୍ୟ ଈଶ୍ୱର ଚର୍ଚ୍ଚାରେ ନିମଗ୍ନ ରୁହନ୍ତୁ । ଏହା ଆପଣ ସ.ଅଙ୍କ ସର୍ବୋଚ୍ଚ ତଥା ସର୍ବୋତ୍ତମ ପ୍ରେମକୁ ଦର୍ଶାଇଥାଏ ।

ରସୁଲ କରୀମ୍ ସ.ଅ ନମାଜ୍ ନିମନ୍ତେ ଯେତେବେଳେ ଛିଡ଼ା ହେଉଥିଲେ ସେତେବେଳେ ଆପଣ ସ.ଅ ଏତେ ବିଳମ୍ବ ସମୟ ପର୍ଯ୍ୟନ୍ତ ଛିଡ଼ା ହୋଇ ରହୁଥିଲେ ଯେ, ଆପଣ ସ.ଅଙ୍କ ପାଦର ଗୋଇଠି ଦ୍ୱୟ ଫୁଲି ଯାଉଥିଲା । ଲୋକମାନେ ଯେତେବେଳେ ଆପଣ ସ.ଅଙ୍କୁ କହୁଥିଲେ ଯେ, ଆପଣ ଏପରି କାହିଁକି କରୁଛନ୍ତି ? ସେତେବେଳେ ଆପଣ ସ.ଅ ସେମାନଙ୍କୁ ଉତ୍ତର ଦେଉଥିଲେ ଯେ, ହେ ଲୋକମାନେ କ'ଣ ମୁଁ ପ୍ରଭୁଙ୍କର କୃତଜ୍ଞ ଜ୍ଞାପନକାରୀ ଭକ୍ତ ହେବି ନାହିଁ କି ? ଅଲ୍ଲାଃ ଅଲ୍ଲାଃ ! କି ପ୍ରେମ, କି ସ୍ନେହ ? ଆପଣ ସ.ଅ ଈଶ୍ୱରଙ୍କ ପ୍ରେମରେ ଛିଡ଼ା ହୁଅନ୍ତି ଏବଂ ନିଜର ଶରୀର ସଂପର୍କରେ ଆପଣ ଅବଗତ ରହୁ ନଥିଲେ ।

قُرَّةُ عَيْنِي فِي الصَّلٰوةِ ଅର୍ଥାତ୍ ନମାଜ ଦ୍ୱାରା ମୋର ଚକ୍ଷୁ ଶୀତଳ ହୋଇଥାଏ । ଏହା ମଧ୍ୟ ଅନନ୍ୟ ବିଶେଷତା ଯେ, ଅନ୍ୟ ଧର୍ମ ତୁଳନାରେ ପ୍ରାପ୍ତ ହୋଇଛି.......ରସୁଲ୍  କରୀମ୍ ସ.ଅ କୁହନ୍ତି: "ମୋତେ ଏପରି ଉପାସନା ପ୍ରଦାନ କରାଯାଇଛି ଯେ, ସେହି ଉପାସନାରେ ଆନନ୍ଦ, ତୃପ୍ତି ରହିଛି । ଏପରି ଆନନ୍ଦ ଓ ତୃପ୍ତି ଯାହା ଅନ୍ୟ କୌଣସି ଧର୍ମରେ ଦେଖିବା ମିଳିବ ନାହିଁ କି ଅନ୍ୟ କୌଣସି ଧର୍ମ ଏହାର ମୁକାବିଲା କରି ପାରିବ ନାହିଁ ।"
(ହ. ମୁସ୍‌ଲେହ୍ ମଉଦ୍ ର.ଅ)

ଆମମାନଙ୍କର କଲମ ଏବଂ ତବଲିଗ୍ ଜିହାଦ୍‌ରେ ମଧ୍ୟ ସେତେବେଳେ କଲ୍ୟାଣ ସୃଷ୍ଟି ହେବ ଯେତେବେଳେ ଆମେମାନେ ନିଜର ଉପାସନାର ସ୍ତର ଏବଂ ଅଲ୍ଲାଃତାଲାଙ୍କ ପ୍ରତି ଥିବା ପ୍ରେମ ସଂପର୍କକୁ ବୃଦ୍ଧି କରିବୁ । ଯଦି ଆମେମାନେ ଚାହିଁ ଥାଆନ୍ତୁ ତେବେ ଆମେମାନେ ସେହି ଜିହାଦ୍‌ରେ ଅଂଶ ଗ୍ରହଣ କରିଥାଆନ୍ତୁ ତେବେ ଏଥି ନିମନ୍ତେ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ପ୍ରେମ ଓ ଦୁଆ ଆଡ଼କୁ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ । ଆମମାନଙ୍କୁ ନିଜର ଉପାସନା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ହେବ । ଯଦି ଆମେମାନେ ଆଁହଜରତ୍ ସ.ଅଙ୍କ ଆଦର୍ଶ ଉପରେ ପରିଚାଳିତ ହେବୁ ତେବେ ସେତେବେଳେ ଯାଇ ଆମମାନଙ୍କ କାର୍ଯ୍ୟରେ ମଧ୍ୟ କଲ୍ୟାଣ ସୃଷ୍ଟି ହେବ ।

ଆଜି ବାଂଲାଦେଶ ଜମାଅତ୍‌ର ମଧ୍ୟ ଜଲ୍‌ସା ସାଲାନା ହେଉଛି । ସେଠାରେ ବିରୋଧ ମଧ୍ୟ ଅଧିକ ହୋଇଥାଏ । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏଥି ନିମନ୍ତେ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସମସ୍ତଙ୍କୁ ନିଜର ସୁରକ୍ଷା ବଳୟ ମଧ୍ୟ ରଖନ୍ତୁ ଏବଂ ସେମାନଙ୍କ ଜଲସା ସାଲାନା ଉତ୍ତମ ଢଙ୍ଗରେ ସମାପ୍ତ ହେଉ । ଆମିନ୍ ।

## ଆଁହଜରତ ସ.ଅଙ୍କ ଈଶ୍ୱର ପ୍ରେମର ହୃଦୟାସୀନ ଏବଂ ମନମୁଗ୍ଧକର ଚର୍ଚ୍ଚା ।

**16 Janury 2026 ମସିହା ଅନୁଯାୟୀ ୧୬ ସୁଲାହ୍  ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ ـ أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ ـ اَلْحَمْدُ لِلّٰهِ رَبِّ الْعٰلَمِينَ ـ اَلرَّحْمٰنِ الرَّحِيمِ ـ مٰلِكِ يَوْمِ الدِّينِ ـ إِيَّاكَ نَعْبُدُ وَإِيَّاكَ نَسْتَعِينُ ـ اِهْدِنَا الصِّرَاطَ الْمُسْتَقِيمَ ـ صِرَاطَ الَّذِينَ أَنْعَمْتَ عَلَيْهِمْ ـ غَيْرِ الْمَغْضُوبِ عَلَيْهِمْ وَلَا الضَّآلِّينَ ـ

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ମୁଁ ଆଁହଜରତ୍ ସ.ଅଙ୍କ ଜୀବନୀ ସଂପର୍କରେ ଆଁହଜରତ ସ.ଅଙ୍କ ଈଶ୍ୱର ପ୍ରେମ ସଂକ୍ରାନ୍ତରେ ଚର୍ଚ୍ଚା କରିଥିଲି । ସେହି କ୍ରମରେ ଆଜି ଏହାର ଅବଶିଷ୍ଟାଂଶ ଚର୍ଚ୍ଚା କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯୁବାବସ୍ଥା ଏବଂ ଅବତାରତ୍ୱ ଦାବି ପୂର୍ବରୁ ମଧ୍ୟ ଆପଣ ସ.ଅଙ୍କ ମଧ୍ୟରେ ଐଶୀ ପ୍ରେମର ଉତ୍ସାହ ଏପରି ବିଦ୍ୟମାନ ଥିଲା ଯେ,  ଆପଣ ସ.ଅ ବ୍ୟାକୁଳିତ ହୋଇ ଗୁମ୍ଫା ମଧ୍ୟକୁ ଯାଇ ଈଶ୍ୱର ପ୍ରେମର ରହସ୍ୟ ହୋଇଯାଇଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହି ପ୍ରେମର ଚର୍ଚ୍ଚା କରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା  କରନ୍ତି : "ମୁଁ ଦେଖୁଛି ଯେ, ଗ୍ରୀଷ୍ମ ଋତୁକୁ ମଧ୍ୟ ଆଧ୍ୟାତ୍ମିକ ଉନ୍ନତି ସହିତ ବିଶେଷ ସଂପର୍କ ରହିଛି । ଆଁହଜରତ ସ.ଅଙ୍କୁ ଦେଖ ! ଆପଣ ସ.ଅଙ୍କୁ ଅଲ୍ଲାଃତାଲା ମକ୍କା ଭଳି ସହରରେ ଜନ୍ମ କରାଇଲେ । ପୁନଶ୍ଚ ସେହି ଗ୍ରୀଷ୍ମ ଋତୁ ତଥା ସହରରେ ଆପଣ ସ.ଅ ଏକୁଟିଆ ଗାରେ ହିରା ଠାରେ ଯାଇ ଅଲ୍ଲାଃତାଲାଙ୍କ

ଉପସାନା କରୁଥିଲେ । ସେହି ଯୁଗଟି ଅତ୍ୟନ୍ତ ବିଚିତ୍ର ଯୁଗ ଥିଲା । ଆପଣ ସ.ଅ ଏକ ଚମଡ଼ା ନିର୍ମିତ ଜଳ ଥଳୀ ନିଜ ସାଙ୍ଗରେ ନେଇ ଯାଉଥିବେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରକୃତ କଥା ଏହିକି ଯେ, ଯେତେବେଳେ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଭଲ ପାଏ ଏବଂ ତାହାଙ୍କ ପ୍ରତି ମନରେ ଆଗ୍ରହ ସୃଷ୍ଟି ହୋଇଯାଇଥାଏ ସେତେବେଳେ ସଂସାର ଏବଂ ସଂସାବାସୀଙ୍କ ସହିତ ଘୃଣା ଏବଂ ଅସୂୟା ଭାବ ସୃଷ୍ଟି ହୋଇଯାଇଥାଏ । ବ୍ୟକ୍ତି ସ୍ୱତଃସ୍ଫୂତଃ ଏକନ୍ତକୁ ପସନ୍ଦ କରିଥାଏ । ଆଁହଜରତ ସ.ଅଙ୍କ ମଧ ସମାବସ୍ଥା ଥିଲା । ଆପଣ ସ.ଅ ଅଲ୍ଲାଃତାଲାଙ୍କ ପ୍ରେମରେ ଏପରି ନିମଜ୍ଜିତ ହୋଇଯାଉଥିଲେ ଯେ, ଆପଣ ସ.ଅ ସେହି ଏକାନ୍ତ ଅବସ୍ଥାରେ ପୂର୍ଣ୍ଣ ଆନନ୍ଦ, ତୃପ୍ତି ଲାଭ ପାଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏପରି ସ୍ଥାନରେ ଯେଉଁଠି କୌଣସି ସୁଖ ସ୍ୱାଚ୍ଛନ୍ଦ୍ୟ ଏବଂ ବିଶ୍ରାମର ଜିନିଷ ନଥିଲା ଏବଂ ଯେଉଁଠାକୁ ଯାଉଥିଲେ ସେଠାରେ ଭୟ ଲାଗୁଥିଲା, ଆପଣ ସ.ଅ ସେଠାରେ ଅନେକ ରାତ୍ର ପର୍ଯ୍ୟନ୍ତ ରାତ୍ରୀ ଯାପନ କରୁଥିଲେ। ତହିଁରୁ ଏହା ଜ୍ଞାତ ହୁଏ ଯେ, ଆପଣ ସ.ଅ ଜଣେ ସାହସୀ ଏବଂ ବୀର ବ୍ୟକ୍ତି ଥିଲେ । ଯେତେବେଳେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ଦୃଢ ଥାଏ ସେତେବେଳେ ବ୍ୟକ୍ତି ମଧ୍ୟରେ ସାହସିକତା ଆସିଯାଇଥାଏ । ତେଣୁ ବିଶ୍ୱାସକାରୀ ବ୍ୟକ୍ତି କେବେ ବି କାପୁରୁଷ ଓ ଭୀରୁ ହୋଇ ନଥାଏ । ସଂସାରବାସୀମାନେ କାପୁରୁଷ, ଭୀରୁ ହୋଇପାରିନ୍ତି, ସେମାନଙ୍କ ମଧ୍ୟରେ ପ୍ରକୃତ ସାହସ ଓ ବୀରତ୍ୱ ନଥାଏ ବରଂ ଏହାର ବିପରୀତରେ ଈଶ୍ୱରାନୁରାଗୀ ବ୍ୟକ୍ତି ଏବଂ ବାର୍ତ୍ତାବାହଙ୍କ ମଧ୍ୟରେ ଅପୂରବ୍ ଏବଂ ଅଦମ୍ୟ ସାହସ ଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ଲୋକମାନେ ଏହି ଆପତ୍ତି କିରଥାଆନ୍ତି ଯେ, ଯଦି ଈଶ୍ୱରାନୁରାଗୀ ବ୍ୟକ୍ତିଙ୍କ ଈଶ୍ୱରଙ୍କ ସହିତ ନିବିଡ଼ ସଂପର୍କ ହୋଇଥାଏ ଏବଂ ସେମାନେ ଏକାନ୍ତ ବାସକୁ ପସନ୍ଦ କରିନ୍ତି ତେବେ ସେହି ଅବତାର ଏବଂ ବାର୍ତ୍ତାବହମାନଙ୍କର ସ୍ତ୍ରୀ ପିଲାଛୁଆ କାହିଁକି ଥାଆନ୍ତି ? ଯଦି ସେମାନେ ଏକାନ୍ତ ଏବଂ ଈଶ୍ୱରାନୁରାଗୀ ତେବେ ସେମାନେ ସ୍ତ୍ରୀ ଓ ପିଲା ଛୁଆ କାହିଁକି ରଖନ୍ତି । ସେମାନେ ବିବାହ କାହିଁକି କରନ୍ତି ? ସେମାନେ କାହିଁକି ବଜାରରେ ବୁଲାବୁଲି କରନ୍ତି ? ପବିତ୍ର କୁରଆନ୍ କରୀମରେ ଏହାର ଚର୍ଚ୍ଚା ରହିଛି । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ଏପରି ଆପତ୍ତିକର୍ତ୍ତା ମାନେ ଏହା ଭାବନ୍ତି ନାହିଁ ଯେ, ସେମାନଙ୍କର ତ' ଏପରି ଉଦାହରଣ ଅଟେ ଯେପରିକି ଜଣେ ବ୍ୟକ୍ତି କୌଣସି ଦୁଆର ସମ୍ମୁଖରେ ଭିକ ମାଗିବାକୁ ଯାଏ କିମ୍ବା ଜଣେ ବ୍ୟକ୍ତି ନିଜର ବନ୍ଧୁକୁ କେବେଳ ସାକ୍ଷାତ୍ କରିବାକୁ ଯାଏ ତେବେ ଅତିଥି ସତ୍କାରକ ଯଦି ନିଜ ସାଙ୍ଗ ବା ବନ୍ଧୁ ସମ୍ମୁଖରେ ପଲୋଉ ଆଣି ରଖିଦିଏ ତେବେ ତହିଁରେ ଅତିଥିର କ'ଣ ବା ଦୋଷ ? ଦୁଇ ଜଣ ବ୍ୟକ୍ତି ସାଙ୍ଗରେ ଯାଉଥିଲେ ଜଣେ ଭିକ୍ ମାଗିବାକୁ ଗଲା ଏବଂ ଆଉ ଜଣେ ଅନ୍ୟ ବ୍ୟକ୍ତି ଘରକୁ ସାଙ୍ଗ ହିସାବରେ ଗଲା । ବର୍ତ୍ତମାନେ ଯଦି କୌଣସି ଅତିଥିସତ୍କାରକ ନିଜ ବନ୍ଧୁର ଅତିଥି ସତ୍କାର କରେ ତେବେ ତହିଁରେ ସାକ୍ଷାତ୍ କରିବାକୁ ଯାଇଥିବା ବ୍ୟକ୍ତି କ'ଣ ଦୋଷ ରହିଛି ? ଅର୍ଥାତ୍ ଜଣେ ସାଙ୍ଗ ଅନ୍ୟ ସାଙ୍ଗକୁ ଭେଟିବାକୁ ଯାଇଛି ଏବଂ ସାଙ୍ଗ ଜଣକ ଅନ୍ୟ ସାଙ୍ଗର ଅତିଥି ସତ୍କାର କରେ ତେବେ ତହିଁରେ ସତ୍କାରକ ସାଙ୍ଗରେ କୌଣସି ଦୋଷ ନାହିଁ । ଅର୍ଥାତ୍ ଯେଉଁ ବ୍ୟକ୍ତି ନିଜ ସାଙ୍ଗରେ ଅତିଥି ହୋଇ ଖାଦ୍ୟର ସ୍ୱାଦ ନେଇଥାଏ ଏବଂ ସେହି ଭିକାରୀ ବ୍ୟକ୍ତି ଜଣକ ସେହି ବ୍ୟକ୍ତି ଘରକୁ ଭିକ ମାଗିଲା ଏବଂ ଭିକରେ ସେହି ବ୍ୟକ୍ତି ତା'କୁ ଶୁଖିଲା ରୁଟି ଖଣ୍ଡ ଦେଇଥାଏ । ଯଦି ଭିକାରୀ ଅଧିକ ସମୟ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଘର ବାହାରେ ଅଟକି ରହେ ତେବେ ଭିକାରୀକୁ ଧକ୍କା ମାରି ସେଠାରୁ ବାହାର କରି ଦିଆଯାଇଥାଏ । ଏଠାରେ ଦୁଇଟି ବ୍ୟବହାର ରହିଛି । ଅର୍ଥାତ୍ ଭିକ ମାଗୁଥିବା ବ୍ୟକ୍ତି ସହିତ ଗୋଟିଏ ପ୍ରକାରର ବ୍ୟବହାର ଏବଂ ଅତିଥି ସତ୍କାରକ ହୋଇ ଯାଇଥିବା ବ୍ୟକ୍ତି ସହିତ ଆଉ ଏକ ପ୍ରକାରର ବ୍ୟବହାର । କିନ୍ତୁ ଉକ୍ତ ପ୍ରସଙ୍ଗଟି ଠିକ୍ ନୁହେଁ । ଅର୍ଥାତ୍ ବିକାରୀକୁ ଧକ୍କା ଦିଆଯିବ ଓ ଅନ୍ୟ ଜଣକୁ ସୁସ୍ୱାଦ ଖାଦ୍ୟ ଖୁଆଇ ଦିଆଯିବ। ଅର୍ଥାତ୍ ସାଙ୍ଗର ଅତିଥି ସତ୍କାର କାରଯାଇଥାଏ ଏବଂ ଭିକାରୀର କିଛି ଭିକ ଅର୍ଥାତ ଅର୍ଣ୍ଣ ବା ଶୁଖିଲା ଖାଦ୍ୟ ପଦାର୍ଥ ଦେଇ ଟଳାଇ ଦିଆଯାଇଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କହିଲେ, ଏହି ଅବସ୍ଥା ଅବତାରମାନଙ୍କର ଏବଂ ଅଲ୍ଲାଃଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତିମାନଙ୍କର ହୋଇଥାଏ । ସେମାନଙ୍କ ସମ୍ମୁଖରେ ଯାହାକିଛି ରହିଥାଏ ତାହା ସେମାନଙ୍କର ଆତ୍ମିକ ସ୍ୱାର୍ଥର ପରିଣାମ ନଥାଏ । ସେମାନେ ସମସ୍ତ ଆନନ୍ଦ, ସ୍ୱାଦ ଓ ଆଶ୍ୱସ୍ତି ଅଲ୍ଲାଃତାଲାଙ୍କ ଚର୍ଚ୍ଚା କରିବା ଦ୍ୱାରା ପ୍ରାପ୍ତ କରିଥାଆନ୍ତି । ବାସ୍ତବରେ ସେମାନେ ଏକାନ୍ତ ବାସକୁ ହିଁ ପସନ୍ଦ କରିଥାଆନ୍ତି । ସେମାନେ ଏକାନ୍ତ ବାସ ଏବଂ ଏକାନ୍ତ ସ୍ଥାନରେ ନିଜର ପ୍ରିୟତମଙ୍କ ସହିତ ନିଜର ମନର ଇଚ୍ଛା ଏବଂ କାମନାକୁ ଉପସ୍ଥାପିତ କରିଥାଆନ୍ତି । ସେ ପଛେ ଏହି ଅବସ୍ଥାରେ ସେମାନଙ୍କୁ କେହି ଦେଖି ନେଉ ନା କାହିଁକି । ଏତଦଭିନ୍ନ ଏହି ସଂପର୍କ ସେମାନଙ୍କର ପୂର୍ଣ୍ଣତ୍ୱ ଏବଂ ସାଧନା ସିଦ୍ଧି ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ ।"

**(ମଲଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-407-408, ସଂସ୍କରଣ ବର୍ଷ 1984 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ସେହି ଈଶ୍ୱରାନୁରାଗୀ ବ୍ୟକ୍ତିମାନଙ୍କର ଅଲ୍ଲାଃତାଲାଙ୍କ ସହିତ ଯେଉଁ ସଂପର୍କ ରହିଥିଲା ସେମାନେ ଏକ ସର୍ବୋଚ୍ଚ ସ୍ତର ପ୍ରାପ୍ତ କରିବା ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ ।

ଗାରେ ହିରା ଠାରେ ଈଶ୍ୱର ଉପାସନାର ଚର୍ଚ୍ଚା କରି ହ. ଆଏଶା ର.ଅଙ୍କ ଏକ ହଦିସ୍ ଅତ୍ୟନ୍ତ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ପ୍ରଥମେ ପ୍ରଥମେ ଆଁହଜରତ୍ ସ.ଅଙ୍କ ଉପେରେ ଯେଉଁ ଆକାଶୀୟ ଐଶୀବାଣୀ ହେଲା ତାହା ନିଦ୍ରାରେ ସତ୍ୟ ସ୍ୱପ୍ନର ଅବଲୋକନ ଥିଲା । ଆପଣ ସ.ଅ ରାତ୍ରରେ ସ୍ୱପ୍ନରେ ଯାହାକିଛି ଦେଖୁଥିଲେ ତାହା ସକାଳର ସୂର୍ଯ୍ୟାଲୋକ ପରି ସତ୍ୟ ସାବ୍ୟସ୍ତ ହୋଇଯାଉଥିଲା । ଆପଣ ସ.ଅ ଅତ୍ୟନ୍ତ ସତ୍ୟ ସ୍ୱପ୍ନ ଦେଖୁଥିଲେ । ଯାହାର ପିରଣାମ ତୁରନ୍ତ ବାହାରୁଚିଲା । ଏତଦପରେ ଆପଣ ସ.ଅଙ୍କୁ ଏକାନ୍ତ ପ୍ରତି ରୁଚି ସୃଷ୍ଟି ହେଲା ଏବଂ ଆପଣ ସ.ଅ ଗାରେ ହିରା (ଏକ ଗୁମ୍ଫା) ଠାରେ ଏକୁଟିଆ ରହୁଥିଲେ ଏବଂ ସେହି ଗୁମ୍ଫାରେ ଏକୁଟିଆ ରହୁଥିଲେ ଏହଂ ସେଠାରେ ଉପାସନା କରୁଥିଲେ । ଏହି ଉପାସନା କିଛି ଦିନର ରାତ୍ର ଉପସାନା ଥିଲା । ଏହି ଉପାସନା ଆପଣ ସ.ଅ ନିଜର ପରିବାରବର୍ଗଙ୍କ ସହିତ ସାକ୍ଷାତ କରିବାକୁ ଇଚ୍ଛା ହେଉଥିଲା ସେତେବେଳେ ଆପଣ ସ.ଅ ନିଜର ଏହି ଉପାସନାକୁ ସଂପୂର୍ଣ୍ଣ କରି ନେଉଥିଲେ । ଏଥି ନିମନ୍ତେ ଆପଣ ସ.ଅ ଆପଣ ସ.ଅ ନିଜ ଘରୁ କିଛି ଖାଦ୍ୟସାମଗ୍ରୀ ତଥା ଆହାର ମଧ ସାଙ୍ଗରେ ଘିନି ଆଣୁଥିଲେ । ତତ୍ପରେ କିଛି କାଳ ପରେ ଆପଣ ସ.ଅ ହ. ଖଦିଜା ର.ଅଙ୍କ ପାଖକୁ ଫେରି ଯାଉଥିଲେ ଏବଂ ରାତ୍ର ନିମନ୍ତେ ଆହୁରି ଅଧିକ ପାଥେୟ ମଧ ନେଇ ନେଉଥିଲେ । ପରିଶେ,ରେ ଆପଣ ସ.ଅଙ୍କ ପାଖରେ ସତ୍ୟ ଆସିଗଲା ଏବଂ ସେତେବେଳେ ଆପଣ ସ.ଅ ଗାରେ ହିରା ନାମକ ଗୁମ୍ଫାରେ ଥିଲେ । ଆପଣ ସ.ଅଙ୍କ ନିକଟକୁ ଯେତେବେଳେ ହ. ଜିବ୍ରାଇଲ୍ ନାମକ ଈଶ୍ୱରଦୂତ ଆସିଲେ ଏବଂ ସେ ଯାତେବେଳେ ଆପଣ ସ.ଅଙ୍କୁ କହିଲେ କି ହେ ମୁହମ୍ମଦ୍ ସ.ଅ ! ପଢ । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ମୁଁ କଦାପି ପାଠ କରିପାରିବ ନାହିଁ । ମୁଁ ପାଠ ପଢ଼ା ଜାଣି ନାହିଁ । ଆଁହଜରତ୍ ସ.ଅ ହ. ଆଏଶା ର.ଅଙ୍କୁ ଉକ୍ତ କଥା କହିଲେ । ହ. ଆଏଶା ର.ଅ ଉପରୋକ୍ତ ବର୍ଣ୍ଣନାକୁ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ସେହି ଦେବଦୂତ ମୋତେ (ଆଁହଜରତ୍ ସ.ଅଙ୍କୁ)ଧରିଲା ଏବଂ ମୋତେ ଏତେ ଜୋରରେ ଭଉଁଲା ଯେ, ମୋର ସମସ୍ତ ଶକ୍ତି ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚିଗଲା । ପୁନଶ୍ଚ ସେ ମୋତେ ଛାଡ଼ିଦେଲା ଏବଂ କହିବାକୁ ଲାଗିଲା ଯେ, ହେ ମୁ ହମ୍ମଦ୍ ସ.ଅ ! ପଢ ମୁଁ କହିଲି ମୁଁ ପଢିବି ନାହିଁ । ମୁଁ ପଢିବା ଜାଣି ନାହିଁ । ପୁନଶ୍ଚ ସେ ମୋତେ ଧରିଲା ଏବଂ ପୁନଃ ଏତେ ଜୋରରେ ଭିଞ୍ଚିଲା ଯେ, ମୁଁ ଚେତାଶୂନ୍ୟ ହୋଇ ପଡ଼ିଲି । ପୁନଶ୍ଚ ସେ ମୋତେ ଛାଡ଼ିଦେଲା ଏବଂ କହିଲା, ହେ ମୁହମ୍ମଦ୍ ସ.ଅ ! ପଢ । ମୁଁ କହିଲି, ମୁଁ ପଢିବି ନାହିଁ । ଜିବ୍ରାଇଲ୍ ଅ.ସ ପୁଣିଥିଲେ ମୋତେ ଧରିଲେ ଏବଂ ତୃତୀୟ ଥର ମୋତେ ଖୁବ୍ ଜୋରରେ ଭିଞ୍ଚିଲେ ଏବଂ ମୋତେ ଛାଡ଼ିଦେଲେ ଏବଂ କହିବାକୁ ଲାଗିଲେ ଯେ, اِقۡرَاۡ بِاسۡمِ رَبِّکَ الَّذِیۡ خَلَقَ ۚ خَلَقَ الۡاِنۡسَانَ مِنۡ عَلَقٍ ۚ اِقۡرَاۡ وَ رَبُّکَ الۡاَکۡرَمُ **(ଅଲ୍ ଅଲକ୍: 2-4)** ଅର୍ଥାତ ହେ ମୁହମ୍ମଦ୍ ସ.ଅ ! ନିଜ ପାଳନକର୍ତ୍ତାଙ୍କ ନାମରେ ଆବୃତ୍ତି କର ଯେ ସମସ୍ତ ବସ୍ତୁକୁ ସୃଷ୍ଟି କରିଛନ୍ତି । ଏବଂ ଯିଏ ମନୁଷ୍ୟକୁ ଏକ ରକ୍ତ ପିଣ୍ଡରୁ ସୃଷ୍ଟି କରିଛନ୍ତି । ପୁନଶ୍ଚ ଆମ୍ଭେ କହୁଅଛୁ ଯେ, କୁରଆନ୍ ଆବୃତ୍ତି କରି ଶୁଣାଉଥାଅ, କାରଣ ତୁମ୍ଭ ପାଳନକର୍ତ୍ତା ଅତିଶୟ ବଦାନ୍ୟ । ଉପରୋକ୍ତ ଆୟତକୁ ଘେନି ଆଁହଜରତ୍ ସା୍ ଗାରେ ହିରାରୁ ଫେରିଲେ । ଯେତେବେଳେ ଆପଣ ସ.ଅ ହ. ଖଦିଜା ର.ଅଙ୍କ ପାଖରେ ପହଞ୍ଚିଲେ ସେତେବେଳେ ଆପଣ ସ.ଅଙ୍କର ହୃଦୟ ସ୍ପନ୍ଦିତ ହେଉଥିଲା । ଆପଣ ସ.ଅ ହ. ଖଦିଜା ର.ଅଙ୍କୁ କହିଲେ, ହେ ଖଦିଜା ! ମୋତେ କମ୍ବଳ ଘୋଡ଼ାଇ ଦିଅ । ସୁତରାଂ ସେ ଆପଣ ସା୍‌ଙ୍କୁ କମ୍ବଳ ଘୋଡ଼ାଇଦେଲେ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ଘାବରେଇବା ଅବସ୍ଥା କ୍ରମଶଃ ଦୂରଭୂତ ହେଲା । ସେତେବେଳେ ଆପଣ ସ.ଅ ହ. ଖଦିଜା ର.ଅଙ୍କୁ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ ଏବଂ କହିଲେ, ହେ ଖଦିଜା ! ମୋତେ ନିଜ ଜୀବନ ପ୍ରତି ବିପଦ ମନେହେଉଛି । ପ୍ରତ୍ୟୁତ୍ତରରେ ହ. ଖଦିଜା ର.ଅ କହିଲେ, କଦାପି ନୁହଁ । ମୁଁ ଈଶ୍ୱରଙ୍କ ଶପଥ କରିଛୁ ଅଲ୍ଲାଃତାଲା ଆପଣ ସ.ଅଙ୍କୁ କେବେ ବି ତିରସ୍କୃତ କରିବେ ନାହିଁ । ଆପଣ ତ' ସଂପର୍କକୁ ଯୋଡ଼ନ୍ତି, ଦୁର୍ବଳ ବ୍ୟକ୍ତିର ବୋଝ ଉଠାନ୍ତି, ଆପଣ ସ.ଅ ସେହି ପୁଣ୍ୟ କରନ୍ତି ଯାହା ନିଶ୍ଚିହ୍ନ ହୋଇଯାଇଛି, ଆପଣ ଅତିଥି ସତ୍କାର କରନ୍ତି ଏବଂ ସମସ୍ୟା ସମୟରେ ସତ୍ୟକୁ ଆପଣ ସାହାଯ୍ୟ କରନ୍ତି, ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱଆପଣ ସ.ଅ ସର୍ବଦା ସତ୍ୟକୁ ସମର୍ଥନ ଜଣାଇଛନ୍ତି । ତତ୍ପରେ ହ. ଖଦିଜା ର.ଅ ଆପଣ ସ.ଅଙ୍କୁ ନେଇଗଲେ ଏବଂ ନିଜର ଚଚାଙ୍କ ପୁତ୍ର ଭାଇ ୱର୍କା ବିନ୍ ନୌଫେଲଙ୍କ ନିକଟକୁ ଆଁହଜରତ୍ ସ.ଅଙ୍କୁ ନେଇଗଲେ । ୱର୍କା ବିନ୍ ନୈଫଲ୍ ଅସଦ୍ ବିନ୍ ଅବଦୁଲ୍ ଉଜ୍ଜାଙ୍କ ପୁତ୍ର ଥିଲେ । ୱର୍କା ସେହି ବ୍ୟକ୍ତି ଥିଲେ ଯିଏ ଅଶିକ୍ଷିତ ଯୁଗରେ ଖ୍ରୀଷ୍ଟିଆନ୍ ହୋଇଯାଇଥିଲେ ଏବଂ ଇବ୍ରାନୀୟ ଭାଷା ଲେଖା ପଢା ଜାଣିଥିଲେ । ସେ ଇଞ୍ଜିଲ୍ ଗ୍ରନ୍ଥକୁ ଇବ୍ରାନୀ ଭାଷାରେ ଅଲ୍ଲାଃତାଲା ଯାହା ଚାହୁଁଥିଲେ ତାହା ସେ ଲେଖୁଥିଲେ । ସେ ଅତି ବୃଦ୍ଧ ଓ ଅନ୍ଧ ହୋଇଯାଇଥିଲେ । ହ. ଖଦିଜା ର.ଅ ତାଙ୍କୁ କହିଲେ, ହେ ମୋର ଚଚାଙ୍କ ପୁତ୍ର ! ନିଜ ପୁତୁରାଙ୍କ କଥା ଟିକେ ଶୁଣ । ୱର୍କା ଆପଣ ସ.ଅଙ୍କୁ ପଚାରିଲା, ହେ ମୁହମ୍ମଦ ସ.ଅ ! ମୋ ପୁତୁରା ! ତୁମେ କ'ଣ ଦେଖ ? ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ ଯାହାକିଛି ଦେଖିଥିଲେ ତାହା ବଖାଣୀ ଦେଲେ । ୱର୍କା ଆପଣ ସ.ଅଙ୍କୁ କହିଲେ,ଜିବ୍ରାଇଲ୍ ହେଉଛି ସେହି ଧର୍ମବିଧାନ ବାହକ ଦଈଶ୍ୱରଦୂତ ଯାହାକୁ ଅଲ୍ଲାଃତାହ. ମୁସା ଅ.ସଙ୍କ ଉପରେ ଅବତୀର୍ଣ୍ଣ କରିଥିଲେ । ଦୁଃଖ ଓ ପରିତାପର ବିଷୟ ଯେ, ତୁମ୍ଭ ଜାତିର ଲୋକେ ତୁମ୍ଭକୁ ଯେତେବେଳେ ନିଜ ସହରରୁ ବିତାଡ଼ିତ କରିଦେବେ ସେତେବେଳେ ମୁଁ ଜୀବିତ ରୁହନ୍ତି କି ? ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, କ'ଣ ସେମାନେ ମକ୍କାରୁ ବାହାର କରିଦେବେ ? ପ୍ରତ୍ୟୁତ୍ତରରେ ନୌଫଲ୍ କହିଲା, ହଁ । ତୁମ୍ଭେ ଯେଉଁ ସନ୍ଦେଶ ଆଣିଛ ତାହା ଈଶ୍ୱରଙ୍କସନ୍ଦେଶ ଅଟେ । ଯେତେବେଳେ ବି କୌଣସି ଅବତାର... **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ)**

## ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ କରନ୍ତୁ।

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦରର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍ର ସଦସ୍ୟବୃନ୍ଦଙ୍କ ଆଧାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦରର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦରରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନୱର୍ ଅ.ବଙ୍କ ଖୁତ୍ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଲା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ଼ ଇତ୍ୟାଦି ଭାଷାରେ ମଧ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।** ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦରର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

☆☆☆

## 131 ତମ ଜଲସା ସାଲାନା କାଦିୟାନ୍, ତା-25, 26, 27, ଡିସେମ୍ବର, 2026 ମସିହା (ଶୁକ୍ରବାର, ଶନିବାର ଓ ରବିବାର) ରେ ଆୟୋଜିତ ହେବ ଇନ୍‌ଶାଅଲ୍ଲାଃ ।

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-25, 26, 27 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍ ।** ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ ।

**(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

☆☆☆

## ପୃ-13 ରେ ବର୍ଣ୍ଣିତ ଖୁତବା ଜୁମା 02 ଜାନୁୟାରୀ 2026ରେ ଅବଶିଷ୍ଟାଂଶ....

ମନେକରିଥାଏ ଏବଂ କାର୍ପଣ୍ୟତା ତା' ଠାରୁ ଏପରି ଦୂର ହୋଇଯାଇଥାଏ ଯେପରିକି ଆଲୋକ ଠାରୁ ଅନ୍ଧାର ଦୂରୀଭୂତ ହୋଇଯାଇଥାଏ ।" **(ମଜମୁଆ ଇସ୍ତିହାରାତ୍, ଗ୍ରନ୍ଥଖଣ୍ଡ-3, ପୃ-324)**

ହୁଜୁର ଅନଓ୍ୱର୍ ଅ.ବ କହିଲେ, ଅତଏବ୍ ଏହା ଅଲ୍ଲାଃତାଲାଙ୍କ ବିଶେଷ କୃପା ଅଟେ । ଆମେମାନେ ଏହା ଅନୁଭବ ମଧ କରିଛୁ ଯେ, କିପରି ଅଲ୍ଲାଃତାଲା ଲୋକମାନଙ୍କୁ ପୁରସ୍କୃତ କରି ଚାଲନ୍ତି ? କାରଣ ସେମାନେ ଏହା ମନେ କରନ୍ତି ଯେ, ଅଲ୍ଲାଃତାଲାଙ୍କ ନିକଟରେ ସମସ୍ତ ନିଧି ନିହିତ ରହିଛି । ହଦିସରେ ମଧ ବର୍ଣ୍ଣିତ ଏବଂ ଉଲ୍ଲେଖ ରହିଛି ଯେ, ଅଲ୍ଲାଃତାଲାଙ୍କ ନିକଟରେ ହିଁ ସକଳ ନିଧି ରହିଛି । ସେ ଶେଷ ଯୁଗରେ ଭକ୍ତକୁ ପୁରସ୍କୃତ କରିବେ । କିନ୍ତୁ ତତସହିତ ଅଲ୍ଲାଃତାଲା ଇହକାଳରେ ମଧ ଅର୍ଥ ବ୍ୟକାରୀ ଭକ୍ତକୁ ପୁରସ୍କୃତ ଓ ସମ୍ମାନିତ କରି ଚାଲନ୍ତି । ଏହା ହିଁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ ମଧ ବର୍ଣ୍ଣନା କରିଛନ୍ତି ।

ମନୁଷ୍ୟ ଆଶ୍ଚର୍ଯ୍ୟଚକିତ୍ ହୋଇଯାଇଥାଏ ଯେ, କିପରି ଅଲ୍ଲାଃତାଲା ଆମମାନଙ୍କୁ ପୁରସ୍କୃତ କରନ୍ତି ଏବଂ ଲୋକମାନେ ମଧ ଏହାକୁ ଅନୁଭବ କରୁଛନ୍ତି । ତେଣୁ ମୁଁ କେତେକ ଘଟଣାବଳୀ ଖୁତବାରେ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛି । ଅଲ୍ଲାଃତାଲା ଯେଉଁଠି ଆମମାନଙ୍କୁ ଆର୍ଥିକ ବଳିଦାନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତି ସେଠାରେ ଆମମାନଙ୍କ ବିଶ୍ୱାସ ଓ ଆସ୍ଥାରେ ମଧ ଅଭିବୃଦ୍ଧି ପ୍ରଦାନ କରି ଚାଲନ୍ତି । **(ଅଲଫଜଲ୍ ଇଣ୍ଟରନ୍ୟାସନଲ୍, 09 ଜାନୁୟାରୀ 2026 ମସିହା, ପୃ-1-8)**

☆☆☆

## ପୃ-16 ରେ ବର୍ଣ୍ଣିତ ସିରତୁଲ୍ ମେହଦୀର ଅବଶିଷ୍ଟାଂଶ....

ସେତେବେଳେ ଆପଣ ଅ.ସ ଶୋଇଥିଲେ । ମୁଁ ଯେତେବେଳେ ଆପଣ ଅ.ସଙ୍କ ପାଖକୁ ଗଲି ସେତେବେଳେ ଆପଣ ଅ.ସ କହିଲେ, ମୋର ସ୍ୱାସ୍ଥ୍ୟାବସ୍ଥା ବହୁତ ବିଗିଡ଼ି ଯାଇଥିଲା । କିନ୍ତୁ ବର୍ତ୍ତମାନେ ଟିକେ ଭଲ ଲାଗୁଛି । ମୁଁ ନମାଜ୍ ପାଠ କରୁଥିଲି କି ମୁଁ ଦେଖିଲି ଯେ, ଏକ କଳା କଳା ଜିନିଷ ମୋ ସମ୍ମୁଖରୁ ଉଠିଛି ଏବଂ ଆକାଶ ପର୍ଯ୍ୟନ୍ତ ତାହା ଚାଲିଯାଇଛି । ପୁନଶ୍ଚ କହିଲେ, ମୁଁ ଚିତ୍କାର କରି ଭୂମି ଉପରେ ପଡ଼ିଗଲି ଏବଂ ନିସ୍ତେଜ (ବେହୋଶ୍) ପରି ମୋର ଅବସ୍ଥା ହୋଇଯାଇଥିଲା । ମାତାଶ୍ରୀ କୁହନ୍ତି: "ଏହାପରେ ଆପଣଙ୍କୁ ନିୟମିତ ବାତ ଆରମ୍ଭ ହୋଇଗଲା । ବିନୀତ ପଚାରିଲା ଯେ, ମାତାଶ୍ରୀ ଏ ବାତ କ'ଣ ? ଏହା କାହିଁକି ହେଉଥିଲା ? ମାତାଶ୍ରୀ କହିଲେ, ବାତରେ ହାତ ପାଦ ଥଣ୍ଡା ହୋଇଯାଉଥିଲା ଏବଂ ଶରୀରର ମାଂସପେଶୀ ସକ୍ତ ହୋଇଯାଉଥିଲା । ବିଶେଷ କରି ବେକର ମାଂଶପେଶୀ ଏବଂ ମୁଣ୍ଡ ବୁଲାଉଥିଲା । ସେତେବେଳେ ଆପଣ ନିଜ ଶରୀରକୁ ସାହାରା ଦେଇପାରୁ ନଥିଲେ । ପ୍ରାରମ୍ଭିକ କାଳରେ ଏହି ବାତ ଜ୍ୱର ଅତ୍ୟନ୍ତ ଗମ୍ଭୀର ହେଉଥିଲା । ପୁନଶ୍ଚ ଏହାପରେ କେତେକ ବାତର କୋପ ସେତେ ବିଶେଷ ନଥିଲା ଏବଂ ସ୍ୱାସ୍ଥ୍ୟ ଏହାକୁ ଅଭ୍ୟାସଗତ ଭାବରେ ଆଦରି ନେଇଥିଲା । ବିନୀତ ପଚାରିଲା ଯେ, ମାତାଶ୍ରୀ ଏହା ପୂର୍ବରୁ ତ' ପିତାଶ୍ରୀଙ୍କୁ ଏପରି କୌଣସି ସମସ୍ୟା ନଥିଲା ? ମାତାଶ୍ରୀ ଉତ୍ତର ଦେଲେ ଯେ, ପ୍ରଥମେ ସାଧାରଣ ମୁଣ୍ଡ ବ୍ୟଥା ହେଉଥିଲା । ବିନୀତ ପୁଣି ପଚାରିଲା ଯେ, ମାତାଶ୍ରୀ ! ପୂର୍ବେ ଆପଣ ସ୍ୱୟଂ ନମାଜ୍ ପାଠ କରୁଥିଲେ କି ? ମାତାଶ୍ରୀ ଉତ୍ତର ଦେଲେ ଯେ, ହଁ କିନ୍ତୁ ବାତ ହେବା ଫଳରେ ଆପଣ ଏକୁଟିଆ (ନିଜେ) ନମାଜ୍ ପାଠ କରିବା ଛାଡ଼ିଦେଲେ । ବିନୀତ କହି ଦେଉଛି ଯେ, ଏକଥା ଆପଣ ଅ.ସଙ୍କ ମସିହିୟତର ଦାବି ପୂର୍ବର କଥା ଅଟେ ।"

**(ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ପୃ-13-15, ପ୍ରକାଶନ ସ୍ଥାନ-କାଦିୟାନ୍)**

☆☆☆

## ଉର୍ଦ୍ଦୁ ନଜମ୍ ହ. ମସିହ୍ ମଉଦ୍ [ଅ.ସ]

جمال و حسن قرآں نورِ جان ہر مسلمان ہے
قمر ہے چاند اوروں کا ہمارا چاند قرآں ہے
نظیر اسکی نہیں جمتی نظر میں فکر کر دیکھا
بھلا کیونکر نہ ہو یکتا کلامِ پاک رحماں ہے
بہار جاوِداں پیدا ہے اسکی ہر عبادت میں
نہ وہ خوبی چمن میں ہے نہ اُس سا کوئی بستاں ہے

☆☆☆

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 05-12 March 2026 Issue No. 10-11

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail :managerbadrqnd@gmail.com

## ଉର୍ଦ୍ଦୁ ନଜମ୍ ହ. ମସିହ୍ ମଉଦ୍ ଅ.ସ

وہ پیشوا ہمارا جس سے ہے نُور سارا
نام اُس کا ہے محمد دلبر مرا یہی ہے
سب پاک ہیں پیمبر اِک دوسرے سے بہتر
لیک از خدائے برتر خیر الوریٰ یہی ہے
پہلوں سے خوب تر ہے خوبی میں اِک قمر ہے
اُس پر ہر اک نظر ہے بدر الدّجیٰ یہی ہے
پہلے تو رہ میں ہارے پار اِس نے ہیں اُتارے
مَیں جاؤں اِس کے وارے بس ناخدا یہی ہے
پَردے جو تھے ہٹائے اندر کی رہ دکھائے
دِل یار سے ملائے وہ آشنا یہی ہے
وہ یارِ لامکانی وہ دلبرِ نہانی
دیکھا ہے ہم نے اُس سے بس رہنما یہی ہے
وہ آج شاہِ دیں ہے وہ تاجِ مرسلیں ہے
وہ طیّب و امیں ہے اُس کی ثنا یہی ہے
اُس نُور پر فدا ہوں اُس کا ہی مَیں ہوا ہوں
وہ ہے مَیں چیز کیا ہوں بس فیصلہ یہی ہے
وہ دلبرِ یگانہ علموں کا ہے خزانہ
باقی ہے سب فسانہ سچ بے خطا یہی ہے
سب ہم نے اُس سے پایا شاہد ہے تُو خدایا
وہ جس نے حق دکھایا وہ مَہ لقا یہی ہے

☆--☆--☆

## ଓଡ଼ିଆ ନଜମ୍

### (ମୁ ତୀର୍ଥ ଯିବି ଆରୋ ମୁଁ ତୀର୍ଥ ଯିବି)

ମୁଁକାଦିଆନ୍ ଯିବି ଆରେ ମୁଁ କାଦିଆନ୍ ଯିବି
କଲକୀ ଦୂତର ଜନମ ସ୍ଥାନ ବୁଲି ଦେଖୁଥିବି
ମୁଁ କାଦିଆନ୍ ଯିବି .......................।।
କଲକୀ ଦୂତ ହୋଇବେ ଜାତ
ଏ ସତ୍ୟ ବଚନ ସେ ତ' କୁରଆନ ଲିଖନ
ତାହା ଦେଖି ମୋ ନୟକୁ ପବିତ୍ର କରିବି ।।
ଦେଖିବି ସେଠି ମିନାରା ମସିହ୍
କେତେ ଉଚ୍ଚ ବାବୁ ସେ ତ' କେଡ଼େ ମନୋରମ
ସେ ବାଟେ କାହିଁ ଇସା ସ୍ୱର୍ଗରୁ ଆସୁ ନାହାନ୍ତି
ମୁଁ ତାହା ଦେଖିବି.........................।।
କେତେ ପଣ୍ଡିତ ଦିଅନ୍ତି ଶିକ୍ଷା
ବିଶ୍ୱ ଶାନ୍ତି ବାଟ ସେ ତ' ବିଶ୍ୱ ଶାନ୍ତି ବାଟ
ପ୍ରଚାର ଲାଗି ସେବକ ଗଣ ଗଢା ହୁଅନ୍ତି
ମୁଁ ତାହା ଦେଖିବି.........................।।
ବୈତୁଦ୍ ଦୁଆରେ ନଫିଲ୍ ପଢି
ମନର ବେଦନା ଯାହା ମନର ବେଦନା
ଅଲ୍ଲାଃ ପାଶରେ କହି ଦେଇ ମୁଁ ଶାନ୍ତି ପାଇବି
ମୁଁ କାଦିଆନ୍ ଯିବି .......................।।
ଧରମ ସଭା କି ମନ ଲୋଭା
କେତେ ଦେଶୁ ବାବୁ ଭକ୍ତ (ବାବୁ) କେତେ ଦେଶ ଭକ୍ତ
ଧାଇଁ ଅଛନ୍ତି ପତଙ୍ଗ ସମ ଜ୍ୱଳନ୍ତ ଦୀପ ଲଭି
ମୁଁ ତାହା ଦେଖିବି.........................।।
ଦୁଇ ମସଜିଦେ କେଡ଼ ଆନନ୍ଦେ
ପ୍ରାର୍ଥନା କରନ୍ତି ଭକ୍ତେ ପ୍ରାର୍ଥନା କରନ୍ତି
ତାଙ୍କ ସହିତ ପ୍ରାର୍ଥନା କରି ପାପ ଉଦ୍ଧରିବି
ମଁ କାଦିଆନ୍ ଯିବି .......................।।
ସବୁରି ହୃଦେ ଗୋଟିଏ ଭାବ
ଦେଖିଲେ ଜାଣିବ, ଭାଇ ଦେଖିଲେ ଜାଣିବ
ଧନ ଜୀବନ ତୁଚ୍ଛ କରି ମାଟିରେ ଗଢିବ
ମୁଁ କାଦିଆନ୍ ଯିବି .......................।।☆--☆--☆

## ଉର୍ଦ୍ଦୁ ନଜମ୍ (ହ. ମସିହ୍ ମଉଦ୍ ଅ.ସ)

اُنکو سودا ہوا ہے۔ ویدوں کا
اُنکا دِل مبتلاء ہے ویدوں کا
اس آریوں! اس قدر کرو کیوں جوش
کیا نظر آگیا ہے ویدوں کا؟
نہ کیا ہے نہ کر سکے پیدا
سوچ لو یہ خد ہے ویودوں کا
عقل رکھتے ہو آپ بھی سوچو
کیوں بھروسہ کیا ہے ویدوں کا
بے خدا کوئی چیز کیونکر ہو
یہ سراسر خطاء ہے ویودوں کا
ناستک مَت کے ویود ہیں حامی
بس یہی مُدّعا ہے ویدوں کا
کال سر پر کھڑا ہے ویدوں کا

☆--☆--☆

## ଓଡ଼ିଆ ନଜମ୍

### ଜୀବନ ଓ ମୃତ୍ୟୁ

**ରହିମ୍ ଖାଁ (ମୁନ୍ନା)**

ଜୀବନ ଦେଇଥିଲୁ ତୁ ଜୀବନ ନେଉ ଆଜି ତୁଉ
କିଛି ଶୁଣୁ ନାହିଁ ଆଜି ତୁ ବାନ୍ଧି ନେଉଛୁ ସାଥେ ମୋତେ ତୁ
ହେ ଅଲ୍ଲାଃ ମୋର ...... ହେ ମଉଲା ମୋର

ଏତେ ଦୁଃଖ ଦେଉଛୁ କାହିଁ ତୁ

ସଂସାର ଯୋଡ଼ି ଦେଲୁ ତୁଉ ମୋହରୋ ବାନ୍ଧି ଦେଲୁ ତୁଉ
ଧନ ସଂପତ୍ତି ଦେଲୁ ତୁଉ ଲୋଭ ଲଗାଇ ଦେଲୁ ତୁଉ
ଛାଡ଼ି ଯାଉଛି ସବୁ ଆଜି ମୁଁ. ସାଥେ ନେଇ ଯାଉଛୁ ମୋତେ ତୁଉ

ହେ ଅଲ୍ଲାଃ ମୋର...ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁଉ (1)

ଦେଖିପାରୁ ନାହିଁ ଆଜି ମୁଁ ଶୁଣିପାରୁ ନାହିଁ ଆଜି ମୁଁ
କହିପାରୁ ନାହିଁ ଆଜି ମୁଁ କରିପାରୁ ନାହିଁ କିଛି ମୁଁ
କାଢି ନେଇଛୁ ଜୀବନ କୁ ତୁ ..... ଜଡ଼ ହୋଇ ଯାଇଛି ଆଜି ମୁଁ

ହେ ଅଲ୍ଲାଃ ମୋର .... ହେ ମଉଲା ମୋର
ଏତେ ଦୁଃଖ ଦେଇଛୁ କାହିଁ ତୁ (2)

ଜୀବନ ଦେଇଥିଲୁ ତୁଉ ଜୀବନ ନେଉ ଆଜି ତୁଉ
କିଛି ଶୁଣି ନାହୁଁ ଆଜି ତୁ ବାନ୍ଧି ନେଉଛୁ ଆଜି ମୋତେ ତୁ

ହେ ଅଲ୍ଲାଃ ମୋର.........ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ (3)

☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan